# ଧରିତ୍ରୀ DHARITRI

ପୃଷ୍ଠା–୮+୮

ଭୁବନେଶ୍ୱର,ସୋମବାର, ଜାନୁଆରୀ ୨୬/୨୦୨୬ (୮+୮=୧୬ ପୃଷ୍ଠା) | Bhubaneswar, Monday, January 26/2026 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୬୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 64 | ମୂଲ୍ୟ₹୭/-







# ୪ ଓଡ଼ିଆଙ୍କୁ 'ପଦ୍ମଶ୍ରୀ'



ଚରଣ ହେମ୍ବ୍ରମ



ମହେନ୍ଦ୍ର କୁମାର ମିଶ୍ର



ଶରତ କୁମାର ପାତ୍ର



ସୀମାଞ୍ଚଳ ପାତ୍ର

**ଭୁବନେଶ୍ୱର, ୨୫।୧ (ବନ୍ଦନା ସେଠୀ)**

ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ରବିବାର ଭାରତ ସରକାର 'ପଦ୍ମ ପୁରସ୍କାର-୨୦୨୬' ଘୋଷଣା କରିଛନ୍ତି। ମୋଟ୍ ୧୩୧ଜଣଙ୍କୁ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀରେ ସମ୍ମାନିତ କରାଯିବ। ଏଥିମଧ୍ୟରେ ୫ଜଣଙ୍କୁ ପଦ୍ମ ବିଭୂଷଣ, ୧୩ଜଣଙ୍କୁ ପଦ୍ମ ଭୂଷଣ ଓ ୧୧୩ଜଣଙ୍କୁ ପଦ୍ମଶ୍ରୀ ଉପାଧି ପ୍ରଦାନ କରାଯିବ। ଓଡ଼ିଶାରୁ ୪ଜଣ 'ପଦ୍ମଶ୍ରୀ' ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଚରଣ ହେମ୍ବ୍ରମ ଓ ମହେନ୍ଦ୍ର କୁମାର ମିଶ୍ର ଏବଂ କଳା କ୍ଷେତ୍ରରେ ଶରତ କୁମାର ପାତ୍ର ଓ ସୀମାଞ୍ଚଳ ପାତ୍ରଙ୍କୁ 'ପଦ୍ମଶ୍ରୀ' ପୁରସ୍କାର ମିଳିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରିବେ।

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବ୍ଲକ ହଳଦା ଗ୍ରାମପଞ୍ଚାୟତ ନୂଆଗାଁ ଗ୍ରାମର ଚରଣ ହେମ୍ବ୍ରମ ଜଣେ ସାନ୍ତାଳୀ ଲେଖକ ଓ ସଙ୍ଗୀତ ରଚନାକାର। ଚରଣ ନିଜ ଜୀବନକୁ ସାନ୍ତାଳୀ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସମର୍ପିତ କରିଛନ୍ତି। ସାନ୍ତାଳୀ ଭାଷାକୁ ଏକ ସ୍ୱତନ୍ତ୍ର ପରିଚୟ ଏବଂ ମାନ୍ୟତା ଦେବା ପାଇଁ ତାଙ୍କର ଅବଦାନ ଅତୁଳନୀୟ। ସାନ୍ତାଳୀ ନୃତ୍ୟ ଓ ଗୀତକୁ ଜୀବନ୍ତ ରଖିବା ପାଇଁ ସେ ନିରନ୍ତର କାର୍ଯ୍ୟ କରିଆସୁଛନ୍ତି। ବିଶେଷକରି ମହିଳାମାନଙ୍କ ମଧ୍ୟରେ ସ୍ଥାନୀୟ ନୃତ୍ୟ ପରମ୍ପରାକୁ ଲୋକପ୍ରିୟ କରିବା ପାଇଁ ସେ ଅନେକ ପଦକ୍ଷେପ ନେଇଛନ୍ତି। ସେହିପରି ନୂଆପଡା ଜିଲା ଟିନାପାଲ୍ଲୀ ଗ୍ରାମରେ ଜନ୍ମିତ ମହେନ୍ଦ୍ର କୁମାର ମିଶ୍ର ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟର ସ୍ୱରକୁ ଲିପିବଦ୍ଧ ଏବଂ ସଂରକ୍ଷଣ କରିବା ଦିଗରେ କାର୍ଯ୍ୟ କରି ଆସୁଛନ୍ତି। ଆଦିବାସୀଙ୍କ ପୌରାଣିକ କଥା, ମହାକାବ୍ୟ, ପ୍ରବାଦ ଏବଂ ଗୀତଗୁଡିକୁ ରେକର୍ଡ କରିବା ସହିତ ୨୫ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଛନ୍ତି। ମହେନ୍ଦ୍ରଙ୍କର ଏହି ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ। ଲୋକ ନୃତ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ଗୁରୁ ସୀମାଞ୍ଚଳ ପାତ୍ରଙ୍କୁ ଚଳିତ ବର୍ଷର ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବମୋକେଇ ଗ୍ରାମ ବଡ଼ସାହିର ସୀମାଞ୍ଚଳ ଦୀର୍ଘ ବର୍ଷଧରି ପ୍ରହଲ୍ଲାଦ ନାଟକ ପରିବେଷଣ କରି ଆସୁଛନ୍ତି, ଯାହାକି ୩୫ରୁ ଊର୍ଦ୍ଧ୍ୱ ରାଗ ଏବଂ ୩୦୦ରୁ ଊର୍ଦ୍ଧ୍ୱ ଗୀତ ଉପରେ ଆଧାରିତ। ସେହିପରି ପରମ୍ପରାଗତ ତନ୍ତବୁଣା ପାଇଁ କଟକ ଜିଲା ତିଗିରିଆ ନୂଆପାଟଣା ଗ୍ରାମର ଶରତ କୁମାର ପାତ୍ରଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ।

# ଟି୨୦ ସିରିଜ ଜିତିଲା ଭାରତ

ଗୁଆହାଟୀ,୨୫।୧: ନ୍ୟୁଜିଲାଣ୍ଡ ବିପକ୍ଷରେ ରବିବାର ଖେଳାଯାଇଥିବା ତୃତୀୟ ଟି୨୦ କ୍ରିକେଟ୍ ମ୍ୟାଚ୍‌ରେ ଭାରତ ୮ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଫଳରେ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୩-୦ରେ ଆଗୁଆ ରହିବା ସହିତ ଭାରତ ସିରିଜ ଜିତିନେଇଛି। ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ସହାୟତାରେ ଭାରତ ୧୫୪ ରନର ବିଜୟ ଲକ୍ଷ୍ୟକୁ ୧୦ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଛି। ଅଭିଷେକ ମାତ୍ର ୧୪ ବଲ୍‌ରେ ୫ ଚୌକା ଓ ୪ ଛକା ବଳରେ ୫୧ ରନ୍ କରିଥିଲେ। ଏହା ଭାରତୀୟ ବ୍ୟାଟରଙ୍କ ଲାଗି ଅନ୍ତର୍ଜାତୀୟ ଟି୨୦ କ୍ରିକେଟ୍‌ରେ ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ। **(ସମ୍ପୂର୍ଣ୍ଣ ରିପୋର୍ଟ: ଖେଳ ପୃଷ୍ଠା)**

**ଧରିତ୍ରୀର ଛୁଟି**

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ୨୬ତାରିଖ ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ୨୮ ତାରିଖ ସକାଳେ ପ୍ରକାଶ ପାଇବ।

# ଆରପାରିରେ ଅଭିଜିତ୍

**ଭୁବନେଶ୍ୱର, (ସୌମ୍ୟରଞ୍ଜନ ରାଉତ)/ କଟକ, ୨୫।୧ (କାର୍ତ୍ତିକ ସାହୁ)**

**ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ**

ଓଡ଼ିଆ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମ୍‌ଦାରଙ୍କ ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୫୪ବର୍ଷ ବୟସ ହୋଇଥିଲା। ଅଭିଜିତ୍ ଦୀର୍ଘଦିନ ଧରି ଲିଭର ସିରୋସିସ୍ ରୋଗରେ ପୀଡିତ ଥିବାବେଳେ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିଲେ। ରବିବାର ସକାଳ ୭ଟା ୪୩ରେ ତାଙ୍କର ହୃଦ୍‌ଘାତ ହୋଇଥିଲା। ଏସିଏଲ୍ସି ପ୍ରୋଟୋକଲ୍ ଅନୁଯାୟୀ ତାଙ୍କୁ ସିପିଆର୍ ପ୍ରଦାନ କରାଯାଇଥିଲା। ତେବେ ଡାକ୍ତରଙ୍କ ଅକ୍ଲାନ୍ତ ଚେଷ୍ଟା ଅଭିଜିତ୍‌ଙ୍କୁ ବଞ୍ଚାଇ ପାରି ନ ଥିଲା। ଶେଷରେ ସକାଳ ୯ଟା ୨ରେ ଅଭିଜିତ୍‌ଙ୍କୁ ମୃତ ☞ପୃଷ୍ଠା–୪



ଅଭିଜିତ୍ ମଜୁମ୍‌ଦାର

# ଜିନ୍‌ପିଙ୍ଗ୍‌ଙ୍କ ନେତୃତ୍ୱକୁ ଅଙ୍ଗୁଳି

## ସିସିପି ଉପରେ ନିୟନ୍ତ୍ରଣ ଛଡ଼ାଇନେବାକୁ ଶୀର୍ଷ ଜେନେରାଲଙ୍କ ଉଦ୍ୟମ

**ବେଜିଂ,୨୫।୧(ପି.ଟି./ରଏଟର୍ସ)**

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ନେତୃତ୍ୱ ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି। ସେନାର ଶୀର୍ଷ ଜେନେରାଲ ଝାଙ୍ଗ୍ ୟୁଶିଆ ଚାଇନା କମାଣ୍ଡ ଅଥରିଟି ତଥା ରାଷ୍ଟ୍ରପତି ଜିନ୍‌ପିଙ୍ଗ୍‌ଙ୍କ ନେତୃତ୍ୱ ଅମାନ୍ୟ କରିଥିବାରୁ ତାଙ୍କ ବିରୋଧରେ ଦୁର୍ନୀତି ମାମଲାର ତଦନ୍ତ କରାଯାଉଛି। ସେଣ୍ଟ୍ରାଲ ମିଲିଟାରି କମିଶନ (ସିଏମ୍‌ସି) ଉପାଧ୍ୟକ୍ଷ ଥିବା ଝାଙ୍ଗ୍ ଏବଂ ସିଏମ୍‌ସିର ଅନ୍ୟ ଜଣେ ସଦସ୍ୟ ତଥା ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ) ଚିଫ୍ ଅଫ୍ ଷ୍ଟାଫ୍ ରାଷ୍ଟ୍ରପତିଙ୍କ ଉତ୍ତରଦାୟିତ୍ୱ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଇଛନ୍ତି। ସେନା ମୁଖପାତ୍ର 'ପିଏଲ୍ଏ ଡେଲି' ର ରବିବାର ପ୍ରକାଶିତ ସମ୍ପାଦକୀୟରେ ଏହି ବିଷୟ ଉଲ୍ଲେଖ କରାଯାଇଛି।

ଚାଇନା ସମ୍ବିଧାନ ଅନୁସାରେ ରାଷ୍ଟ୍ରପତି ତଥା ଚାଇନା କମ୍ୟୁନିଷ୍ଟ ପାର୍ଟି (ସିସିପି) ମୁଖ୍ୟ ସେନାର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ। ସଶସ୍ତ୍ର ବଳ ଉପରେ ଦଳର ନିରଙ୍କୁଶ ନିୟନ୍ତ୍ରଣକୁ ସୁନିଶ୍ଚିତ କରିବା ପାଇଁ ଏହି 'ଚେୟାରମ୍ୟାନ୍ ରେସ୍‌ପନ୍ସିବିଲିଟି ସିଷ୍ଟମ୍' କରାଯାଇଛି। ତେବେ ୨ ଜଣ ଜେନେରାଲ ଗମ୍ଭୀର ଦୁର୍ନୀତି କରିଛନ୍ତି, ଯାହାକି ସେନା ଉପରେ ଦଳର ନିରଙ୍କୁଶ ନେତୃତ୍ୱକୁ ବିପଦକୁ ଠେଲିଦେଇଛି ବୋଲି 'ପିଏଲ୍ଏ ଡେଲି' ଉଲ୍ଲେଖ କରିଛି। ଏଥିରେ ଆହୁରି କୁହାଯାଇଛି, ଜିନ୍‌ପିଙ୍ଗ୍‌ଙ୍କ ପାଇଁ ପିଏଲ୍ଏ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ସେ ୨୦୨୭ରେ ହେବାକୁ ଥିବା କଂଗ୍ରେସରେ ଚତୁର୍ଥ ଥର ରାଷ୍ଟ୍ରପତି ନିର୍ବାଚିତ ହେବାକୁ ଉଦ୍ୟମ ଚଳାଇଛନ୍ତି। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ** କେଉଁଠି ରହିଲା ଭାରତ






୭୭ତମ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ରୂପେ ଯୋଗଦେବାକୁ ଥିବା ୟୁରୋପୀୟ କାଉନ୍ସିଲ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟ କମିଶନ ଅଧ୍ୟକ୍ଷା ଉର୍ସୁଲା ଭୋନ୍‌ଡେର ଲେୟେନ୍‌ଙ୍କୁ ନୂଆଦିଲ୍ଲୀରେ ରବିବାର ଗାର୍ଡ ଅଫ୍ ଅନର ଦିଆଯାଇଛି।

# ତେଜସ୍ୱୀ ଆର୍‌ଜେଡି କାର୍ଯ୍ୟକାରୀ ଅଧ୍ୟକ୍ଷ

ପାଟନା,୨୫।୧



ତେଜସ୍ୱୀ ଯାଦବ

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବଙ୍କ ସାନପୁଅ ତଥା ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଆଗକୁ ପାର୍ଟିର ମଙ୍ଗ ଧରିବେ। ଲାଲୁ ଦୀର୍ଘଦିନ ଧରି ଅସୁସ୍ଥ ଥିବାରୁ ଦଳୀୟ ବ୍ୟାପାର ବୁଝିବା ପାଇଁ ତେଜସ୍ୱୀଙ୍କୁ ରବିବାର ଆର୍‌ଜେଡିର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ କରାଯାଇଛି। ୨ ଥର ଉପମୁଖ୍ୟମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଥିବା ୩୬ ବର୍ଷୀୟ ତେଜସ୍ୱୀଙ୍କୁ ପାଟନାର ଏକ ହୋଟେଲରେ ଅନୁଷ୍ଠିତ ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଥିବା ଆର୍‌ଜେଡି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ବଂଶବାଦ ରାଜନୀତି ଓ ଦଳର ଅତୀତ ଜଙ୍ଗଲରାଜର ଏକ ବିଫଳ ଉତ୍ପାଦକୁ ରାଜ୍ୟାଭିଷେକ କରାଯାଇଛି, ଯାହାକି ଫଳପ୍ରଦ ହେବ ନାହିଁ ବୋଲି ଭାଜପା ସମାଲୋଚନା କରିଛି।

# ଗ୍ୟାରେଜରେ ଶୋଇଥିବା ହିନ୍ଦୁ ଯୁବକଙ୍କୁ ଜାଳିଦେଲେ

ଢାକା,୨୫।୧

ବାଂଲାଦେଶରେ ଭାରତ ବିରୋଧୀ ମନୋଭାବ ବଢ଼ିବାରେ ଲାଗିଥିବାବେଳେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଯାଇଛି। ୨୩ ବର୍ଷୀୟ ଚଞ୍ଚଲ ଚନ୍ଦ୍ର ଭୌମିକ୍ କୁମିଲ୍ଲା ଜିଲା ଲକ୍ଷ୍ମୀପୁର ଗ୍ରାମର ବାସିନ୍ଦା ଥିଲେ। ସେ ନରସିଂଦି ସହରସ୍ଥିତ ଏକ ଗ୍ୟାରେଜରେ କାମ କରନ୍ତି। ଚଞ୍ଚଲ ଶୁକ୍ରବାର ରାତିରେ ଉକ୍ତ ଗ୍ୟାରେଜରେ ଶୋଇଥିବାବେଳେ ଲୋକେ ପେଟ୍ରୋଲ ଢାଳି ସେଠାରେ ନିଆଁ ଲଗାଇଦେଇଥିଲେ। ଗ୍ୟାରେଜ ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ଚଞ୍ଚଲଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସଂଖ୍ୟାଲଘୁ ଗୋଷ୍ଠୀଗୁଡ଼ିକ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

# ମିନେଆପଲିସ୍ ଛାଡ଼ନ୍ତୁ ଆପ୍ରବାସନ ଏଜେଣ୍ଟ

## ଆଲେକ୍ସଙ୍କ ହତ୍ୟା ପରେ ଟ୍ରମ୍ପ ବିରୋଧୀ ଆନ୍ଦୋଳନ

ଢାକା,୨୫।୧

ଆମେରିକାର ମିନେଆପଲିସରେ ଆପ୍ରବାସନ ଅଧିକାରୀମାନେ ଗତ ୭ରେ ଜଣେ ମହିଳାଙ୍କୁ ଗୁଳିକରି ହତ୍ୟା କରିବା ନେଇ ବିବାଦ ଥମି ନ ଥିବାବେଳେ ଶନିବାର ଆଉ ଜଣଙ୍କ ଜୀବନ ନେଇଛନ୍ତି। ଏହାକୁ ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ବଡ଼ଧରଣର ଆନ୍ଦୋଳନ ମୁଣ୍ଡ ଟେକିଛି। ଇମିଗ୍ରେଶନ୍ ଏଜେଣ୍ଟମାନେ ତୁରନ୍ତ ମିନେଆପଲିସ୍ ଛାଡ଼ି ଚାଲିଯାଆନ୍ତୁ ବୋଲି ଡେମୋକ୍ରାଟ୍‌ମାନେ ଦାବି କରିଛନ୍ତି।

ଜାନୁଆରୀ ୭ରେ ଜଣେ ଇମିଗ୍ରେଶନ୍ ଆଣ୍ଡ କଷ୍ଟମ୍ସ ଏନ୍‌ଫୋର୍ସମେଣ୍ଟ ଅଫିସର ୩୭ ବର୍ଷୀୟା ମହିଳା ରେନି ଗୁଡ୍‌ଙ୍କୁ ଗୁଳିକରି ହତ୍ୟା କରିଥିଲେ। ସେହି ଘଟଣାକୁ ନେଇ ବିକ୍ଷୋଭ ଜାରି ରହିଥିବାବେଳେ ପୁଣି ଏକ ଅନୁରୂପ ଘଟଣା ଆମେରିକୀୟ ପୋଲିସର ବର୍ବରତାକୁ ପଦାରେ ପକାଇଛି। ମୃତକ ହେଲେ ଆଇସିୟୁ ନର୍ସ ଭାବେ କାର୍ଯ୍ୟ କରୁଥିବା ଆଲେକ୍ସ ଜେଫ୍ରି ପ୍ରେଟ୍ଟି। ୩୭ ବର୍ଷୀୟ ଆଲେକ୍ସ ମିନେସୋଟାରେ ଶନିବାର ସ୍ଥାନୀୟ ସମୟ ପୂର୍ବାହ୍ନ ୯ଟାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆପ୍ରବାସନ ନୀତି ଓ ଦମନଲୀଳା ବିରୋଧରେ ବିକ୍ଷୋଭ କରୁଥିବାବେଳେ କଷ୍ଟମ୍ସ ଆଣ୍ଡ୍ ଇମିଗ୍ରେଶନ୍ ଅଫିସରମାନେ ତାଙ୍କୁ ଗୁଳିକରି ହତ୍ୟା କରିଥିଲେ। ଏହାକୁ ନେଇ ସ୍ଥାନୀୟ ଉତ୍ତ୍ୟକ୍ତ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିବାବେଳେ ସଂଘୀୟ ଅଧିକାରୀମାନଙ୍କ ସହ ସେମାନଙ୍କ ସଂଘର୍ଷ ହୋଇଛି।

ମିନେସୋଟା ନ୍ୟାଶନାଲ ଗାର୍ଡ ଗଭର୍ନର ଟିମ୍ ୱାଲ୍‌ଜଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ପୋଲିସକୁ ସହଯୋଗ କରୁଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି। ଗାର୍ଡ ଟ୍ରୁପ୍‌ଙ୍କୁ ଉଭୟ ଘଟଣାସ୍ଥଳ ଓ ବିକ୍ଷୋଭସ୍ଥଳକୁ ପଠାଯାଇଛି। ତେବେ କେଉଁ କାରଣରୁ ଗୁଳି କଲେ ତାହା ସ୍ପଷ୍ଟ ହୋଇ ନ ଥିବା ପୋଲିସ ମୁଖ୍ୟ ବ୍ରିଆନ୍



ଆଲେକ୍ସ ଜେଫ୍ରି ପ୍ରେଟ୍ଟି

ଓ'ହାରା କହିଛନ୍ତି। ଆଭ୍ୟନ୍ତରୀଣ ନିରାପତ୍ତା ବିଭାଗ ମୁଖପାତ୍ର ଟ୍ରିସିଆ ମାକ୍‌ଲାଉଘଲିନ୍ ଏକ ବିବୃତିରେ କହିଛନ୍ତି, ସଂଘୀୟ ଅଧିକାରୀମାନେ ଏକ ଅପରେଶନ ଚଳାଇଥିବାବେଳେ ଆଲେକ୍ସ ସେମାନଙ୍କ ଉପରକୁ ଗୁଳି କରିଥିଲେ। ଅଫିସରମାନେ ଆତ୍ମରକ୍ଷା ପାଇଁ ଗୁଳି ଚଳାଇଥିବା ସେ କହିଛନ୍ତି। କିନ୍ତୁ ସିସିଟିଭି କ୍ୟାମେରାରୁ ସଂଗୃହୀତ ଫୁଟେଜରୁ ଜଣାପଡ଼ିଛି ଆଲେକ୍ସ ସେହି ସମୟରେ ଜଣେ ମହିଳାଙ୍କୁ ସାହାଯ୍ୟ କରୁଥିଲେ।



ମିନେଆପଲିସରେ ଆଲେକ୍ସ ଜେଫ୍ରି ପ୍ରେଟ୍ଟିଙ୍କୁ ଗୁଳିକରି ହତ୍ୟା କରିବା ପୂର୍ବରୁ ତାଙ୍କ ଉପରେ ରାସାୟନିକ ପଦାର୍ଥ ସ୍ପ୍ରେ କରୁଛନ୍ତି ଜଣେ ଆଇନ ପ୍ରବର୍ତ୍ତନକାରୀ ଅଫିସର।

ଆଲେକ୍ସଙ୍କ ପରିବାର ଲୋକେ କହିଛନ୍ତି, ଆଲେକ୍ସ ଏକ ଆଇସିୟୁରେ ନର୍ସ ଭାବେ କାର୍ଯ୍ୟ କରୁଥିଲେ। ଟ୍ରମ୍ପଙ୍କ ଆପ୍ରବାସନ ଦମନଲୀଳାକୁ ନେଇ ବିଚଳିତ ଥିବା ଆଲେକ୍ସ ଲୋକଙ୍କ ସେବା କରୁଥିଲେ। ଆଲେକ୍ସ ଇଲିନୋଇସ୍‌ରେ ଜନ୍ମ ଗ୍ରହଣ କରିଥିଲେ ଏବଂ ଆମେରିକା ନାଗରିକ ଥିଲେ। ତାଙ୍କର କୌଣସି ଆପରାଧିକ ରେକର୍ଡ ନାହିଁ। ତାଙ୍କୁ କ'ଣ ପାଇଁ ହତ୍ୟା କରାଗଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏହା ପୂର୍ବରୁ ଦକ୍ଷିଣ ମିନେଆପଲିସରେ ଜଣେ ବ୍ୟକ୍ତି ଓ ତାଙ୍କ ୨ ବର୍ଷୀୟା ଝିଅ ଗ୍ରୋସେରି ଦୋକାନରୁ କିଣାକିଣି କରି ଘରକୁ ଫେରିବାବେଳେ ବର୍ଡର ପାଟ୍ରୋଲ ଅଫିସରମାନେ ଉଭୟଙ୍କୁ ଅଟକ ରଖିଥିଲେ।

# ଟ୍ରିଗରରେ ଅଙ୍ଗୁଳି, ନିର୍ଦ୍ଦେଶକୁ ଅପେକ୍ଷା

## ଆମେରିକାକୁ ଇରାନ୍‌ର ଚେତାବନୀ

ଦୁବାଇ,୨୫।୧(ଏ.ପି.)

ଇରାନ୍‌ରେ ଦେଶବ୍ୟାପୀ ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଥିବାବେଳେ ବିକ୍ଷୋଭକାରୀଙ୍କ ଉପରେ ଦମନଲୀଳା ଚଳାଇଥିବା ଅର୍ଦ୍ଧସାମରିକ ରିଭୋଲ୍ୟୁଶନାରି ଗାର୍ଡ ଶନିବାର ଆମେରିକାକୁ ପୁଣି ଧମକ ଦେଇଛି। ଏକ ଆମେରିକୀୟ ଯୁଦ୍ଧଜାହାଜ ମଧ୍ୟପ୍ରାଚ୍ୟ ଆଡ଼କୁ ମୁହାଁଉଥିବା ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେବାର ଦିନକ ପରେ ରିଭୋଲ୍ୟୁଶନାରି ଗାର୍ଡ କମାଣ୍ଡର ଜେନେରାଲ ମହମ୍ମଦ ପାକ୍‌ପୋଉର୍ କହିଛନ୍ତି, ଆମେରିକା ଓ ଇସ୍ରାଏଲ୍ କୌଣସି ପ୍ରକାର ଦୁଃସାହସିକ କାର୍ଯ୍ୟକୁ ଏଡ଼ାଇବା ଉଚିତ। କାରଣ ତାଙ୍କ ସୈନ୍ୟମାନେ ନିଜ ବନ୍ଧୁକ ଟ୍ରିଗରରେ ଅଙ୍ଗୁଳି ଦେଇ ପ୍ରସ୍ତୁତ ରହିଛନ୍ତି। ସଶସ୍ତ୍ର ବଳର କମାଣ୍ଡର-ଇନ୍-ଚିଫ୍ ଆୟାତୋଲ୍ଲା ଅଲୀ ଖାମେନେଇଙ୍କ କେବଳ ନିର୍ଦ୍ଦେଶକୁ ସେମାନେ ଅପେକ୍ଷା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଇରାନ୍ ଅର୍ଥନୀତି ଭୁଶୁଡ଼ିପଡ଼ିଛି। ଇରାନୀୟ ମୁଦ୍ରା ରିଆଲର ଅହେତୁକ ଅବମୂଲ୍ୟାୟନ ଜାରି ରହିଛି। ଏଥିସହ ସୁପ୍ରିମଲିଡରଙ୍କ ମନମୁଖି ଶାସନ ବିରୋଧରେ ଡିସେମ୍ବର ୨୮ରୁ ଦେଶବ୍ୟାପୀ ଆନ୍ଦୋଳନ ଚାଲିଛି। ଇତିମଧ୍ୟରେ ସେନାର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଯୋଗୁ ୫,୦୦୦ରୁ ଅଧିକ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଲାଣି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏହି ଦମନଲୀଳା ବନ୍ଦ କରିବାକୁ ତେହରାନ୍ ଉପରେ ଚାପ ପକାଉଛନ୍ତି। ଇରାନ୍‌କୁ ଘେରିବା ପାଇଁ ଆମେରିକାର ଆର୍ମଡା ଯୁଦ୍ଧଜାହାଜ ଓ ଏକ ଏୟାରକ୍ରାଫ୍ଟ ମଧ୍ୟପ୍ରାଚ୍ୟର ନିକଟତର ହୋଇଥିବା ଟ୍ରମ୍ପ ଶୁକ୍ରବାର ସୂଚନା ଦେଇଥିଲେ।

# ତରବରିଆ ଏସ୍‌ଆଇଆର୍ ଗଣତନ୍ତ୍ର ପାଇଁ ବିପଦ: ଅମର୍ତ୍ତ୍ୟ

କୋଲକାତା,୨୫।୧

ପଶ୍ଚିମବଙ୍ଗରେ ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଅହେତୁକ ତରବରିଆ ଭାବେ ଚାଲିଛି। ଏଥିଯୋଗୁ ଗଣତାନ୍ତ୍ରିକ ସହଭାଗିତା ପ୍ରତି ବିପଦ ସୃଷ୍ଟି ହୋଇପାରେ ବୋଲି ଶନିବାର ନୋବେଲ ବିଜେତା ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅମର୍ତ୍ତ୍ୟ କହିଛନ୍ତି, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ଅଳ୍ପ କିଛିମାସ ବାକି ଥିବାବେଳେ ଏସ୍‌ଆଇଆର୍ ଚାଲିଛି। ଏହା ଉଭୟ ମତଦାତା ଓ ଭାରତୀୟ ଗଣତନ୍ତ୍ର ପ୍ରତି ଅନ୍ୟାୟ। ଏଥିପାଇଁ ପର୍ଯ୍ୟାପ୍ତ ସମୟ ଓ ଯତ୍ନ ଦରକାର। ଅନ୍ୟଥା ଭୋଟରମାନେ ମତଦାନ ଅଧିକାର ହରାଇବସିବେ। ଅନେକ ଭାରତୀୟ ନାଗରିକଙ୍କ ଭଳି ସେ ମଧ୍ୟ ଗ୍ରାମାଞ୍ଚଳ(ଶାନ୍ତିନିକେତନ ଗ୍ରାମ)ରେ ଜନ୍ମିତ। ତାଙ୍କ ନିକଟରେ ଜନ୍ମ ପ୍ରମାଣପତ୍ର ନାହିଁ। ଭୋଟ ଦେବା ପାଇଁ ତାଙ୍କ ଅନ୍ୟ ଦସ୍ତାବିଜ ଦାଖଲ କରାଯିବ ବୋଲି ଅମର୍ତ୍ତ୍ୟ କହିଛନ୍ତି।

# ୧୩୧ ଜଣ ପାଇବେ ପଦ୍ମ ପୁରସ୍କାର

## ଧର୍ମେନ୍ଦ୍ର, ଅଚ୍ୟୁତାନନ୍ଦନଙ୍କୁ ପଦ୍ମବିଭୂଷଣ

ନୂଆଦିଲ୍ଲୀ,୨୫।୧



ଅଭିନେତା ଧର୍ମେନ୍ଦ୍ର



ଭି.ଏସ୍. ଅଚ୍ୟୁତାନନ୍ଦନ



ଅଲ୍‌କା ୟାଗ୍ନିକ୍



ଶିବୁ ସୋରେନ୍

କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ଷୀୟାନ୍ କମ୍ୟୁନିଷ୍ଟ ନେତା ଭି.ଏସ୍. ଅଚ୍ୟୁତାନନ୍ଦନ, ଅଭିନେତା ଧର୍ମେନ୍ଦ୍ରଙ୍କୁ ମରଣୋତ୍ତର ଭାବେ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମବିଭୂଷଣ ପ୍ରଦାନ କରାଯିବ। ସାଧାରଣତନ୍ତ୍ର ଦିବସ ପାଳନର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୬ ବର୍ଷ ପାଇଁ ୧୩୧ ପଦ୍ମ ପୁରସ୍କାର ଘୋଷଣା କରାଯାଇଛି। ସେମାନଙ୍କ ମଧ୍ୟରୁ ୫ ପଦ୍ମବିଭୂଷଣ, ୧୩ ପଦ୍ମଭୂଷଣ ଓ ୧୧୩ ଜଣ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହେବେ।

ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି କେ.ଟି. ଥୋମାସ୍ (ସାଧାରଣ ବ୍ୟାପାର), ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତକାର ତଥା ଭାଓଲିନ୍ ବାଦକ ଏନ୍. ରାଜାମ୍ (କଳା) ଏବଂ ଜଣାଶୁଣା ମାଲୟାଲମ୍ ସାମ୍ବାଦିକ ପି. ନାରାୟଣନ୍‌ଙ୍କୁ ସାହିତ୍ୟ ଓ ଶିକ୍ଷାରେ ପଦ୍ମବିଭୂଷଣ ସମ୍ମାନ ଦିଆଯିବ। ସେହିପରି ପ୍ରଚ୍ଛଦ କଣ୍ଠଶିଳ୍ପୀ ଅଲ୍‌କା ୟାଗ୍ନିକ୍, ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଭଗତ୍ ସିଂ କୋଶିୟାରୀ, ଅଭିନେତା ମାମୁଟି ଓ ବ୍ୟାଙ୍କର ଉଦୟ କୋଟାକ୍ ପଦ୍ମଭୂଷଣ ପୁରସ୍କାର ପାଇବାକୁ ଥିବା ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ରହିଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ଆର୍ଟ ଗୁରୁ ପୀୟୂଷ ପାଣ୍ଡେ, ଜେଏମ୍‌ଏମ୍ ପ୍ରତିଷ୍ଠାତା ଶିବୁ ସୋରେନ୍ ଓ ଭାଜପା ନେତା ଭି.କେ. ମାଲହୋତ୍ରାଙ୍କୁ ପଦ୍ମଭୂଷଣ ସମ୍ମାନ ଦିଆଯିବାକୁ ଥିବାବେଳେ ଅଭିନେତା ତଥା କମେଡିଆନ୍ ସତୀଶ ଶାହାଙ୍କୁ ମରଣୋତ୍ତର ଭାବେ ପଦ୍ମଶ୍ରୀ ଉପାଧି ପ୍ରଦାନ କରାଯିବ।

୯୦ ପୁରସ୍କାର ବିଜେତା ମହିଳା ହୋଇଥିବାବେଳେ ବିଦେଶୀ, ଏନ୍‌ଆର୍‌ଆଇ, ପିଆଇଓ ଏବଂ ଓସିଆଇ ବର୍ଗରୁ ୬ ଜଣଙ୍କୁ ଓ ମରଣୋତ୍ତର ଭାବେ ୧୬ ଜଣଙ୍କୁ ସମ୍ମାନିତ କରାଯିବ। ଟେନିସ୍ ଲିଜେଣ୍ଡ ବିଜୟ ଅମୃତରାଜଙ୍କୁ ପଦ୍ମଭୂଷଣ, କ୍ରିକେଟର ରୋହିତ୍ ଶର୍ମା, ମହିଳା କ୍ରିକେଟ କ୍ୟାପ୍‌ଟେନ ହରମନପ୍ରୀତ କୌର, ହକି ଖେଳାଳି ସବିତା ପୁନିଆଙ୍କୁ ପଦ୍ମଶ୍ରୀ ପ୍ରଦାନ କରାଯିବ ବୋଲି ଉକ୍ତ ବିବୃତିରେ ଉଲ୍ଲେଖ କରାଯାଇଛି। ସେହିପରି ଜେଏନ୍‌ୟୁର ପୂର୍ବତନ ଭିସି ଏମ୍. ଜଗଦୀଶ କୁମାର, ପ୍ରସାର ଭାରତୀର ପ୍ରାକ୍ତନ ସିଇଓ ଶଶିଶେଖର ଭେମ୍ପାଟି ଏବଂ ଅଭିନେତା ଆର୍. ମାଧବନ୍ ଓ ପ୍ରସେନ୍‌ଜିତ ଚାଟାର୍ଜୀ ମଧ୍ୟ ପଦ୍ମଶ୍ରୀ ପୁରସ୍କାର ପାଇବାକୁ ଯାଉଛନ୍ତି।

## ୪୫ ଅଜଣା ହିରୋଙ୍କୁ ସମ୍ମାନ

୨୦୨୬ ବର୍ଷ ପାଇଁ ପଦ୍ମଶ୍ରୀ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଏପରି ୪୫ ଜଣ ଅଛନ୍ତି, ଯାହାଙ୍କ ସମ୍ପର୍କରେ ଦେଶବାସୀ ସେତେଟା ଅବଗତ ନୁହନ୍ତି। ମନୋନୀତ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଜଣେ ବସ୍ କଣ୍ଡକ୍ଟର ଅଛନ୍ତି, ଯିଏକି ବିଶ୍ୱର ସର୍ବବୃହତ୍ ମୁକ୍ତ ପାଠାଗାର ପ୍ରତିଷ୍ଠା କରିଛନ୍ତି। ସେହିପରି ଜଣେ ଶିଶୁରୋଗ ବିଶେଷଜ୍ଞ, ଏସିଆର ପ୍ରଥମ ମାନବ ଦୁଗ୍ଧ ବ୍ୟାଙ୍କ ପ୍ରତିଷ୍ଠାତା ଏବଂ ଜଣେ ୯୦ ବର୍ଷୀୟ ବିରଳ ବାଦ୍ୟଯନ୍ତ୍ର ବାଦକ ମଧ୍ୟ ରହିଛନ୍ତି। ୭୫ ବର୍ଷୀୟ ଆଙ୍କେ ଗୌଡ଼ା ପ୍ରତିଷ୍ଠା କରିଥିବା ଫ୍ରି-ଆକ୍ସେସ ଲାଇବ୍ରେରି 'ପୁସ୍ତକ ମନେ'ରେ ୨୦ଟି ଭାଷାର ୨ ନିୟୁତରୁ ଅଧିକ ବହି ଓ ବିରଳ ପାଣ୍ଡୁଲିପି ରହିଛି। କର୍ଣ୍ଣାଟକ ମହୀଶୂର ନିକଟ ହାରାଲାହାଲି ଗ୍ରାମରେ ଜନ୍ମିତ ଆଙ୍କେ ଏକଦା ବସ୍ କଣ୍ଡକ୍ଟର ଥିଲେ। ସେହିପରି ମୁମ୍ବାଇର ଶିଶୁରୋଗ ବିଶେଷଜ୍ଞ ଅମ୍ରିଦା ଫର୍ନାଣ୍ଡିଜ୍ ଏବଂ ମଧ୍ୟପ୍ରଦେଶର ବୁନ୍ଦେଲି ୱାର ଆର୍ଟ ଟ୍ରେନର ଭଗବାନଦାସ ରାଇକ୍‌ୱର ମଧ୍ୟ ପଦ୍ମ ପୁରସ୍କାର ଗ୍ରହଣ କରିବାକୁ ଯାଉଛନ୍ତି।

# ନବସୃଜନ ଉପରେ ଗୁରୁତ୍ୱ ଦିଅ: ମୁଖ୍ୟମନ୍ତ୍ରୀ

## ପ୍ରଧାନମନ୍ତ୍ରୀଙ୍କ ୧୩୦ତମ 'ମନ୍ କୀ ବାତ୍'

**ଭୁବନେଶ୍ୱର, ୨୫।୧**
**(ରବିନାରାୟଣ ଜେନା)**

ଛାତ୍ରୀଛାତ୍ରଙ୍କ ନିକଟରେ ବହୁତ କିଛି ଲୁକ୍କାୟିତ ପ୍ରତିଭା ରହିଛି। ପିଲାମାନେ ସବୁବେଳେ କିଛି ନୂତନ ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ଓ ସ୍ଥାନୀୟ ବାସିନ୍ଦାଙ୍କ ଗହଣରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଶୁଣିବା ଅବସରରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଷ୍ଟାର୍ଟଅପ୍ କ୍ଷେତ୍ରରେ ଭାରତବର୍ଷର ସଫଳତା ବିଷୟରେ ଆଲୋକପାତ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରେରଣାଦାୟୀ ବିଚାର ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ। ସୂଚନାଯୋଗ୍ୟ, ରବିବାର ଥିଲା ଜାତୀୟ ମତଦାତା ଦିବସ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଯୁବ ଭୋଟରମାନଙ୍କୁ ଭୋଟର ଲିଷ୍ଟରେ ନାମ ପଞ୍ଜୀକୃତ କରି ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହିତ ଇଣ୍ଡଷ୍ଟ୍ରି ଓ ଷ୍ଟାର୍ଟଅପ୍ କ୍ଷେତ୍ରରେ କ୍ୱାଲିଟିକୁ ସର୍ବାଗ୍ରେ ରଖିବା, ସ୍ୱଚ୍ଛତା ଓ ପରିବେଶ ପ୍ରଦୂଷଣ ପ୍ରତି ସଚେତନତା ବୃଦ୍ଧି ଭଳି ଅନେକ ପ୍ରେରଣାଦାୟୀ ବାର୍ତ୍ତା ପ୍ରଧାନମନ୍ତ୍ରୀ ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ତାଙ୍କର ଏହି ମନ୍ କୀ ବାତ୍ କାର୍ଯ୍ୟକ୍ରମ ଜରିଆରେ ସାଧାରଣ ଲୋକଙ୍କ ସଫଳତା ଓ ନବସୃଜନ ଉପରେ ଗୁରୁତ୍ୱ ଦେଇ ଦେଶବାସୀଙ୍କୁ ପ୍ରେରଣା ଓ ମାର୍ଗଦର୍ଶନ ଦେଇଆସୁଛନ୍ତି। ସ୍କୁଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ସମାଜସେବୀ ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଛାତ୍ରୀଛାତ୍ରଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଧାୟକ ବାବୁ ସିଂ ଓ ଅନ୍ୟମାନେ।

# ୧୬ କୋଟି ଅନୁଦାନର ସବ୍‌ଷ୍ଟେଶନ ଭିତ୍ତିପ୍ରସ୍ତର ସ୍ଥାପନ କଲେ ଉପମୁଖ୍ୟମନ୍ତ୍ରୀ

## କୋଟିଆର ୩୦ ଗ୍ରାମର ୨୭୦୦ ଉପଭୋକ୍ତା ପାଇବେ ବିଦ୍ୟୁତ୍ ସେବା

**ପଟ୍ଟାଙ୍ଗି, ୨୫।୧ (ଶରତ କୁମାର ଧଳ)**

ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ କୋଟିଆ ପଞ୍ଚାୟତକୁ ରବିବାର ଗସ୍ତ କରିଛନ୍ତି। ବିଦ୍ୟୁତ୍ ବିଭାଗର ୧୬କୋଟି ଅନୁଦାନର ୩୩/୧୧ କେଭି ପ୍ରାଥମିକ ସବ୍‌ଷ୍ଟେଶନ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୨ ବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟ ସରିବା ସହ କୋଟିଆ ପଞ୍ଚାୟତର ୩୦ ଗ୍ରାମର ୨୭୦୦ ଉପଭୋକ୍ତାଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଥିଲେ। ଏଥିସହ ପଞ୍ଚାୟତରେ ଲାଗିରହୁଥିବା ବିଦ୍ୟୁତ୍ ସମସ୍ୟା ଦୂର ହେବ ବୋଲି ସେ କହିଛନ୍ତି। କୋଟିଆ ପଞ୍ଚାୟତରେ ଆନ୍ଧ୍ରର ଅନୁପ୍ରବେଶ ଆମ ପାଇଁ ଏକ ବିଷୟ ନୁହେଁ। ଏହି ପଞ୍ଚାୟତ ଓଡ଼ିଶାର ଏକ ଅଙ୍ଗ ଓ ଏହା ଆମର ଅଙ୍ଗ ହୋଇଥିବ ବୋଲି କହିଥିଲେ। ଏହି ଅଙ୍ଗର ଉନ୍ନତି ହେବା ନେଇ ରାଜ୍ୟ ସରକାର ଓ ଆମ ଦାୟିତ୍ୱ ବୋଲି ସେ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ସିଂଦେଓ ବିଭିନ୍ନ ଜମି ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିଥିଲେ। ପଞ୍ଚାୟତର ଉପର ବାରାବନ୍ଧ ଓ ତଳ ବାରାବନ୍ଧ ଗ୍ରାମରେ ଷ୍ଟ୍ରବେରୀ ଚାଷ ଦେଖିଥିଲେ। ଜଳଧାରା ପ୍ରକଳ୍ପ ଦ୍ୱାରା ଟାଉପଦର ଗ୍ରାମର ମାଲକି ପାଙ୍ଗୀଙ୍କ ଜମିର ଫାର୍ମ ପଣ୍ଡ ସହ ମାଛଚାଷ ଦେଖି ସରକାରୀ ସହାୟତା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୟରେ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ ଉପମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଚାଷୀ ବାଙ୍ଗୁରୁ ପାଙ୍ଗୀଙ୍କ ଜମିରେ ଆଇଏଫ୍‌ଏସ୍ ପ୍ଲାଣ୍ଟେଶନ୍ ଦେଖିଥିଲେ। କୋଟିଆ ପଞ୍ଚାୟତ ସଦର ମହକୁମାରେ ପହଞ୍ଚିବା ପରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ସିଂଦେଓଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ଗ୍ରାମର ୧୦ ଚାଷୀଙ୍କୁ ଫସଲ ବିହନ ପ୍ରଦାନ କରାଯାଇଥିଲା। ଜାନିଗୁଡାର ୧୩ ଚାଷୀଙ୍କୁ ମିକ୍ସେଡ ବିହନ ପ୍ରଦାନ କରି ପ୍ଲାଣ୍ଟେଶନ ପାଇଁ ପଟ୍ଟା ପ୍ରଦାନ କରିଥିଲେ। ଉପରସେମ୍ବି ଗ୍ରାମରେ ଆନ୍ଧ୍ର ସମର୍ଥକ କରିଥିବା ଭଙ୍ଗାରୁଜା ନେଇ ପ୍ରଶ୍ନ କରାଯାଇଥିଲା। ଏହାକୁ କିଏ ଭଙ୍ଗାରୁଜା କଲା ସେଥିରେ ଆମର କିଛି କହିବାର ନାହିଁ, କାର୍ଯ୍ୟକ୍ରମ ହେବା ସ୍ଥାନରେ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ ଉତ୍ତର ରଖିଥିଲେ। ଏଥିରେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ ଓ ପଞ୍ଚାୟତ ସରପଞ୍ଚ ଲିଉ ଗେମେଲ ପ୍ରମୁଖ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, ସିଏମ୍‌ଡି ଭାସ୍କର ଜ୍ୟୋତି ଶର୍ମା, ଜିଲାପାଳ ମନୋଜ ସତ୍ୟବାନ ମହାଜନ, ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ, ସିଡିଓ ବେଣୁଧର ଶବର, ଉପଜିଲାପାଳ ପ୍ରେମଲାଲ ହିଆଲ, ଟିପିଏସ୍‌ଓଡିଏଲ୍ ଏସି ମନ୍ମଥ ନାଥ ମିଶ୍ର, ଇଇ ଭବାନୀ ପ୍ରଧାନ, ବିଡିଓ ରାମକ୍ରିଷ୍ଣା ନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ, ଅତିରିକ୍ତ ତହସିଲଦାର ସ୍ୱାଗତିକା ରାଉତ, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ଦୁହାରି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ କାର୍ଯ୍ୟାଳୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଉପସ୍ଥିତ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅନ୍ୟମାନେ।

# ନିର୍ଦ୍ଧାରିତ ସମୟରେ ହେବ ପଞ୍ଚାୟତ ନିର୍ବାଚନ: ରାଜ୍ୟ ନିର୍ବାଚନ ଆୟୁକ୍ତ

**ଭୁବନେଶ୍ୱର, ୨୫।୧**
**(ରବିନାରାୟଣ ଜେନା)**

ନିର୍ଦ୍ଧାରିତ ସମୟ ପୂର୍ବରୁ ପଞ୍ଚାୟତ ନିର୍ବାଚନ ହେବ ବୋଲି ଯେଉଁ ଚର୍ଚ୍ଚା ଜୋର୍ ଧରିଥିଲା, ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ରବିବାର ରାଜ୍ୟ ପଞ୍ଚାୟତ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ କହିଛନ୍ତି, ପଞ୍ଚାୟତ ନିର୍ବାଚନ ନିର୍ଦ୍ଧାରିତ ସମୟରେ ହେବ। ପଞ୍ଚାୟତର ୫ ବର୍ଷ କାର୍ଯ୍ୟକାଳ ଯେବେ ଶେଷହେବ ସେହି ସମୟ ମଧ୍ୟରେ ନିର୍ବାଚନ କରାଯିବ।

ଆୟୁକ୍ତ ପାଢ଼ୀ ପୁଣି କହିଛନ୍ତି, ପଞ୍ଚାୟତ ନିର୍ବାଚନ ପାଇଁ ସରକାରୀ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଗତ ୧୦ ଦିନ ତଳେ ଜିଲାପାଳଙ୍କ ସହ ପୃଥକ୍ ପୃଥକ୍ ବୈଠକ ହୋଇଛି। ସବ୍‌ଡିଭିଜନ୍‌ସ୍ତରରେ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି। ନିର୍ବାଚନ ପାଇଁ ବୁଥ୍, ବାଲଟ୍ ପେପର ଓ ବାକ୍ସ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ ସଂଗ୍ରହ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ପଞ୍ଚାୟତ ନିର୍ବାଚନକୁ ଅଳ୍ପ ସମୟ ଥିବାରୁ ଉପନିର୍ବାଚନ ପାଇଁ ନିଷ୍ପତ୍ତି ହୋଇନାହିଁ।

ସୂଚନାଯୋଗ୍ୟ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଅବଧିର ପ୍ରାୟ ୩ ମାସ ପୂର୍ବରୁ ହେବ ବୋଲି ଶନିବାର ମତ ଦେଇଥିଲେ। ସେ କହିଥିଲେ, ଓଡ଼ିଶାରେ ଆଗାମୀ ପଞ୍ଚାୟତ ନିର୍ବାଚନ ଜନଗଣନା ପାଇଁ ଆଗୁଆ ହେବାର ସମ୍ଭାବନା ରହିଛି। ଜନଗଣନା ପାଇଁ ନିର୍ଦ୍ଧାରିତ ସମୟ ପୂର୍ବରୁ ନିର୍ବାଚନ ହୋଇପାରେ। ଭାଜପାର ରାଜ୍ୟ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବରେ କର୍ମୀ ଓ ନେତାଙ୍କ ମନୋବଳ ବଢ଼ାଇବା ପାଇଁ ମନମୋହନ କହିଥିଲେ, ଭାଜପା ସମର୍ଥିତ ସରପଞ୍ଚ ଓ ପଞ୍ଚାୟତ ସମିତିସଭ୍ୟଙ୍କୁ ୬ ମାସ ଭିତରେ ଅଧୁରା କାମ ସାରିବାକୁ ପଡ଼ିବ। ଦିନ ରାତି ଏକ୍ କରି ପରିଶ୍ରମ କରନ୍ତୁ। ତଳସ୍ତରର ସାଧାରଣ ଲୋକମାନେ ଯେପରି କୌଣସି ଯୋଜନାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସମସ୍ତ କାମ ସମ୍ପୂର୍ଣ୍ଣ କରନ୍ତୁ ବୋଲି କହିଥିଲେ। ତେବେ ମନମୋହନଙ୍କ ଏହି ମନ୍ତବ୍ୟର କେଇଘଣ୍ଟା ପରେ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ଉତ୍ତରକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

# ଗଣତନ୍ତ୍ର ଦିବସରେ ଆମିଷ ବିକ୍ରି ବନ୍ଦ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କଲେ ଜିଲାପାଳ

**COLLECTORATE, KORAPUT**
**(General & Miscellaneous Section)**
***

**No. 94 / G & M** **Date: 25 / 01/ 2026**

To,

All Tahasildars of Koraput District
All Block Development Officers of Koraput District
All Executive Officers of Koraput District

In continuation of this Collectorate Letter No. 93, dated-23.01.2026 regarding prohibition on sale of Meat, Chicken, Fish, Egg and other non-vegetarian food items on the occasion of the 77th Republic Day Celebration, 2026 in Koraput District, and whereas the said instruction was issued purely on the suggestion of the District Level Republic Day Preparatory Committee. Now, after due consideration, the aforesaid Letter No. 93 dated 23.01.2026 is hereby revoked with immediate effect.

*Collector & District Magistrate,*
*Koraput*

ରବିବାର ଜିଲାପାଳ ଜାରି କରିଥିବା ପ୍ରତ୍ୟାହାର ଚିଠି।

**କୋରାପୁଟ, ୨୫।୧**
**(ଅମିତାଭ ବେହେରା)**

୭୭ତମ ସାଧାରଣତନ୍ତ୍ର ଦିବସରେ କୋରାପୁଟ ଜିଲାରେ ଆମିଷ ବିକ୍ରି ବନ୍ଦ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାକୁ ରବିବାର ପ୍ରତ୍ୟାହାର କରାଯାଇଛି। ଏ ନେଇ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ କାର୍ଯ୍ୟାଳୟ ପକ୍ଷରୁ (ଚିଠି ନଂ. ୯୪/ଜି ଆଣ୍ଡ ଏମ୍)ରେ ଜିଲାର ସମସ୍ତ ତହସିଲଦାର, ବିଡିଓ ଏବଂ ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଯାଇଛି। ଜିଲାପାଳ ଶୁକ୍ରବାର ଜାରି କରିଥିବା ଆମିଷ ବିକ୍ରି ବନ୍ଦ ନିର୍ଦ୍ଦେଶନାମାକୁ ନେଇ ଗଣମାଧ୍ୟମ ସହ ବିଭିନ୍ନ ମହଲରେ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପରେ ଏଭଳି ପୁନର୍ବିଚାର କରାଯାଇଥିବା କୁହାଯାଉଛି।

ସୂଚନାନୁଯାୟୀ, ସାଧାରଣତନ୍ତ୍ର ଦିବସରେ ଆମିଷ ବିକ୍ରି ବନ୍ଦ ପାଇଁ ଜିଲାପାଳ ଶୁକ୍ରବାର ଚିଠି ଜାରି କରି ଜିଲାର ସମସ୍ତ ବିଡିଓ, ତହସିଲଦାର ଓ ନିର୍ବାହୀ ଅଧିକାରୀଙ୍କୁ ନିଜ କାର୍ଯ୍ୟ କ୍ଷେତ୍ରାଞ୍ଚଳରେ ଏହା କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜାନୁଆରୀ ୨୬ ତଥା ସୋମବାର ଜିଲାର ସମସ୍ତ ଅଞ୍ଚଳରେ ମାଛ, ମାଂସ, ଚିକେନ୍, ଅଣ୍ଡା ଓ ଅନ୍ୟାନ୍ୟ ଆମିଷ ଜାତୀୟ ଖାଦ୍ୟ ବିକ୍ରି ନ ହେବା ପ୍ରତି ନଜର ରଖିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ହିନ୍ଦୁ ସମ୍ମିଳନୀ ଆୟୋଜକ ସମିତି ପକ୍ଷରୁ ହିନ୍ଦୁ ସମ୍ମିଳନୀ ଏବଂ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ତ୍ରିନାଥ ମନ୍ଦିର, ମଧୁସୁଦନ ନଗର, ସମୟ: ସକାଳ ୯ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ପୋଲିସ ପରେଡ୍ ପଡ଼ିଆ, ସମୟ: ସକାଳ ୮ଟା ୩୦।
- ବ୍ଲକସ୍ତରୀୟ ପରେଡ୍ ପ୍ରତିଯୋଗିତା ଓ ଜନରାଜ୍ୟ ଦିବସ, ସ୍ଥାନ: ଥାନାଛକ ହେଲିପ୍ୟାଡ୍ ପଡ଼ିଆ, ଭୋଗରାଇ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶତବାର୍ଷିକୀ ମହାସମାରୋହ–୨୦୨୬ର ଉଦ୍‌ଯାପନୀ ଦିବସ, ସ୍ଥାନ: ବିଞ୍ଝ ସରକାରୀ ଉ.ପ୍ରା. ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ନପୂର୍ଣ୍ଣା ଯୋଜନାରେ ପ୍ରସାଦ ସେବନ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ୧୫ତମ ବାର୍ଷିକ ଉତ୍ସବ, ସ୍ଥାନ: ରୂପ୍‌ସା ବୀଣାପାଣି ଶିଶୁମନ୍ଦିର, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା।
- ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା ୩୦।

## ଭଦ୍ରକ

- ସାମ୍ବାଦିକ ସଂଘ ପକ୍ଷରୁ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ: ଚାନ୍ଦବାଲି ନେହେରୁ ପାର୍କ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଓ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ସକାଳ ୮ଟା ୩୦।
- ଗଣତନ୍ତ୍ର ଦିବସ ପାଳନ, ସ୍ଥାନ: ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ, ପୌରପାଳିକା କାର୍ଯ୍ୟାଳୟ, ବାସୁଦେବପୁର, ସମୟ: ସକାଳ ୯ଟା।
- ଗଣତନ୍ତ୍ର ଦିବସ ପାଳନ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଶାଳ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଲକ୍ଷ୍ମୀନାରାୟଣ ପଡ଼ିଆ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ସାଧାରଣତନ୍ତ୍ର ଦିବସ ଅବସରରେ ସାମୂହିକ ପରେଡ୍, ପତାକା ଉତ୍ତୋଳନ, ସ୍ଥାନ: ଢେଙ୍କିକୋଟ୍, ସମୟ: ସକାଳ ୮ଟା।
- ବିଜେଡି କାର୍ଯ୍ୟାଳୟରେ ଜନ ରାଜ୍ୟ ଦିବସ ପାଳନ ଏବଂ ବୈଠକ, ସ୍ଥାନ : ହାଟଡ଼ିହୀ, ସମୟ : ସକାଳ ୮ ଟା।
- ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ଐକ୍ୟ କ୍ଷେତ୍ର, ବଡ଼ବିଲ, ସମୟ: ପୂର୍ବାହ୍ନ ୭ ଟା ୩୦, ସ୍ଥାନ: ତହସିଲ ମୁକ୍ତିଆର ମଣ୍ଡପ, ସମୟ: ପୂର୍ବାହ୍ନ ୮ଟା , ସ୍ଥାନ: ଜେଏମ୍ଏଫ୍‌ସି କୋର୍ଟ, ସମୟ: ପୂର୍ବାହ୍ନ ୮ଟା ୩୦, ସ୍ଥାନ: ଉତ୍ସବ ପଡିଆ, ସମୟ: ସକାଳ ୯ଟା।
- ବ୍ଲକ୍‌ସ୍ତରୀୟ ସାଧାରଣତନ୍ତ୍ର ଦିବସ, ସ୍ଥାନ: ପାଟଣା ମୁଖ୍ୟାଳୟ ଷ୍ଟାଡ଼ିୟମ ସ୍ଥାନ: ସକାଳ ୯ ଟା।
- ଭାଜପା କାର୍ଯ୍ୟକର୍ତ୍ତାଙ୍କ ବୈଠକ ଏବଂ ପତାକା ଉତ୍ତୋଳନ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୦ ଟା।
- ସାଳନ୍ଦୀ ମହୋତ୍ସବ, ସ୍ଥାନ : କାନପୁର –ସୋସୋ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ପୂଜା ଉପଲକ୍ଷେ ଭଜନ ସମାରୋହ, ଭସାଣି ଉତ୍ସବ, ସ୍ଥାନ : ରାଧାନଗରପାଟଣା, ହାଟଡ଼ିହୀ, ସମୟ : ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- ଚିତ୍ରଡ଼ା ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ଚିତ୍ରଡ଼ା, ମାର୍କେଟସାହି ପଡ଼ିଆ,ମୋରଡ଼ା ସମୟ:ସକାଳ ୭ଟା।
- କପ୍ତିପଦା ଉପଖଣ୍ଡସ୍ତରୀୟ ଗଣତନ୍ତ୍ର ଦିବସ ଅବସରରେ ମୁଖ୍ୟ ଅତିଥିଙ୍କ ଦାରା ଜାତୀୟ ପତାକା ଉତ୍ତୋଳନ,ସ୍ଥାନ:ଉଦଳା ହାଇସ୍କୁଲ ପଡ଼ିଆ,ସମୟ:ସକାଳ ୮ଟା୩୦।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ସଚେତନ ଯୁବପିଢ଼ିଙ୍କ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ, ଶିବ ସହସ୍ର କୁମ୍ଭାଭିଷେକ ଓ ସପ୍ତଦିବସ ବ୍ୟାପୀ ଭାଗବତ କଥାମୃତ ପ୍ରବଚନ, ସ୍ଥାନ: ବାବା ଶ୍ରୀ ଲୋକନାଥ ମନ୍ଦିର ପ୍ରାଙ୍ଗଣ, ଝାରପୋଖରିଆ,ସମୟ: ପୂର୍ବାହ୍ନ ୧୦ଟା୫୫।
- ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳା,ସ୍ଥାନ:ଛଉ ପଡ଼ିଆ ବାରିପଦା,ସମୟ: ଅପରାହ୍ନ ୨ଟା।
- ଅଷ୍ଟମ ପ୍ରହର ନାମଯଜ୍ଞର ପ୍ରସାଦ ସେବନ,ସ୍ଥାନ:ଆରପଟା ବ ବ୍ଲକ,ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ସଚେତନତା ରାଲି, ସ୍ଥାନ: ସିଭିଲ କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ

- ଭାରତ ମାତା ପୂଜନ ଉତ୍ସବ, ସ୍ଥାନ: ସିମନବାଡ଼ି ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟାରୁ ଆରମ୍ଭ।
- ଆଦିବାସୀ ମହାବିଦ୍ୟାଳୟ ର ୪୦ ତମ ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ବାଲିଗୁଡ଼ା, ସମୟ : ଅପରାହ୍ନ ୩ ଟା।

## ଗଜପତି

- ୭୭ତ ତମ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ମିନି ଷ୍ଟାଡିୟମ, ମୋହନା, ସମୟ: ସକାଳ ୯ ଟା ୩୦।

## ଢେଙ୍କାନାଳ

- ୭୭ତମ ସାଧାରଣତନ୍ତ୍ର ଦିବସ, ସ୍ଥାନ: ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମ, ସମୟ: ସକାଳ ସାଢେ ୮ଟା।

## ଅନୁଗୋଳ

- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ : ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ , ଆଠମଲ୍ଲିକ, ସମୟ : ସକାଳ ୭ଟା ୩୦।
- ଜାତୀୟ ପତାକା ଉତ୍ତୋଳନ, ସ୍ଥାନ : ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର , ଆଠମଲ୍ଲିକ, ସମୟ : ସକାଳ ୭ ଟା ୪୫।
- ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ପୁରୁଣା ମାଣତ୍ରୀ ଉ.ପ୍ରା. ବିଦ୍ୟାଳୟ, ଆଠମଲ୍ଲିକ, ସମୟ : ସକାଳ ୭ ଟା ୫୦।
- ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ, ସ୍ଥାନ: ପରେଡ ପଡିଆ, ଆଠମଲ୍ଲିକ, ସମୟ : ସକାଳ ୯ଟା।

## ସମ୍ବଲପୁର

- ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ସମାରୋହ, ସ୍ଥାନ : ରିଜର୍ଭ ପୋଲିସ ଲାଇନ ପଡିଆ, ସମୟ : ସକାଳ ୮ଟା ୩୦।
- ଜିଲା ପ୍ରଶାସନ ଏକାଦଶ ବନାମ ନାଗରିକ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ ହାୱା ମଇଦାନ, ସମୟ : ପୂର୍ବାହ୍ନ ୧୧ଟା ୩୦।
- ଏନବିଟି ଆୟୋଜିତ ସମ୍ବଲପୁର ପୁସ୍ତକ ମେଳା, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ମଧ୍ୟାହ୍ନ ୧୨ଟାରୁ ରାତି ୧୦ଟା।
- କଲମ ପରିବାର ଆୟୋଜିତ ଦେଶାତ୍ମବୋଧକ କବିତା ଆସର, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୬ଟା।
- ଏମ୍‌ବିଟି ଓ ସେତୁ ଆୟୋଜିତ ପୁସ୍ତକ ମେଳା ମଞ୍ଚରେ ବଂଶିକା ଯୋଶୀ ଓ ଦଳଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ଲୋଇସିଂହା ଷ୍ଟାଡିୟମ, ଲୋଇସିଂହା ବ୍ଲକ, ସମୟ: ସକାଳ ୮ଟା।
- ୭୭ ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଜାତୀୟ ପତାକା ଉତ୍ତୋଳନ ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ମନୋହରପୁର, ବଲାଙ୍ଗୀର, ସମୟ: ସକାଳ ୮ଟା ୩୦ ମିନିଟ।
- ଆଗଲପୁର ବ୍ଲକ ନଅଗାଁ (ଖ) ପଲ୍ଲୀ ଆଲୋକ ପାଠାଗାର ପକ୍ଷରୁ ସାଧାରଣତନ୍ତ୍ର ଦିବାସ ପାଳନ, ସ୍ଥାନ: ପାଠାଗାର ପ୍ରାଙ୍ଗଣ, ସମୟ : ସକାଳ ୯ଟା।
- ଜିଲାପାଳ ଏକାଦଶ, ପୋଲିସ ଏକାଦଶ ଏବଂ ସାମ୍ବାଦିକ ଏକାଦଶ ମଧ୍ୟରେ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ,ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା।

## ରାଉରକେଲା

- ଅଷ୍ଟପ୍ରହରୀ, ସ୍ଥାନ: ଉଦିତନଗର ସିଂହାସିନୀ ମନ୍ଦିର, ସମୟ: ପ୍ରାତଃ ୬ଟା।
- ପ୍ରଶାସନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ଉଦିତନଗର ପଡିଆ, ସମୟ: ସକାଳ ୮ଟା ୩୦।
- ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ଜେଏସ୍‌ପି ଜଗଦା, ସମୟ: ସକାଳ ୯ଟା।
- ମାଘ ସପ୍ତମୀ ଅବସରରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଗିରିଜାଟୋଲି, ଶକ୍ତିନଗର, ସମୟ: ସକାଳ ୯ଟା।
- ଆରଏସପି ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ସେକ୍ଟର–୨୨ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦେ ମାତରମ୍‌ର ୧୫୦ତମ ବର୍ଷ ପୂର୍ତ୍ତି ପାଳନ ସମାରୋହ, ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ଅପରାହ୍ନ ୫ଟା।
- ୟୁଥ୍ କ୍ଲବର ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ଛେଣ୍ଡ, ସମୟ: ଅପରାହ୍ନ ୫ଟା।
- ଓଡ଼ିଆ ଭାଷା ଓ କଥାମୃତ କର୍ମଶାଳା, ସ୍ଥାନ: ପାୱାରହାଉସ୍ ରୋଡ୍, ସମୟ: ରାତି ୭ଟା।

## ସୁନ୍ଦରଗଡ଼

- ୭୭ତମ ଜିଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ସମାରୋହ,ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖ ଯତରା ପଡିଆ,ସମୟ: ସକାଳ ୮ଟା୩୦।
- ଜିଲା ପ୍ରଶାସନ,ଜିଲା ପ୍ରେସ କ୍ଲବ ଏବଂ ଜିଲା ଓକିଲ ସଂଘ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ,ସମୟ: ଅପରାହ୍ନ ୧୨ଟା।

## ବରଗଡ଼

- ସାଧାରଣତନ୍ତ୍ର ଦିବସ, ସ୍ଥାନ:ବରଗଡ଼ ସାମ୍ବାଦିକ ସଂଘ, ବରଗଡ଼, ସମୟ:ସକାଳ ୭ଟା ୪୫।
- ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବିଶ୍ୱେଶ୍ୱର ବାବାଙ୍କ ମନ୍ଦିର, ସରଣ୍ଡା, ଅତାବିରା, ସମୟ:ସକାଳ ୮ଟା।
- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଛକ, ବରଗଡ଼, ସମୟ: ସକାଳ ୮ଟା ୩୦।

## କଳାହାଣ୍ଡି

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ସୁଭଦ୍ରା ମେଳା, ସ୍ଥାନ: ଭବାନୀପାଟଣା ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ନବ ନିର୍ମିତ ଖେଳପଡିଆର ଉଦ୍‌ଘାଟନ, ସ୍ଥାନ: କେସିଙ୍ଗା ସହର ସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବୌଦ୍ଧ

- ଜିଲାସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ସମାରୋହ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୮ଟା।
- ବାଇଶିତମ ତିଲେଶ୍ୱର କପ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ତିଲେଶ୍ୱର ଖେଳ ପଡିଆ, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।
- ଅସୁରଗଡ ଲୋକ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ସୁବର୍ଣ୍ଣମେରୁ ପଡିଆ ମନମୁଣ୍ଡା, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ଜିଲାସ୍ତରୀୟ ଗଣତନ୍ତ୍ର ଦିବସ ପାଳନ, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ମହିଳା ଫୁଟ୍‌ବଲ ମ୍ୟାଚ୍, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- କବିତା ପାଠୋତ୍ସବ, ସ୍ଥାନ: ଦେବଗଡ଼ ସଂସ୍କୃତି ଭବନ, ସମୟ: ଅପରାହ୍ନ ୩ଟା।
- ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ତ୍ରିରଙ୍ଗା ଆମର ସ୍ୱାଭିମାନ, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର

- ବଡ ଗୋପାଳଜୀ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅବସରରେ ଯଜ୍ଞ ମଣ୍ଡପରେ ଥିବା ଦେବାଦେବୀଙ୍କ ପୂଜାର୍ଚ୍ଚନା, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ଗୋପାଳଜୀ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ସୁବର୍ଣ୍ଣପୁର ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ସହର ରାମେଶ୍ୱର ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।
- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।

## ନୂଆପଡ଼ା

- ୧୬ତମ ଚତୁର୍ବେଦ ପାରାୟଣ ଯଜ୍ଞ ଓ ବାର୍ଷିକ ମହୋତ୍ସବ ଉଦ୍‌ଯାପନ,ସ୍ଥାନ: ନୂଆପଡା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଗୁରୁକୁଳ ହରିପୁର ଜୁନାନୀ, ସମୟ: ସକାଳ ୭ଟା।
- ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସିନାପାଲି, ସମୟ: ସକାଳ ୮ଟା।
- ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ବରପୁତ୍ରମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ଗାନ୍ଧୀ ପ୍ରମୋଦ ଉଦ୍ୟାନଠାରେ ମହାତ୍ମା ଗାନ୍ଧୀ ଓ ଏକତା ଛକ ଠାରେ ସ୍ୱର୍ଗତ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତି ସ୍ଥଳ, ସମୟ: ସକାଳ ୮ ଟା ୩୦।
- ସର୍ବସାଧାରଣସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡ଼ିଆ, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ମିନି ଷ୍ଟାଡିୟମ, ନୂଆପଡ଼ା, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ଉଚ୍ଚ ବିଦ୍ୟାଳୟ ପଡିଆ, ବୋଡେନ, ସମୟ: ସକାଳ ୯ଟା।
- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- ୧୯ତମ ନିୟୁଅର କପ କ୍ରିକେଟ ଟୁର୍ନାମେଣ୍ଟର ୫ମ ଦିବସ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳ ଏକାଦଶ ଓ ସାମ୍ବାଦିକ ଏକାଦଶ, ଆରକ୍ଷୀ ଏକାଦଶ ଓ ବାର ଆସୋସିଏଶନ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ସ୍ଥାନ: ରିଜର୍ଭ ପୋଲିସ ପଡିଆ, ସିଳଦା, ନୂଆପଡା, ସମୟ: ଅପରାହ୍ନ ୧ଟା ୩୦।
- ଜିଲାସ୍ତରୀୟ ଦେଶାତ୍ମବୋଧକ ନୃତ୍ୟସଙ୍ଗୀତ କାର୍ଯ୍ୟକ୍ରମ 'ବନ୍ଦେ ମାତରମ' ଓ ଭାରତୀୟମ, ସ୍ଥାନ: ପୋଲିସ ପଡିଆ ସାଂସ୍କୃତିକ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଓ ପରେଡ, ସ୍ଥାନ: ଝାରସୁଗୁଡ଼ା ମନମୋହନ ଖେଳପଡିଆ, ସମୟ: ସକାଳ ୮ଟା।
- ନବ ଦାସ ଫାଉଣ୍ଡେଶନ ପକ୍ଷରୁ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ଶ୍ରୀପୁରା, ସମୟ: ସକାଳ ୯ଟା।
- ରାମଚରିତ ମାନସ ନବାହ୍ନ ପାରାୟଣ ଓ ପୂଜା, ସ୍ଥାନ: ବନ୍ଧବାହାଲ ଦୀନବାନ୍ଧବ କ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଅଲେଖ ନିରଞ୍ଜନଙ୍କ ପୁଣ୍ୟ ପୁରାଣ ପଠନ, ସ୍ଥାନ :ପଣ୍ଡ୍ରି ମହିମା ମଠ, ସମୟ: ପୂର୍ବାହ୍ନ ୧୦ଟା।
- ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଏମ୍‌ସିଏଲ୍ ଅଡିଟୋରିୟମ, ବେହେରାମାଳ, ସମୟ: ଅପରାହ୍ନ ୫ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଟିଖଟାଏ ଲାଭ ପାଏ,**
**ତା'ର ଅର୍ଦ୍ଧେକ ଯେ ନିତି ଧାଏଁ।**
**ଘରେ ବସି କହେ ବାତ୍,**
**ତା' ଘରେ ହା ଭାତ୍।**

ଯିଏ ନିଜେ ଖଟି ଅନ୍ୟକୁ କାମରେ ଲଗାଏ ବା ଖଟାଏ ସିଏ ତା'ର ପରିଶ୍ରମର ଫଳ ନିଶ୍ଚିତ ରୂପେ ପାଇଥାଏ। ନିତି ଧାଁଧପଡ଼ କରୁଥିବା ବ୍ୟକ୍ତି ଅଧା ବା କିଛି ଲାଭ ପାଇଥାଏ। ପରନ୍ତୁ ଯିଏ ଘରେ ବସି ରହି କେବଳ ବଡ଼ ବଡ଼ କଥା କହିଥାଏ, ତା'ଦ୍ୱାରା କିଛି ବି ହୋଇପାରି ନ ଥାଏ। ଏପରି ନିକମା ପ୍ରକୃତିର ବ୍ୟକ୍ତି ଦୁଃଖଦୁର୍ଦ୍ଦଶା ଭୋଗ କରିବା ସହ ଖାଇବାକୁ ପାଏନାହିଁ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଖିଅର ନୋହିବ ବାପ ପୁଅରେ**
**ଖିଅର ହୋଇବ ବାପ ପୁଅରେ।**

ରବିଙ୍କ ପୁଅ ଶନି ହୋଇଥିବା କାରଣରୁ ରବିବାର ଓ ଶନିବାର ବାପ ପୁଅ ଉଭୟଙ୍କ ଖିଅର ହେବାରେ ବାରଣ ରହିଥାଏ। ଠିକ୍ ସେହିପରି ଭାବେ ସୋମବାର ଏବଂ ବୁଧବାର ବାପ ପୁଅ ଉଭୟଙ୍କ ଖିଅର ହେବାରେ କୌଣସି ଆପତ୍ତି ନ ଥାଏ କାରଣ ସେମାନଙ୍କର ପୁଅ ହେଉଛନ୍ତି ବୁଧ। ଆଗକାଳରେ ଏପରି ବାର ଅନୁସାରେ ଖିଅର ହେଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଜିନ୍‌ପିଙ୍ଗ୍‌ଙ୍କ ନେତୃତ୍ୱକୁ ...

୨୦୧୨ରୁ ଗୃହଯୁଦ୍ଧ ଜରିଆରେ ସିସିପି କ୍ଷମତା ଦଖଲ କରିଥିବାବେଳେ ଏହାର ଅଧିକାଂଶ ପ୍ରତିଷ୍ଠାତା ସେହି ଯୁଦ୍ଧ ଲଢ଼ିଥିଲେ। ତେଣୁ ସିସିପି ହାତରେ ପିଏଲ୍‌ଏର ନିୟନ୍ତ୍ରଣ ଅପରିହାର୍ଯ୍ୟ ବୋଲି କୁହାଯାଇଛି।

ଚାଇନା ସେନା ଦେଶର ଏକମାତ୍ର ସଙ୍ଗଠନ, ଯାହା ପୂର୍ବରୁ ଦଳୀୟ ନେତୃତ୍ୱକୁ ଅବଜ୍ଞା କରିଥିବାର ଇତିହାସ ରହିଛି ବୋଲି ସାମରିକ ବିଶେଷଜ୍ଞ ଡେନିସ୍ ୱିଲ୍ଡର କହିଛନ୍ତି। ୧୯୫୯ରେ ମାଓ ଜେଡୋଙ୍ଗଙ୍କ ନୀତିଗୁଡ଼ିକୁ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ପେଙ୍ଗ୍ ଦେହୁଆଇ ଚ୍ୟାଲେଞ୍ଜ କରିଥିବାବେଳେ ୧୯୭୧ରେ ଶୀର୍ଷ ଜେନେରାଲ ଲିନ୍ ବିଆଓ ସାମରିକ ବିଦ୍ରୋହ ପାଇଁ ଉଦ୍ୟମ କରିଥିଲେ। ସିଏମ୍‌ସି ଜଏଣ୍ଟ ଷ୍ଟାଫ୍ ଡିପାର୍ଟମେଣ୍ଟ ମୁଖ୍ୟ ଲିଉ ଝେନ୍‌ଲିଙ୍କ ସହ ମିଶି ଝାଙ୍ଗ୍ ରଚିଥିବା ଷଡ଼ଯନ୍ତ୍ର ଜିନ୍‌ପିଙ୍ଗ୍‌ଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ମନେକରାଯାଉଛି। ତେଣୁ ଉଭୟଙ୍କ ବିରୋଧରେ ଗମ୍ଭୀର ଶୃଙ୍ଖଳା ଉଲ୍ଲଂଘନ ଏବଂ ଆଇନର ଉଲ୍ଲଂଘନ ଅଭିଯୋଗ ଆଗତ କରାଯାଇଛି ବୋଲି କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ କୁହାଯାଇଛି। ଏହି ଘୋଷଣା ଅନେକ ପର୍ଯ୍ୟବେକ୍ଷକଙ୍କୁ ଆଚମ୍ବିତ କରିଛି। ଜିନ୍‌ପିଙ୍ଗ୍‌ଙ୍କ ଘନିଷ୍ଠ ସହଯୋଗୀ ରୂପେ ପରିଚିତ ତଥା ଶାସକ କମ୍ୟୁନିଷ୍ଟ ପାର୍ଟି ପଲିଟ୍‌ବ୍ୟୁରୋ ସଦସ୍ୟ ଝାଙ୍ଗଙ୍କ ବରିଷ୍ଠତା ଓ ଯୁଦ୍ଧ ଅଭିଜ୍ଞତା ଚାଇନା ରାଷ୍ଟ୍ରପତିଙ୍କ ସଂସ୍କାରମୂଳକ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ପିଏଲ୍‌ଏକୁ ଆମେରିକା ସେନା ସହ ସମତୁଲ୍ୟ କରି ବିଶ୍ୱସ୍ତରୀୟ ବଳରେ ପରିଣତ କରିବାରେ ତାଙ୍କ ଭୂମିକା ରହିଛି। ତେଣୁ ଉଭୟେ ସେନା ଓ ସରକାରଙ୍କ ସ୍କାନରରେ ରହିଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୨୫ ନଭେମ୍ବରରୁ ଝାଙ୍ଗ୍‌ଙ୍କୁ ଦେଖିବାକୁ ମିଳିନାହିଁ। ରୁଷିଆ ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ସେ ମସ୍କୋ ଯାଇଥିବାବେଳେ ତାଙ୍କୁ ଶେଷ ଥର ଦେଖାଯାଇଥିଲା। ବର୍ତ୍ତମାନ ସେ କେଉଁଠି ଅଛନ୍ତି, ବେଜିଂରେ ନା ତାଙ୍କୁ ଅନ୍ୟ କେଉଁ ସ୍ଥାନରେ ଅଟକ ରଖାଯାଇଛି ଅଥବା ଗୃହବନ୍ଦୀ କରାଯାଇଛି, ସେନେଇ ଚାଇନାର ସରକାରୀ ଗଣମାଧ୍ୟମ କିଛି ପ୍ରଘଟ କରିନାହିଁ। ଚାଇନାର ରାଜନୈତିକ ବ୍ୟବସ୍ଥା ଅନୁଯାୟୀ ଯେତେବେଳେ ଜଣେ ବରିଷ୍ଠ ଅଧିକାରୀ ତଦନ୍ତକୁ ସାମ୍ନା କରନ୍ତି, ସରକାର ତାଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ଦେଇ ନ ଥାନ୍ତି।

## ଆରପାରିରେ ଅଭିଜିତ...

ଘୋଷଣା କରାଯାଇଥିବା ଭୁବନେଶ୍ୱର ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଲୋକଙ୍କ ପାଖରେ ଦାଦା ଭାବେ ପରିଚିତ ଅଭିଜିତ୍‌ଙ୍କ ପରଲୋକ ଖବର ଶୁଣି ରାଜ୍ୟର ସଙ୍ଗୀତ ଓ ଚଳଚ୍ଚିତ୍ର ଜଗତ ସ୍ତବ୍ଧ ହୋଇଯାଇଛି। ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଏକମାତ୍ର ପୁତ୍ର ଆୟୁଷ ମଜୁମଦାର ମୁଖାଗ୍ନି ଦେଇଥିଲେ।

ଅଭିଜିତ୍ ଅସୁସ୍ଥ ହୋଇପଡିବା ପରେ ୨୦୨୫ ଅଗଷ୍ଟ ୩୧ରେ ପ୍ରଥମେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ସେପ୍ଟେମ୍ବର ୪ରେ ଏମ୍ସକୁ ସ୍ଥାନାନ୍ତର କରାଯାଇ ସେଣ୍ଟ୍ରାଲ ଆଇସିୟୁରେ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇ ଚିକିତ୍ସା କରାଯାଇଥିଲା। ଇତିମଧ୍ୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ତାଙ୍କୁ ଆଇସିୟୁରୁ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ଉଚ୍ଚ ରକ୍ତଚାପ ଓ କ୍ରନିକ ଯକୃତ ରୋଗ ସମେତ ଅନେକ ସ୍ୱାସ୍ଥ୍ୟ ଜଟିଳତା ସହିତ ସଂଘର୍ଷ କରୁଥିଲେ। ଦୁଇଦିନ ତଳେ ତାଙ୍କୁ ଜ୍ୱର ହୋଇଥିଲା ଓ ରବିବାର ସେ ହୃଦ୍‌ଘାତର ଶିକାର ହୋଇଥିଲେ। ୪ମାସ ଜୀବନ ମରଣ ସହ ସଂଘର୍ଷ ପରେ ଶେଷରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି ଅଭିଜିତ୍। ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଭୁବନେଶ୍ୱର ଏମ୍ସରେ ଅଭିଜିତ୍‌ଙ୍କ ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ପାର୍ଥିବ ଶରୀରକୁ ବାରବାଟୀ ଷ୍ଟାଡିୟମ ପରିସର ଏମ୍‌ଆର୍‌ଆର୍ ଷ୍ଟୁଡିଓ ଏବଂ ତିନିକୋଣିଆ ବଗିଚାସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା। କଟକ ମେୟର ସୁବାସ ସିଂ, ବିଧାୟକ ହିମାଂଶୁ ଶେଖର ସାହୁ, ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ଚଳଚ୍ଚିତ୍ର ନିର୍ଦ୍ଦେଶକ ସଞ୍ଜୟ ନାୟକ, ବବି ଇସ୍‌ଲାମ୍, ଉମେଶ ଦାସ, ଜିତୁ ମଙ୍ଗରାଜ, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ, ଅରୁଣ ମନ୍ତ୍ରୀ, ଗୀତିକାର ନିର୍ମଳ ନାୟକ, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, କୁଳଦୀପ ପଟ୍ଟନାୟକ, ତାରିକ ଅଜିଜ୍, ବିଷ୍ଣୁମୋହନ କବି ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଅଭିଜିତ୍‌ଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ X–ଆକାଉଣ୍ଟରେ ପୋଷ୍ଟ କରିବା ସହିତ ଅଭିଜିତ୍‌ଙ୍କ ବିୟୋଗ ଆମ ସଙ୍ଗୀତ, ସିନେମା ଓ ସଂସ୍କୃତି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି। ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରିଛନ୍ତି। ସେହିପରି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଦିବଂଗତ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମ୍‌ଦାରଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିଛନ୍ତି। ଅଭିଜିତ୍‌ଙ୍କ ବିୟୋଗ ଓଡ଼ିଆ ସଙ୍ଗୀତ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ପ୍ରକାଶ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଅଶ୍ୱିନୀ ନକ୍ଷତ୍ରସ୍ଥ ଚନ୍ଦ୍ର ଦୈହିକ ଓ ମାନସିକ ସୁସ୍ଥତା ରକ୍ଷା କରିବାରେ ଅସମର୍ଥ ହେବେ। ପାରିବାରିକ କ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ ଟେନ୍‌ସନର କାରଣ ହେବ। କୃତୀ ଓ କୃତିତ୍ୱ ପୃଷ୍ଠଭୂମିରେ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହେବେ। ଅବହେଳାବଶତଃ ସ୍ଥଗିତ ରହିଯାଇଥିବା କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ କୈଫିୟତ ଦେବାକୁ ପଡିପାରେ।

**ବୃଷ** – ରବିଙ୍କ ନକ୍ଷତ୍ରରେ ମଙ୍ଗଳ ବାଣିଜ୍ୟ ବ୍ୟବସାୟରେ ଉନ୍ନତି ସାଙ୍ଗକୁ ନୂତନ ଗୃହାରମ୍ଭର ପରିକଳ୍ପନା କରିପାରନ୍ତି। ସମସ୍ୟା ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ମାନସିକ ଚାପ ବୃଦ୍ଧି ପାଇବା ଯୋଗୁ ଅସ୍ୱସ୍ତି ଅନୁଭବ କରିପାରନ୍ତି। ଯାତ୍ରା ସମୟରେ ଅଜଣା ବ୍ୟକ୍ତିମାନଙ୍କୁ ବିଶ୍ୱାସ କରି ପ୍ରତାରିତ ହୋଇପାରନ୍ତି।

**ମିଥୁନ** – ଚନ୍ଦ୍ରଙ୍କ ନକ୍ଷତ୍ରରେ ଶୁକ୍ର ଅର୍ଥ କିମ୍ବା ଦ୍ରବ୍ୟପ୍ରାପ୍ତିରେ ପ୍ରତିବନ୍ଧକ ସୃଷ୍ଟି କରିପାରନ୍ତି। ବନ୍ଧୁଙ୍କୁ ଆର୍ଥିକ ସାହାଯ୍ୟ ପାଇଁ ବ୍ୟୟବରାଦ କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କରିବାକୁ ଯାଇ ନିଜେ ସମସ୍ୟାରେ ପଡ଼ିପାରନ୍ତି। ନିର୍ମାଣର ଅପୂର୍ଣ୍ଣ କାମକୁ ଆଜି ସମ୍ପୂର୍ଣ୍ଣ କରିବାରେ ସମର୍ଥ ହୋଇପାରିବେ।

**କର୍କଟ** – ଆଧାତ୍ମିକ ଗ୍ରହ ଶନି ସ୍ୱନକ୍ଷତ୍ରରେ ଅବସ୍ଥାନ କରି ଧର୍ମକାର୍ଯ୍ୟ, ସଭାସମିତି କିମ୍ବା ନୂତନ ଯୋଜନାର ଶୁଭାରମ୍ଭ କରିପାରନ୍ତି। ଆତ୍ମୀୟଙ୍କୁ ନିଜ ସପକ୍ଷରେ ନେବାରେ ସଫଳ ହେବେ। ମଙ୍ଗଳଙ୍କ ଦୃଷ୍ଟିରେ ଚନ୍ଦ୍ର ବନ୍ଧୁସମ୍ପର୍କ ଯୋଡିବାରେ ସଫଳ ହେବେ। ପୁଷ୍ୟା ଦୈହିକ ଦୁର୍ବଳତା ଯୋଗୁ ନୈରାଶ୍ୟ ଏବଂ ନିରୁତ୍ସାହିତ ହୋଇପାରନ୍ତି।

**ସିଂହ** – ଧନଲାଭାଧିପ ବୁଧ ବ୍ୟୟାଧିପଙ୍କ ନକ୍ଷତ୍ରସ୍ଥ ଯୋଗୁ ଆଜି ଯେତିକି ପାଇବେ ଦୁଇଗୁଣା ଖର୍ଚ୍ଚ କରିବାକୁ ପଡିବ। କର୍ମକ୍ଷେତ୍ରରେ ଚାପ ବୃଦ୍ଧି ଯୋଗୁ ପାରିବାରିକ ସମସ୍ୟାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ବନ୍ଧୁ ସାହାଯ୍ୟ କରିପାରନ୍ତି। ବୃହସ୍ପତିଙ୍କ ଶୁଭଦୃଷ୍ଟିରେ ଶିକ୍ଷା, ସନ୍ତାନ, ମନ୍ତ୍ରଣା, ସମ୍ପର୍କ କ୍ଷେତ୍ରରେ ଉଚ୍ଚମାନର ଫଳ ପାଇବେ।

**କନ୍ୟା** – ଆଜି ଦ୍ୱିତୀୟଭାବକୁ ଚନ୍ଦ୍ରଙ୍କ ପ୍ରତ୍ୟକ୍ଷଦୃଷ୍ଟି ଅର୍ଥ, ସମ୍ମାନ ସହ ସୁସ୍ୱାଦୁ ଭୋଜନରେ ଆପ୍ୟାୟିତ କରାଇପାରନ୍ତି। ଗୁରୁଙ୍କ କୃପାରୁ ପାରିବାରିକ ଜୀବନ ଶୃଙ୍ଖଳିତ ରହିବ। ଦ୍ୱାଦଶସ୍ଥ କେତୁଙ୍କ ପ୍ରଭାବରୁ ପ୍ରତ୍ୟାବର୍ତ୍ତନ ପଥରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତତା ଅନୁଭବ କରିବେ। ବାଣିଜ୍ୟ ଏବଂ ପରିବହନରେ ସମସ୍ୟାଗ୍ରସ୍ତ ହୋଇପାରନ୍ତି।

**ତୁଳା** – କର୍ମସ୍ଥାନକୁ ରାଶ୍ୟାଧିପ ଏକାଧିକ ଗ୍ରହମାନଙ୍କ ସହ ଦେଖୁଥିବାରୁ ଅନ୍ୟମାନଙ୍କ ସହଯୋଗରେ କାର୍ଯ୍ୟ ହାସଲ କରିପାରିବେ। ସାମାଜିକ ସ୍ତରରେ ବନ୍ଧୁବର୍ଗଙ୍କ ସହାନୁଭୂତି ପ୍ରତିଷ୍ଠା ଓ ପ୍ରଶଂସା ପ୍ରାପ୍ତିରେ ସହାୟକ ହୋଇପାରିବ। ଆଜି ଆପଣ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡିପାରେ।

**ବିଛା** – ଚନ୍ଦ୍ର ଷଷ୍ଠ ସ୍ଥାନରେ ରହିଥିବାରୁ ନିଜ ଲୋକଙ୍କ ଉପରେ ପୂର୍ଣ୍ଣ ଭରସା କରିବା ଠିକ୍ ହେବ ନାହିଁ। ବାହ୍ୟ ଲୋକଙ୍କ ସହମତି ପ୍ରାପ୍ତ ହୋଇ ଇଚ୍ଛିତ କାମକୁ ସମ୍ପନ୍ନ କରିବେ। ଆର୍ଥିକ କ୍ଷେତ୍ର, ରାଜନୈତିକ ସ୍ଥିତି, ପ୍ରଶାସନିକ କ୍ଷେତ୍ରର ସମସ୍ୟା, ବ୍ୟବସାୟିକ ଅପକର୍ଷ ଦୂରେଇ ଯିବ। ଆଜିର ଯାତ୍ରା ସମୟରେ ଦ୍ରବ୍ୟ ନଷ୍ଟ ହୋଇପାରେ।

**ଧନୁ** – ମୁଖଭାବରେ ବୁଧ ସମେତ ଏକାଧିକ ଗ୍ରହ ଅଷ୍ଟମାଧିପତି କେନ୍ଦ୍ରସ୍ଥ ହୋଇ ପରିବାର ଓ କର୍ମକ୍ଷେତ୍ର ପାଇଁ ସମସ୍ୟା ସୃଷ୍ଟି କରିପାରନ୍ତି। ଅତୀତ ଘଟଣାକୁ ବାରମ୍ବାର ମନରେ ସ୍ଥାନ ଦେଇ ଦିନରେ ଅଶାନ୍ତି ଓ ରାତିରେ ଶାନ୍ତିରେ ମଧ ଶୋଇପାରିବେ ନାହିଁ। ପୂର୍ବ ରାଗ ଶୁଝାଇବାକୁ ଯାଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ମକର** – ସମୟର ପ୍ରତିକୂଳ ପ୍ରଭାବରେ ଦେହ ଓ ମନ ସୁସ୍ଥ ରହିବ ନାହିଁ। ମୂଲ୍ୟହୀନ କଥାକୁ ଗୁରୁତ୍ୱଦେଇ ସମୟର ଅପଚୟ କରିପାରନ୍ତି। ବିଭିନ୍ନ ବିଶୃଙ୍ଖଳିତ ପରିସ୍ଥିତି ଆର୍ଥିକ, ପାରିବାରିକ ଓ ସାମାଜିକ କ୍ଷେତ୍ର ପାଇଁ ଅନୁକୂଳ ହେବ ନାହିଁ। ଶ୍ରବଣା ନକ୍ଷତ୍ର ନିଜର ଦୂରଦର୍ଶିତା ହେତୁ ପୂର୍ବରୁ ନିଜକୁ ସଜାଡି ନେଇ ପାରିବାରେ ଅସୁବିଧା ହେବ ନାହିଁ।

**କୁମ୍ଭ** – ଧନାଧିପ କୋଣଭାବସ୍ଥ ଯୋଗୁ ଆର୍ଥିକ ଅଭିବୃଦ୍ଧି ସହ ସମସ୍ୟା ସମାଧାନରେ ସଫଳ ହେବେ। ଆନୁଷ୍ଠାନିକ କାମରେ ସମ୍ମାନ, ବନ୍ଧୁମିଳନ ସହିତ ଉପଢୌକନାଦି ପାଇବେ। ପିଲାଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ। ଆତ୍ମୀୟଙ୍କ ବ୍ୟବହାର, ଚାଲିଚଳନ ଏପରି କି ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**ମୀନ** – ବନ୍ଧୁଙ୍କ ନିମନ୍ତ୍ରଣ ସହ କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ସମ୍ମାନିତ ହେବେ। ନିଜର ସ୍ୱାସ୍ଥ୍ୟ ସମସ୍ୟା, ପାରିବାରିକ ବୁଝାମଣା, ନିଜର ଏକଜିଦିଆ ମନୋବୃତ୍ତିକୁ ଟିକିଏ ନିୟନ୍ତ୍ରଣ କରିପାରିଲେ ହେଲା। ଏଜେନ୍‌ସିପ୍, ସାମ୍ବାଦିକତା, ଫଟୋଗ୍ରାଫି, ବ୍ୟବସାୟ ଓ ପରିବହନ ଦିଗରୁ ଉପକୃତ ହେବେ।

ଆଜି ସାଧାରଣତନ୍ତ୍ର ଦିବସ, ଜାନୁୟାରୀ ୨୬ ତାରିଖ, ଅନ୍ତର୍ଜାତୀୟ ସୀମା ଶୁଳ୍କ ଦିବସ, ମାଘ ଶୁକ୍ଳ ଅଷ୍ଟମୀ ସୋମବାର। ରାଶିନକ୍ଷତ୍ର–ଦିବା ଘ.୧୨।୩୨ ମି. ପର୍ଯ୍ୟନ୍ତ ଅଶ୍ୱିନୀ/ମେଷ, ତତ୍ପରେ ବୃଷ ଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୭ ଗତେ, ଘ.୦୭।୫୦ ମଧ୍ୟେ, ଘ.୧୦।୫୨ ଗତେ, ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୫୦ ଗତେ, ଘ.୦୯।୧୩ ମଧ୍ୟେ ରାହୁକାଳ।



# ଅଲ୍‌ବିଦା ଅଭିଜିତ୍

ଅଲ୍‌ବିଦା ଅଭିଜିତ୍। ଓଡ଼ିଆ ଚଳଚ୍ଚିତ୍ର ହେଉ କି ଆଲବମ୍ ଅବା ଷ୍ଟେଜ୍ ଶୋ’–ସେ ସବୁଠିଯେମିତି ତାଙ୍କର ଆଧିପତ୍ୟ ବିସ୍ତାର କରି ରହିଥିଲେ। ଗୀତ ଯେଉଁଭଳି ହେଉନା କାହିଁକି ତାକୁ ସେ ଏଭଳି ସ୍ୱରାୟିତ କରୁଥିଲେ, ଯାହା ଶ୍ରୋତାଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହେଉଥିଲା। ନିଜ ସଙ୍ଗୀତ ଜୀବନର ପ୍ରାରମ୍ଭରେ ସେ ବେଶ୍ ସଂଘର୍ଷ କରି ପରବର୍ତ୍ତୀ ସମୟରେ ନିଜକୁ ଜଣେ ଆଗଧାଡ଼ିର ସ୍ୱର ସଂଯୋଜକ ଭାବେ ପରିଚିତ କରାଇଥିଲେ। ତାଙ୍କ ଗୀତରେ ଭରିରହିଥିଲା ଏଭଳି ଯାଦୁ, ଯେଉଁ ଗୀତ ଶୁଣିବାକୁ ଅନେକ ଶ୍ରୋତା ପାଗଳପ୍ରାୟ ହୋଇଯାଉଥିଲେ। ବିଶେଷଭାବରେ ବରଯାତ୍ରୀ ପ୍ରସେସନ ହେଉ ଅବା ଭସାଣି–ତାଙ୍କ ଗୀତର ଚାହିଦା କେତେ ଥିଲା ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ତାଙ୍କ ସ୍ୱର ସଂଯୋଜନାରେ ‘ବାଲୁଙ୍ଗା ଟୋକା’ର ଟାଇଟଲ ଗୀତକୁ ଏବେ ବି ଅନେକେ ଗୁଣୁଗୁଣେଇ ଥାଆନ୍ତି। ଗତବର୍ଷ ରଜରେ ପରଦା ଉପରକୁ ଆସିଥିବା ‘ଅନନ୍ତା’ ଫିଲ୍ମରେ ଅଭିଜିତ୍‌ଙ୍କ ଗୀତ କେତେ ମେଲୋଡିୟସ୍ ହୋଇଥିଲା, ତାହା ପ୍ରାୟ ସମସ୍ତେ ଜାଣନ୍ତି। ସିନେପ୍ରେମୀଙ୍କ ନିକଟରେ ସେ ‘ଦାଦା’ ଭାବେ ପରିଚିତ ଥିଲେ। ସେ ଥିଲେ ଜଣେ ମେଳାପି ଏବଂ ଅମାୟିକ ବ୍ୟକ୍ତିତ୍ୱ। ସବୁବେଳେ ହସ ହସ ମୁହଁ ଆଉ ତାଙ୍କର କଥାରେ ଭରିରହିଥିଲା ମଧୁରତା। ଆଉ ଆମେ ଅଭିଜିତ୍‌ଙ୍କ ଲାଇଭ୍ କନ୍‌ସର୍ଟ ଦେଖିପାରିବା ନାହିଁ କି ତାଙ୍କ ସ୍ୱରାୟିତ ଗୀତ ଶୁଣିପାରିବା ନାହିଁ। ଗୀତ ମାଧ୍ୟମରେ ଅଗଣିତ ଶ୍ରୋତାଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଏହି ସଙ୍ଗୀତ ନିର୍ଦ୍ଦେଶକ ମାତ୍ର ୫୪ ବର୍ଷ ବୟସରେ ବାହୁଡ଼ି ଯାଇଛନ୍ତି ସେହି ଅଫେରା ରାଇଜକୁ, ଯେଉଁଠିକୁ ଜଣେ ଗଲେ ଆଉ ଫେରି ଆସେନା।

## ସମ୍ବଲପୁରୀ ଆଲ୍‌ବମ୍‌ରୁ ଆରମ୍ଭ

ଅଭିଜିତ୍ ମଜୁମ୍‌ଦାରଙ୍କ ସଙ୍ଗୀତ ନିର୍ଦ୍ଦେଶନା ଜୀବନ ଆରମ୍ଭ ହୋଇଥିଲା ଏକ ସମ୍ବଲପୁରୀ ଆଲବମ୍‌ରୁ। ଏହାର ଟାଇଟଲ ଥିଲା ‘ଧସ୍‌କିଗଲା’। ପ୍ରାରମ୍ଭରୁ ସଫଳତା ହାସଲ କରିବା ପରେ ସେ ଏହାକୁ ନିଜ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଗ୍ରହଣ କରିନେଇଥିଲେ।

## ଓଲିଉଡ୍ ପ୍ରବେଶ

୨୦୦୦ ମସିହାରେ ଅଭିଜିତ୍ ମଜୁମ୍‌ଦାର ଓଡ଼ିଆ ସିନେମା ଜଗତରେ ପାଦ ଦେଇଥିଲେ। ତାଙ୍କ ସ୍ୱର ସଂଯୋଜିତ ପ୍ରଥମ ସିନେମା ଥିଲା ‘କାଶିଆ କପିଳା’। ବାସୁଦେବ ତ୍ରିପାଠୀଙ୍କ ପ୍ରଯୋଜିତ ଏହି ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ ଜିତେନ୍ଦ୍ର ମହାପାତ୍ର। ଶ୍ରୀତମ୍ ଦାସ, ପ୍ରିୟଙ୍କା ମହାପାତ୍ର, ଅଶ୍ରୁମୋଚନ ମହାନ୍ତି, ଉଷସୀ ମିଶ୍ର ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ।



## ସଂଘର୍ଷରୁ ସଫଳତା

ପାଠପଢ଼ା ସମୟରୁ ସେ ସଙ୍ଗୀତ ପ୍ରତି ଆକର୍ଷିତ ହୋଇଥିଲେ। ସେତେବେଳେ ସେ ମେଲୋଡିରେ ଗୀତ ଗାଇବା ସହ ଏକ ମ୍ୟୁଜିକ୍ ସ୍କୁଲ ସ୍ଥାପନା କରି ଗୀତ ଶିଖାଉଥିଲେ। କିନ୍ତୁ ଲକ୍ଷ୍ୟ ଥିଲା, ଦିନେନା ଦିନେ ଜଣେ ସଙ୍ଗୀତ ନିର୍ଦ୍ଦେଶକ ସାଜିବେ। ପରିଶ୍ରମ କେବେ ବୃଥା ଯାଏନା। ଆଲବମ୍‌ରୁ ନିଜର ସଙ୍ଗୀତ ଜୀବନ ଆରମ୍ଭ କରିବା ପରେ ସେ ଦୃଢ଼ ଆତ୍ମବିଶ୍ୱାସର ସହ ଆଗକୁ ଆଗେଇଥିଲେ। ଆଉ ଶେଷରେ ତାଙ୍କ ସ୍ୱପ୍ନ ସାକାର ହୋଇଥିଲା।

## ମନେରହିବ ‘ବାଲୁଙ୍ଗା ଟୋକା’

ଅନୁଭବ ମହାନ୍ତିଙ୍କ ଅଭିନୀତ ‘ବାଲୁଙ୍ଗା ଟୋକା’ର ଟାଇଟଲ ଗୀତକୁ ଆଜି ବି ଅନେକେ ଗୁଣୁଗୁଣେଇ ଥାଆନ୍ତି। ବିଶେଷକରି ମେଲୋଡି ହେଉ ଅବା ପ୍ରସେସନ୍‌ରେ ଏହାର ଚାହିଦା ଏବେ ମଧ୍ୟ ରହିଛି। ମୋଟ୍ ଉପରେ କହିବାକୁ ଗଲେ ଏହି ଫିଲ୍ମ ପୂର୍ବରୁ ଅଭିଜିତ୍ ‘ତୋ ବିନା ଭଲ ଲାଗେନା’, ‘ଶୁଭ ବିବାହ’, ‘ଶଶୁର ଘର ଜିନ୍ଦାବାଦ୍’ ଭଳି ସିନେମାର ସଙ୍ଗୀତ ନିର୍ଦ୍ଦେଶନା ଦେଇ ନିଜ ଦକ୍ଷତା ଦେଖାଇ ସାରିଥିଲେ। କିନ୍ତୁ ବାଲୁଙ୍ଗା ଟୋକା ଗୀତ ଏବଂ ଏହାର କୋରିଓଗ୍ରାଫି ସେ ସମୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଡା. ନିର୍ମଳ ନାୟକଙ୍କ ରଚିତ ଏହି ଗୀତର କୋରିଓଗ୍ରାଫି କରିଥିଲେ ଉକ୍ତ ସିନେମାର ନିର୍ଦ୍ଦେଶକ ସୁଧାକର ବସନ୍ତ। ସେତେବେଳେ ବିବାହ ପାର୍ଟିରୁ ଆରମ୍ଭକରି ମେଲୋଡି ପର୍ଯ୍ୟନ୍ତ ଏହି ଗୀତ ନିଜର କାୟା ବିସ୍ତାର କରିଥିଲା। ଆଉ ରାତାରାତି ଅଭିଜିତ୍ ମଜୁମ୍‌ଦାରଙ୍କୁ ସଙ୍ଗୀତ ନିର୍ଦ୍ଦେଶନା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ କେତେ ସହାୟକ ହୋଇଥିଲା ତାହା ବର୍ଣ୍ଣନା କରିବା ଧୃଷ୍ଟତା ହେବ।

## ଆରମ୍ଭ କରିଥିଲେ ଓଡ଼ିଆ ସଙ୍ଗୀତରେ ନୂଆ ଟ୍ରେଣ୍ଡ୍

ଜଣେ ସ୍ୱରକାର ଗୀତଟିକୁ ସ୍ୱର ଦେବା ସମୟରେ ଅନେକ ଦିଗ ପ୍ରତି ଦୃଷ୍ଟି ଦେଇଥାଏ। ଆଉ ଏଥିରୁ ବା ଅଭିଜିତ ବାଦ୍‌ପଡ଼ନ୍ତେ କିପରି! ଭଜନ, ଆଲ୍‌ବମ ହେଉ ଅବା ଚଳଚ୍ଚିତ୍ର, ଗୀତଗୁଡ଼ିକୁ ସେ ଏଭଳି ସ୍ୱର ଦେଇଥିଲେ ଯେ, ତାହା ଶ୍ରୋତାଙ୍କ ହୃଦୟକୁ ଛୁଇଁପାରିଥିଲା। ସେହି ସମୟରେ ସେ ଯୁବପିଢ଼ିଙ୍କୁ ଫୋକସ୍ କରି ଗୀତଗୁଡ଼ିକୁ ସ୍ୱର ଦେଉଥିଲେ। ଆଉ ନିଜ ସ୍ୱର ସଂଯୋଜନାର ମହକ ଯୁବପିଢ଼ିଙ୍କୁ ବେଶ୍ ପ୍ରଭାବିତ କରିଥିଲା। ସେ ଏଭଳି ସ୍ୱର ସଂଯୋଜନା କରୁଥିଲେ, ଯଦ୍ୱାରା ସେହି ଗୀତଗୁଡ଼ିକ ସହଜରେ ଶ୍ରୋତାଙ୍କ ମନକୁ ଛୁଇଁ ପାରୁଥିଲା। ବିଶେଷଭାବରେ ତାଙ୍କର ଏହି ‘ଇଜି କ୍ୟାଚ୍ ସଙ୍ଗ୍’ ଯୋଜନା ସଫଳ ହୋଇଥିଲା। ତାଙ୍କର ଏହି ନୂଆ ଟ୍ରେଣ୍ଡ୍ ଓଡ଼ିଆ ସଙ୍ଗୀତ ଜଗତରେ ଏକ ନୂଆ ଧାରା ସୃଷ୍ଟି ହେଲା। ତାଙ୍କ ସଂଯୋଜିତ ଗୀତଗୁଡ଼ିକୁ ନେଇ ପ୍ରସ୍ତୁତ ଆଲ୍‌ବମ ହେଉ କି ଚଳଚ୍ଚିତ୍ର କମର୍ସିଆଲ ଭାବରେ ମଧ୍ୟ ସଫଳ ହୋଇଥିଲା।

## ମେଲୋଡି କିଙ୍ଗ୍ ଅଭିଜିତ୍

ମଞ୍ଚ ଉପରେ ସଙ୍ଗୀତ ପରିବେଷଣରେ ଅଭିଜିତ ସୃଷ୍ଟି କରିଥିଲେ ଏକ ନୂଆ ଟ୍ରେଣ୍ଡ୍। କେବଳ ସ୍ୱର ସଂଯୋଜନା ନୁହେଁ, ଅନେକ ଗୀତ ପାଇଁ ସେ ମଧ୍ୟ କଣ୍ଠଦାନ କରିଛନ୍ତି। ଆଜି ବି ସେହି ଓଡ଼ିଆ ଆଲ୍‌ବମ୍ ‘ତୋର କଞ୍ଚା ହଳଦୀ ଦେହଟା ଗୋରୀ ଲୋ’, ‘ରିବନ ଫିତା’ ଏବଂ ‘ତୁ ସେହି ନୀଳ ନୟନା’ ଆଦି ଶତାଧିକ ଗୀତର ଚାହିଦା ଏବେ ମଧ୍ୟ ରହିଛି। ସେ ମଞ୍ଚ ଉପରେ ପାଦ ଦେବା ମାତ୍ରେ ସେଠାରେ ଉପସ୍ଥିତ ଶ୍ରୋତାଙ୍କ ମନରେ ସୃଷ୍ଟି ହୋଇଥାଏ ଭିନ୍ନ ଧରଣର ଉନ୍ମାଦନା। ନୃତ୍ୟର ତାଳେ ତାଳେ ତାଙ୍କର ସଙ୍ଗୀତ ପରିବେଷଣ ବେଶ୍ ସମୟ ଧରି ମତୁଆଲା କରିଥାଏ ଦର୍ଶକଙ୍କୁ।

## ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀଙ୍କ ଶୋକ

କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମ୍‌ଦାରଙ୍କ ବିୟୋଗରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୋକବ୍ୟକ୍ତ କରିବା ସହ ଅତ୍ୟନ୍ତ ମର୍ମାହତ ବୋଲି ପ୍ରକାଶ କରିଛନ୍ତି। ତାଙ୍କ ଦେହାନ୍ତ ଓଡ଼ିଆ ମନୋରଞ୍ଜନ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଶ୍ରୀଜଗନ୍ନାଥ ତାଙ୍କର ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଏମ୍‌ପି ବୈଜୟନ୍ତ ପଣ୍ଡା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଓଡ଼ିଆ ସଙ୍ଗୀତ ଜଗତକୁ ଅଭିଜିତ୍‌ଙ୍କ ଅବଦାନ ସର୍ବଦା ସ୍ମରଣୀୟ: ନବୀନ

ସଙ୍ଗୀତ ନିର୍ଦ୍ଦେଶକ ତଥା ଗୀତିକାର ଅଭିଜିତ୍ ମଜୁମ୍‌ଦାରଙ୍କ ଦେହାନ୍ତ ଖବରରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ଓଡ଼ିଆ ସଙ୍ଗୀତ ଜଗତ ପ୍ରତି ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇରହିବ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହିତ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ପାଟ ପିନ୍ଧି ଦୌଡ଼ିଲେ ୬ ହଜାର ମହିଳା

ଭୁବନେଶ୍ୱର,୨୫।୧ (ଅନୁରାଧା ମହାରଣା)

‘ସମସ୍ତଙ୍କ ପାଇଁ ଶିକ୍ଷା’ ବାର୍ତ୍ତା ନେଇ ରବିବାର କିଟ୍ ଓ କିସ୍ ପକ୍ଷରୁ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ୨୦୧୬ ମସିହାରୁ ଏହି ପ୍ରୟାସ ଆରମ୍ଭ ହୋଇଛି। ମାରାଥନ ମାଧ୍ୟମରେ ଫିଟ୍‌ନେସ ରହିବା ଯେଭଳି ସମସ୍ତଙ୍କ ପାଇଁ ଆବଶ୍ୟକ, ସେହିପରି ଜଳ, ବାୟୁ, ମାଟି ଓ ଶିକ୍ଷା ମଧ୍ୟ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଜରୁରୀ ବୋଲି ବାର୍ତ୍ତା ଦିଆଯାଇଛି। ଚଳିତବର୍ଷ ଓଡ଼ିଶାର ୩୫ଟି ସ୍ଥାନ ଓ ଭାରତର ବିଭିନ୍ନ ସ୍ଥାନରେ ଏହି ମିନି ମାରାଥନ କରାଯାଇଥିଲା। ଏହାର ଏକ ଅଂଶବିଶେଷ ସ୍ୱରୂପ ଭୁବନେଶ୍ୱରରେ ନିଆରା ଢଙ୍ଗରେ ‘ପାଟାଥନ’ ଆୟୋଜନ କରାଯାଇଥିଲା। ଏହି ପାଟାଥନର ତୃତୀୟ ସଂସ୍କରଣରେ ୬ ହଜାରରୁ ଊର୍ଦ୍ଧ୍ୱ ମହିଳା ପାଟ ଶାଢ଼ି ପିନ୍ଧି ଦୌଡ଼ିଥିଲେ। ‘ମହିଳା ସଶକ୍ତୀକରଣ ଓ ସମସ୍ତଙ୍କ ପାଇଁ ଶିକ୍ଷା’ ଉଦ୍ଦେଶ୍ୟରେ ପ୍ରତିବର୍ଷ ପାଟାଥନ ଆୟୋଜନ କରାଯାଉଛି। କିଟ, କିସ ଓ କିମ୍ସର ୫ହଜାର ମହିଳା କର୍ମଚାରୀ ଓ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳାମାନେ ଏହି ଗଣଦୌଡ଼ରେ ସାମିଲ ହୋଇଥିଲେ। ଶିଖରଚଣ୍ଡୀ ମନ୍ଦିର ଛକରୁ କିସ୍ ଆଥଲେଟିକ ଷ୍ଟାଡିୟମ ପର୍ଯ୍ୟନ୍ତ ମହିଳାମାନେ ଦୌଡ଼ିଥିଲେ।

ଏହି ଗଣଦୌଡ଼ରେ ସୁନ୍ଦରଗଡ଼ର ସୁସ୍ମିତା ଟିଗା ପ୍ରଥମ ପୁରସ୍କାର ଭାବେ ୫୦ ହଜାର ଟଙ୍କା ଜିତିଥିବା ବେଳେ ଦୀପ୍ତିରାଣୀ ସାହୁ ଦ୍ୱିତୀୟ ଓ କଟକର ବାସନ୍ତୀ ମୁଣ୍ଡା ତୃତୀୟ ହୋଇ ଯଥାକ୍ରମେ ୪୦ ହଜାର ଓ ୩୦ ହଜାର ଟଙ୍କା ପୁରସ୍କାର ଜିତିଥିଲେ। ସେହିପରି ୭ଜଣ ରନରଅପ୍‌ଙ୍କୁ ୧୦ ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ସମସ୍ତ ବିଜୟୀଙ୍କୁ ପାଟଶାଢ଼ି ପ୍ରଦାନ କରାଯାଇଥିଲା। କିଟ୍ କେ– ୩ ମହିଳା କ୍ଲବ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଏମ୍‌ସି ମେୟର ସୁଲୋଚନା ଦାସ, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ପୂର୍ବତନ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ଯଶୋଧାରା ପ୍ରଧାନ, ଅଲିମ୍ପିଆନ୍ ଦୂତୀ ଚାନ୍ଦ, ଅନୁରାଧା ବିଶ୍ୱାଳ, କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ଶରଣଜିତ ସିଂ, କୁଳସଚିବ ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ବିକାଶ ନାଁରେ ବିନାଶ କରୁଛି ନାଲ୍‌କୋ

## ଫାଟକ ଅଭାବରୁ ନାଲ୍‌କୋ ଟ୍ରେନ୍ ରାସ୍ତାରେ ମୃତ୍ୟୁର ଆତଙ୍କ

### ଅଭିଯୋଗ ସତ୍ତ୍ୱେ ଶୁଣୁନି ପ୍ରଶାସନ

ଅନୁଗୋଳ ୨୫।୧
(ମାନସ ବିଶ୍ୱାଳ)

ଅନୁଗୋଳ ଜିଲ୍ଲା ସହର ଉପକଣ୍ଠରେ ଅବସ୍ଥିତ ନାଲ୍‌କୋ କମ୍ପାନୀର କାର୍ଯ୍ୟକଳାପକୁ ସ୍ଥାନୀୟ ଜନସାଧାରଣ ନାପସନ୍ଦ କରିଛନ୍ତି। ନାଲ୍‌କୋ ତା’ର ବ୍ୟକ୍ତିଗତ ରେଳପଥକୁ ମୁକୁଳା କରି ପେରିଫେରିକୁ ବିକାଶ ନାଁରେ ବିନାଶ କରୁଛି ବୋଲି ଅଭିଯୋଗ ହୋଇଛି। ସ୍ଥାନୀୟ ଅଞ୍ଚଳବାସୀ ଲିଖିତ ଅଭିଯୋଗ କରିବା ପରେ ମଧ୍ୟ ନାଲ୍‌କୋ ପ୍ରଶାସନର ଉଦାସୀନତା ଅଞ୍ଚଳ ପାଇଁ ଭୟାବହ ପରିସ୍ଥିତି ସୃଷ୍ଟିକରୁଛି। ନାଲ୍‌କୋର ନିଜସ୍ୱ ଟ୍ରେନ ଚଳାଚଳ କରୁଥିବା ରେଳପଥରେ ଆବଶ୍ୟକ ଫାଟକ ନ ଥିବାରୁ ନୀରିହ ଲୋକଙ୍କ ଜୀବନ ଯାଉଛି।

ସୂଚନା ଅନୁଯାୟୀ, ବଅଁରପାଳ ବ୍ଲକ ଅନ୍ତର୍ଗତ ବନ୍ଧା ଗ୍ରାମ ଦେଇ ଯାଇଥିବା ନାଲ୍‌କୋର ନିଜସ୍ୱ ଟ୍ରେନ ଦିନରାତି ଚଳାଚଳ କରୁଛି। ଚାରି ପାଞ୍ଚୋଟି ପଞ୍ଚାୟତକୁ ସଂଯୋଗ କରୁଥିବା ଏହି ରାସ୍ତା ଉପରେ ନାଲ୍‌କୋର ନିଜସ୍ୱ ଟ୍ରେନ୍ ଯାଉଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିଭଳି ବିଭିନ୍ନ ଗ୍ରାମ ଦେଇ ଯାଇଥିବା ନାଲ୍‌କୋର ରେଳଲାଇନ ଯଥା ଗୋତମରା, ବଳରାମ ପ୍ରସାଦ, ଭୋଗବେରଣି, ପିଙ୍ଗୁଆ, ତେଣ୍ଟୋଲୋଇ, କୁକୁଡାଙ୍ଗ, ଗୋବରା ଆଦି ଗ୍ରାମଗୁଡ଼ିକରେ ଫାଟକ ନ ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ସାଧାରଣ ଯାତ୍ରୀମାନଙ୍କ ସହ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନେ ଜୀବନକୁ ବାଜି ଲଗାଇ ଏହି ରେଳପଥ ଅତିକ୍ରମ କରିବାକୁ ବାଧ୍ୟ ହେଉଛନ୍ତି।

ବଳରାମ ପ୍ରସାଦ ଗ୍ରାମର ସଞ୍ଜୀବ ପ୍ରଧାନଙ୍କ କହିବା ଅନୁସାରେ, ପୂର୍ବରୁ ବଡ଼ ବଡ଼ ଦୁର୍ଘଟଣା ଘଟିଥିଲେ ମଧ୍ୟ ପ୍ରଶାସନ ଏହାକୁ ଗମ୍ଭୀରତାର ସହ ନେଉ ନ ଥିବା ଦୁର୍ଭାଗ୍ୟଜନକ। ଏପରି ସ୍ଥିତିରେ ପ୍ରଶ୍ନ ଉଠୁଛି ଆଉ କେତେ ଜୀବନ ହରାଇବା ପରେ ନାଲ୍‌କୋ ପ୍ରଶାସନର ଚେତା ଆସିବ? ସ୍ଥାନୀୟ ଲୋକେ ତୁରନ୍ତ ଫାଟକ ନିର୍ମାଣ ସହିତ ସୁରକ୍ଷା ପ୍ରହରୀ ବ୍ୟବସ୍ଥା ଦାବି କରି ଦୁଇ ଦୁଇଥର ଲିଖିତ ଅଭିଯୋଗ କରିଥିବା ସତ୍ତ୍ୱେ ମଧ୍ୟ ନାଲ୍‌କୋ ପ୍ରଶାସନ ଅବହେଳା କରିଚାଲିଛି।

ସେହିପରି ପିଙ୍ଗୁଆର ମନୋରଞ୍ଜନ ସାହୁ ଅଭିଯୋଗ କରିଛନ୍ତି, ଫାଟକ ନିର୍ମାଣ ଭଳି ସାଧାରଣ ସୁରକ୍ଷା ବ୍ୟବସ୍ଥା ହୋଇପାରୁ ନ ଥିବା ନାଲ୍‌କୋ ପ୍ରଶାସନ ଲୋକଙ୍କ ଜୀବନ ପ୍ରତି କେତେ ଅସମ୍ବେଦନଶୀଳ, ଏହା ତାହାର ଜ୍ୱଳନ୍ତ ପ୍ରମାଣ। ତୁରନ୍ତ ଫାଟକ ବ୍ୟବସ୍ଥା ଓ ସୁରକ୍ଷା ପଦକ୍ଷେପ ନାଲ୍‌କୋ ପ୍ରଶାସନ ଗ୍ରହଣ ନ କଲେ ସ୍ଥାନୀୟ ଲୋକେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି.

ସେହିପରି ନାଲ୍‌କୋ ପ୍ରଶାସନ ପକ୍ଷରୁ କୁହାଯାଇଛି, ନାଲ୍‌କୋ ଅନୁଗୋଳ ସ୍ଥିତ ସ୍ମେଲ୍ଟର ଓ ପାୱାର କମ୍ପ୍ଲେକ୍ସର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲେଭଲ କ୍ରସିଂଗୁଡ଼ିକରେ ସୁଦୃଢ଼ ସୁରକ୍ଷା ବ୍ୟବସ୍ଥା ରହିଛି। ମୋଟ ୨୬ଟି ରେଳ ଲେଭଲ କ୍ରସିଂ ରହିଛି। ଭରତପୁର (ଏମ୍‌ସିଏଲ କୋଇଲା ଖଣି) ଓ ନାଲ୍‌କୋ ସିପିପି ରୁଟ୍‌ରେ ୧୧ଟି କ୍ରସିଂ ଏବଂ ବୁଡାପଙ୍କ– ସ୍ମେଲ୍ଟର ପ୍ଲାଣ୍ଟ ରୁଟ୍‌ରେ ୧୫ଟି କ୍ରସିଂ ରହିଛି। ଏଥିମଧ୍ୟରୁ ୧୦ଟି ଲେଭଲ କ୍ରସିଂରେ ଜଗୁଆଳି ରହିଥିବା ବେଳେ ଅନ୍ୟ ସମସ୍ତ ଲେଭଲ କ୍ରସିଂ ନାଲ୍‌କୋର ସ୍ୱଳ୍ପ ତଥା ଦୀର୍ଘକାଳୀନ ସୁରକ୍ଷା ବ୍ୟବସ୍ଥା ଅଧୀନରେ ପରିଚାଳିତ ହେଉଛି।



ନାଲ୍‌କୋର ରେଳ ଲାଇନ୍‌ରେ ଫାଟକ ନାହିଁ।

# ଧାନକିଣା ପ୍ରସଙ୍ଗ: ୨ରୁ ଆନ୍ଦୋଳନକୁ ଓହ୍ଲାଇବ ବିଜେଡି

ଭୁବନେଶ୍ୱର,୨୫।୧
(ରବିନାରାୟଣ ଜେନା)

ରାଜ୍ୟରେ କୃଷକମାନଙ୍କ ସମସ୍ୟା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ବିଜୁ ଜନତା ଦଳ(ବିଜେଡି) ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିବା ସହିତ ଆନ୍ଦୋଳନର ଚେତାବନୀ ଦେଇଛି।

ଶଙ୍ଖ ଭବନରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଭାଜପା ଚାଷୀମାନଙ୍କୁ କେବଳ ଭୁଆଁ ବୁଲାଉଛି। ପ୍ରଥମେ ଚାଷୀମାନଙ୍କୁ ସାର ଯୁଟାଏ ଦେବା ପାଇଁ ହନ୍ତସନ୍ତ କରିବା ପରେ ଏବେ ଉତ୍ପାଦିତ ଧାନ କିଣିପାରୁନାହିଁ। ଏହାକୁ ନେଇ କୃଷକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଭାଜପା ରାଜ୍ୟର ଶାସନ ଭାର ହାତକୁ ନେବାପରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି।

ପ୍ରସନ୍ନ ଆହୁରି କହିଛନ୍ତି, ଚଳିତବର୍ଷ ରାଜ୍ୟରେ ପ୍ରଥମଥର ପାଇଁ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣରୂପେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜ୍ୟରେ ଚଳିତବର୍ଷ ୧୯ ଲକ୍ଷ ୬୬ ହଜାର ୧୮୧ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଏବେସୁଦ୍ଧା ମାତ୍ର ୨୯ପ୍ରତିଶତ ଚାଷୀଙ୍କଠାରୁ ଧାର୍ଯ୍ୟ ୭୩ ଲକ୍ଷ ମେଟ୍ରିକ୍ ଟନ୍‌ରୁ ମାତ୍ର ୨୫ ଲକ୍ଷ ମେଟ୍ରିକ୍ ଟନ୍ ଅର୍ଥାତ୍ ମାତ୍ର ୩୪ପ୍ରତିଶତ ଧାନ କିଣାଯାଇଛି। ଏହି ସମୟ ମଧ୍ୟରେ ଛତିଶଗଡ଼ ୧ ଲକ୍ଷ ୨୬ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିଛି। ଓଡ଼ିଶା ଧାନ ସଂଗ୍ରହରେ କିପରି ବିଫଳ ହୋଇଛି ତାହା ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ଧାନ ସଂଗ୍ରହ ତଥ୍ୟ ଦେଖିଲେ ସ୍ପଷ୍ଟ ହେଉଛି।

ବିଜେଡି ନେତା ସଞ୍ଜୟ କୁମାର ଦାସବର୍ମା କହିଥିଲେ, ଭାଜପା ବିନା କଟ୍‌ନି ଛଟ୍‌ନିରେ ଧାନ କିଣିବ ବୋଲି ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲା। ହେଲେ ଏବେ ବ୍ୟାପକ କଟ୍‌ନି ଛଟ୍‌ନି ହେଉଛି। ବିଧାୟକ ଅରୁଣ କୁମାର ସାହୁ କହିଥିଲେ, ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ସରକାରୀ ତଥ୍ୟ ଅନୁଯାୟୀ, ୪୦ ହଜାରରୁ ଊର୍ଦ୍ଧ୍ୱ ମହିଳା ବିଭିନ୍ନ ପ୍ରକାର ନିର୍ଯାତନାର ଶିକାର ହୋଇଛନ୍ତି। ସାମ୍ପ୍ରଦାୟିକ ଉତ୍ତେଜନା ଓ ଦଙ୍ଗା ଇତ୍ୟାଦି ଘଟଣା ଅହେତୁକ ଭାବେ ବୃଦ୍ଧିପାଇଛି। ସଂଖ୍ୟାଲଘୁମାନେ ଭୀତତ୍ରସ୍ତ ଅଛନ୍ତି। ରାଜ୍ୟର ପୋଲିସ ଷ୍ଟେଶନଗୁଡ଼ିକ ଏବେ ଭାଜପା ନେତା ଓ କର୍ମୀଙ୍କ କବ୍‌ଜାରେ, ସାଧାରଣ ଲୋକଟିଏ ଏବେ ଥାନାକୁ ଯିବା ପାଇଁ ଭୟ କରୁଛି। ଏହାକୁ ନେଇ ଫେବୃଆରୀ ୨ରୁ ୧୭ ପର୍ଯ୍ୟନ୍ତ ରାଜ୍ୟର ପ୍ରତିଟି ଜିଲାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ଓ ୨୪ ତାରିଖରେ ରାଜଧାନୀ ଭୁବନେଶ୍ୱରଠାରେ ଏକ ବିଶାଳ ପ୍ରତିବାଦ ସଭା ଆୟୋଜନ ହେବ ବୋଲି ସାହୁ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ବିରୋଧୀ ଦଳ ନେତାଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର ଓ ପୂର୍ବତନ ମନ୍ତ୍ରୀ ତଥା ଦଳର ପିଏସି ସଦସ୍ୟା ଟୁକୁନି ସାହୁ ଉପସ୍ଥିତ ଥିଲେ।



ଭଗବାନଙ୍କର ସଂକଳ୍ପ ଓ ଇଚ୍ଛା ଅନୁସରଣ କରି ଭାରତ ଆଧ୍ୟାତ୍ମିକ ପର୍ବତର ଶିଖର ଉପରେ ଦଣ୍ଡାୟମାନ ହୋଇ ଆଲୋକ ବିକିରଣ କରିବ। ବିଶ୍ୱବାସୀଙ୍କୁ ସତ୍ୟର ପଥ ପ୍ରଦର୍ଶନ କରିବ ଏବଂ ବିଶ୍ୱକୁ ଐକ୍ୟ ଦିଗରେ ସଂଗଠିତ କରିଚାଲିବ।-ଶ୍ରୀମା

-ଭୀଷ୍ମାଷ୍ଟମୀ ଓ ୭୭ତମ ସାଧାରଣତନ୍ତ୍ର ଦିବସ



# କେଉଁଠି ରହିଲା ଭାରତ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପୃଥିବୀରେ ଶାନ୍ତି ସ୍ଥାପନ ନିମନ୍ତେ ଜାତିସଂଘ ଗଠନ କରାଯାଇଥିଲା। ହେଲେ ବିଭିନ୍ନ ଦେଶ ଭିତରେ ବାରମ୍ବାର ଯୁଦ୍ଧ, ସଂଘର୍ଷ ଦେଖାଦେଉଥିଲେ ମଧ୍ୟ ଜାତିସଂଘ ଏବେ କେବଳ ଏକ ଦନ୍ତହୀନ ସଙ୍ଗଠନ ଭାବେ ରହିଛି। ରୁଷିଆ-ୟୁକ୍ରେନ୍ ଏବଂ ଇସ୍ରାଏଲ-ହମାସ ଯୁଦ୍ଧ ଦୀର୍ଘ ବର୍ଷ ଧରି ଚାଲିଥିଲେ ମଧ୍ୟ ତାହାର ସମାଧାନର ସୂତ୍ର ବାହାରି ପାରୁନାହିଁ। ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ହେବା ପରେ ଗାଜା ଶାନ୍ତି ପ୍ରସ୍ତାବ ମାଧ୍ୟମରେ ଇସ୍ରାଏଲ-ହମାସ ସଂଘର୍ଷକୁ ବନ୍ଦ କରିଦେବା ଉପରେ ଗୁରୁତ୍ୱ ଦେଇଛନ୍ତି। ଗାଜାର ପୁନରୁଦ୍ଧାର ଓ ବିକାଶ ଲାଗି ଟ୍ରମ୍ପଙ୍କ ଦ୍ୱାରା 'ବୋର୍ଡ ଅଫ୍ ପିସ୍' ନାମକ ସଙ୍ଗଠନର ପରିକଳ୍ପନା କରାଯାଇଥିଲା। ବିଶ୍ୱରେ ଯୁଦ୍ଧର ପରିସର ବୃଦ୍ଧି ପାଉଥିବା ଲକ୍ଷ୍ୟ କରିବା ପରେ ଟ୍ରମ୍ପ୍ ଏହାକୁ ବ୍ୟାପକ କରିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ଜାତିସଂଘର ବିକଳ୍ପ ଭାବେ ଏହା ଉଭା ହେବା ଓ ସେଥିପ୍ରତି ଅନ୍ୟ ଦେଶଗୁଡ଼ିକର ସମର୍ଥନ ମିଳିବା ଭୂରାଜନୈତିକ ସ୍ଥିତିରେ ନୂଆ ସମୀକରଣ ଆଣିବ ବୋଲି କୁହାଗଲାଣି। ଟ୍ରମ୍ପ୍ ଏହି ଶାନ୍ତି ବୋର୍ଡରେ ଆଜୀବନ ସଦସ୍ୟ ରହିଛନ୍ତି। କହିବାକୁ ଗଲେ ଏହା କର୍ପୋରେଟ୍ ଶୈଳୀରେ ଗଢ଼ାଯାଇଥିବା ଏକ ସଙ୍ଗଠନ। ଏଥିରେ ସ୍ଥାୟୀ ସଦସ୍ୟ ହେବା ପାଇଁ ୧ ବିଲିୟନ ଆମେରିକୀୟ ଡଲାର ଦେବାର ବ୍ୟବସ୍ଥା କରାଯାଇଛି। ଜାତିସଂଘ ଢାଞ୍ଚାରେ ଅସ୍ଥାୟୀ ସଦସ୍ୟ ରହିବା ଓ ତାହାର ଅବଧି ୩ ବର୍ଷ ରଖାଯାଇଛି। ଶାନ୍ତି ବୋର୍ଡରେ ସାମିଲ ହେବା ପାଇଁ ଟ୍ରମ୍ପ୍ ତାଙ୍କ ତରଫରୁ ସ୍ୱତନ୍ତ୍ର ଭାବେ ଭାରତକୁ ନିମନ୍ତ୍ରଣ କରିଥିଲେ। ଦୀର୍ଘଦିନ ବିତିଯିବା ପରେ ମଧ୍ୟ ଭାରତ ମିଶିବ କି ନାହିଁ ସେନେଇ ନିଷ୍ପତ୍ତି ନେବାରେ ଅସଫଳ ହେଲା। ଏହାପରେ ଟ୍ରମ୍ପ୍ ତାଙ୍କ ତରଫରୁ ପାକିସ୍ତାନ ଓ ଅନ୍ୟ କେତେକ ଦେଶକୁ ନିମନ୍ତ୍ରଣ ପଠାଇଲେ, ଯାହାକୁ ଇସ୍ରାଏଲ ସମେତ ଅନ୍ୟସବୁ ଦେଶ ଅତି ଆଗ୍ରହର ସହିତ ସ୍ୱୀକାର କରିଛନ୍ତି। ଏଥିରେ ରୁଷିଆ ଓ ଚାଇନା ଏପର୍ଯ୍ୟନ୍ତ ଯୋଗ ଦେଇନାହାନ୍ତି। ସେହିପରି ନରୱେ, ସୁଇଡେନ୍, ଡେନ୍‌ମାର୍କ, ଇଟାଲି ସେଥିରେ ଯୋଗଦେବାକୁ ମନା କରିଦେଇଥିବା ବେଳେ ବ୍ରିଟେନ, ଜର୍ମାନୀ ଓ ଜାପାନ ସେମାନଙ୍କ ମତ ଦେଇନାହାନ୍ତି।

> କୁହାଯାଉଛି ଟ୍ରମ୍ପ୍ 'ବୋର୍ଡ ଅଫ୍ ପିସ୍'ର ଅଧ୍ୟକ୍ଷ ହୋଇଥିବାରୁ ସେ ମନଇଚ୍ଛା ନିଷ୍ପତ୍ତି ନେଇପାରନ୍ତି। ସେଠାରେ ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡ଼ିକ କେବଳ ରବର ଷ୍ଟାମ୍ପ ହେବେ। ଏହି କଥାରୁ ଖିଅଟାଣି ଆଲୋଚନା କଲେ ଜାତିସଂଘର ୫ ସ୍ଥାୟୀ ସଦସ୍ୟଙ୍କ ଭିଟୋ ଆଗରେ ଭାରତର ଅନେକ ଦାବି ନିଷ୍ପ୍ରଭ ହୋଇଯାଉଛି। ଏଭଳି ସ୍ଥିତିରେ ଭାରତ ନୀରବ ଦର୍ଶକ ସାଜିଲେ ତା'ର ସ୍ଥାନ କେଉଁଠି ରହିଯିବ ଜଣାପଡ଼ିବ ନାହିଁ।

ଭାରତ ଦୃଷ୍ଟିକୋଣରୁ ବିଚାର କଲେ 'ବୋର୍ଡ ଅଫ୍ ପିସ୍'ରେ ଯୋଗଦେବାକୁ ନିମନ୍ତ୍ରଣ ମିଳିଥିଲେ ମଧ୍ୟ ନୂଆଦିଲ୍ଲୀ କୌଣସି ଉତ୍ତର ନ ଦେବା ତା' ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଏମିତି ଦେଖିଲେ ଭାରତ ତା'ର ସବୁ ପଡ଼ୋଶୀ ଦେଶ ସହ ଅପଡ଼ରେ ରହିଛି। ଟ୍ରମ୍ପଙ୍କ ଟାରିଫ୍ ମାଡ଼ ଭାରତର ଅର୍ଥନୀତିକୁ ଦୁର୍ବଳ କଲାଣି। ଭାରତର ଅସ୍ଥିର ଅର୍ଥନୀତିକୁ ଦେଖି ଅନେକ ବିଦେଶୀ ନିବେଶକ ଅର୍ଥ ଉଠାଣ କରି ନେଉଥିବାରୁ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଦୁର୍ବଳ ହୋଇଚାଲିଛି। ଏଭଳି ସନ୍ଧିକ୍ଷଣରେ ବୋର୍ଡ ଅଫ୍ ପିସ୍‌ରେ ଯୋଗଦେବା ଲାଗି ଟ୍ରମ୍ପଙ୍କ ନିମନ୍ତ୍ରଣ ଉପରେ ଭାରତ 'ହଁ' ହେଉ ବା 'ନା' କିଛି ବି ନ କହିବା ଏବେ ଆଲୋଚନାର ବିଷୟ ପାଲଟିଛି। ଭାରତର କେତେକ ମହଲ ଗୁଜବ ଉଠାଉଛନ୍ତି ଯେ, 'ବୋର୍ଡ ଅଫ୍ ପିସ୍'ରେ ସାମିଲ ହେବା ମାତ୍ରକେ 'କଶ୍ମୀର' ପ୍ରସଙ୍ଗ ଅନ୍ତର୍ଜାତୀୟ ସ୍ତରରେ ଆଲୋଚନାକୁ ଆସିବା ଥୟ। ଏଣୁ ଭାରତ ସରକାର କୌଣସି ବାଟ ପାଉ ନ ଥିବା ଭଳି ମନେହେଉଛି। ଏହାକୁ ଇଂଲିଶରେ ଫେନ୍ସ-ସିଟର ବା ଦୋଦୁଲ୍ୟମାନ ଚିନ୍ତାଧାରା ବୋଲି କୁହାଯାଏ। ସବୁବେଳେ ଏହିଭଳି ନିର୍ଣ୍ଣୟ ନେବାରେ ଅସଫଳତା ଅନ୍ତର୍ଜାତୀୟ ସ୍ତରରେ କ୍ଷତି ଘଟାଇଥାଏ। ବିପଦ ଆସିଲେ କୌଣସି ଦିଗରୁ ସମର୍ଥନ ହାସଲ କରିବା କଷ୍ଟକର। ଖବର ଆସିଛି ଯେ, ଟ୍ରମ୍ପଙ୍କ ଟାରିଫ୍ କ୍ରୋଧକୁ ପ୍ରଶମିତ କରିବା ପାଇଁ ରୁଷିଆରୁ କିଣୁଥିବା ତୈଳ ପରିମାଣକୁ ଭାରତ ଏବେ ବିପୁଳ ମାତ୍ରାରେ ହ୍ରାସ କରିଦେଇଛି। ଅର୍ଥାତ୍ ରୁଷିଆ ମଧ୍ୟ ଭବିଷ୍ୟତରେ ଭାରତକୁ ସମର୍ଥନ କରିବ ବୋଲି କହିହେବ ନାହିଁ। 'ବୋର୍ଡ ଅଫ୍ ପିସ୍'ରେ ଭାରତ ନିଜକୁ ସାମିଲ ନ କଲେ ମଧ୍ୟ ପାକିସ୍ତାନ ତାହା ନିଜ ତରଫରୁ 'କଶ୍ମୀର' ପ୍ରସଙ୍ଗକୁ ନିଶ୍ଚୟ ଉଠାଇବ। ଏଠାରେ ମନେପଡ଼େ ଅର୍ଗାନାଇଜେଶନ ଅଫ୍ ଇସ୍‌ଲାମିକ୍ କୋଅପରେଶନରେ ଜମ୍ମୁ ଓ କଶ୍ମୀରରେ ମାନବ ଅଧିକାର ଉଲ୍ଲଂଘନ ହେଉଥିବା ଅଭିଯୋଗ ହୋଇଆସୁଛି। ତେଣୁ କୌଣସି ସଙ୍ଗଠନରେ ସଦସ୍ୟ ନ ହେଲେ ଯେ କଶ୍ମୀର ପ୍ରସଙ୍ଗ ଉଠିବ ନାହିଁ ଭାବିବା ଭୁଲ୍। ଅନ୍ୟପକ୍ଷରେ ସଙ୍ଗଠନ ଭିତରେ ରହି ନିଜର ଯୁକ୍ତି ଉପସ୍ଥାପନ କରିବା ସହଜ ହୋଇଥାଏ।

କୁହାଯାଉଛି ଟ୍ରମ୍ପ୍ 'ବୋର୍ଡ ଅଫ୍ ପିସ୍'ର ଅଧ୍ୟକ୍ଷ ହୋଇଥିବାରୁ ସେ ମନଇଚ୍ଛା ନିଷ୍ପତ୍ତି ନେଇପାରନ୍ତି। ସେଠାରେ ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡ଼ିକ କେବଳ ରବର ଷ୍ଟାମ୍ପ ହେବେ। ଏହି କଥାରୁ ଖିଅଟାଣି ଆଲୋଚନା କଲେ ଜାତିସଂଘର ୫ ସ୍ଥାୟୀ ସଦସ୍ୟଙ୍କ ଭିଟୋ ଆଗରେ ଭାରତର ଅନେକ ଦାବି ନିଷ୍ପ୍ରଭ ହୋଇଯାଉଛି। ଏଭଳି ସ୍ଥିତିରେ ଭାରତ ନୀରବ ଦର୍ଶକ ସାଜିଲେ ତା'ର ସ୍ଥାନ କେଉଁଠି ରହିଯିବ ଜଣାପଡ଼ିବ ନାହିଁ।

## su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 2 | 6 | | 8 | | | 3 | 5 | |
| 3 | | | | | | | | 9 |
| | | | 3 | 6 | 7 | 8 | | |
| | | | | | 4 | | | 6 |
| | | 9 | 2 | | | | | |
| 1 | 7 | | | | | | | |
| 8 | | 2 | 6 | 9 | | | 3 | 7 |
| | | | | | | 2 | 9 | |
| 9 | | | | 8 | | | 1 | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 4 | 6 | 3 | 2 | 1 | 9 | 5 |
| 9 | 5 | 3 | 4 | 1 | 7 | 2 | 8 | 6 |
| 1 | 2 | 6 | 5 | 8 | 9 | 3 | 4 | 7 |
| 3 | 9 | 5 | 7 | 6 | 8 | 4 | 1 | 2 |
| 4 | 1 | 7 | 3 | 2 | 5 | 8 | 6 | 9 |
| 8 | 6 | 2 | 1 | 9 | 4 | 7 | 5 | 3 |
| 6 | 7 | 8 | 9 | 4 | 3 | 5 | 2 | 1 |
| 2 | 3 | 9 | 8 | 5 | 1 | 6 | 7 | 4 |
| 5 | 4 | 1 | 2 | 7 | 6 | 9 | 3 | 8 |

ଗତକାଲିର ଉତ୍ତର

# ସମ୍ବିଧାନରେ ଶ୍ରେଷ୍ଠ ସମନ୍ୱୟ



ସର୍ବେଶ୍ୱର ବେହେରା

ଭାରତୀୟ ସମ୍ବିଧାନର ମୌଳିକ ଅଧିକାର ସମସ୍ତ ନାଗରିକଙ୍କୁ ସମାନ ଅଧିକାର ଉପଭୋଗ କରିବା ପାଇଁ ସୁଯୋଗ ପ୍ରଦାନ କରିଛି। ସମ୍ବିଧାନର ଅନୁଚ୍ଛେଦ ୧୬(୧) ଓ ୧୬(୨)ରେ ନାଗରିକଙ୍କୁ ସେମାନଙ୍କ ଜାତି, ବର୍ଣ୍ଣ, ଲିଙ୍ଗ ତଥା ଧର୍ମ ଆଧାରରେ ଭେଦଭାବ ବିନା ସମାନ ସୁଯୋଗ ପ୍ରଦାନ କରାଯାଉଛି। ତା'ସହିତ ସମ୍ବିଧାନରେ ରାଜ୍ୟଗୁଡ଼ିକୁ ସାମାଜିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ସମାନତା ପ୍ରତିଷ୍ଠା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମ୍ବିଧାନରେ ଜାତି, ଆସ୍ଥା, ସମୁଦାୟ ଓ ଭାଷା ଆଦିରେ ସମାନ ବ୍ୟବହାର ତଥା ସେଗୁଡ଼ିକରେ କ୍ରିୟାନ୍ୱୟନ କିପରି ହେବ ସେ ସମ୍ବନ୍ଧରେ ଉଲ୍ଲେଖ ଅଛି। ନାଗରିକଙ୍କର ହିତସାଧନ କିପରି ହେବ ସେଥିପାଇଁ ସମ୍ବିଧାନ ନିର୍ମାତାମାନେ ଚିନ୍ତା କରି ପ୍ରଣୟନ କରିଛନ୍ତି। ସମ୍ବିଧାନର ଏହି ଲକ୍ଷ୍ୟକୁ ସାକାର କରିବା ପାଇଁ ନ୍ୟାୟପାଳିକା ଦ୍ୱାରା ବହୁବାର ଅନୁସୂଚିତ ଜାତି ଓ ଜନଜାତି ତଥା ଅନ୍ୟ ପଛୁଆ ବର୍ଗ ସମ୍ବନ୍ଧରେ ବିଭିନ୍ନ ରାୟ ପ୍ରକାଶ ପାଇଛି। ଏଥିରୁ ପ୍ରମାଣିତ ହେଉଛି ଯେ ଏକ ସାମାଜିକ ସମରସତା ବା ଶ୍ରେଷ୍ଠ ସମନ୍ୱୟଯୁକ୍ତ ସମାଜ ବ୍ୟବସ୍ଥା ନିର୍ମାଣ କରିବା ଭାରତୀୟ ସମ୍ବିଧାନ ତଥା ଗଣତନ୍ତ୍ରର ଉଦ୍ଦେଶ୍ୟ।

ଭାରତର ସମ୍ବିଧାନ ପ୍ରତ୍ୟକ୍ଷ ଭେଦାଭେଦକୁ ଧ୍ୟାନ ଦେଇ ତା'ର ନିରାକରଣ ପାଇଁ ସୁଯୋଗ ପ୍ରଦାନ କରିଛି। ପରୋକ୍ଷ ଭେଦାଭେଦ ସମ୍ପୂର୍ଣ୍ଣ ଉଚ୍ଛେଦ କରିହେବ ନାହିଁ। ଯେପରି କି ସ୍ୱଜାତି, ସ୍ୱଗୋତ୍ର ପ୍ରତି ଆଗ୍ରହ, ଭ୍ରଷ୍ଟାଚାର ଓ କ୍ଷେତ୍ରବାଦ ଆଦି ନିର୍ମୂଳନ ନୀତି ନିର୍ଦ୍ଧାରଣକୁ ପ୍ରଭାବିତ କରିଥାଏ ; କିନ୍ତୁ ଶାସନ ପ୍ରଶାସନ ଏହିପରି କେତେକ ତ୍ରୁଟିକୁ ସୁଧାରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। କେତେକ ବ୍ୟକ୍ତିଗତ ଘଟଣାକୁ ସଂସ୍ଥାଗତ ଅଭିଶାପର ପୋଷାକ ପିନ୍ଧାଇବା ଠିକ୍ ନୁହେଁ। ଗଣତନ୍ତ୍ରରେ ଏହିପରି ବହୁତ ସାମ୍ବିଧାନିକ ତଥା ଅତିରିକ୍ତ ଉପାୟ ଅଛି ଯାହା ପକ୍ଷପାତକୁ ଦୂର କରିପାରିବ। ଏଥିରେ ନ୍ୟାୟପାଳିକାର ସକ୍ରିୟତା, ଜନସ୍ୱାର୍ଥ ମାମଲା (ପିଆଇଏଲ୍), ଗଣମାଧ୍ୟମର ସକ୍ରିୟତା ଓ ସୂଚନା ଅଧିକାର ଆଇନର ଉପଯୋଗ ଆଦିର ଭୂମିକା ଗୁରୁତ୍ୱପୂର୍ଣ୍ଣ।

ଭାରତୀୟ ସମ୍ବିଧାନ ପ୍ରଚଳିତ ବିଷମତା ଦୂରୀକରଣ ପାଇଁ ସରକାରଙ୍କୁ ବିଭିନ୍ନ ନୀତି ନିର୍ଦ୍ଧାରଣ ସକାଶେ ପ୍ରେରିତ କରିଛି। ଏଥିରେ ସବୁଠାରୁ ଲୋକପ୍ରିୟ ହେଉଛି 'ସକାରାତ୍ମକ ପକ୍ଷପାତ' ନୀତି। ସକାରାତ୍ମକ ପକ୍ଷପାତ ନୀତିର ଅର୍ଥ ସାମାଜିକ ତଥା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଓ ନିରାଶ୍ରୟ ବର୍ଗ ମଧ୍ୟରେ ଶିକ୍ଷା ଏବଂ ରୋଜଗାରକୁ ପ୍ରାଧାନ୍ୟ ଦେବା। ସକାରାତ୍ମକ ପକ୍ଷପାତର ଉଦ୍ଦେଶ୍ୟ ହେଉଛି ଭାରତର ଦୁର୍ବଳ ଓ ପଛୁଆ ବର୍ଗକୁ ସମାଜର ମୁଖ୍ୟଧାରାରେ ସାମିଲ କରିବା। ଏଥିପାଇଁ ସେମାନଙ୍କର ଶିକ୍ଷା, ରୋଜଗାର, ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରରେ ଥିବା ବାଧାବିଘ୍ନକୁ ଦୂର କରିବା। ସମ୍ବିଧାନ ସଭାରେ ବହୁବାର ଏ ସମ୍ବନ୍ଧରେ




ଚର୍ଚ୍ଚା, ଆଲୋଚନା କରାଯାଇଛି ଏବଂ ଅନୁସୂଚିତ ଜାତି ଓ ଜନଜାତି ପାଇଁ ବହୁ ସୁବିଧା ପ୍ରଦାନ କରାଯାଇଛି।

ସମ୍ବିଧାନ ସଭାର ସ୍ପଷ୍ଟ ମତ ଥିଲା ଯେ ସହସ୍ରବର୍ଷ ଧରି ଭେଦଭାବର ଶିକାର ହୋଇଥିବା ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ପାଇଁ କେବଳ ସଂରକ୍ଷଣର ସୁବିଧା ପ୍ରଦାନ କରାଯିବ, କିନ୍ତୁ ସମ୍ବିଧାନ ସଭାରେ ସଂଖ୍ୟାଲଘୁଙ୍କ ପାଇଁ ଧାର୍ମିକସ୍ତରରେ ସଂରକ୍ଷଣ ପାଇଁ ଦୃଢ଼ ବିରୋଧ ହୋଇଥିଲା। ସମ୍ବିଧାନ ନିର୍ମାତାମାନେ ଦୃଢ଼ ଭାବେ ମତପୋଷଣ କରିଥିଲେ ଯେ ସଂଖ୍ୟାଲଘୁର ଅବଧାରଣା କେବଳ ସମାଜକୁ ବିଭାଜନ କରିବା ପାଇଁ ଇଂରେଜଙ୍କର ପରିକଳ୍ପିତ ମାନସିକତା ଥିଲା। ସମାଜରେ ଧାର୍ମିକ ବର୍ଗୀକରଣ ଆଧାରରେ ଅଳ୍ପସଂଖ୍ୟକ ଓ ବହୁସଂଖ୍ୟକ ମଧ୍ୟରେ ବିଭାଜନ କରିବା ଏକ ସାମ୍ରାଜ୍ୟବାଦୀ ମାନସିକତା ବୋଲି ସେମାନେ ଦୃଢ଼ ମତ ଘୋଷଣା କରିଥିଲେ। ସମ୍ବିଧାନର ଧାରା ୨୯ ଓ ୩୦ ମଧ୍ୟରେ ଧାର୍ମିକ ସଂଗଠନଗୁଡ଼ିକର ସାଂସ୍କୃତିକ ଓ ସାମାଜିକ ଅଧିକାରର ସୁରକ୍ଷା ପାଇଁ ବ୍ୟବସ୍ଥା କରାଗଲା, କିନ୍ତୁ ଧାର୍ମିକ ଆଧାରରେ ସଂରକ୍ଷଣକୁ ପ୍ରତ୍ୟାଖ୍ୟାନ କରାଗଲା।

ଭାରତୀୟ ସମ୍ବିଧାନରେ ମୌଳିକ ଅଧିକାର, ସାଂସ୍କୃତିକ ଅଧିକାର, ସଂଘୀୟ ବ୍ୟବସ୍ଥା ତଥା ସର୍ବଧର୍ମ ସମଭାବ ସହିତ ପୃଥକ୍ ପୃଥକ୍ ସାମାଜିକ ତଥା ସାଂସ୍କୃତିକ ବର୍ଗଗୁଡ଼ିକ ମଧ୍ୟରେ ସମାନତା ତଥା ସ୍ୱତନ୍ତ୍ରତା ଆଦି ପ୍ରତିଷ୍ଠା ପାଇଁ ଅନେକ ସୁଯୋଗ ପ୍ରଦାନ କରାଯାଉଛି। ଅନୁସୂଚିତ ଜାତି ଓ ଜନାଜାତି, ଅନ୍ୟାନ୍ୟ ପଛୁଆ ବର୍ଗରେ ସାମାଜିକ ଓ ଆର୍ଥିକ ସ୍ତରରେ ନିଷ୍ପେଷିତ ବ୍ୟକ୍ତିଙ୍କୁ ବିଶେଷ ଅଧିକାର ପ୍ରଦାନ କରାଯାଇଛି। ସମ୍ବିଧାନ ସଭାର ଚର୍ଚ୍ଚା ଆଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହେଉଥିଲା ଯେ ଧର୍ମ ଆଧାରରେ ସଂରକ୍ଷଣ ଆଦୌ ସମୀଚୀନ ନୁହେଁ। ଉଦାହରଣ ସ୍ୱରୂପ ସଂଖ୍ୟାଲଘୁ ସମ୍ପ୍ରଦାୟରୁ ପ୍ରତିନିଧିତ୍ୱ କରୁଥିବା ସଦସ୍ୟ ତଜମୁଲ ହୁସେନ ଯେଉଁ ବକ୍ତବ୍ୟ ପ୍ରଦାନ କରିଥିଲେ ତାହା ଉଲ୍ଲେଖନୀୟ। ସେ ମୁସଲମାନ ଓ ଅନ୍ୟାନ୍ୟ ସମ୍ପ୍ରଦାୟଙ୍କୁ ସଂଖ୍ୟାଲଘୁ ସଂଜ୍ଞା ଦେବାର ବିରୋଧ କରିଥିଲେ। ହୁସେନ କହିଥିଲେ "ଆମ ମୁସଲମାନଙ୍କ ପାଇଁ କୌଣସି ପ୍ରକାରର ସୁଖ ସୁବିଧା ପ୍ରଦାନ କରିବା ଆବଶ୍ୟକ ନାହିଁ। ଆମକୁ ଭାରତରେ କୌଣସି ସଂରକ୍ଷଣର ସୁରକ୍ଷା କବଚର ଆବଶ୍ୟକ ନାହିଁ। ଆମେ ଦୁର୍ବଳ ନୋହୁଁ। ସଂରକ୍ଷଣ ଦ୍ୱାରା ମୁସଲମାନଙ୍କର ଲାଭ କମ୍ କ୍ଷତି ଅଧିକ ହେବ। ଭାରତରେ ମୁସଲମାନ ସମାଜରେ ବହୁସଂଖ୍ୟକଙ୍କ ସହିତ ସମସ୍କନ୍ଧ ହୋଇ ରହିବା ଆବଶ୍ୟକ। ମୁଁ ଚାହୁଁଛି ଯେ ଏହି ନୂତନ ଅବସ୍ଥାରେ ଭାରତର ସମସ୍ତ ନାଗରିକଙ୍କୁ ଏକ ଅଧିକାର ପ୍ରଦାନ କରିଯିବା ଆବଶ୍ୟକ ଯେଉଁଥିରେ ସମସ୍ତେ ଦେଶର ବିକାଶ ପାଇଁ କାର୍ଯ୍ୟ କରିବା ଉଚିତ। ଏଣୁ ମୁସଲମାନଙ୍କୁ ସଂରକ୍ଷଣ ପ୍ରଦାନ କରିବା ସେମାନଙ୍କ ପାଇଁ ଆତ୍ମଘାତୀ ହେବ।" ଏହାର ବିସ୍ତୃତ ଭାଷଣ 'ଦି ରାଇଟ ଟୁ ଇକ୍ୱାଲିଟି, ସମ୍ପାଦକୀୟ, କମ୍ୟୁନିଜମ୍ କମ୍ପାକ୍ଟ' ପୁସ୍ତକରେ ବର୍ଣ୍ଣନା କରାଯାଇଛି।

ସମ୍ବିଧାନସଭାର ଉପାଧ୍ୟକ୍ଷ ଡ. ଏଚ୍. ସି. ମୁଖାର୍ଜୀ କହିଥିଲେ, "ଯଦି ଆମର ଲକ୍ଷ୍ୟ ଭାରତକୁ ଏକ ପନ୍ଥ ନିରପେକ୍ଷ ରାଷ୍ଟ୍ରରୂପେ ନିର୍ମାଣ କରିବା, ତେବେ ଧର୍ମ ଆଧାରରେ ନୁହେଁ।" ନ୍ୟାୟପାଳିକା ମଧ୍ୟ ଏ ସମ୍ବନ୍ଧରେ ବହୁବାର ଆଦେଶ ପ୍ରଦାନ କରି ଧାର୍ମିକ ଆଧାରରେ ଆରକ୍ଷଣକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

ସମ୍ବିଧାନ ସଭାର ସମସ୍ତ ସଦସ୍ୟଙ୍କ ଏକ ମତ ଥିଲା ଯେ ଅନୁସୂଚିତ ଜାତି ଓ ଜନଜାତି ସହସ୍ରବର୍ଷ ଧରି ସାମାଜିକ ତଥା ଭାବନାତ୍ମକ ଭେଦଭାବର ଶିକାର ହୋଇଆସିଛି। ସମ୍ବିଧାନ ସଭାର ସଦସ୍ୟ ଲକ୍ଷ୍ମଣ ଶ୍ରବଣ ଭାଟକର କହିଥିଲେ ଯେ "ସାମ୍ପ୍ରଦାୟିକ ପ୍ରତିନିଧିତ୍ୱ ସମ୍ବିଧାନରୁ ନିର୍ମୂଳ କରିଦେବା ଆବଶ୍ୟକ ଏବଂ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଦଶବର୍ଷ ପାଇଁ ସଂରକ୍ଷଣ ପ୍ରଦାନ କରାଯିବା ଦରକାର। କାରଣ ସେମାନେ ଏଥିପାଇଁ ହକ୍‌ଦାର। ସେମାନେ ଦରିଦ୍ର, ବଞ୍ଚିତ, ଅଶିକ୍ଷିତଙ୍କ ସ୍ଥିତି ଓ ସାମାଜିକ ଅବସ୍ଥାକୁ ଦେଖି ଏହିପରି ସୁଖ ସୁବିଧା ପ୍ରଦାନ କରିବା ଆବଶ୍ୟକ।" ମାର୍କ୍ସବାଦୀ ଇତିହାସରେ ଇରଫାନ ହବିବଙ୍କ ମତରେ "ଭାରତରେ ବର୍ଣ୍ଣବ୍ୟବସ୍ଥା ସମ୍ପୂର୍ଣ୍ଣ ଅମାନବୀୟ, ଯାହା ସମାଜରେ ଅସମାନତା ସୃଷ୍ଟି କରୁଛି।" ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସମ୍ବିଧାନ ସଭାରେ କହିଥିଲେ "ଅନୁସୂଚିତ ଜାତି ଓ ଜନଜାତିଙ୍କୁ ସଂରକ୍ଷଣରେ ସୁଖ ସୁବିଧା ପ୍ରଦାନ କରିବା ଆବଶ୍ୟକ। ବହୁସଂଖ୍ୟକ ସମୁଦାୟର ଏହା ଦାୟିତ୍ୱ ହେବା ଆବଶ୍ୟକ ଯେ ନିଜର ଉଦାରତା ଦ୍ୱାରା ସଂଖ୍ୟାଲଘୁଙ୍କ ମଧ୍ୟରେ ବିଶ୍ୱାସର ଭାବନା ଉଦ୍ରେକ କରିବା। ସେହିଭଳି ସଂଖ୍ୟାଲଘୁଙ୍କର ଏପରି କର୍ତ୍ତବ୍ୟ ହେବା ଆବଶ୍ୟକ ଯେ ସେମାନେ ଅତୀତର ସମସ୍ତ ଦୋଷ ତ୍ରୁଟିକୁ ବିସ୍ମରଣ କରି ଚିନ୍ତନ କରିବା ଉଚିତ। ସଂଖ୍ୟାଲଘୁ ଓ ବହୁସଂଖ୍ୟକ ବିଭାଜନ ବିଦେଶୀ ଇଂରେଜୀଙ୍କର ଏକ ଷଡ଼ଯନ୍ତ୍ର। ଏଥିପାଇଁ ଆମେ ବହୁ କଷ୍ଟ ସ୍ୱୀକାର କରିଛୁ। ଦେଶରେ ସମସ୍ତେ ଏକ ଓ ସମାନ। ସମସ୍ତ ନାଗରିକଙ୍କର ଅଧିକାର ଅକ୍ଷୁର୍ଣ୍ଣ ରହିବା ଆବଶ୍ୟକ। ସମଗ୍ର ଭାରତ ଏକ ସମୁଦାୟ। ବହୁସଂଖ୍ୟକ ଓ ସଂଖ୍ୟାଲଘୁ ବିଭାଜନ ବନ୍ଦ ହେବା ଆବଶ୍ୟକ।" ତେବେ ଅଧିକାରକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଶାସନର ଦୁଇଟି ଅଙ୍ଗ ରହିଛି: ନ୍ୟାୟବ୍ୟବସ୍ଥା ଓ କାର୍ଯ୍ୟପାଳିକା। ଏହି ଦୁଇଟି ଅଙ୍ଗ ସମାନ୍ତରାଳ ହୋଇ ଚାଲିବା ଆବଶ୍ୟକ, ନଚେତ୍ ସଂଘର୍ଷ ଦେଖାଦେବ।

ଆଡ୍‌ଭୋକେଟ, ଖଟବିନ ସାହି, କଟକ
ମୋ: ୯୪୩୭୦୧୬୩୮୪

# ସମଭାବରେ ବିରୋଧ ହେଉ



ହରିଶଙ୍କର ମିଶ୍ର

ଭାରତ ବାହାରେ ବିଭିନ୍ନ ସ୍ଥାନରେ ଇସ୍କନ ଅନୁଗାମୀଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହେଉଥିବା ଅଦିନିଆ ରଥଯାତ୍ରାକୁ ବିରୋଧକରି ପୁରୀ ଗଜପତି ଏକ ଧାର୍ମିକ ସମ୍ମିଳନୀରେ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ଅଦିନିଆ ରଥଯାତ୍ରାକୁ ଯେତେ ବିରୋଧ କଲେ ମଧ୍ୟ ଇସ୍କନ ଅନୁଗାମୀମାନେ ତାହାକୁ ଖାତିର କରୁନାହାନ୍ତି। ଅତୀତରେ ହ୍ୟୁଷ୍ଟନ ସହରରେ ଅଦିନିଆ ରଥଯାତ୍ରାକୁ ବିରୋଧ କରି ଗଜପତି ଭୁବନେଶ୍ୱରରେ ଖବରଦାତା ସମ୍ମିଳନୀ କରିଥିଲେ। ଇସ୍କନ କର୍ତ୍ତୃପକ୍ଷ ରଥଯାତ୍ରା ବନ୍ଦ ହେଲା ବୋଲି ମାତ୍ର କେଇ ଘଣ୍ଟା ପରେ ଜଣାଇଥିଲେ । ନିର୍ଦ୍ଧାରିତ ଦିନ ନନ୍ଦିଘୋଷ ସଦୃଶ ରଥରେ ଚୈତନ୍ୟ ଓ ନିତ୍ୟାନନ୍ଦଙ୍କ ବିଗ୍ରହ ରଖାଯାଇ ରଥଯାତ୍ରା କରାଗଲା। ଏଠାରେ ଗୋଟିଏ ପ୍ରଶ୍ନ କିନ୍ତୁ ଅବୁଝା ରହିଗଲା ଯେ ହ୍ୟୁଷ୍ଟନ ସହର ସମୟ ଓଡ଼ିଶାର ସମୟ ମଧ୍ୟରେ ଏଗାର ଘଣ୍ଟା ତିରିଶ ମିନିଟ ତଫାତ୍ ଯୋଗୁ ଖବରଦାତା ସମ୍ମିଳନୀର ବାର୍ତ୍ତା ହ୍ୟୁଷ୍ଟନରେ ଥିବା ଇସ୍କନ କର୍ତ୍ତୃପକ୍ଷଙ୍କ ପାଖରେ ପହଞ୍ଚିବା ଓ ନିଷ୍ପତ୍ତି ବଦଳିବା ପାଇଁ ସେମାନେ କ'ଣ ରାତିସାରା ଅନିଦ୍ରା ରହିଥିଲେ ନା କେହି ଅଦୃଶ୍ୟ ଶକ୍ତିର ସୁଚିନ୍ତିତ ପରାମର୍ଶ ଏହା ପଛରେ ରହିଥିଲା। ଗଜପତି ଖବରଦାତା ସମ୍ମିଳନୀ କରିଥିବା ଦିନ ପୁରୀ ଟାଉନ ଥାନାରେ ସଚେତନ ନାଗରିକ ମଞ୍ଚ ତରଫରୁ ଇସ୍କନ କର୍ତ୍ତୃପକ୍ଷଙ୍କ ବିରୋଧରେ ଏତଲା ମଧ୍ୟ ଦିଆଯାଇଥିଲା। ସେଦିନ ମଞ୍ଚର ସଭାପତି ଗଣମାଧ୍ୟମରେ ପ୍ରକାଶ କରିଥିଲେ ଯେ ଇସ୍କନ ଅନୁଗାମୀମାନେ ସେମାନଙ୍କ ପରାମର୍ଶଦାତା ଭାବରେ ଗଜପତିଙ୍କୁ ଗ୍ରହଣ କରୁଥିବାରୁ ସେ ପ୍ରଥମେ ତାହାକୁ ଖଣ୍ଡନ କରନ୍ତୁ। ଏହି ଅଭିଯୋଗ ଏଯାବତ୍ ସମାଧାନ ହୋଇନାହିଁ। କିନ୍ତୁ ଏହା ମଧ୍ୟରେ ଇସ୍କନ କର୍ତ୍ତୃପକ୍ଷ ଏକାଧିକ ଅଦିନିଆ ରଥଯାତ୍ରା କରିସାରିଛନ୍ତି।

କିଛି ବର୍ଷତଳେ ପୁରୀରେ ଇସ୍କନ ତରଫରୁ ଶ୍ରୀମନ୍ଦିର ଅନୁରୂପ ଏକ ମନ୍ଦିର ନିର୍ମାଣ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। କିନ୍ତୁ ତାହା ସମ୍ଭବ ହେଲାନାହିଁ। ଇସ୍କନ ଅନୁଗାମୀଙ୍କ ଦ୍ୱାରା ଅନୁରୂପ ମନ୍ଦିର ପଶ୍ଚିମବଙ୍ଗ ସରକାରଙ୍କ ସମର୍ଥନ ଓ ଆର୍ଥିକ ଅନୁଦାନରେ ଦୀଘା ଠାରେ ନିର୍ମିତ ହୋଇ ତାହାକୁ ଶ୍ରୀଜଗନ୍ନାଥ ଧାମ ନାମକରଣ କରାଗଲା। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ସେହି ମନ୍ଦିର ପ୍ରତିଷ୍ଠାରେ ପୁରୀର ଅନେକ ବ୍ରାହ୍ମଣଙ୍କ ସହ କେତେଜଣ ସେବକ ମଧ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶ୍ରୀଜୀଉମାନଙ୍କ ନବକଳେବରରେ ବ୍ୟବହୃତ ଦାରୁର କିଛି ଅଂଶ ସେଠାରେ ବିଗ୍ରହ ନିର୍ମାଣରେ ଲାଗିଥିବା ଏବଂ ସିଂହାସନରେ ପ୍ରସ୍ତର ନିର୍ମିତ ବିଗ୍ରହ ସ୍ଥାପନ ହୋଇଥିବା ମଧ୍ୟ ବ୍ୟାପକ ପ୍ରତିକ୍ରିୟା ସୃଷ୍ଟି କରିଥିଲା। ପରେ ଇସ୍କନ ଅନୁଗାମୀଙ୍କ ଦ୍ୱାରା ପୂଜା ଓ ଅନ୍ୟ ମତାବଲମ୍ବୀଙ୍କ ମାଧ୍ୟମରେ ପ୍ରସାଦ ବିକ୍ରି ହେଉଥିବା ସମ୍ବାଦ ପ୍ରକାଶିତ ହୋଇଥିଲା। ଅନବସର ସମୟରେ ଶ୍ରୀଜୀଉମାନଙ୍କ




ଜ୍ୱର ଉପଶମ ପାଇଁ ପ୍ରସ୍ତୁତ ମୋଦକ ଚୋରି ଖବର ତାହାକୁ ଅଧିକ ରୋଚକ କରିଥିଲା। କିନ୍ତୁ ଏ ସମ୍ପର୍କିତ ଆଲୋଚନା ନୀରବି ଗଲା। କିନ୍ତୁ କୁରାଢ଼ି ପଛର ବେଣ୍ଟ ପରି ନିଜକୁ ଶ୍ରୀଜଗନ୍ନାଥଙ୍କ ପ୍ରତି ସମର୍ପିତ ବୋଲି ଦାବି ଓ ପ୍ରଚାର କରୁଥିବା କିଛି ବ୍ୟକ୍ତି ଇସ୍କନ ସହ ପରୋକ୍ଷ ବା ପ୍ରତ୍ୟକ୍ଷ ସମ୍ପର୍କ ରଖିଥିବା ସ୍ପଷ୍ଟ ହୋଇଗଲା।

କେବଳ ଅଦିନିଆ ରଥଯାତ୍ରାକୁ ବିରୋଧ ପରିବର୍ତ୍ତେ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ପ୍ରତ୍ୟେକ ଅସଙ୍ଗତିକୁ ସମଭାବରେ ବିରୋଧ କରାଯିବା ଉଚିତ। କିନ୍ତୁ ଯଦି ବିରୋଧକୁ ବ୍ୟାପକ କରାଯାଏ ତେବେ ତାହା ଆମ ରାଜ୍ୟରେ ହିଁ ପ୍ରଥମେ ଦିଗହରା ହେବା ଶତପ୍ରତିଶତ ସତ୍ୟ। ପ୍ରଥମତଃ ଗୋଟିଏ ପକ୍ଷରେ ଅଦିନିଆ ରଥଯାତ୍ରାକୁ ବିରୋଧ ହେଉଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ନିୟମିତ ଶ୍ରୀଜୀଉମାନଙ୍କର ବିଭିନ୍ନ ବେଶ ଅଦିନରେ କରାଯାଉଛି। ସେଠାରେ ଅନ୍ନାଦି ବ୍ୟଞ୍ଜନ ସହ ଛପନ ଭୋଗ ପ୍ରସ୍ତୁତ କରାଯାଇ ଶ୍ରୀମହାପ୍ରସାଦ ନାମିତ ହେଉଛି। ତାହାକୁ କିନ୍ତୁ ବିରୋଧ କରାଯାଉ ନାହିଁ ବରଂ ଏପରି କାର୍ଯ୍ୟକ୍ରମ ଚାଲୁ ରଖିବାକୁ କିଛି ସଂଗୋଷ୍ଠୀ ସୃଷ୍ଟି ହୋଇଛନ୍ତି। ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ ଭୋଗ ନୀତିକାନ୍ତିକୁ ଯେଭଳି ପ୍ରଦର୍ଶନ ଓ ଆଲୋଚନା ଏବଂ ବିଭିନ୍ନ ମହୋତ୍ସବ ନାମରେ ସାର୍ବଜନୀନ କରାଯାଉଛି ଏବଂ ତତ୍ତ୍ୱ ବା ମହିମା ନାମରେ କପୋଳକଳ୍ପିତ କାହାଣୀର ଅବତାରଣା କରାଯାଉଛି ତା'ର ଅନ୍ତ ହେବା ଜରୁରୀ। କିଛି ମାସ ପୂର୍ବରୁ ଶ୍ରୀଜୀଉମାନଙ୍କ ରଘୁନାଥ ବେଶ ଭୁବନେଶ୍ୱରରେ କରାଯାଇଥିଲା। ଅତୀତରେ ହୋଇଥିବା ସେହି ବେଶ କେହି ଦେଖିବା ଲୋକ ଜୀବିତ ନାହାନ୍ତି କିନ୍ତୁ ସମସ୍ତ ବେଶ ସହ ଏହି ବେଶ ପ୍ରଦର୍ଶନୀ ପ୍ରକାରାନ୍ତରେ ଶ୍ରୀଜୀଉମାନଙ୍କୁ ଖେଳଣା କଣ୍ଢେଇ ଭଳି ଅର୍ଥାଗମ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିବା ସ୍ପଷ୍ଟ ହେଉଛି। ସବୁ ମହାପ୍ରଭୁଙ୍କ ଇଚ୍ଛା କହି ଏହି ସବୁ ଅସଙ୍ଗତିକୁ ବିରୋଧ କରାଯାଉ ନ ଥିଲା ବେଳେ ଅଦିନିଆ ରଥଯାତ୍ରାକୁ ଶ୍ରୀଜଗନ୍ନାଥଙ୍କ ଇଚ୍ଛା ଭାବରେ ସ୍ୱୀକାର ପରିବର୍ତ୍ତେ ବିରୋଧ ନିଶ୍ଚିତ ଇସ୍କନ ଅନୁଗାମୀଙ୍କ ପାଇଁ ପ୍ରଶ୍ନର ଖୋରାକ ସୃଷ୍ଟି କରୁଛି। ଶ୍ରୀଜଗନ୍ନାଥଙ୍କ ଐତିହ୍ୟ କରିଡର ପ୍ରତିଷ୍ଠା ଓ ସେଥିପାଇଁ ବ୍ରାହ୍ମଣ ବରଣ ସହ ସାରା ରାଜ୍ୟରେ ଟ୍ରଲି ରିକ୍ସାରେ ମହାପ୍ରଭୁଙ୍କ ବିଗ୍ରହ ରଖାଯାଇ ସାରା ରାଜ୍ୟରୁ ଚାଉଳ ଗୁଆ ନଡ଼ିଆ ଟଙ୍କା ଆଦାୟକୁ ସମର୍ଥନ କରିଥିବା ବ୍ୟକ୍ତିବିଶେଷ ଏଇ ଅଦିନିଆ ରଥଯାତ୍ରାକୁ ବିରୋଧ କରୁଥିବା ମଧ୍ୟ ଅନ୍ୟ ଏକ ପ୍ରଶ୍ନବାଚୀ । ତେଣୁ ଯଦି ପ୍ରକୃତରେ ଆନ୍ତରିକତା ଓ ଶ୍ରୀଜୀଉମାନଙ୍କ ପ୍ରତି ସମର୍ପଣ ଭାବ ଥାଏ ତେବେ ପ୍ରତ୍ୟେକ ଅସଙ୍ଗତିକୁ ବିରୋଧ କରାଯାଉ। ଶ୍ରୀଜୀଉମାନଙ୍କୁ ପୁଞ୍ଜିକରି ଯେଉଁମାନେ ବିବିଧ ଅପସଂସ୍କୃତି ମାଧ୍ୟମରେ ଅର୍ଥ ରୋଜଗାର କରୁଛନ୍ତି ସେମାନଙ୍କୁ ନିବୃତ୍ତ କରାଯାଉ। ଶ୍ରୀଜଗନ୍ନାଥଙ୍କ ପ୍ରତି ସମର୍ପିତ ଭାବରେ ଚଟୁ ଆମିଷ ବେଣ୍ଟ ନିରାମିଷ ଭଳି ଆଚାର ପରିହାର କରାଯିବା ଉଚିତ।

୧୧୩, ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

## ଏଇ ଭାରତରେ

କେରଳର ଛୋଟ ଗାଁଟିଏ ଭାଲମୁଟ୍ଟି। ପଲ୍ଲାକଡ଼ ଜିଲାର ଏହି ଗାଁକୁ ସରକାରୀ ସ୍ତରରେ 'ମ୍ୟୁଜିକ ଗାଁ' ଆଖ୍ୟା ଦିଆଯାଇଛି। ୨୦୦୦ ବର୍ଷର ପୁରୁଣା ସଙ୍ଗମ ସାହିତ୍ୟ ସେହି ଗାଁର ସଙ୍ଗୀତକାରଙ୍କୁ ସହଯୋଗ କରିଆସିଛି। ଭାଲମୁଟ୍ଟିରେ ୫୪ ପରିବାର ରହୁଛନ୍ତି। ପ୍ରତ୍ୟେକଟି ପରିବାରରେ ମ୍ୟୁଜିକ୍‌ସିଆନ ଅଛନ୍ତି। ଅତିକମ୍‌ରେ ଜଣେ ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇବା ଓ ଗୀତଗାଉଥିବା ବ୍ୟକ୍ତି ରହିଛନ୍ତି। ବଡ଼ କଥା ହେଉଛି ସେମାନେ କୌଣସି ପ୍ରଶିକ୍ଷଣ ନ ନେଇ ତାହା କରୁଛନ୍ତି। ଅର୍ଥାତ୍ ଅନେକ ପିଢ଼ିର ଅଭିଜ୍ଞତା ତଥା ଅନୁଭବ ସେମାନଙ୍କ ପାଇଁ ଉପଯୋଗୀ ହୋଇ ଆସିଛି। ପରିବାରରେ ପିଲାଟିଏ ଜନ୍ମ ହୋଇ ବଢ଼ିବା ପରେ ଖାତା କଲମ ଧରି ନାଁ ଲେଖା ଶିଖିବା ପୂର୍ବରୁ ଭକ୍ତି ସଙ୍ଗୀତ ଶୁଣିବାକୁ ପାଆନ୍ତି। ଗାଁର ବିଷ୍ଣୁ-ମୁକାନ ସନ୍ଥନ ମନ୍ଦିରରେ ପାଳିତ ହେଉଥିବା ପର୍ବରେ ପରିବାରଗୁଡ଼ିକ ଏକାଠି ହୋଇ ରାତିରୁ ସକାଳ ଯାଏ ପାରମ୍ପରିକ ବାଦ୍ୟ ବଜାଇ ଗୀତ ଗାଆନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ଜାନୁଆରୀ ୧୯୭୭

- ଉତ୍କୃଷ୍ଟ ଉନ୍ନୟନ ଗବେଷଣା ପାଇଁ ଜାତୀୟ ଗବେଷଣା ଉନ୍ନୟନ କର୍ପୋରେଶନ ତରଫରୁ ୧୫ ଜଣ ଉଦ୍ଭାବକ ପୁରସ୍କୃତ।
- ପ୍ରଥମ କରି କଲମ୍ବୋ ଓ ଦିଲ୍ଲୀ ମଧ୍ୟରେ ସିଧାସଳଖ ବିମାନ ଯୋଗାଯୋଗ ସ୍ଥାପିତ।

## ଚିରନ୍ତନୀ

ନୀରସ ନିପଟ ମରୁ
ବିରସ ପ୍ରକୃତି,
ଶୁଖିଯାଏ କଣ୍ଠ ମୋର,
ଜଳିଯାଏ ଧୃତି। -(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କାଗଜରେ କଟକଣା

ମହାଶୟ,

ରାଜ୍ୟରେ ତମାଖୁ ଓ ନିକୋଟିନ୍‌ଯୁକ୍ତ ସମସ୍ତ ଉତ୍ପାଦ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇବାକୁ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତି ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ପ୍ରଶ୍ନ ହେଉଛି ଏହି କଟକଣା କେବଳ କାଗଜ ଘୋଷଣାରେ ସୀମିତ ରହିଯିବନି ତ ? ପୂର୍ବରୁ ଗୁଟ୍‌ଖା ନିଷିଦ୍ଧ ଘୋଷଣା ପରେ ଆରମ୍ଭରୁ କଠୋର କଟକଣା କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ କମ୍ପାନୀମାନେ ତମାଖୁ ଓ ପାନମସଲାକୁ ଅଲଗା ଅଲଗା ପ୍ୟାକେଟ୍‌ରେ ବିକ୍ରି କରି ପୁରୁଣା ବ୍ୟବସାୟକୁ ପୁଣି ଚଳାଇଥିଲେ। ଏହି ପୃଷ୍ଠଭୂମିରେ ଦେଖିଲେ, ନୂତନ ନିଷେଧକୁ ନେଇ ସନ୍ଦେହ ପ୍ରକାଶ ପାଇବା ସ୍ୱାଭାବିକ। ତମାଖୁ ଉତ୍ପାଦରୁ ସରକାର ପ୍ରତିବର୍ଷ ଅନେକ ହଜାର କୋଟି ଟଙ୍କା କର ଆଦାୟ କରୁଛନ୍ତି। ଏହି ବିଶାଳ ରାଜସ୍ୱ ହରାଇବାକୁ ସରକାର କେତେଦୂର ପ୍ରସ୍ତୁତ ସେଥିରେ ମଧ୍ୟ ପ୍ରଶ୍ନ ରହିଛି। କାଗଜରେ କଟକଣା ଓ ଅମଲାତନ୍ତ୍ରର ନିଷ୍କ୍ରିୟତାର ପୁରୁଣା ଧାରା ପୁନରାବୃତ୍ତି ହେଲେ ସର୍ବସାଧାରଣଙ୍କ ଭରସା କମିଯିବ। ବାସ୍ତବରେ କେବଳ ବିକ୍ରି ଓ ପରିବହନ ଉପରେ କଟକଣା ଲଗାଇଲେ ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ନୁହେଁ। ଯେ ପର୍ଯ୍ୟନ୍ତ ଏହି ତମାଖୁ ଓ ନିକୋଟିନ୍‌ଯୁକ୍ତ ଉତ୍ପାଦର ଉତ୍ପାଦନ ଚାଲୁରହିବ, ସେ ପର୍ଯ୍ୟନ୍ତ ବିଭିନ୍ନ ଉପାୟରେ ଏହା ବଜାରକୁ ପହଞ୍ଚିବ। ଯଦି ସରକାର ସମ୍ପୂର୍ଣ୍ଣ ଭାବେ ଏହି ଉତ୍ପାଦନ ପ୍ରକ୍ରିୟାକୁ ବନ୍ଦ କରିଦେବାର ସାହସିକ ନିଷ୍ପତ୍ତି ନେଉଥାନ୍ତେ, ତେବେ ଅବୈଧ ବେପାର, କାଗଜରେ କଟକଣା ଓ ପୁନରାବୃତ୍ତିର ସମସ୍ୟା ଅପେକ୍ଷାକୃତ ଶେଷ ହୋଇପାରିଥାନ୍ତା।

– ଅଜିତ୍ କୁମାର ପ୍ରଧାନ, ନୀଳଗିରି, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଡୁଡୁଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜୋକୋଭିଚ୍, ଅଲ୍‌କାରାଜ, ସାବାଲେଙ୍କା କ୍ୱାର୍ଟରରେ

### ଅଷ୍ଟ୍ରେଲିଆନ ଓପନ ଟେନିସ

**ମେଲବୋର୍ନ, ୨୫।୧ (ଏପି)**

ନୋଭାକ୍ ଜୋକୋଭିଚ୍ ଓ କାର୍ଲୋସ ଅଲ୍‌କାରାଜ ପୁରୁଷ ସିଙ୍ଗଲ୍ସରେ ଏବଂ ଆରିନା ସାବାଲେଙ୍କା ଓ କୋକୋ ଗଫ୍ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆନ ଓପନ ଟେନିସ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ତଳିପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ଜାକପ ମେନସିକ୍ ଚତୁର୍ଥ ରାଉଣ୍ଡ ମ୍ୟାଚର ୨୪ ଘଣ୍ଟା ପୂର୍ବରୁ ଓହରିଯିବାରୁ ସର୍ବୀୟ ଟେନିସ ଷ୍ଟାର ଜୋକୋଭିଚ୍ ୱାକଓଭର ପାଇ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। ୩୮ ବର୍ଷୀୟ ପୂର୍ବତନ ନମ୍ବର-୧ ଗତଥର ତାଙ୍କ ଗ୍ରାଣ୍ଡସ୍ଲାମ ଟାଇଟଲ ୨୦୨୩ରେ ଜିତିଥିଲେ। ଗତବର୍ଷ ସେ ସମସ୍ତ ୪ ଗ୍ରାଣ୍ଡସ୍ଲାମ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିଲେ ମାତ୍ର କୌଣସି ଥିରେ ଫାଇନାଲକୁ ଉନ୍ନୀତ ହୋଇପାରି ନ ଥିଲେ। ରବିବାର ପୁରୁଷ ସିଙ୍ଗଲ୍ସର ଓପନିଂ ମ୍ୟାଚରେ ବିଶ୍ୱର ନମ୍ବର ୱାନ ର୍‌ୟାଙ୍କିଙ୍ଗ ଖେଳାଳି କାର୍ଲୋସ ଅଲ୍‌କାରାଜ ୧୯ତମ ସିଡ୍ ଟମ୍ମି ପଲଙ୍କୁ ୭-୬(୬), ୬-୪, ୭-୫ରେ ପରାସ୍ତ କରି ମାତ୍ର ୨୨ ବର୍ଷ ବୟସରେ ତାଙ୍କ କ୍ୟାରିୟର ଗ୍ରାଣ୍ଡସ୍ଲାମ ଅଭିଯାନ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ମହିଳା ବିଭାଗରେ ଟପ୍ ସିଡ୍ ତଥା ବେଲାରୁଷର ଆରିନା ସାବାଲେଙ୍କା ବିଶ୍ୱର ୧୭ ନମ୍ବର କାନାଡାର ୧୯ ବର୍ଷୀୟା ଭିକି ଏମ୍‌ବୋକୋଙ୍କୁ ୬-୧, ୭-୬ (୧)ରେ ପରାସ୍ତ କରି କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଫଳରେ ସେ କ୍ରମାଗତ ୧୩ଥର ଗ୍ରାଣ୍ଡସ୍ଲାମ କ୍ୱାର୍ଟରଫାଇନାଲରେ ପ୍ରବେଶ କରିପାରିଛନ୍ତି। ଏଠାରେ ବର୍ତ୍ତମାନ ସେ ୧୮ ବର୍ଷୀୟା ଇଭା ଜୋଭିକ୍‌ଙ୍କୁ ଭେଟିବେ। ୨୯ତମ ସିଡ୍ ଜୋଭିକ୍ ୬-୦, ୬-୧ରେ ୟୁଲିଆ ପୁଟିଣ୍ଟସେଭାଙ୍କୁ ୬-୦, ୬-୧ରେ ହରାଇ ଦେଇଛନ୍ତି। ଜଣେ ସ୍ୱଳ୍ପ ବୟସ୍କା ଖେଳାଳି ଭାବେ ୨୦୨୩ରେ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିବା କୋକୋ ଗଫ୍ ମଧ୍ୟ ତାଙ୍କ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ସେ ୧୯ ନମ୍ବର କାରୋଲିନା ମୁଚୋଭାଙ୍କ ବିପକ୍ଷରେ ୬-୧, ୩-୬, ୬-୩ ସେଟରେ ବିଜୟ ହାସଲ କରିଛନ୍ତି।


କାର୍ଲୋସ ଅଲ୍‌କାରାଜ

# ତାମିଲନାଡୁଠାରୁ ଓଡ଼ିଶା ପରାସ୍ତ

### ରଣଜୀ ଟ୍ରଫି

**ଭୁବନେଶ୍ୱର, ୨୫।୧ (ତପନ ସ୍ୱାଇଁ)**

କିଟ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ରବିବାର ଶେଷ ହୋଇଥିବା ଏଲିଟ୍ ଗ୍ରୁପ୍ 'ଏ' ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ୨୦୭ ରନ୍‌ରେ ତାମିଲନାଡୁଠାରୁ ହାରିଯାଇଛି। ୪୫୫ ରନ୍ ବିଜୟ ଲକ୍ଷ୍ୟ ନେଇ ଦ୍ୱିତୀୟ ଇନିଂସ୍ ଆରମ୍ଭ କରିଥିବା ଓଡ଼ିଶା ମୋଟ ୨୪୭ ରନ୍‌କରି ଅଲ୍‌ଆଉଟ ହୋଇଯାଇଛି। ପ୍ରଥମ ଇନିଂସ୍‌ରେ ୫ ଉଇକେଟ ନେଇଥିବା ତାମିଲନାଡୁର ସୋନୁ ଯାଦବ ଦ୍ୱିତୀୟ ଇନିଂସ୍‌ରେ ୭୪ ରନ୍ କରିବା ସହ ୨ଟି ଉଇକେଟ ହାସଲ କରିଥିବାରୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏହି ପରାଜୟ ସହ ଓଡ଼ିଶା ଗ୍ରୁପ୍ 'ଏ' ଟେବୁଲର ୭ମ ସ୍ଥାନକୁ ଖସିଛି। ୬ ମ୍ୟାଚ୍‌ରୁ ୧ ବିଜୟ, ୪ ପରାଜୟ ଓ ୧ ଡ୍ର ସହ ଦଳ ୭ ପଏଣ୍ଟରେ ସ୍ଥିର ରହିଛି। ଅନ୍ୟପକ୍ଷେ ପ୍ରଥମ ବିଜୟ ସ୍ୱାଦ ଚାଖିଥିବା ତାମିଲନାଡୁ ୧୧ ପଏଣ୍ଟ ସହିତ ୬ଷ୍ଠ ସ୍ଥାନରେ ରହିଛି। ପୂର୍ବ ୫ ମ୍ୟାଚ୍‌ରୁ ଦଳ ୨ଟିରେ ପରାଜିତ ହୋଇଥିବାବେଳେ ଅନ୍ୟ ୩ଟି ଡ୍ର ରଖିଥିଲା। ଚଳିତ ସିଜନରେ ଓଡ଼ିଶା ଏହାର ଅନ୍ତିମ ଲିଗ୍ ମ୍ୟାଚ୍ ଝାଡ଼ଖଣ୍ଡ ସହ ଜାନୁଆରୀ ୨୯ରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଜାମ୍‌ସେଦ୍‌ପୁରର କିନାନ୍ ଷ୍ଟାଡିୟମରେ ଖେଳିବ।

ତୃତୀୟ ଦିବସର ଅସମାପ୍ତ ସ୍କୋର ୪୭/୨ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ପକ୍ଷରୁ ଅଧିନାୟକ ଶୁଭ୍ରାଂଶୁ ସେନାପତି ଓ ଅନିଲ ପରିଡ଼ା ଅର୍ଦ୍ଧଶତକ ହାସଲ କରି ବେଶ୍ କିଛି ସମୟ ଇନିଂସ୍ ସମ୍ଭାଳିଥିଲେ। ମାତ୍ର ଏହାପରେ ଆଉ ବଡ଼ ପାର୍ଟନରଶିପ୍ ହୋଇ ନ ପାରିବାରୁ ଓଡ଼ିଶା ଇନିଂସ୍ ଭୁଶୁଡ଼ି ପଡ଼ିଥିଲା। ଅନିଲ ୯୮ ରନ୍‌ରେ ଆଉଟ୍ ହୋଇ ମାତ୍ର ୨ ରନ୍ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଶୁଭ୍ରାଂଶୁ ୫୫ ରନ୍‌ର ଇନିଂସ୍ ଖେଳିଥିଲେ। ୧୦ ନମ୍ବରରେ ଆସିଥିବା ରାଜେଶ ମହାନ୍ତି ୩୦ ରନ୍ କରିଥିଲେ। ତାମିଲନାଡୁ ବୋଲରଙ୍କ ମଧ୍ୟରେ ସୋନୁ ଯାଦବ, ପି. ବିଦ୍ୟୁତ୍, ସାଇ କିଶୋର ଓ ନିଧିଶ ରାଜାଗୋପାଳ ୨ଟି ଲେଖାଏ ଏବଂ ଗୁରଜପନିତ ସିଂ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ତାମିଲନାଡୁ ପ୍ରଥମ ଇନିଂସ୍: ୨୮୬। ଓଡ଼ିଶା ପ୍ରଥମ ଇନିଂସ୍: ୧୪୮। ତାମିଲନାଡୁ ଦ୍ୱିତୀୟ ଇନିଂସ: ୩୧୬। ଓଡ଼ିଶା ଦ୍ୱିତୀୟ ଇନିଂସ: ୨୪୭/ଅଲ୍‌ଆଉଟ (ଅନିଲ ପରିଡ଼ା-୯୮, ଶୁଭ୍ରାଂଶୁ ସେନାପତି-୫୫, ରାଜେଶ ମହାନ୍ତି-୩୦, ସୋନୁ ଯାଦବ-୨/୩୯, ପି. ବିଦ୍ୟୁତ୍-୨/୨/୪୬, ସାଇ କିଶୋର-୨/୪୩, ନିଧିଶ ରାଜାଗୋପାଳ-୨/୯, ଗୁରଜପନିତ ସିଂ-୧/୪୮)।

# ରାଜ୍ୟ ସିନିୟର କରାଟେ ଚାମ୍ପିୟନଶିପ୍ ଉଦ୍‌ଯାପିତ


କୃତୀ କରାଟେକାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

**ଭୁବନେଶ୍ୱର, ୨୫।୧ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ କରାଟେ ସଂଘ(ଓସ୍କା) ଆନୁକୂଲ୍ୟରେ ୩୭ତମ ସିନିୟର ଓ ୨୧ ବର୍ଷରୁ କମ୍ ରାଜ୍ୟ କରାଟେ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୨୪ଟି ସ୍ୱୀକୃତିପ୍ରାପ୍ତ ଜିଲା ସଂଘରୁ ଶତାଧିକ ପ୍ରତିଯୋଗୀ ଓ ଅଫିସିଆଲ ଅଂଶଗ୍ରହଣ କରିଥିଲେ। ମହିଳା ଓ ପୁରୁଷ ବର୍ଗରେ ଫାଇଟ୍ ଓ କାଟାକୁ ମିଶାଇ ମୋଟ ୧୭ କାଟେଗୋରିରେ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରୁ ପ୍ରଦର୍ଶନଭିତ୍ତିରେ ଆସନ୍ତା ଫେବୃଆରୀ ୨୭ରୁ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ ଆନୁକୂଲ୍ୟରେ ହେବାକୁଥିବା ଜାତୀୟ କରାଟେ ପ୍ରତିଯୋଗିତା ନିମନ୍ତେ ପ୍ରତିଯୋଗୀ ଚୟନ ହେବେ। ପ୍ରତିଯୋଗିତା ଶେଷରେ 'ଓସ୍କା'ର ପ୍ରତିଷ୍ଠାତା ସଦସ୍ୟ ପ୍ରକାଶ ପଟ୍ଟନାୟକ, ଆଇନଜୀବୀ କାଳୀପ୍ରସାଦ ନନ୍ଦ, ପ୍ରଦୀପ କୁମାର ସରକାର, ସନତ୍ ନାୟକ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସଂଘ ସଭାପତି ହରିପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ଗୌରୀ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେନ୍‌ସେଇ ଖାରବେଳ ମଲିକ, ଜୟଦେବ ପଟ୍ଟନାୟକ, ଦୀପକ ସାମନ୍ତରା, ରାଜୀବ ସିଂ, ଗୋପାଳ ଦାସ, ଏନ୍.ବି. ପଟ୍ଟନାୟକ, ଉମାକାନ୍ତ ବେହେରା, ଶୁଭାଶିଷ ମହାପାତ୍ର, ବିଜନ ଦଳବେହେରା, ଅରବିନ୍ଦ ବାରିକ ପ୍ରମୁଖ ଅଫିସିଆଲ ଦାୟିତ୍ୱ ନିର୍ବାହ କରିଥିଲେ।

# ପ୍ରୀତିଶା ମହିଳା ଅନ୍ତର୍ଜାତୀୟ ମାଷ୍ଟର

**ଭୁବନେଶ୍ୱର, ୨୫।୧ (ତପନ ସ୍ୱାଇଁ)**

ସମ୍ପ୍ରତି ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଦିଲ୍ଲୀର ପ୍ରୀତିଶା ଗୁପ୍ତା ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ଟାଇଟଲ ହାସଲ କରିଛନ୍ତି। ୧୪ ବର୍ଷୀୟା ପ୍ରୀତିଶା ଚେକ୍ ରିପବ୍ଲିକ୍‌ରେ ଅନୁଷ୍ଠିତ ଟେପଲିସ ଓପନ୍ ଚେସ୍‌ରେ ୨୨୦୦ ଏଲୋ ରେଟିଂ ଅତିକ୍ରମ କରିଥିଲେ। ୨୦୨୫ ଅଗଷ୍ଟରେ ପ୍ରୀତିଶା ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ବିଶ୍ୱର ନମ୍ବର ୱାନ ର୍‌ୟାଙ୍କ୍‌ପ୍ରାପ୍ତ ହୋଇଥିଲେ। ୨୦୨୬ ଫିଡେ ରେଟିଂ ତାଲିକା ଅନୁସାରେ ଏବେ ସେ ୧୫ ବର୍ଷରୁ କମ୍ ବର୍ଗରେ ନଂ.୧ ଅଛନ୍ତି। ୨୦୨୫ରେ ସେ ୧୬ ବର୍ଷରୁ କମ୍ ରାଜ୍ୟଗୋଷ୍ଠୀ ଚେସ୍ ଚାମ୍ପିୟନ ହୋଇଥିଲେ। ପ୍ରୀତିଶା ଗ୍ରାଣ୍ଡମାଷ୍ଟର ଆର.ବି. ରମେଶ, ମହିଳା ଗ୍ରାଣ୍ଡମାଷ୍ଟର ଆରଥି ରାମାସ୍ୱାମୀ, ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର, ଫିଡେ ମାଷ୍ଟର ସିଦ୍ଧାନ୍ତ ଗାଏକ୍ୱାଡ଼୍‌ଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ।


### ୧୧ତମ ଜନ୍ମଦିନ ଶୁଭେଚ୍ଛା



**ପ୍ରୟାଶ କୁମାର ବନଛୁର**
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଳାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୩୨୦୬

### ଡୁଡୁଲୁର ଜନ୍ମଦିନ ଶୁଭେଚ୍ଛା



**ସାଇଶ୍ରୀ ସାହୁ (ଡୁଡୁଲୁ)**
ଗୋପାଳପୁର ପାଟଣା, ସାକ୍ଷୀଗୋପାଳ
ତୋର ୧୧ତମ ଜନ୍ମବାର୍ଷିକ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଶ୍ରୀଜଗନ୍ନାଥ, ଶ୍ରୀସାକ୍ଷୀଗୋପାଳ ଓ ଶ୍ରୀରାଧାରାଣୀଙ୍କ ନିକଟରେ ପ୍ରାର୍ଥନା ତୋର ଚଳାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ: ବାପା, ବୋଉ, ଗୁଗୁଲୁ, ବୁବୁଲୁ ଓ ପରିବାରବର୍ଗ।
ଧ-୩୨୦୫


# ପାମେଲା କୋଣ୍ଟି ୧୭ ବର୍ଷରୁ କମ୍ ଦଳର କୋଚ୍

**ନୂଆଦିଲ୍ଲୀ, ୨୫।୧ (ପି.ଟି.):** ଚଳିତବର୍ଷ ପରବର୍ତ୍ତୀ ଭାଗରେ ଏଏଫ୍‌ସି ଏସିଆନ କପ୍ ଅଭିଯାନକୁ ଦୃଷ୍ଟିରେ ରଖି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ରବିବାର ଇଟାଲୀର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ପାମେଲା କୋଣ୍ଟିଙ୍କୁ ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ଦେଇଛି। ସେ ତାଙ୍କ ଦେଶ ତରଫରୁ ଦୁଇଟି ଫିଫା ମହିଳା ବିଶ୍ୱକପ୍ ୨୦୧୫ ଓ ୨୦୨୩ରେ ଖେଳିଛନ୍ତି। ଚଳିତବର୍ଷ ଏକ ଜାତୀୟ ଦଳ ପାଇଁ ଏଆଇଏଫ୍‌ଏଫ୍‌ର ଏହା ହେଉଛି ଦ୍ୱିତୀୟ ନିଯୁକ୍ତି। ମାର୍ଚ୍ଚ ୧ରୁ ୧୨ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଏଏଫ୍‌ସି ଏସିଆନ କପ୍ ପାଇଁ କୋଷ୍ଟାରିକାର ଆମେଲିଆ ଭଲ୍‌ଭାର୍ଡେଙ୍କୁ ଜାତୀୟ ସିନିୟର ମହିଳା ଫୁଟ୍‌ବଲ ଦଳର ମେଣ୍ଟର ଭାବେ ନିଯୁକ୍ତି ଦିଆଯାଇଛି। ଏଏଫ୍‌ସି ଓମେନ୍ସ ୧୭ ବର୍ଷରୁ କମ୍ ଏସିଆନ କପ୍ ଏପ୍ରିଲ ୩୦ରୁ ମେ' ୧୭ ପର୍ଯ୍ୟନ୍ତ ଚାଇନାରେ ଖେଳାଯିବ। ୪୩ ବର୍ଷୀୟା କୋଣ୍ଟି ଆନ୍ଧ୍ରପ୍ରଦେଶର ଅନନ୍ତପୁରଠାରେ ଚାଲିଥିବା ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଦଳର ଟ୍ରେନିଂ କ୍ୟାମ୍ପରେ ଯୋଗଦେଇଛନ୍ତି, ଯେଉଁଠାରେ କି ୟଙ୍ଗ୍ ଟାଇଗ୍ରେସ୍ ଦଳ ମହାଦେଶୀୟ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ଚଳାଇଛି।

# ସ୍କୁଲ୍ସ ଓପନ୍ ଚେସ୍: ଅତିଶ ଚାମ୍ପିୟନ

**ଭୁବନେଶ୍ୱର, ୨୫।୧ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍‌ରେ ଆୟୋଜିତ ୫ମ ଗୋଲାପ ଦେଈ ସ୍ମାରକୀ ରାଜ୍ୟ ସ୍କୁଲ୍ସ ଓପନ୍ ଚେସ୍‌ରେ ଅତିଶ ନନ୍ଦ ଗୋସ୍ୱାମୀ ଚାମ୍ପିୟନ ହୋଇଛନ୍ତି। ୪ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ଅତିଶ ଓ ଆରିଶ ନନ୍ଦ ଗୋସ୍ୱାମୀ ୩.୫ ପଏଣ୍ଟ ଲେଖାଏ ପାଇ ପ୍ରଥମ ଦୁଇସ୍ଥାନ ଅଧିକାର କରିଛନ୍ତି। ପ୍ରାଂଶୁ ଦାଶ, ସତ୍ୟମ୍ ସ୍ୱରୂପ ସାହୁ ଓ ସାଇକ୍ରିଷ୍ଣା ସାମଲ ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତା ଶେଷରେ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ସ୍ୱର୍ଗତ ଗୋଲାପ ଦେଈଙ୍କ ପୁଅ ବିଶ୍ୱନାଥ ବେହେରା ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ।


ସ୍କୁଲ୍ସ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ପୁରସ୍କାର ପ୍ରଦର୍ଶନ କରୁଛନ୍ତି।


# Classified Everyday
0674-2580101, 9692975378


REAL ESTATE
SALE

କଟକ-ଭୁବନେଶ୍ୱରର ମଧ୍ୟଭାଗରେ ଥିବା Sum-2 ଏବଂ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି SC general plot କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 9658562429. D-3194

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834 D-3178

ଭୁବନେଶ୍ୱର ବରମୁଣ୍ଡାରୁ 48km farmhouse land ପିଚୁରୋଡକୁ ଲାଗି ଏକର ୨୮ଲକ୍ଷରେ ବିକ୍ରି ହେବ। 8144706560. D-3199

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023




Wellness relax body massage & jointpain treatment by trend therapist. 6372110065. D-76951

All types of physiotherapy and massage contact 9556924059 / 7656969134. D-3166

**AFFIDAVIT**

By virtue of an affidavit sworn before NOTARY PUBLIC, BHUBANESWAR, Dated 19.01.2026, I, PRASANTANANDA SETHI (New name), Address:- At- DASARATHAPUR, P.O.- DASARATHAPUR, P.S.- DASARATHAPUR, Dist.- JAJAPUR, ODISHA, PIN- 755006 declare that I have changed my name from PRASANTA NANDA SETHI (Old name) to PRASANTANANDA SETHI (New name). Henceforth, I shall be known as PRASANTANANDA SETHI (New name).
Prasantananda Sethi
D-3204

By virtue of an affidavit sworn before in the court of Executive Magistrate, Bhubaneswar, dtd.- 21.01.2026, I, Susanta Jena, S/o.- Gobinda Jena, At- Puba sasan, P.O.- Kausalyaganga, P.S.- Pipili, Dist.- Puri, PIN- 751002, Odisha declare that my actual name is Susanta Jena and date of birth is 05.04.1989 which is mentioned in my all documents, but unfortunately my name wrongly reflected Susant Jena and also date of birth 01.01.1988 in my Aadhaar card bearing No.- xxxx xxxx 7227. Through this affidavit I have changed my name from Susant Jena to Susanta Jena and date of birth 01.01.1988 to 05.04.1989. Henceforth, I shall be known as Susanta Jena for all purposes.
Susanta Jena
D-3203

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

### ଦଶାହ ଦିବସ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**୰ଭରତ କୁମାର ସାହୁ**
ନୟାପଲ୍ଲୀ, ବେହେରାସାହି, ଭୁବନେଶ୍ୱର
ଆବିର୍ଭାବ: ୦୨.୦୮.୧୯୫୧ • ତିରୋଧାନ: ୧୭.୦୧.୨୦୨୬
ଚାହିଁ ଚାହିଁ ଦଶ ଦିନ ବିତିଗଲା। ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ପରୋପକାର ଓ ଆଶୀର୍ବାଦ ଆମ୍ଭମାନଙ୍କ ପାଇଁ ସବୁଦିନ ସ୍ମରଣୀୟ ଓ ପ୍ରେରଣାର ଉତ୍ସ ହୋଇ ରହିବ। ଆଜିର ଦଶାହ ଦିବସ ଅବସରରେ ତୁମର ଅମର ଆତ୍ମାର ଶାନ୍ତି, ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା ଓ ଭକ୍ତି ନିବେଦନ କରୁଛୁ।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ: ପୁତ୍ର- ଡୁଲୁ, ବାପୁ, ବୋହୂ- ସୁଇଟ୍, ଟିଟି, ଝିଅ- ଡଲି, ଜ୍ୱାଇଁ- ବୁଲୁ, ନାତି- ସାନ୍, ବାପୁଲ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୩୨୦୦

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ କୁଳମଣି ରାଉତ**
ଧରାବତରଣ- ୦୬।୦୪।୧୯୪୬
ସ୍ୱର୍ଗାରୋହଣ- ୧୫।୦୧।୨୦୨୬
ଆପଣଙ୍କ ତ୍ୟାଗ ଓ ନିଷ୍ଠାପର ଜନସେବା ଏବଂ କର୍ତ୍ତବ୍ୟପରାୟଣତା ଆପଣଙ୍କୁ ବିଧାୟକ ପଦ ମଣ୍ଡିତ କରିବାରେ ସହାୟକ ହୋଇଥିଲା। ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ପରକୁ ଆପଣାର କରିବାରେ ଆପଣଙ୍କ ଭିତରେ ଥିବା ମହାନତା ଆମ୍ଭମାନଙ୍କ ପ୍ରେରଣାର ଉତ୍ସ ହୋଇ ରହିଛି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୩୨୦୨

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ନରେଶ କୁମାର ଷଡ଼ଙ୍ଗୀ**
ଆବିର୍ଭାବ: ୧୮.୦୨.୧୯୪୭ | ତିରୋଧାନ: ୧୫.୦୧.୨୦୨୬
ଗ୍ରାମ: କାକନା, ଟାଙ୍ଗୀ, ଜିଲ୍ଲା-କଟକ
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ
ଶୋକସନ୍ତପ୍ତ: ପୁତ୍ର- ଆଶୁତୋଷ, ବିନାୟକ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଏବଂ ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୭୬୮୯୦

# ଭାରତର ସହଜ ବିଜୟ

**ତୃତୀୟ ଟି୨୦**

**ଗୁଆହାଟୀ,୨୫।୧**

ଅଭିଷେକ ଶର୍ମା ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳ ବଳରେ ନ୍ୟୁଜିଲାଣ୍ଡ ବିପକ୍ଷରେ ରବିବାର ଖେଳାଯାଇଥିବା ତୃତୀୟ ଟି୨୦ ମ୍ୟାଚ୍‌କୁ ଭାରତ ଅତି ସହଜରେ ୮ ଉଇକେଟରେ ଜିତି ନେଇଛି। ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୧୫୪ ରନର ବିଜୟ ଲକ୍ଷ୍ୟକୁ ଭାରତ ୧୦ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ଭାରତୀୟ ଦଳ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌କୁ ୩-୦ରେ ଆଗୁଆ ହେବା ସହ ଜିତି ନେଇଛି। ଅଭିଷେକ ଏହି ମ୍ୟାଚ୍ ଜରିଆରେ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିଛନ୍ତି।

ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୫୩ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପାଇଁ ଫିଲିପ୍ସ ୪୮ (୬ ଚୌକା ଓ ୧ ଛକା), ଚାପମ୍ୟାନ ୩୨ (୨ ଲେଖାଏ ଚୌକା ଓ ଛକା) ଓ ଅଧିନାୟକ ମିଚେଲ ସାଣ୍ଟନର ୨୭ (୩ ଚୌକା ଓ ୧ ଛକା) ରନ କରିଥିଲେ। ଭାରତ ପାଇଁ ଯଶପ୍ରୀତ ବୁମରା ୩ ଉଇକେଟ ନେଇଥିଲେ। ଜବାବରେ ଭାରତ ଆରମ୍ଭରୁ ସଞ୍ଜୁ ସାମସନଙ୍କ ଉଇକେଟ ହରାଇଥିଲା। ପରେ ଇଶାନ କିଶନ ୧୩ ବଲରେ ୨୮ ରନ କରି ଆଉଟ୍ ହୋଇଥିଲା। ଏହାପରେ ଅଭିଷେକ ଓ ସୂର୍ଯ୍ୟକୁମାର ଅବିଭାଜିତ ତୃତୀୟ ଉଇକେଟରେ ୧୦୨ ରନ କରି ମ୍ୟାଚ୍ ଜିତାଇଥିଲେ। ଭାରତ ପାଇଁ ଅଭିଷେକ ୨୦ ବଲରେ ୬୮ (୭ ଚୌକା ଓ ୫ ଛକା) ଓ ଅଧିନାୟକ ସୂର୍ଯ୍ୟକୁମାର ୨୬ ବଲରେ ୫୭ (୬ ଚୌକା ଓ ୩ ଛକା) ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ: ୨୦ ଓଭରରେ ୧୫୩/୯(ଗ୍ଲେନ ଫିଲିପ୍ସ-୪୮, ମାର୍କ ଚାପମ୍ୟାନ-୩୨, ମିଚେଲ ସାଣ୍ଟନର-୨୭, ଯଶପ୍ରୀତ ବୁମରା-୩/୧୭)। ଭାରତ: ୧୦ ଓଭରରେ ୧୫୫/୨ (ଅଭିଷେକ ଶର୍ମା-୬୮*, ସୂର୍ଯ୍ୟକୁମାର ଯାଦବ-୫୭*)।


ଶଟ୍ ଖେଳିବା ଅବସରରେ ଅଭିଷେକ ଶର୍ମା।

# ରୋହିତ ଶର୍ମା, ହରମନ୍‌ପ୍ରୀତଙ୍କୁ ପଦ୍ମଶ୍ରୀ

**ନୂଆଦିଲ୍ଲୀ, ୨୫।୧ (ପି.ଟି.):** ଟେନିସ୍ କିମ୍ବଦନ୍ତୀ ବିଜୟ ଅମ୍ରିତ୍‌ରାଜ, ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଅଧିନାୟକ ରୋହିତ୍ ଶର୍ମା ଓ ହରମନ୍‌ପ୍ରୀତ କୌରଙ୍କୁ ରବିବାର ପଦ୍ମ ସମ୍ମାନରେ ସମ୍ମାନିତ କରାଯାଇଛି। ଅମ୍ରିତ୍‌ରାଜ ଚଳିତ ବର୍ଷର ଏକମାତ୍ର କ୍ରୀଡ଼ାବିତ୍ ଭାବେ ପଦ୍ମ ଭୂଷଣ ପୁରସ୍କାର ଗ୍ରହଣ କରିଛନ୍ତି, ଯାହାକି ବେସାମରିକ କ୍ଷେତ୍ରରେ ଦେଶର ତୃତୀୟ ସର୍ବୋଚ୍ଚ ସମ୍ମାନ। ସେ ସିଙ୍ଗଲ୍ସରେ ୱିମ୍ବେଲଡନ୍‌ରେ ଥରେ ଓ ୟୁଏସ୍ ଓପନ୍‌ରେ ଦୁଇଥର କ୍ୱାର୍ଟର ଫାଇନାଲ ଖେଳିଥିଲେ। ତାଙ୍କୁ ୧୯୭୪ରେ ଅର୍ଜୁନ ସମ୍ମାନ ଓ ୧୯୮୩ରେ ପଦ୍ମଶ୍ରୀ ସମ୍ମାନ ମିଳିଥିଲା।

ଭାରତୀୟ ଦଳର ପୂର୍ବତନ ଅଧିନାୟକ ରୋହିତ୍ ଓ ୨୦୨୫ ଦିନକିଆ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ମହିଳା ଦଳର ଅଧିନାୟିକା ହରମନ୍‌ପ୍ରୀତଙ୍କ ଭଳି ପାରାଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜୟୀ ହାଇଜମ୍ପର ପ୍ରବୀଣ କୁମାର, ଭାରତୀୟ ମହିଳା ହକି ଦଳର ଗୋଲ୍‌କିପର ସବିତା ପୁନିଆ, ଭେଟେରାନ କୋଚ୍ ବଲଦେବ ସିଂ ଓ କେ. ପଜନିଭେଲ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପୂର୍ବତନ ରେସ୍‌ଲିଂ କୋଚ୍ ଭ୍ଲାଦିମେର ମେଷ୍ଟଭିରିଶଭିଲିଙ୍କୁ ମରଣୋତ୍ତର ପଦ୍ମଶ୍ରୀ ସମ୍ମାନ ଦଆଯାଇଛି। ସେ ଅଲିମ୍ପିକ୍ ବିଜୟୀ ରେସ୍‌ଲର ଯୋଗେଶ୍ୱର ଦତ୍ତ ଓ ବଜରଙ୍ଗ ପୁନିଆଙ୍କ କୋଚ୍ ଥିଲେ।

# ଫାଇନାଲରେ ସମ୍ବଲପୁର ଏମ୍‌ଏମ୍‌ବିସି

**ସର୍ବଭାରତୀୟ ଲାଲ୍‌ମନି କ୍ରିକେଟ**

**ସୋନପୁର,୨୫।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା କ୍ରିକେଟ୍ ସଂଘ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୩୭ତମ ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ରବିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ସମ୍ବଲପୁର ଏମ୍‌ଏମ୍‌ବିସି ଓ ସୁନ୍ଦରଗଡ଼ ନବଜୀବନ କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟି୨୦ ମ୍ୟାଚ୍‌ରେ ଟସ୍ ଜିଣି ସମ୍ବଲପୁର ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୯୪ ରନ କରିଥିଲା। ମନିଷ ସେରାଓ୍ୱତ ସର୍ବାଧିକ ଅପରାଜିତ ୭୬ ରନ ଓ ମନୁ ଶୁକ୍ଳା ୩୯ ରନ କରିଥିଲେ। ସୁନ୍ଦରଗଡ଼ର ଅମୋଦ ଯାଦବ ଓ ଦେବାଶିଷ ବାଗ ୩ଟି ଲେଖାଏ ଓ ଗୌତମ ସୁନା ୨ ଉଇକେଟ୍ ହାସଲ କରିଥିଲେ। ଜବାବରେ ସୁନ୍ଦରଗଡ ଦଳ ୧୯.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୭୬ ରନ କରିଥିଲେ। ଦଳ ପକ୍ଷରୁ ପ୍ରବୀଣ ଲୁହା ୪୬ ରନ ଓ ଅମୋଦ ଯାଦବ ୨୩ ରନ କରିଥିଲେ। ସମ୍ବଲପୁର ପକ୍ଷରୁ ମନିଷ ସେରାଓ୍ୱତ ସର୍ବାଧିକ ୪ ଓ ବିଶ୍ୱାମିତ୍ର ୩ ଉଇକେଟ୍ ହାସଲ କରିଥିଲେ।

ଟି୧୦ ମ୍ୟାଚ୍‌ରେ ସମ୍ବଲପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୪ ଉଇକେଟ ହରାଇ ୧୫୭ ରନ କରିଥିଲେ। ଦଳ ପକ୍ଷରୁ ଅଶ୍ୱିନୀ ଚିଲ୍ଲର ଅପରାଜିତ ୬୨ ରନ, ଯଶମିତ ୩୪ ରନ, ୟଶ ଶର୍ମା ୨୨ ରନ କରିଥିଲେ। ସୁନ୍ଦରଗଡ଼ ପକ୍ଷରୁ ଅମୋଦ ଯାଦବ, ଅଙ୍କିତକର ଜୟସ୍ୱାଲ, ଗୌତମ ସୁନା ଓ ଦେବାଶିଷ ବାଗ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ସୁନ୍ଦରଗଡ ଦଳ ୧୦ ଓଭରରେ ୭ ଉଇକେଟ ହରାଇ ୧୦୮ କରିଥିଲା। ଦଳ ପକ୍ଷରୁ ପ୍ରବୀଣ ଲୁହା ୩୭ ରନ, ସୌରଭ ଚନ୍ଦା ୩୫ ରନ କରିଥିଲେ। ସମ୍ବଲପୁରର ଯଶମିତ ଓ ଅନମୋଲ ସର୍ବାଧିକ ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ସମ୍ବଲପୁର ଉଭୟ ମ୍ୟାଚ୍ ଜିଣି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍ ପରିଚାଳନା କରିଥିଲେ ସତ୍ୟ ପ୍ରସାଦ ରଥ ଓ ଶ୍ୟାମ ସୁନ୍ଦର ପଣ୍ଡା। ସନ୍ତୋଷ ନାୟାର, ବିଏସ୍ ରାଓ, ପାର୍ଥସାରଥୀ ଦାଶ, ପ୍ରକାଶ ପାତ୍ର ଓ ବିନୋଦ ମହାକୁର ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ କୁମାର ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ଡାକ୍ତର ଆକାଶ ଅଗ୍ରୱାଲ, ଧବଳେଶ୍ୱର ମେହେର, ସନ୍ତୋଷ ପୂଜାହାରୀ, ଶାନ୍ତନୁ ଥାଟି ଓ ଆଇନଜୀବୀ ସୁରେଶ ଷାଣ୍ଢ ଯୋଗଦାନ କରିଥିଲେ।


ଅତିଥିମାନେ ମନୀଷ ସେରାଓ୍ୱତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

# ହକି ଇଣ୍ଡିଆ ଲିଗ୍: ଲାନ୍ସର୍ସ-ରୟାଲ୍ସ ଫାଇନାଲ


ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂ ବିଧାୟକ ବାବୁ ସିଂଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଭୁବନେଶ୍ୱର, ୨୫।୧ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ର କ୍ୱାଲିଫାୟର-୨ରେ ରାଞ୍ଚି ରୟାଲ୍ସ ୩-୨ ଗୋଲରେ ହାଇଦ୍ରାବାଦ ତୋଫାନ୍ସକୁ ପରାସ୍ତ କରିଛି। ଫଳରେ ରାଞ୍ଚି ରୟାଲ୍ସ ଓ କଳିଙ୍ଗ ଲାନ୍ସର୍ସ ମଧ୍ୟରେ ଫାଇନାଲ ସୋମବାର ଅନୁଷ୍ଠିତ ହେବ। ପୂର୍ବରୁ କ୍ୱାଲିଫାୟର-୧ରେ ବିଜୟୀ ହୋଇ ଲାନ୍ସର୍ସ ଫାଇନାଲରେ ପ୍ରବେଶ କରିଥିଲା। ହାଇଦ୍ରାବାଦ ତୋଫାନ୍ସ ତୃତୀୟ-ଚତୁର୍ଥ ସ୍ଥାନପାଇଁ ଏସ୍‌ଆଇଏଲ୍ ଜିସି (ଗଭର୍ନିଂ କାଉନ୍ସିଲ) ଦଳ ସହିତ ମୁକାବିଲା କରିବ। କ୍ୱାଲିଫାୟର-୧ରେ ଲାନ୍ସର୍ସ ୨-୧ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଥିଲା। ଏବେ ଫାଇନାଲରେ ପରାଜୟର ମଧୁର ପ୍ରତିଶୋଧ ନେବାକୁ ରାଞ୍ଚି ଦଳ ନିକଟରେ ସୁଯୋଗ ରହିଛି।

ମ୍ୟାଚର ୫ମ ମିନିଟରେ ଜ୍ୟାକବ ଆଣ୍ଡରସନ ଏକ ଫିଲ୍ଡ ଗୋଲ ଦେଇ ହାଇଦ୍ରାବାଦକୁ ଅଗ୍ରଣୀ କରିଥିଲେ। ମାତ୍ର ୧୩ଶ ମିନିଟରେ ହାଇଦ୍ରାବାଦ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ରାଞ୍ଚି ଦଳକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଅଧିନାୟକ ଟମ୍ ବୁନ୍ ଏହାକୁ ଗୋଲରେ ପରିଣତ କରି ମ୍ୟାଚରେ ରୋମାଞ୍ଚ ଭରିଥିଲେ। କେବଳ ସେତିକି ନୁହେଁ ୧୫ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରରୁ ସେ ଗୋଲ ଦେଇ ପ୍ରଥମ କ୍ୱାର୍ଟର ଶେଷ ବେଳକୁ ରାଞ୍ଚିକୁ ୨-୧ରେ ଅଗ୍ରଣୀ ମଧ୍ୟ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ମୁକାବିଲା ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଗୋଲ ହୋଇ ନ ପାରିବାରୁ ପ୍ରଥମାର୍ଦ୍ଧ ବେଳକୁ ସ୍କୋରଲାଇନ୍ ସେହି ୨-୧ ରହିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୪ତମ ମିନିଟରେ ରାଞ୍ଚି ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଟମ୍ ବୁନ୍ ହ୍ୟାଟ୍ରିକ ପୂରଣ କରିଥିଲେ। ରାଞ୍ଚିର ଅଗ୍ରଣୀ ବ୍ୟବଧାନ ୩-୧ରେ ପହଞ୍ଚିବାରୁ ହାଇଦ୍ରାବାଦ ଦଳ ଉପରେ ଚାପ ବଢ଼ିଥିଲା। ମାତ୍ର ଏହାର ୪ ମିନିଟ ପରେ ଓଡ଼ିଶା ଖେଳାଳି ଅମନଦୀପ ଲାକ୍ରା (୩୮ତମ ମିନିଟ) ପେନାଲ୍ଟି କର୍ନରକୁ ଗୋଲରେ କନଭର୍ଟ କରିବାରୁ ହାଇଦ୍ରାବାଦ ଶିବିରରେ ଉତ୍ସାହ ଆସିଥିଲା। ଏହାପରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲା।

# ଟି୨୦ ବିଶ୍ୱକପ୍ ୱାର୍ମଅପ୍: ଦକ୍ଷିଣ ଆଫ୍ରିକାକୁ ଭେଟିବ ଭାରତ

**ନୂଆଦିଲ୍ଲୀ,୨୫।୧:** ନ୍ୟୁଜିଲାଣ୍ଡ ବିପକ୍ଷ ଚଳିତ ଦ୍ୱିପାକ୍ଷିକ ଟି୨୦ ସିରିଜ୍ ଆସନ୍ତା ୩୧ ତାରିଖରେ ଥିରୁଭାନନ୍ତପୁରମ୍‌ଠାରେ ଶେଷ କରିବା ପରେ ଭାରତୀୟ ଦଳ ଟି୨୦ ବିଶ୍ୱକପ୍ ଲାଗି କିଛିଦିନ ମଧ୍ୟରେ ମୁମ୍ବାଇରେ ଏକତ୍ରିତ ହେବ। ଡିଫେଣ୍ଡିଂ ଚାମ୍ପିୟନ ଟିମ୍ ଇଣ୍ଡିଆ ୱାଙ୍ଖେଡେ ଷ୍ଟାଡିୟମରେ ଫେବୃଆରୀ ୭ରେ ତା'ର ପ୍ରଥମ ମ୍ୟାଚ୍ ଖେଳିବ। ଏଥିପୂର୍ବରୁ ସେମାନେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୪ ତାରିଖରେ ଏକ ୱାର୍ମଅପ୍ ମ୍ୟାଚ୍ ଖେଳିବେ। ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍ ଶେଷ ପରେ ଭାରତୀୟ ଖେଳାଳିମାନେ ଫେବୃଆରୀ ୧ରେ ଘରକୁ ଫେରିବେ। ମୁମ୍ବାଇରେ ୩ ତାରିଖରେ ରିପୋର୍ଟ କରିବେ। ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରାକ୍ଟିସ ମ୍ୟାଚ୍ ୪ ତାରିଖରେ ଡିୱାଇ ପାଟିଲ ଷ୍ଟାଡିୟମରେ ହେବ। ଏହା ହିଁ ଭାରତୀୟ ଦଳର ଏକମାତ୍ର ୱାର୍ମଅପ୍ ମ୍ୟାଚ୍ ହେବ। ତେବେ ବିଶ୍ୱକପ୍‌କୁ ୧୩ ଦିନ ଥିବା ବେଳେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ପକ୍ଷରୁ ଏପର୍ଯ୍ୟନ୍ତ ୱାର୍ମଅପ୍ କାର୍ଯ୍ୟସୂଚୀ ଘୋଷଣା କରାଯାଇନାହିଁ। ୨୦ ଦଳବିଶିଷ୍ଟ ଟି୨୦ ବିଶ୍ୱକପ୍‌ରୁ ବାଂଲାଦେଶ ଅନ୍ତିମ ମୁହୂର୍ତ୍ତରେ ଓହରି ଯାଇଥିବାରୁ କାର୍ଯ୍ୟସୂଚୀ ଘୋଷଣାରେ ବିଳମ୍ବ ହୋଇଛି।

# ସେମିରେ ରାଇଜିଂ ଷ୍ଟୁଡେଣ୍ଟ୍ସ କଟକ

**ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**


ଏମ୍‌ପି ଅଭିମନ୍ୟୁ ସେଠୀ ଓ ଜିଲାପାଳ ଦିଲୀପ ରାଉତରାଏ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

**ବନ୍ତ,୨୫।୧(ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ବ୍ଲକର ପୁରୁଷୋତ୍ତମପୁରସ୍ଥିତ ନେତାଜୀ ବ୍ଲକସ୍ତରୀୟ ଷ୍ଟାଡିୟମ୍‌ରେ ରବିବାର ୨୪ତମ ସର୍ବଭାରତୀୟ କିଶୋର ନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ (ବନ୍ତ କପ୍-୨୦୨୬) ଉଦ୍‌ଘାଟିତ ହୋଇଯାଇଛି। ବନ୍ତ ଶାନ୍ତି ୟୁଥ୍ ଆସୋସିଏଶନ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଦିବସରେ ରାଇଜିଂ ଷ୍ଟୁଡେଣ୍ଟ୍ସ କଟକ ଓ ଜେଡିୱାଇଏସି ଜଗତ୍‌ସିଂହପୁର ମଧ୍ୟରେ ପୁଲ୍-'ଏ'ର ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରାଇଜିଂ ଷ୍ଟୁଡେଣ୍ଟ ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟ୍ ହରାଇ ୨୧୬ ରନ୍ କରିଥିଲା। ଦଳ ପକ୍ଷରୁ ରାମଚନ୍ଦ୍ର ବେହେରା ୫୬ ବଲ୍‌ରେ ୯ ଚୌକା ଓ ୧୦ ଛକା ସହାୟତାରେ ଅପରାଜିତ ୧୨୪ ରନ୍ କରିଥିଲେ। ତାଙ୍କ ସହ ପ୍ରତ୍ୟୁଷ ପ୍ରଧାନ ୩୨ ବଲ୍‌ରୁ ୭୦ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳର ବୋଲର ନଟରାଜ ବେହେରା ୧ ଓ ବସନ୍ତ ପ୍ରଧାନ ୧ ଉଇକେଟ ନେଇଥିଲେ। ଜବାବରେ ଜେଡିୱାଇଏସି ଜଗତ୍‌ସିଂହପୁର ୨୦ ଓଭରରେ ୭ ଉଇକେଟ ହରାଇ ୧୫୩ ରନ୍ କରିଥିଲା। ଦଳ ପକ୍ଷରୁ ନଟରାଜ ସର୍ବାଧିକ ୪୬ ଏବଂ ବସନ୍ତ ୩୫ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ସୂର୍ଯ୍ୟକାନ୍ତ ପ୍ରଧାନ ସର୍ବାଧିକ ୩ ଉଇକେଟ ନେଇଥିଲେ। ଏଥିରେ ଜେଡିୱାଇଏସି ଜଗତ୍‌ସିଂହପୁରକୁ ହରାଇ ରାଇଜିଂ ଷ୍ଟୁଡେଣ୍ଟ୍ସ କଟକ ସେମିଫାଇନାଲକୁ ପ୍ରବେଶ କରିଛି। ଅମ୍ପାୟର ଭାବେ ସେକ୍ ୟାକତ୍ ଅଲ୍ଲୀ, ଶାନ୍ତନୁ ରାଉତ, ଲିପୁନ ବିଶ୍ୱାଳ ପରିଚାଳନା କରିଥିବା ବେଳେ ଭାଷ୍ୟକାର ସଞ୍ଜୟ କୁମାର ମଜୁମଦାର, ଆଶିଷ ଚକ୍ରବର୍ତ୍ତୀ, ସୁଧାଂଶୁ ଶେଖର ମହାନ୍ତି, ସ୍କୋରର ଭାବେ ଜ୍ୟୋତି ରଞ୍ଜନ ଜେନା ଓ ଶିଶିର ବିଶ୍ୱାଳ ଦାୟିତ୍ୱ ତୁଲାଇଥିଲେ। ପ୍ରାରମ୍ଭରେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ଓ ଜିଲାପାଳ ଦିଲୀପ ରାଉତରାଏ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। କମିଟିର ବରିଷ୍ଠ ଉପଦେଷ୍ଟା ଡ.ସୁଧାଂଶୁ ଶେଖର ନାୟକ, ସଭାପତି ସୁବାସ ଚନ୍ଦ୍ର ବିଶ୍ୱାଳ, ସମ୍ପାଦକ ଅରୁଣ କୁମାର ନାୟକ, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପୃଷ୍ଟି, ଆଇନଜୀବୀ ମାଧବାନନ୍ଦ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ବର୍ଜନ ଧମକ ପରେ ପାକିସ୍ତାନର ୧୫ଜଣିଆ ଦଳ ଘୋଷଣା

**ଲାହୋର, ୨୫।୧(ପି.ଟି.):** ବାଂଲାଦେଶ ନିଷ୍ପତ୍ତିକୁ ସମର୍ଥନ ଜଣାଇ ପାକିସ୍ତାନ ଆସନ୍ତା ଟି୨୦ ବିଶ୍ୱକପ୍‌କୁ ବର୍ଜନ କରିବା ଲାଗି କିଛିଦିନ ତଳେ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଚେୟାରମ୍ୟାନ୍ ମହସିନ ନକ୍‌ଭି ଧମକ ଦେଇଥିଲେ। ମାତ୍ର ପିସିବି ଇତିମଧ୍ୟରେ ଏହାର ସ୍ୱର ବଦଳାଇଛି। ଇଭେଣ୍ଟ ପାଇଁ ରବିବାର ୧୫ଜଣିଆ କ୍ରିକେଟ ଦଳ ଘୋଷଣା କରିଛି। ସୂଚନାଯୋଗ୍ୟ, 'ସୁରକ୍ଷା ଚିନ୍ତା'ରେ ଭାରତ ଗସ୍ତ କରିବା ଲାଗି ବାଂଲାଦେଶ ମନା କରିଦେବାରୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଟୁର୍ନାମେଣ୍ଟରେ ବାଂଲାଦେଶ ସ୍ଥାନରେ ସ୍କଟ୍‌ଲାଣ୍ଡକୁ ସାମିଲ କରିଥିଲା। ଭାରତ ଏବଂ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ହେବାକୁଥିବା ଏହି ଟୁର୍ନାମେଣ୍ଟରେ ସଲମନ ଅଲି ଆଘା ପାକିସ୍ତାନ ଦଳର ନେତୃତ୍ୱ ନେବେ। ବିଶ୍ୱକପ୍‌ରୁ ବାଂଲାଦେଶ ବହିଷ୍କାର ହେବାପରେ ନକ୍‌ଭି କହିଥିଲେ, ସେମାନଙ୍କ ଜାତୀୟ ଦଳ ଟି୨୦ ବିଶ୍ୱକପ୍‌ରେ ଭାଗନେବ କି ନା ସେ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ପାକିସ୍ତାନ ସରକାର ନେବେ। ପାକିସ୍ତାନର ସମସ୍ତ ଗ୍ରୁପ୍ ମ୍ୟାଚ୍ ଶ୍ରୀଲଙ୍କାରେ ହେବ। ସ୍ଥାନୀୟ ଗଦାଫି ଷ୍ଟାଡିୟମ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିବି ହାଇପର୍‌ଫର୍ମାନ୍ସ ଡାଇରେକ୍ଟର ତଥା ପୁରୁଷ ଜାତୀୟ ଦଳର ସିଲେକ୍ସନ କମିଟି ସଦସ୍ୟ ଏବଂ ହ୍ୱାଇଟ୍ ବଲ୍ ମୁଖ୍ୟ କୋଚ୍ ମାଇକ୍ ହେସନଙ୍କ ଉପସ୍ଥିତିରେ ଦଳ ଘୋଷଣା ହୋଇଥିଲା। ବିଶ୍ୱକପ୍‌ରେ ଭାଗନେଉଥିବା ସମସ୍ତ ୨୦ଟି ଦଳକୁ ସେମାନଙ୍କ ଚୂଡ଼ାନ୍ତ ଖେଳାଳି ତାଲିକା ଜାନୁଆରୀ ୩୦ ସୁଦ୍ଧା ଦାଖଲ କରିବା ଲାଗି ସମୟସୀମା ଧାର୍ଯ୍ୟ କରାଯାଇଥିଲା। ସୂଚନାଯୋଗ୍ୟ, ଗତବର୍ଷ ଆଇସିସି, ପିସିବି ଏବଂ ବିସିସିଆଇ(ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ)ମଧ୍ୟରେ ହୋଇଥିବା ତ୍ରିପାକ୍ଷିକ ରାଜିନାମା ଅନୁସାରେ, ୨୦୨୭ ପର୍ଯ୍ୟନ୍ତ ଭାରତ-ପାକିସ୍ତାନ ମ୍ୟାଚ୍‌ଗୁଡ଼ିକ ନିରପେକ୍ଷ ଭେନ୍ୟୁରେ ଖେଳାଯିବ। କାର୍ଯ୍ୟସୂଚୀ ଅନୁସାରେ, ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ଗ୍ରୁପ୍ ମ୍ୟାଚ୍ ଫେବୃଆରୀ ୧୫ରେ କଲମ୍ବୋଠାରେ ଖେଳାଯିବ। ପାକିସ୍ତାନ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ 52 Years
ପୃଷ୍ଠା–୮+୮
ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ଜାନୁଆରୀ ୨୬/୨୦୨୬ (୮+୮=୧୬ ପୃଷ୍ଠା) | Bhubaneswar, Monday, January 26/2026 | Page 16 | ₹ 7.00 | SAMBALPUR
୫୨ଶ ଭାଗ ୬୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 64 | ମୂଲ୍ୟ₹୭/-



ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅଧୀନ ତୋରସିଂ-ରୋପଡ଼ା ରାସ୍ତାରେ ଥିବା ୪୦ବର୍ଷର ପୁରୁଣା ହାତୀନାଳ ପୋଲ ରବିବାର ଭୁଶୁଡ଼ି ପଡ଼ିଥିବାବେଳେ ଏକ ମାଟିବୋଝେଇ ହାଇଓ୍ୱା ଫସିରହିଛି।

# ଭୁଶୁଡ଼ିଲା ପୋଲ, ଫସିଲା ହାଇଓ୍ୱା

## ୧୫ ଗାଁକୁ ଯାତାୟାତ ବାଧାପ୍ରାପ୍ତ

ବାଣପୁର,୨୫।୧(ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅଧୀନ ତୋରସିଂ-ରୋପଡ଼ା ରାସ୍ତାରେ ଥିବା ଦୀର୍ଘ ୪୦ବର୍ଷର ପୁରୁଣା ହାତୀନାଳ ପୋଲ ରବିବାର ଭୁଶୁଡ଼ି ପଡ଼ିଛି। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ବେଳେ ଏକ ମାଟି ବୋଝେଇ ହାଇଓ୍ୱା ଫସିରହିଛି। ଅଘଟଣ ପରେ ହାଇଓ୍ୱା ଡ୍ରାଇଭର ଓ ହେଲ୍‌ପର ଫେରାର ହୋଇଯାଇଛନ୍ତି। ପୋଲଟି ଭୁଶୁଡ଼ି ପଡ଼ିବାରୁ ପ୍ରାୟ ୧୫ଟି ଗାଁକୁ ଯାତାୟାତ ଏକପ୍ରକାର ଠପ୍ ହୋଇଯାଇଛି। ଖବରପାଇ ବାଣପୁର ଅଗ୍ନିଶମ କର୍ମଚାରୀ ଏବଂ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀମାନେ ସ୍ଥିତି ଅନୁଧ୍ୟାନ କରି ଫେରିଯାଇଥିବା ବେଳେ ଘଟଣାସ୍ଥଳରେ ଦୁଇ ଜଣ ପୋଲିସ କର୍ମଚାରୀ ମୁତୟନ ରହିଛନ୍ତି।

ସୂଚନା ମୁତାବକ, ବାଣପୁର ବ୍ଲକ ଅଧୀନ ତୋରସିଂ-ରୋପଡ଼ା ରାସ୍ତାରେ ଦୀର୍ଘ ୪୦ ବର୍ଷ ପୂର୍ବେ ଏହି ହାତୀନାଳ ପୋଲ ନିର୍ମାଣ ହୋଇଥିଲା। ତୋରସିଂ ପଞ୍ଚାୟତର ନଚ୍ଛିପୁର, ରୋପଡ଼ା, ନୂଆରୋପଡ଼ା, ପଞ୍ଚୁଗାଁ, ବାଞ୍ଛାନିଧିପୁର, ଭଗବତୀପୁର, ଭାଟପଡ଼ା ସମେତ ୧୫ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏହି ପୋଲ ଦେଇ ବାଣପୁରକୁ ଯାତାୟାତ କରୁଥିଲେ। ତେବେ ଏହି ପୋଲ ଦୁର୍ବଳ ହୋଇଯାଇଥିବାରୁ ନୂଆ ପୋଲ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ବାରମ୍ବାର ଦାବି କରିଆସୁଥିଲେ। ୨୦୨୧ ମସିହାରେ ଏଠାରେ ଏକ ନୂଆ ପୋଲ ନିର୍ମାଣ କରିବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୨୨ରେ ଏହାକୁ ଶେଷ କରିବା ପାଇଁ ଯୋଜନା ରହିଥିଲା। ଏଥିପାଇଁ ୨ କୋଟି ୩୯ ଲକ୍ଷ ୯୨ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ତେବେ ପ୍ରଶାସନର ଅବହେଳା ତଥା ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହି ନିର୍ମାଣ କାମ ଅଧାପନ୍ତରିଆ ହୋଇପଡ଼ିରହିଛି। ଅନ୍ୟପକ୍ଷରେ ସ୍ଥାନୀୟ ଜନସାଧାରଣଙ୍କ ବିରୋଧ ସତ୍ତ୍ୱେ ଉକ୍ତ ହାତୀନାଳ ପୋଲ ଉପରଦେଇ ଟ୍ରକ୍ ଓ ହାଇଓ୍ୱା ଭଳି ଭାରିଯାନ ଯୋଗେ ଦୈନିକ ବାଲି, ମାଟି ଏବଂ ମାଙ୍କଡ଼ା ପଥର ପରିବହନ କରାଯାଉଥିଲା। ରବିବାର ସକାଳେ ଏକ ମାଟି ବୋଝେଇ ହାଇଓ୍ୱା ଗମ୍ଭାରୀମୁଣ୍ଡାରୁ ବାଣପୁରକୁ ଯାଉଥିବା ବେଳେ ପୋଲଟି ଭୁଶୁଡ଼ି ପଡ଼ିଥିଲା। ଫଳରେ ଉକ୍ତ ପୋଲ ଉପରେ ନିର୍ଭର କରୁଥିବା ୧୫ ଗ୍ରାମର ଲକ୍ଷାଧିକ ବାସିନ୍ଦାଙ୍କୁ ଏବେ ବାଣପୁର ଯିବା ପାଇଁ ଅନ୍ୟ ରାସ୍ତା ଦେଇ ପ୍ରାୟ ୨୦କି.ମି. ବୁଲିକି ଯିବାକୁ ପଡ଼ିବ। ପୋଲଟି ଦୁର୍ବଳ ହୋଇଯାଇଥିବା ସତ୍ତ୍ୱେ ଏହା ଉପରେ ଭାରିଯାନ ଚଳାଚଳ ରୋକିବାକୁ ପ୍ରଶାସନ କାହିଁକି ପଦକ୍ଷେପ ନେଲାନାହିଁ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏନେଇ ହାଇଓ୍ୱା ମାଲିକ ରତ୍ନାକର ପ୍ରଧାନ ଗାଡ଼ିରେ ଡଷ୍ଟ ରହିଥିବା କହୁଥିବା ବେଳେ ମାଟି ବୋଝେଇ ହୋଇ ରହିଥିବା ଦେଖିବାକୁ ମିଳିଥିଲା। ତହସିଲଦାର ଟି. ପଦ୍ମନାଭ ଦୋରା କହିଛନ୍ତି ଯେ, ଉକ୍ତ ହାଇଓ୍ୱାରେ ବାଣପୁର ବ୍ଲକ ପାଇଁ ଡଷ୍ଟ ଆସୁଥିଲା ବୋଲି ଗାଡ଼ି ମାଲିକ କହିଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଜମିବାଡ଼ି ବିବାଦରୁ ଟ୍ରିପଲ ମର୍ଡର

## ସାନଭାଇ, ଭାଇବୋହୂ, ଝିଆରୀଙ୍କୁ ହାଣି ହତ୍ୟା

ଆନନ୍ଦପୁର/ହାଟଡିହି,୨୫।୧
(ସୁଶାନ୍ତ କୁମାର ସାହୁ/ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଘଷିପୁରା ଥାନା ଅନ୍ତର୍ଗତ ଖାଲିଆମେଣ୍ଟା ପଞ୍ଚାୟତ ଅଧୀନ ନିଆଳିଝରଣ ଗ୍ରାମରେ ଜମିବାଡ଼ି ବିବାଦରୁ ରବିବାର ସନ୍ଧ୍ୟାରେ ଟ୍ରିପଲ ମର୍ଡର ହୋଇଛି। ସାନ ଭାଇ, ଭାଇ ବୋହୂ ଓ ଝିଆରୀଙ୍କୁ ହାଣି ହତ୍ୟା କରାଯାଇଛି। ମୃତକମାନେ ହେଲେ ଜିତେନ୍ଦ୍ର ସୋରେନ (୪୫), ଜିତେନ୍ଦ୍ରଙ୍କ ସ୍ତ୍ରୀ ମାଳତୀ ସୋରେନ (୩୫) ଓ ତାଙ୍କ ଝିଅ ସସ୍ମିତା ସୋରେନ(୧୫)। ଘଟଣାରେ ଜିତେନ୍ଦ୍ରଙ୍କ ବଡ଼ ଭାଇ ତଥା ମୁଖ୍ୟ ଅଭିଯୁକ୍ତ ଲକ୍ଷ୍ମଣ ସୋରେନଙ୍କୁ ପୋଲିସ ଅଟକ ରଖି ତଦନ୍ତ କରୁଛି। ଅନ୍ୟ ୨ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି।

ପୋଲିସ ସୂଚନା ଅନୁଯାୟୀ, ମୁଖ୍ୟ ଅଭିଯୁକ୍ତ ଲକ୍ଷ୍ମଣ ସୋରେନ ଓ ସାନ ଭାଇ ଜିତେନ୍ଦ୍ରଙ୍କ ପରିବାର ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ଦୀର୍ଘଦିନ ଧରି କହଳ ଲାଗି ରହିଥିଲା। ଅନେକ ସମୟରେ ୨ ପରିବାର ମଧ୍ୟରେ ମାରପିଟ୍ ହେବା ସହ ପରବର୍ତ୍ତୀ ସମୟରେ ଭଦ୍ରଲୋକଙ୍କ ହସ୍ତକ୍ଷେପ ପରେ ସମାଧାନ ହୋଇଛି। ରବିବାର ସନ୍ଧ୍ୟା ୭ଟାରେ ପୂର୍ବ ଘଟଣାକୁ ନେଇ ୨ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଜିତେନ୍ଦ୍ରଙ୍କ ବଡ଼ ଭାଇ ଲକ୍ଷ୍ମଣ, ଅନ୍ୟଜଣେ ଭାଇ ବୈଦ୍ୟନାଥ ସୋରେନ ଓ ତାଙ୍କ ପୁତୁରା ତଥା ବୈଦ୍ୟନାଥ ପୁଅ ମିଳିତ ଭାବେ ଜିତେନ୍ଦ୍ର, ମାଳତୀ ଏବଂ ସସ୍ମିତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଜିତେନ୍ଦ୍ରଙ୍କ ଅନ୍ୟ ୨ ଝିଅ ପ୍ରାଣ ବଞ୍ଚାଇ ଦୌଡ଼ି ପଳାଇବାରୁ ସେମାନଙ୍କ ଜୀବନ ବଞ୍ଚିଯାଇଛି। ଘଷିପୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ କରିବା ସହ ଲକ୍ଷ୍ମଣଙ୍କୁ ଅଟକ ରଖି ତଦନ୍ତ ଚାଲିଥିବା ଡିଏସ୍‌ପି କମଳ ପଣ୍ଡା ସୂଚନା ଦେଇଛନ୍ତି। ଜମିବାଡ଼ି ବିବାଦରୁ ଏପରି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ସେ କହିଛନ୍ତି। ଘଟଣା ସ୍ଥଳରେ ଆନନ୍ଦପୁର ଓ ଘଷିପୁରା ଥାନା ଅଧିକାରୀ ତଦନ୍ତ କରୁଥିବାବେଳେ ସୋମବାର ମୃତଦେହକୁ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

# ୭୮ ବର୍ଷ ପରେ ବି ଚିହ୍ନଟ ହୋଇନି ୩ ଭାଗ ରାଜସ୍ୱ ଅଞ୍ଚଳ

## କେବେ ଘୁଞ୍ଚିବ କୋଟିଆ ଦୁଃଖ

ଭୁବନେଶ୍ୱର,୨୫।୧(ରବିନାରାୟଣ ଜେନା)

ଦେଶ ସ୍ୱାଧୀନ ହେବାର ୭୮ ବର୍ଷ ବିତିଥିଲେ ହେଁ ଏବେ ବି କୋରାପୁଟ ଜିଲା କୋଟିଆ ଅଞ୍ଚଳର ୩ ଭାଗ ସୀମା ଚିହ୍ନଟ ହୋଇପାରିନାହିଁ। କୋଟିଆର ୨୮ ରାଜସ୍ୱ ଗ୍ରାମ ମଧ୍ୟରୁ କତ୍ରାଗୁଡା, ଗୁମେଇପଦର, ତଳକାନ୍ତି, ଥୁଟିଆ, ବଡ଼ବନ୍ଧ, ମାଥଲମ୍ବା ଓ ସୁଲିଆମରୀ ଭଳି ମାତ୍ର ୭ଟି ରାଜସ୍ୱ ଗ୍ରାମର ଭୂମି ଚିହ୍ନଟ ହୋଇଛି। ହେଲେ ଅବଶିଷ୍ଟ ୨୧ଟି ରାଜସ୍ୱ ଗ୍ରାମର ଭୂମି ଏବେ ବି ବିବାଦଘେରରେ ରହିଛି। ସୁପ୍ରିମକୋର୍ଟଙ୍କ ‘ସ୍ଥଗିତାଦେଶ’ ବଳବତ୍ତର ରହିଥିଲେ ହେଁ ଆନ୍ଧ୍ର ସରକାର ତାଙ୍କର ଦାଦାଗିରି ଜାରି ରଖିଛନ୍ତି। କେତେବେଳେ ଲୋକଙ୍କୁ ରାଶନକାର୍ଡଠାରୁ ଆରମ୍ଭ କରି ଅନ୍ୟାନ୍ୟ ପ୍ରଲୋଭନ ଦେଖାଇ ନିଜଆଡ଼କୁ ଟାଣିନେଉଛନ୍ତି ତ ଆଉ କେତେବେଳେ ଜୋରଜବରଦସ୍ତ କୋଟିଆ ଭିତରେ ପଶି ଜବରଦଖଲ କରୁଛନ୍ତି। ଏଭଳି ଅନେକ ଘଟଣା କୋଟିଆ ଅଞ୍ଚଳରେ ଘଟୁଛି। କେତେବେଳେ ତାହା ଲୋକଲୋଚନକୁ ଆସୁଛି ତ ଆଉ କେତେବେଳେ ଲୁଚିରହୁଛି। ତେବେ କଥା କେବଳ ସୀମା ବିବାଦରେ ସୀମିତ ରହିନାହିଁ। କୋଟିଆର ବିଭିନ୍ନ ଅଞ୍ଚଳରେ ଭୂସ୍ଖଳନ ହେଉଥିବାବେଳେ ଆଉ କେତେକ ଅଞ୍ଚଳରେ ଜମିର ଉର୍ବରତା ଧୋଇହୋଇ ଟାଙ୍ଗରା ପାଲଟିଛି, ଯେଉଁଥିପାଇଁ ସ୍ଥାନୀୟ ଅଧିବାସୀ ଫସଲ କରି ଜୀବିକା ନିର୍ବାହ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ରାଜସ୍ୱ ବିଭାଗ ପକ୍ଷରୁ ଜଣାଯାଇଛି।

ତଥ୍ୟ ଅନୁଯାୟୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନିକଟରେ କୋଟିଆ ଅଞ୍ଚଳ ଗସ୍ତ କରିଥିଲେ। ସେଠାରେ କୋଟିଆବାସୀଙ୍କ ପାଇଁ କ’ଣସବୁ ସମସ୍ୟା ରହିଛି ତାହା ଅନୁଧ୍ୟାନ କରିଥିଲେ। ଏହାକୁ ନେଇ ସରକାରଙ୍କ ପକ୍ଷରୁ ୨୯୦ କୋଟି ଟଙ୍କାର ଏକ ‘କୋଟିଆ ବିକାଶ’ ନକ୍ସା ପ୍ରସ୍ତୁତ ହୋଇଛି। ତେବେ ସେଠାରେ ଏପର୍ଯ୍ୟନ୍ତ ୨୧ଟି ରାଜସ୍ୱ ଗ୍ରାମର ଜମି ଚିହ୍ନଟ ହୋଇନାହିଁ, ଯେଉଁଠି କି ୯୭୯ ପରିବାରର ୪୪୪୩ ଲୋକ ରହୁଛନ୍ତି। ସେମାନଙ୍କ ମଧ୍ୟରେ ଅର୍ଜୁବାଲସାର ୧୬ ପରିବାରର ୭୯ ସଦସ୍ୟ ରହିଥିବାବେଳେ ଉପରସେମ୍ବିର ୩୮ ପରିବାରର ୧୬୧, କୋନାଦୋରର ୩୫ ପରିବାରର ୧୫୮, କୋଟିଆର ୧୨୯ ପରିବାରର ୭୯୭, ଦୋଲିଆମ୍ବୋର ୪୩ ପରିବାରର ୨୨୪ ଜଣ ସଦସ୍ୟ ରହିଛନ୍ତି। ଏହାବାଦ୍ ତଳସେମ୍ବି, ତାଡିବଲସା, ଧୂଳିଆପଦର, ନେରଡିବାଲସା, ଫିଟିକି, ଫଗୁଣସେନେରି, ବରଣପଡୁ, ମହିପାଣି, ମଦକର, ରଣସିଂହ, ସଲପଗୁଡା, ସିଡିବାଲସା, ସିମେଇଗେଡା ଏବଂ ହରମନଡାଙ୍ଗି ପ୍ରଭୃତି ରାଜସ୍ୱ ଗ୍ରାମରେ ଅବଶିଷ୍ଟ ସଦସ୍ୟ ରହିଛନ୍ତି। ସେହିପରି ଗଞ୍ଜେଇପଦରରେ ବିଦ୍ୟୁତ୍ ସବ୍‌ଷ୍ଟେଶନ ବସିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ତେବେ ବିଦ୍ୟୁତ୍, ପାଣି, ରାସ୍ତା, ଇଣ୍ଟରନେଟ୍ ଭଳି ସମସ୍ୟା ଏବେ ବି କୋଟିଆ ଅଞ୍ଚଳରେ ଲାଗିରହିଛି। ସେଠାରେ ଏସବୁ ସମସ୍ୟା ଲାଗି ରହିଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୯୦ କୋଟିର ବିକାଶ ନକ୍ସା ଅଙ୍କାଯାଇଛି। ୨୦ଟି ବିଭାଗ ନିଜସ୍ୱ ବିକାଶ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି।

# ବର୍ଷୀୟାନ ସାମ୍ବାଦିକ ମାର୍କ ଟୁଲିଙ୍କ ପରଲୋକ

ନୂଆଦିଲ୍ଲୀ,୨୫।୧(ପି.ଟି.)



ବର୍ଷୀୟାନ ସାମ୍ବାଦିକ ଏବଂ ବିଶିଷ୍ଟ ଲେଖକ ମାର୍କ ଟୁଲିଙ୍କ ରବିବାର ପରଲୋକ ଘଟିଛି। ନୂଆଦିଲ୍ଲୀ ସାକେତସ୍ଥିତ ମ୍ୟାକ୍ସ ହସ୍ପିଟାଲରେ ଗତ ସପ୍ତାହେ ଧରି ଚିକିତ୍ସିତ ହେଉଥିବା ଟୁଲିଙ୍କ ୯୦ବର୍ଷ ବୟସରେ ମୃତ୍ୟୁ ଘଟିଛି। ଟୁଲି ଦୀର୍ଘ ୨୨ ବର୍ଷ ଧରି ବିବିସି ଖବର ସରବରାହ ସଂସ୍ଥାର ନୂଆଦିଲ୍ଲୀ ପାଇଁ ଚିଫ୍ ବ୍ୟୁରୋ ଭାବେ କାର୍ଯ୍ୟ କରିଆସୁଥିଲେ। କୋଲ୍‌କାତାଠାରେ ୧୯୩୫ ଅକ୍ଟୋବର ୨୪ରେ ଜନ୍ମଗ୍ରହଣ କରିଥିବା ଟୁଲି ସାମ୍ବାଦିକ ଏବଂ ସାହିତ୍ୟ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ସେ ଭାରତ ଉପରେ ଏକାଧିକ ପୁସ୍ତକ ଲେଖିଛନ୍ତି। ସେଥିମଧ୍ୟରେ ‘ନୋ ଫୁଲ୍ ଷ୍ଟପ୍ ଇଣ୍ଡିଆ’, ‘ଇଣ୍ଡିଆ ଇନ୍ ସ୍ଲୋ ମୋଶନ’ ଏବଂ ‘ଦ ହାର୍ଟ ଅଫ୍ ଇଣ୍ଡିଆ’ ପୁସ୍ତକ ପାଇଁ ସେ ବେଶ୍ ଚର୍ଚ୍ଚିତ ହୋଇଥିଲେ। ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ବହୁ ପୁରସ୍କାରରେ ସେ ସମ୍ମାନିତ ହୋଇଥିଲେ। ଟୁଲି ୨୦୦୫ରେ ପଦ୍ମ ଭୂଷଣ ଉପାଧି ପାଇଥିଲେ।




ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ଓଡ଼ିଶାକୁ ଦେଶର ଏକ ସମୃଦ୍ଧ, ଅଗ୍ରଣୀ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଦିବସରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି।

(ଡ. ହରି ବାବୁ କମ୍ଭମପାଟି)

OIPR-

DADLS-83



ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬
ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଆଜିର ଦିବସ ହେଉଛି ଗର୍ବ, ଗୌରବ ଓ ସଂକଳ୍ପର ଦିବସ।

ଆସନ୍ତୁ, ସମ୍ବିଧାନର ମୂଲ୍ୟବୋଧକୁ ଆଧାର କରି ଦେଶର ଶକ୍ତି, ସାମର୍ଥ୍ୟ ଓ ସମ୍ମାନ ବଢ଼ାଇବା ସହିତ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ସଂକ୍ଷେପରେ

### ପାଟଣେଶ୍ୱରୀ ପାଠାଗାର ଉଦ୍‌ଘାଟିତ

**ଲୋଇସିଂହା,୨୫।୧(ସୁଶାନ୍ତ ବାରିକ)**

ଲୋଇସିଂହା ବ୍ଲକ ଅଧୀନ ବୁର୍ଡା ଗ୍ରାମର ତଳିପଡା ସ୍ଥିତ ନବନିର୍ମିତ ପାଟଣେଶ୍ୱରୀ ପାଠାଗାର ଶନିବାର ଉଦ୍‌ଘାଟିତ ହୋଇଯାଇଛି । ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ମହାଲିଙ୍ଗ କହିଥିଲେ, ଆଗାମୀ ୩ ମାସ ମଧ୍ୟରେ ଉକ୍ତ ପାଠାଗାରରେ ଗୋଟିଏ ଏଲଇଡି ଟିଭି, ଇଣ୍ଟରନେଟ୍, କମ୍ପ୍ୟୁଟର ସୁବିଧା ସାଙ୍ଗକୁ ଲାଇବ୍ରେରୀ ପାଇଁ ବ୍ୟବସ୍ଥା କରାଯିବ। ଲାଇବ୍ରେରୀ ପାଇଁ ଗୀତା ପୁରାଣ ସହ ଛାତ୍ରୀଛାତ୍ରମାନଙ୍କ ଚାକିରି ପାଇଁ ପ୍ରସ୍ତୁତ ପାଠ୍ୟ ପୁସ୍ତକ, କ୍ରୀଡା ଉପକରଣ ଆଦି ଯୋଗାଣ ହେବ । ବୁର୍ଡା, ଲୋଇସିଂହା ପଞ୍ଚାୟତ ସମେତ ଆଖପାଖ ଗାଁକୁ ନେଇ ନୂତନ ଏନଏସି ଗଠନ ପାଇଁ ପଦକ୍ଷେପ ନିଆଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ତାଙ୍କ ପ୍ରୟାସ ଜାରି ରହିବ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଥିଲେ। ୧୯୬୦ ଦଶକରୁ ଉକ୍ତ ପାଠଗାର ଚାଲିଥିବା ଜାଣି ମନ୍ତ୍ରୀ ଖୁସିବ୍ୟକ୍ତ କରିବା ସହିତ ବର୍ତ୍ତମାନ ସମୟରେ ପାଠାଗାର ଆନ୍ଦୋଳନକୁ ଉଜ୍ଜୀବିତ କରିଥିବାରୁ ଗ୍ରାମବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସୁଦୀପ କୁମାର ସା , ପୂର୍ବତନ ଜିଲା ପରିଷଦ ସଭ୍ୟ ସାଇଶଙ୍କର ସାହୁ, ଓମପ୍ରକାଶ ସାହୁ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

### ବିଶ୍ୱଶାନ୍ତି ମାନସ ଯଜ୍ଞର ଷଷ୍ଠ ସନ୍ଧ୍ୟା

**ଲୋଇସିଂହା,୨୫।୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ରୁଗୁଡିଖାଲ ମାନସ ବିହାରରେ ୨୯ତମ ନବ ଦିନାତ୍ମକ ବିଶ୍ୱଶାନ୍ତି ମାନସ ଯଜ୍ଞ ଅନୁଷ୍ଠିତ ହେଉଛି । ଶନିବାର ଯଜ୍ଞର ଷଷ୍ଠ ଦିବସ ସନ୍ଧ୍ୟାରେ ଆୟୋଜିତ ସଭାରେ ଯଜ୍ଞ କମିଟି ସଭାପତି ଯୁଧିଷ୍ଠୀର ପଧାନ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର, ଜିଲା କ୍ରୀଡ଼ା ଅଧିକାରୀ ପରାସର ବାଗ ଯୋଗ ଦେଇଥିଲେ। ମୁଖ୍ୟଅତିଥି ମହାଲିଙ୍ଗ ପ୍ରଭୁ ଶ୍ରୀରାମ ଆମ ଜନଜୀବନରେ ଜଡିତ ବୋଲି ମତବ୍ୟକ୍ତ କରିଥିଲେ। ଏହାଛଡା ଦୀର୍ଘ ୨୯ ବର୍ଷ ଧରି ମାଘ ମାସରେ ୯ ଦିନ ଧରି ଶ୍ରୀରାମ ଚରିତ୍ର, ଗାଥା ଓ ସନାତନ ଧର୍ମର ପ୍ରଚାର ପ୍ରସାରକୁ ଆଗକୁ ବଢାଉଥିବାରୁ ଆୟୋଜକ କମିଟି ଓ ଅଞ୍ଚଳବାସୀଙ୍କୁ ସାଧୁବାଦ ଜଣାଇଥିଲେ । ଉକ୍ତ ମନ୍ଦିରରେ ଆନୁସଙ୍ଗିକ ସୁବିଧା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

### କର୍ଲାକୋଟରେ ଲୋକଙ୍କ ସମାଗମ

**ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ୍ କାର୍ଯ୍ୟକ୍ରମକୁ ନେଇ ଜୁନାଗଡ଼ରେ ସଚେତନତାମୂଳକ କାର୍ଯ୍ୟକ୍ରମ**

**ଜୁନାଗଡ଼,୨୫।୧(ଅଂଶୁମାନ ଯୋଶୀ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟ କାର୍ଯ୍ୟକ୍ରମ 'ମନ କି ବାତ୍' ଅବସରରେ ରବିବାର ଜୁନାଗଡ଼ ବ୍ଲକ କର୍ଲକୋଟ ଗ୍ରାମର ଆମ୍ବ କୋଟାଠାରେ ମୋଦି ଜି ୧୩୦ ତମ ମନ କି ବାତର ଏକ ସଚେତନତା ମୂଳକ ବୈଠକ ଆୟୋଜିତ ହୋଇଯାଇଛି। ଦାସୀ ଗାଁ ମଣ୍ଡଳ ସଭାପତି ଅଂଶୁମାନ ଯୋଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, ସାମାଜିକ କର୍ମୀ, ବୁଦ୍ଧିଜୀବୀ, ଯୁବପିଢ଼ିଙ୍କ ସହ ଦାସୀଗାଁ, ମୁଣ୍ଡରାଗୁଡା, ରାଜପୁର, ବର୍ଣଜରା ବାଙ୍କପଳାସ, ବୁଢ଼ିଦର୍, ମାଟି ଗାଁ ଆଦି ୭ପଞ୍ଚାୟତର ୩୭ ଟି ବୁଥର ସଭାପତି, ସମ୍ପାଦକ, ଉପ ସଭାପତି, ଶକ୍ତି କେନ୍ଦ୍ର ପ୍ରମୁଖ ଯୋଗଦେଇ ବୁଥସ୍ତରରେ କର୍ମୀ ସଙ୍ଗଠିତ ହେବା ପାଇଁ ସଂକଳ୍ପ ନେଇଥିଲେ। ବୈଠକ ସମୟରେ ସମସ୍ତେ ଏକାଗ୍ର ମନୋଯୋଗରେ ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ କାର୍ଯ୍ୟକ୍ରମ ଶୁଣିଥିଲେ। ବୈଠକ ଶେଷରେ ସମସ୍ତ ଉପସ୍ଥିତ ଲୋକେ ସାମାଜିକ ଦାୟିତ୍ୱ ପାଳନ, ସ୍ୱଚ୍ଛତା ରକ୍ଷା, ଏକତା ଓ ଦେଶପ୍ରେମକୁ ଆଧାର କରି କାମ କରିବା ପାଇଁ ସଙ୍କଳ୍ପ ନେଇଥିଲେ। ଏପରି କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ମଧ୍ୟରେ ଜାତୀୟ ଚେତନା ଆହୁରି ଦୃଢ଼ ହେବ। କାର୍ଯ୍ୟକ୍ରମରେ ଜୁନାଗଡ଼ ଭାଜପା ପ୍ରାର୍ଥୀ ମନୋଜ ମେହେର, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ପୂର୍ବତନ ନଗରପାଳ ସୁଧାଂଶୁ ଶେଖର ବରାଡ଼, ହିମାଂଶୁ ବରାଡ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀଙ୍କ 'ଓଡିଶା ବନ୍ଦ'କୁ କୋଶଳବାଦୀଙ୍କ ସମର୍ଥନ

**ବଲାଙ୍ଗୀର,୨୫।୧(ବୀରେନ୍ଦ୍ର କୁମାର ଝାଙ୍କର)**



କୋଶଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ ।

ରାଜ୍ୟରେ ଲାଗି ରହିଥିବା ଧାନ ବିକ୍ରି ସମସ୍ୟା, ଚାଷୀଙ୍କୁ ଅସମ୍ମାନ ଏବଂ ମାଡ ଘଟଣା ପ୍ରତିବାଦରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଆସନ୍ତା ୨୮ ତାରିଖରେ ଦିଆଯାଇଥିବା 'ଓଡିଶା ବନ୍ଦ' ଡାକରାକୁ କୋଶଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ସମର୍ଥନ ଘୋଷଣା କରାଯାଇଛି। ରବିବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏକ ଖବରଦାତା ସମ୍ମିଳନୀ କରାଯାଇ ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ଏହି ସୂଚନା ଦେଇଥିଲେ। ସେ କହିଥିଲେ ଯେ, ସମ୍ପ୍ରତି ଧାନ ମଣ୍ଡି ସମସ୍ୟା ଓ ଧାନର ଅଭାବୀ ବିକ୍ରି ସମସ୍ୟାକୁ ନେଇ ସାରା ରାଜ୍ୟରେ ଚାଷୀ ଅସନ୍ତୋଷ ଲାଗି ରହିଛି। ବିଶେଷ କରି ଏହି ସମସ୍ୟା କୋଶଳାଞ୍ଚଳରେ ଉତ୍କଟ ଆକାର ଧାରଣ କରିଛି। ଚାଷୀଙ୍କୁ ଟୋକନ ପ୍ରଦାନରେ ଚରମ ଅବ୍ୟବସ୍ଥା ଏବଂ ଧାନ କଟ୍‌ନି ଛଟନି ସମସ୍ୟା, ବରଗଡ ଧନୁଯାତ୍ରା ମଞ୍ଚରେ କୃଷିମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ ଏବଂ ସୋନପୁରଠାରେ ଚାଷୀଙ୍କୁ ଆକ୍ରମଣ କରାଯିବା ଘଟଣା ଚାଷୀକୁଳକୁ ମର୍ମାହତ ଏବଂ କ୍ଷୁବ୍ଧ କରିଛି। ବିଜେଡି ଏବଂ କଂଗ୍ରେସ ଶାସନ ସମୟରେ ମଧ କୋଶଳାଞ୍ଚଳର ଚାଷୀ ଅଭାବୀ ବିକ୍ରି ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏବେ ଚାଷୀଙ୍କ ପ୍ରତି ଅବିଚାର ସୀମା ଟପିଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଯେତେ ଦିନ ପର୍ଯ୍ୟନ୍ତ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ହେବ ନାହିଁ ସେତେଦିନ ପର୍ଯ୍ୟନ୍ତ ଏଠାକାର ଚାଷଙ୍କ ସମସ୍ୟାର ସମାଧାନ ହେବନାହିଁ। ଏଣୁ ଚାଷୀମାନେ ସ୍ୱତନ୍ତ୍ର କୋଶଳ ଆନ୍ଦୋଳନକୁ ଜୋରଦାର ସମର୍ଥନ କରନ୍ତୁ ବୋଲି ମିଶ୍ର ଆହ୍ୱାନ ଦେଇଥିଲେ। ମିଲ୍ ମାଲିକ, ଧାନ ବେପାରୀ, ଦଲାଲଙ୍କ ସହ ସରକାରଙ୍କ ମଧୁଚନ୍ଦ୍ରିକା ଚାଲିଛି ବୋଲି ଚାଷୀ ସଙ୍ଗଠନମାନେ ଯେଉଁ ଅଭିଯୋଗ କରୁଛନ୍ତି ସେଥିରେ ସତ୍ୟତା ରହିଛି ବୋଲି ସେ କହିଥିଲେ। ଚାଷୀମାନଙ୍କ ଆନ୍ଦୋଳନକୁ କୋଶଳ ରାଜ୍ୟ ସମନ୍ୱୟ ସମିତି ସମର୍ଥନ କରୁଛି ବୋଲି ସେ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ କୋଶଳବାଦୀ ନେତା ଶରତ କୁମାର ହୋତା, ରଣରାଜ ସିଂଦେଓ ଏବଂ ରବି ଶଙ୍କର ମିଶ୍ର ଉପସ୍ଥିତ ଥିଲେ।

## ଯାଦବମାନଙ୍କ ଉନ୍ନତି ପାଇଁ ପଞ୍ଚାୟତ ସ୍ତରରୁ ସଂଗଠନ ଆବଶ୍ୟକ



କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥି ।

**କଣ୍ଟାବାଞ୍ଜି,୨୫।୧(ଗୁରୁ ଦୟାଲ ହଂସ)**

**ଉତ୍କଳ ଯାଦବ ମହାସଭା ରାଜ୍ୟ ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିଠାରେ ଉତ୍କଳ ଯାଦବ ମହାସଭାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରବିବାର ଦିନ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗୀର ଜିଲା ସଭାପତି ତଥା ରାଜ୍ୟ ମହାସଚିବ ଲକ୍ଷ୍ମଣ ବାଗ ସଭପତିତ୍ୱ କରିଥିଲେ। ବୈଠକରେ ରାଜ୍ୟ ସଭାପତି ସୁଭାଷ ଚନ୍ଦ୍ର ବେହେରା, ଉପସଭାପତି ଲମ୍ବୋଦର ନିଆଲ, ରାଷ୍ଟ୍ରୀୟ ଯୁବ ଯାଦବ ସଭାପତି ଇଞ୍ଜିନିୟର ପ୍ରଦୀପ କୁମାର ବେହେରା ଓ ୩୨ଟି ଯାଦବ ସଂଗଠନ ଜିଲାର ସଭାପତିଙ୍କ ସହ ବିଭିନ୍ନ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ବିଭିନ୍ନ ଜିଲାରୁ ପ୍ରତିନିଧିତ୍ୱ କରିଥିବା କର୍ମକର୍ତ୍ତା ଯାଦବମାନଙ୍କୁ ସରକାର ବିଭିନ୍ନ କ୍ଷେତ୍ରରେ ଉପେକ୍ଷିତ କରୁଥିବା କହିଥିଲେ । ଯାଦବମାନଙ୍କ ଉନ୍ନତି ପାଇଁ ପଞ୍ଚାୟତସ୍ତରରୁ ସଙ୍ଗଠନ ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ । ଯାଦବ ଜନଗଣନା ସହ ଯାଦବ ବହୁଳ ଅଞ୍ଚଳକୁ ପ୍ରାଧାନ୍ୟ ଦେବା ଉପରେ ଆଲୋକପାତ କରିଥିଲେ। ଏହାଛଡା ରାଜ୍ୟ ସରକାର ଆଗାମୀ ଦିନରେ ମନ୍ତ୍ରୀ ପଦ ସଂପ୍ରସାରଣରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ସାମିଲ କରିବା ପାଇଁ ଦାବି କରଯାଇଥିଲା। ଯଦି ସରକାର ସାମିଲ ନ କରନ୍ତି ତେବେ ପ୍ରତି ଜିଲାରୁ ଦସ୍ତଖତ ଅଭିଯାନ କରି ଦାବିପତ୍ର ରାଜ୍ୟ ମୁଖ୍ୟମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀଙ୍କୁ ଦେବା ପାଇଁ ଦାବି ହୋଇଥିଲା । ଏପରିକି ଭୁବନେଶ୍ୱର ଚାଲ ଅଭିଯାନ କରାଯିବ ବୋଲି ଚେତାଇ ଦିଆଯାଇଥିଲା। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ପୌର ନିର୍ବାଚନରେ ଯାଦବ ପ୍ରତିନିଧିମାନଙ୍କୁ ପ୍ରତିନିଧିତ୍ୱ କରିବାର ସୁଯୋଗ ଦେବା ପାଇଁ ମତ ପ୍ରକାଶ ପାଇଥିଲା। ବେଦବ୍ୟାସ ନାଗ ଓ ରାଜୁ ଘିବେଲା ମଞ୍ଚ ସଞ୍ଚାଳନ କରିଥିଲେ। ଏହି ବୈଠକରେ ୩୦ ଜିଲାରୁ ବହୁ ସଂଖ୍ୟକ ଯାଦବ ମହିଳା ଓ ପୁରୁଷ ସାମିଲ ଥିଲେ।

## ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନର ସାଙ୍ଗଠନିକ ବୈଠକ


ବୈଠକରେ ଉପସ୍ଥିତ ସଦସ୍ୟ ।

**ବଲାଙ୍ଗୀର,୨୫।୧(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନର ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପ୍ରତାପ ସାଗରପଡ଼ା ସାଇ ମନ୍ଦିର ନିକଟରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ନୂଆ କାର୍ଯ୍ୟକର୍ତ୍ତା ଚୟନ କରାଯାଇଛି। ଏଥିରେ ଜିଲା ସଭାପତି ଭାବେ ଉତ୍ତମ ନନ୍ଦ, ଉପସଭାପତି ଭାବେ ଦେବରାଜ ନାଗ, ସମ୍ପାଦକ ଭାବେ ଲିଙ୍କନ ସେଠ, ସହସମ୍ପାଦକ ଭାବେ ସହଦେବ ନାଗ, କୋଷାଧ୍ୟକ୍ଷ ଭାବେ ପ୍ରଶାନ୍ତ ମିଶ୍ରଙ୍କୁ ଚୟନ କରାଯାଇଛି। ଆଇନ ଉପଦେଷ୍ଟା ଭାବରେ ଆଡଭୋକେଟ ଶାନ୍ତନୁ ଭୋଇ, ଉପଦେଷ୍ଟା ମଣ୍ଡଳୀରେ ସନ୍ତୋଷ କୁମାର ପଟ୍ଟନାୟକ, ଗୋବିନ୍ଦ ଶତପଥୀ, ଅମିତ୍ ମହାନ୍ତି, ଟୁଲୁ ସାହୁ, ଧନଞ୍ଜୟ ପାଣିଗ୍ରାହୀ, ସୁରେନ୍ଦ୍ର ସେଠ, ଡାକ୍ତର ବେଣୁଧର ପାଣ୍ଡେ, କିଶୋର ରଥ, ସନ୍ଦୀପ ବାଗ, ଶେଖ୍ ମହମ୍ମଦ ୱାହିଦ, ରଣରାଜ ସିଂଦେଓ, ଶ୍ୟାମ ସୁନ୍ଦର ଗହୀର ଓ ବୁଲୁ ବେହେରାଙ୍କୁ ଚୟନ କରାଯାଇଛି। ଅନୁଷ୍ଠାନର ସାମାଜିକ ଗଣମାଧ୍ୟମ ପରିଚାଳକ ଭାବେ ତିନି ଜଣ ସଦସ୍ୟ ପ୍ରଶାନ୍ତ ମିଶ୍ର, ଗୋବିନ୍ଦ ଶତପଥୀ ଓ ସରୋଜ ଜାଲଙ୍କୁ ଦାୟିତ୍ୱ ଦିଆଯାଇଥିବା ସୂଚନା ଦିଆଯାଇଛି । ନୂଆ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସଙ୍ଗଠନର ମୂଳ ଉଦ୍ଦେଶ୍ୟ ଲୋକଙ୍କ ତଥା ଜୀବଜଗତର ସେବା ଉପରେ ଗୁରୁତ୍ୱ ଦେବାକୁ ଆଲୋଚନା କରାଯାଇ ଏନେଇ ବିଭିନ୍ନ ପ୍ରସ୍ତାବ ଗୃହୀତ କରାଯାଇଥିବା ଜଣାପଡିଛି।

## 'ଓଡ଼ିଶା ବନ୍ଦ'କୁ ବଲାଙ୍ଗୀର ଜିଲା କୃଷକ ସଂଘର ସମର୍ଥନ

**ବଲାଙ୍ଗୀର,୨୫।୧(ବୀରେନ୍ଦ୍ର କୁମାର ଝାଙ୍କର)**

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ୮ ଦଫା ଦାବି ନେଇ ଆସନ୍ତା ୨୮ ତାରିଖରେ 'ଓଡିଶା ବନ୍ଦ' ଡାକରା ଦିଆଯାଇଛି। ଏହାକୁ ବଲାଙ୍ଗୀର ଜିଲା କୃଷକ ସଂଘ ପକ୍ଷରୁ ସମର୍ଥନ ଘୋଷଣା କରାଯାଇଛି। ଜିଲା କୃଷକ ସଂଘ ସଭାପତି ସାନନ୍ଦ ମିଶ୍ର ଏକ ପ୍ରେସ ବିବୃତିରେ ଏହା ଘୋଷଣା କରିଛନ୍ତି। ଚାଷୀଙ୍କ ଧାନ ବିକ୍ରି, ଟୋକନ ସମସ୍ୟା, ଚାଷୀଙ୍କୁ ଅସମ୍ମାନ ଏବଂ ମାଡ ଘଟଣାକୁ ସଂଘ ପକ୍ଷରୁ ପ୍ରତିବାଦ କରାଯିବା ସହ ଚାଷୀଙ୍କ ଆନ୍ଦୋଳନକୁ ଜୋରଦାର ସମର୍ଥନ କରାଯିବ ବୋଲି କୁହାଯାଇଛି। ପୂର୍ବରୁ ବିଭିନ୍ନ କୃଷକ ସଙ୍ଗଠନକୁ ନେଇ ଗଠିତ ମିଳିତ କୃଷକ ମଞ୍ଚ ଚାଷୀଙ୍କ ଓଡିଶା ବନ୍ଦ ଡାକରାକୁ ସମର୍ଥନ କରିଥିବା ଘୋଷଣା କରି ସାରିଛନ୍ତି। ଏହାସହିତ ଏହି ବନ୍ଦକୁ ବଲାଙ୍ଗୀର ଟାଉନ କଂଗ୍ରେସ, ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ପକ୍ଷରୁ ମଧ୍ୟ ସମର୍ଥନ କରାଯାଇଥିବା ଜଣାପଡିଛି।

## କାର୍‌କୁ ଧକ୍କା ଦେଇ ଓଲଟିଲା ହାଇୱା: ଦମ୍ପତି ଆହତ

**ଲୋଇସିଂହା,୨୫।୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ରୁଗୁଡିଖାଲ ବକଟି ରାସ୍ତାରେ ରବିବାର କନଷ୍ଟ୍ରକଶନ କମ୍ପାନୀର ଏକ ମେଟାଲ ବୋଝେଇ ହାଇୱା( ନଂ ଓଡି ୧୭ଇ ୫୪୮୮) ଏକ କାର୍‌କୁ ଧକ୍କା ଦେଇ ରାସ୍ତାରେ ଓଲଟି ପଡିଛି। ଫଳରେ କାର୍‌ରେ ଥିବା ବକଟି ଗ୍ରାମର ଟୁନୁ ଗୁରୁ ଏବଂ ତାଙ୍କ ସ୍ତ୍ରୀ ଆହତ ହୋଇଛନ୍ତ । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲକୁ ନେଇଥିବା ଜଣାପଡିଛି। ବକଟିରେ ଉକ୍ତ କମ୍ପାନୀର ଏକ କ୍ୟାମ୍ପ କାର୍ଯ୍ୟ କରୁଛି। ରୁଗୁଡିଖାଲ ପଟରୁ କମ୍ପାନୀର ଉକ୍ତ ହାଇୱାରେ ମେଟାଲ ବୋଝେଇ ହୋଇ ବକଟିସ୍ଥିତ କ୍ୟାମ୍ପକୁ ଯାଉଥିଲା। ହେଲେ ବକଟିପଟରୁ ଆସୁଥିବା କାର୍‌କୁ ଉକ୍ତ ହାଇୱା ଧକ୍କା ଦେଇ ରାସ୍ତା ଉପରେ ଓଲଟି ପଡିଥିଲା । ଅପରପକ୍ଷରେ ଧକ୍କା ପରେ କାର୍ ରାସ୍ତା ପାର୍ଶ୍ୱ ପଡିଆକୁ ଗଡି ଯାଇଥିଲା। ଫଳରେ କାରରେ ଥିବା ଦମ୍ପତି ଆହତ ହୋଇଥିଲେ। ବେପରୁଆ ଗାଡି ଚାଳନା ଯୋଗୁ ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## 'ଛାତ୍ରୀଛାତ୍ର ଯୁଗୋପଯୋଗୀ ହୁଅ'

**ଲୋଇସିଂହା,୨୫।୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଖାରମୁଣ୍ଡା ସ୍ଥିତ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅଧକ୍ଷା ଜ୍ୟୋତିମୟୀ ପଧାନଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଯୁଗପୋଯୋଗୀ ହେବା ସହ ଅସହାୟ ତଥା ଅଲୋଡା ବ୍ୟକ୍ତିଙ୍କ ସେବାରେ ସମର୍ପିତ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ଲୋକକବି ହଳଧର ନାଗ ଏବଂ ତହସିଲଦାର ଟିକୁନୁ ପୁଟା, ବିଡିଓ ଅକ୍ଷୟ ପାଣି ଉଦ୍ଧୁ, ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ,ଏମ୍‌ପିଙ୍କ ପ୍ରତିନିଧି ବାଳକୃଷ୍ଣ ଧରୁଆ, ଡୁଙ୍ଗରିପାଲି ଆଦର୍ଶ ବିଦ୍ୟାଳୟର ପ୍ରିନ୍ସିପାଲି ହିମାଂଶୁ କଅଁର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ, ସାହିତ୍ୟ, ଭାଷା, କୀର୍ତ୍ତିରାଜି, ସଂସ୍କୃତି, ବୈଭବ ଓ ରୋଜଗାର କ୍ଷମତାକୁ ମାରି ବ୍ରିଟିଶମାନେ ଭାରତରେ ଶାସନ କରିଥିଲେ। ଏପରି କି ଭାରତରେ ୨ଶହ ବର୍ଷରୁ ଅଧିକ ସମୟ ଧରି ଶାସନ କରିଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶାସନ କ୍ଷମତାକୁ ଆସିବା ପରେ ୨୦୨୦ରେ ନୂତନ ଶିକ୍ଷାନୀତି ଆରମ୍ଭ ହୋଇଥିଲା। ଏହାଫଳରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ନିଜ ଭାଷାରେ ଶିକ୍ଷାଦାନ ଦିଆଯିବ। ଯଦ୍ୱାରା ପିଲାଙ୍କ ବୌଦ୍ଧିକ, ଶାରୀରିକ ଓ ଆଧ୍ୟାତ୍ମିକ ବିକାଶ ହୋଇ ପାରିବ। ଏହାଛଡା ଆତ୍ମନିର୍ଭର ଭାରତକୁ ଆଗେଇବା ପାଇଁ ବୈଷୟିକ ଜ୍ଞାନକୁ ବଢାଇବାକୁ ପଡିବ। ଅଭିଭାବକ, ବିଦ୍ୟାଳୟର ଶିକ୍ଷକ, ପ୍ରକୃତି ପରେ ଏବେ ଏଆଇ ଚତୁର୍ଥ ଗୁରୁ ବୋଲି ମନ୍ତ୍ରୀ ମହାଲିଙ୍ଗ ତାଙ୍କ ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ପଦ୍ମଶ୍ରୀ ନାଗ କବିତା ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ପ୍ରିନ୍ସିପାଲ ପଧାନ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ୱତନ୍ତ୍ର ଅତିଥି ହାସ୍ୟ କବି ଦେବେନ୍ଦ୍ର ସାହୁଙ୍କ ହାସ୍ୟ ରସାତ୍ମକ କବିତା ମନଛୁଆଁ ହୋଇଥିଲା। ଛାତ୍ରୀ ଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ମନ୍ତ୍ରୀ ମହାଲିଙ୍ଗ ବିଦ୍ୟାଳୟର ଛାତ୍ରାବାସକୁ ଉଦ୍‌ଘାଟନ କରିଥିଲେ।

## ବାଲ୍ୟ ବିବାହମୁକ୍ତ ଭାରତ କାର୍ଯ୍ୟକ୍ରମ



ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଗ୍ରାମ ପରିକ୍ରମା କରୁଛନ୍ତି ।

**ପାଟଣାଗଡ଼,୨୫।୧(ସଚ୍ଚିଦାନନ୍ଦ ମହାକୁର)**

ପାଟଣାଗଡ ବ୍ଲକ ଅନ୍ତର୍ଗତ ବରପଦର ପଞ୍ଚାୟତ କୁତମୁଣ୍ଡା ଗ୍ରାମରେ ରବିବାର ବାଲ୍ୟବିବାହ ରୋକିବାକୁ ପାଟଣାଗଡ଼ ଆଇସିଡିଏସ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଙ୍ଗନୱାଡ଼ି, ଆଶାକର୍ମୀ, ଯୁବତୀ ଓ ମହିଳାମାନେ ଏକତ୍ରିତ ହୋଇ ଗ୍ରାମ ପରିକ୍ରମା କରିବା ସହ ଲୋକଙ୍କୁ ବାଲ୍ୟବିବାହ ମୁକ୍ତ ଭାରତ କରିବାକୁ ସଚେତନ କରିଥିଲେ। ଅଙ୍ଗନୱାଡି କର୍ମୀ ରାମାବତୀ ସାହୁ, ବାସନ୍ତୀ ମେହେର, ଉପାଶି ବରିହା, ଆଶାକର୍ମୀ ତପସ୍ୱିନୀ ମେହେର, ପ୍ରମିଳା ସାହୁ ଓ ଲକ୍ଷ୍ମୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଉକ୍ତ ଗ୍ରାମର ସ୍ୱେଚ୍ଛାସେବୀ ଯୁବ ସଂଘର ସମ୍ପାଦକ ଭେଲାରାମ କୁମ୍ଭାର ସହଯୋଗ କରିଥିଲେ।







# ୨୭ରୁ ମହାରାଜା ଆରଏନ୍ ସିଂଦେଓ ସ୍ମାରକୀ

## ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

**ବଲାଙ୍ଗୀର,୨୫।୧(ବୀରେନ୍ଦ୍ର କୁମାର ଝାଙ୍କର)**


ଖବରଦାତା ସମ୍ମିଳନୀ କରାଯାଇ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦିଆଯାଉଛି ।

ଆସନ୍ତା ୨୭ରୁ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମଠାରେ ଆରମ୍ଭ ହେବ। ଏହି ଟୁର୍ନାମେଣ୍ଟ ଫେବୃୟାରୀ ୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଟୁର୍ନାମେଣ୍ଟ ଆୟୋଜକ ମହାରାଜା ଫୁଟବଲ ଆସୋସିଏଶନ ପକ୍ଷରୁ ରବିବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ କରାଯାଇ ଏହି ସୂଚନା ଦିଆଯାଇଛି। ଏହି ଟୁର୍ନାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରର ୮ଟି ଦଳ ଅଂଶଗ୍ରହଣ କରିବେ। ରାଜ୍ୟ ବାହାରୁ ଛତିଶଗଡର ଭିଲାଇ ଏବଂ ପଶ୍ଚିମବଙ୍ଗର କୋଲକତା ଦଳ, ଓଡ଼ିଶାର ରାଉରକେଲା, ଫୁଲବାଣୀ, ବରଗଡ଼, ସମ୍ବଲପୁରର କୁଚିଣ୍ଡା, ସୋନପୁର ଓ ବଲାଙ୍ଗୀର ମହାରାଜା ଫୁଟବଲ ଆସୋସିଏଶନ ଏଥିରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି। ଉଦ୍‌ଘାଟନୀ ଦିନ 'ଏ' ପୁଲର ଦୁଇଟି ମ୍ୟାଚ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ ବଲାଙ୍ଗୀର ବନାମ କୁଚିଣ୍ଡା ଦଳ ମଧ୍ୟରେ ଓ ଦ୍ୱିତୀୟ ମ୍ୟାଚ ଫୁଲବାଣୀ ବନାମ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହେବ। ୨୮ରେ ପ୍ରଥମ ସେମିଫାଇନାଲ ଖେଳାଯିବ। 'ବି' ପୁଲର ପ୍ରଥମ ମ୍ୟାଚ ୨୯ ଜାନୁୟାରୀରେ ଭିଲାଇ ବନାମ ସୋନପୁର, ୩୦ରେ କୋଲକତା ବନାମ ବରଗଡ଼ ଦଳର ମ୍ୟାଚ ଖେଳାଯିବ। ୩୧ରେ ଦ୍ୱିତୀୟ ସେମିଫାଇନାଲ ଖେଳା ଯିବ ଏବଂ ୧ ଫେବୃୟାରୀରେ ଗ୍ରାଣ୍ଡ ଫାଇନାଲ ମୁକାବିଲା ହେବ ବୋଲି ସୂଚନା ଦିଆଯାଇଛି। ମହାରାଜା ଫୁଟବଲ ଆସୋସିଏଶନ ଏବଂ ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦର ସହଯୋଗରେ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି। ଆୟୋଜକ କମିଟି ଅଧ୍ୟକ୍ଷ ଭାବେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଏବଂ ସଭାପତି ଭାବେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ଦାୟିତ୍ୱ ତୁଲାଉଛନ୍ତି।

ଉଦ୍‌ଘାଟନୀ ଦିବସର ଦ୍ୱିତୀୟ ମ୍ୟାଚ ଫ୍ଲଡ ଲାଇଟ୍‌ରେ ଖେଳାଯିବ ବୋଲି କମିଟିର କାର୍ଯ୍ୟକାରୀ ସଭାପତି ବିଧୁଭୂଷଣ ତ୍ରିପାଠୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ଉପ ସଭାପତି ଶମ୍ଭୁ ନାଗ, ସମ୍ପାଦକ ସାଗର ସଙ୍ଗମ ଶତପଥୀ, କୋଷାଧ୍ୟକ୍ଷ ଦେବଦତ୍ତ ବେହେରା, କାର୍ଯ୍ୟକାରୀ ସଦସ୍ୟ ରାଜେନ୍ଦ୍ର ହୋତା, ନିହାର ରଞ୍ଜନ ସ୍ୱାଇଁ, ଲେଙ୍କା ସାହୁ, ଗୁଞ୍ଜୀ ଖାନ, ସୁମନ ନନ୍ଦ, ଭୂପେନ୍ଦ୍ର ପ୍ରସାଦ ସିଂ, ବୀରସେନ ସାହୁ ଏବଂ ବିଭୂତି ଭୂଷଣ ମିଶ୍ର ଉପସ୍ଥିତ ଥିଲେ।



# ସୁଦୃଢ଼ ଗଣତନ୍ତ୍ର ଗଠନରେ ଯୁବପିଢ଼ିଙ୍କ ଭୂମିକା ମହତ୍ତ୍ୱପୂର୍ଣ୍ଣ

**ବରଗଡ଼,୨୫।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ବରଗଡ଼ଙ୍କ ଅଧ୍ୟକ୍ଷତାରେ ରବିବାର ୧୬ତମ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ ହୋଇଛି। ଏହି ଅବସରରେ ଗାନ୍ଧିଛକଠାରୁ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଭୋଟର ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସେହିପରି ଗାନ୍ଧୀଛକଠାରେ ଏକ ସଚେତନତା ପଥପ୍ରାନ୍ତ ସଭା ଆୟୋଜନ କରାଯାଇଥିଲା। ସଭା ପ୍ରାଙ୍ଗଣରେ ଏକ ରଙ୍ଗୋଲି ପ୍ରଦର୍ଶନୀ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା। ପଥପ୍ରାନ୍ତ ଉତ୍ସବରେ ବାଲ ଧନୁଯାତ୍ରାର ମହାରାଜା କଂସଙ୍କ ସମେତ ତାଙ୍କ ପାତ୍ରମନ୍ତ୍ରୀଗଣ, ଦୁଲ୍‌ଦୁଲି ବାଦ୍ୟ, ବଂଶୀ ବାଦନ, ବ୍ୟାଣ୍ଡବାଜା ପ୍ରଦର୍ଶନୀ ମାଧ୍ୟମରେ ଭୋଟରଙ୍କୁ ସଚେତନ କରାଇଥିଲେ। ଅତିରିକ୍ତ ଜିଲା ନିର୍ବଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ ଉପସ୍ଥିତ ରହି ଯୁବ ଭୋଟରଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ, ସ୍ଥାନାନ୍ତରୀକଣ, ଅପସାରଣ, ଆଦି ପ୍ରକ୍ରିୟା ବିଷୟରେ ଅବଗତ କରିଥିଲେ। ଏହା ସହିତ ସୁସ୍ଥ ଗଣତନ୍ତ୍ରରେ ଯୁବପିଢିର ଭୂମିକା ଉପରେ ଗୁରୁତ୍ୱାରୋପ କରି ସଚେତନ ଭୋଟର ହେବାପାଇଁ ଉପଦେଶ ଦେଇଥିଲେ । ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଆଦିତ୍ୟ ଗୋୟଲ ନିଜ ଛାତ୍ର ଜୀବନର ଅନୁଭୂତି କହି ଆଜିର ଯୁବପିଢି କିପରି ସୁଦୃଢ ଗଣତନ୍ତ୍ର ଗଠନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ, ତାଙ୍କର ଦିଗଦର୍ଶନ ଦେଇଥିଲେ। ଯୁବପିଢିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଆୟୋଜିତ ହୋଇଥିବା ଉଭୟ ଜିଲା ଏବଂ ଉପଖଣ୍ଡସ୍ତରୀୟ ବକ୍ତୃତା, ରଚନା ଲିଖନ, ଚିତ୍ରାଙ୍କନ ଏବଂ କୁଇଜ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ନିର୍ବଚନ ମଣ୍ଡଳୀ ସ୍ତରରେ ଉତ୍କୃଷ୍ଟ କାମ ପ୍ରଦର୍ଶନ କରିଥିବା ବୁଥସ୍ତରୀୟ ଅଧିକାରୀମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଉତ୍ସବରେ ବରଗଡ଼ ଡେପୁଟି ଜିଲାପାଳ, ସୂର୍ଯ୍ୟମଣି ଭୋଇଙ୍କ ସମେତ ଡିଇଜିଏମ୍ ମସ୍ତରାମ ଛନ୍ଦ, ଏଚ୍‌ଆର୍‌ଏମ୍‌ଏସ୍ ସଂଯୋଜକ ଶ୍ରୀକାନ୍ତ ତ୍ରିପାଠୀ ଏବଂ ଜିଲା ନିର୍ବାଚନ ଉପବିଭାଗର ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ମଞ୍ଚ ପରିଚାଳନା କରିଥିଲେ।



ଭୋଟର୍ ସଚେତନତା କରିଥିବା ବାଲ ଧନୁଯାତ୍ରା କଳାକାରଙ୍କୁ ସମ୍ମାନିତ କରାଯାଉଛି।

**ଜାତୀୟ ମତଦାତା ଦିବସ**

# ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ଶିଶୁଙ୍କ ଚିକିତ୍ସା


ଶିବିରରେ ଶିଶୁଙ୍କ ଚିକିତ୍ସା କରାଯାଉଛି ।

**ବରଗଡ଼,୨୫।୧(ପ୍ରେମାନନ୍ଦ ଖମାରୀ)**

ତାଳପଦରସ୍ଥିତ ପଞ୍ଚାୟତ ମହାବିଦ୍ୟାଳୟରେ ରବିବାର ପରିବର୍ତନ ଟ୍ରଷ୍ଟ ତରଫରୁ ମାଗଣା ଶିଶୁ ସ୍ୱାସ୍ଥ୍ୟ ଶିବିର ଓ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଏହି ଶିବିରରେ ଶିଶୁରୋଗ ବିଶେଷଜ୍ଞ ଡା. ଅମିତ କୁମାର ଭୋଇ ଯୋଗଦେଇ ତାଳପଦର ତଥା ଆଖପାଖ ଅଞ୍ଚଳର ୧୦୦ରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ମାଗଣା ଚିକିତ୍ସା କରିଥିଲେ। ଏହା ସହିତ ରକ୍ତ ପରୀକ୍ଷା ଓ ଔଷଧ ବଣ୍ଟନ ମାଗଣାରେ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ମିଶ୍ର, ପ୍ରଭାତ ମୋହନ ମିଶ୍ର, ସୁଶୀଲ ବାରିକ, ତେଜରାଜ ବାରିକ, ଉମାକାନ୍ତ ସାହୁ, ପ୍ରମୋଦ ପଧାନ, ଟ୍ରଷ୍ଟ ସଦସ୍ୟ ସମୀର ପ୍ରଧାନ, ସୁରଜ ସାହୁ, ଅଭିନାଶ ମଲ୍ଲିକ, ଭୂପତି ପଧାନ ପ୍ରମୁଖ ସହଯୋଗ କରିଥିଲେ।

# ୩ୟ ଅସୁରଗଡ଼ ଲୋକ ମହୋତ୍ସବ ଉଦ୍‌ଘାଟିତ

**ମନମୁଣ୍ଡା,୨୫।୧(ବେଣୁଧର ପାଧନ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ମନମୁଣ୍ଡାରେ ତୃତୀୟ ଅସୁରଗଡ଼ ଲୋକ ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଛି। ଏହି ଉପଲକ୍ଷେ ପୂର୍ବାହ୍ନ ୯ଟାରେ ଦେଉଳିସ୍ଥିତ କଙ୍କଳି ବୁଢା ପୀଠରୁ ଏକ ବିରାଟ ମଶାଲ ଶୋଭାଯାତ୍ରା ବାହାରି ବାସୁଦେବପାଲିସ୍ଥିତ ମାଉଳି ମନ୍ଦିରରେ ପହଞ୍ଚିଥିଲା। ପରେ ମଶାଲକୁ ମହୋତ୍ସବସ୍ଥଳକୁ ଅଣାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି, ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପଧାନ, ବିଧାୟକ ରଘୁନାଥ ଜଗଦଲା, ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହିମହୋତ୍ସବ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ଦିନ ମହୋତ୍ସବରେ ଲୋକକଳା, ମିନାବଜାର, ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସହ ନାମୀଦାମୀ କଣ୍ଠଶିଳ୍ପୀ ଓ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ବନଦୁର୍ଗା ଘୁମୁରା ଅନୁଷ୍ଠାନର ଘୁମୁରା ନାଚ, ପଞ୍ଚବାଦ୍ୟ, ଧୁଳିଆଖୁସା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ଉପଭୋଗ କରିଥିଲେ। ଅର୍ଚ୍ଚିତା ପାଢ଼ୀ ଓ ଭବତୋଷ ବିଶି ମଞ୍ଚ ପରିଚାଳନା କରିଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ପ୍ରତିଷ୍ଠା ଉତ୍ସବର ଦିନକ ପରେ ମନ୍ଦିରରୁ ଚୋରି

**ବରଗଡ଼,୨୫।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବିଜେପୁର ଆନନ୍ଦନଗରରେ ଅବସ୍ଥିତ ନବନିର୍ମିତ ମାଁ ତାରିଣୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଗତ ୨୩ ତାରିଖରେ ସରିଛି। ମାତ୍ର ପ୍ରତିଷ୍ଠା ଉତ୍ସବର ଦିନକ ପରେ ଅର୍ଥାତ୍ ଗତ ୨୪ ତାରିଖ ବିଳମ୍ବିତ ରାତିରେ ମାଁ ତାରିଣୀଙ୍କ ସୁନା, ରୂପା ଅଳଙ୍କାରକୁ ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ଏହି ଘଟଣା ଭକ୍ତଙ୍କ ଭାବାବେଗକୁ ଗଭୀର ଆଘାତ ଦେଇଛି। ଦୁର୍ବୃତ୍ତମାନେ ୬୦୦ ଗ୍ରାମ ରୂପା ନିର୍ମିତ ଛତ୍ର, ୪ ଗ୍ରାମ ସୁନାରେ ତିଆରି ମଙ୍ଗଳସୂତ୍ର, ପ୍ରଲେପ ଦିଆ ହୋଇଥିବା ରୂପା ହାର, ରୂପାରେ ତିଆରି ସିନ୍ଦୂର ଫରୁଆ ନେଇ ଯାଇଛନ୍ତି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ସହିତ ଚୋରି ହୋଇଥିବା ସାମଗ୍ରୀ ଉଦ୍ଧାର ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ପୋଲିସ ଘଟଣାସ୍ଥଳକୁ ଅନୁସନ୍ଧାନୀ କୁକୁର ସହିତ ପହଞ୍ଚି ତନାଘନା ଆରମ୍ଭ କରିଛି।

# ବୌଦ୍ଧରେ ଜାତୀୟ ମତଦାତା ଦିବସ ପାଳିତ



ମତଦାତା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବୌଦ୍ଧ,୨୫।୧(ଅଜିତ କୁମାର ବାରିକ)**

ବୌଦ୍ଧରେ ଜାତୀୟ ମତଦାତା ଦିବସ ସ୍ଥାନୀୟ ଟାଉନହଲରେ ରବିବାର ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ ମୁଖ୍ୟ ଅତିଥି, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଅତିରିକ୍ତ ଜିଲାପାଳ ବିନୟ କୁମାର ଭୋଇ, ବୌଦ୍ଧ ତହସିଲଦାର ଅନିତା କୁମାରୀ ସାହୁ, ହରଭଙ୍ଗା ତହସିଲଦାର ବଳଦେବ ବେହେରା, ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଚୂଡାମଣି ବାରିକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମତଦାନ କରିବା ଜଣେ ନାଗରିକର ମୌଳିକ ଅଧିକାର ଓ ଶତ ପ୍ରତିଶତ ମତଦାନ ଦ୍ୱାରା ଏକ ସ୍ୱଚ୍ଛ ସରକାର ଓ ସମୃଦ୍ଧ ଗଣତନ୍ତ୍ର ପ୍ରତିଷ୍ଠା ହୋଇଥାଏ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ୧୮ ବର୍ଷର ସମସ୍ତ ବ୍ୟକ୍ତି ଭୋଟର ତାଲିକାରେ ନାମ ସଂଯୋଗ ପାଇଁ ସେମାନେ ଆହ୍ୱାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ନୂତନ ଭୋଟରଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା।

# ଭୋଟଦାତା ଦିବସରେ ଛାତ୍ରୀଛାତ୍ରଙ୍କୁ ଶପଥପାଠ

**ପାଇକମାଳ,୨୫।୧(ବଡ଼ ଶତପଥୀ)**

ପାଇକମାଳ ସ୍ଥିତ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ରବିବାର ଜାତୀୟ ଭୋଟଦାତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଉପାଧ୍ୟକ୍ଷ ଶ୍ରୀ ଅରବିନ୍ଦ ପାତ୍ର ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅଧ୍ୟାପକ ବଳଦେବ ମେହେର ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ଶପଥ ପାଠ କରାଇଥିଲେ। ଅଧ୍ୟାପକ ଡ଼ ରଶ୍ମୀ ରଞ୍ଜନ ପଟ୍ଟନାୟକ ସଭା ପରିଚାଳନା କରିଥିଲେ ଏବଂ ଭୋଟଦେବା ଏକ ସାମ୍ବିଧାନିକ ଅଧିକାର ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ।

# ଜିଲାସ୍ତରୀୟ ହିନ୍ଦୀ ପ୍ରତିଯୋଗିତା, ୪୫୮ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ


ଅତିଥିବୃନ୍ଦ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

**ବରଗଡ,୨୫।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରବିବାର ଭଗବାନ ମିଶ୍ର ସ୍ମୃତି ସମିତି ପକ୍ଷରୁ ଜିଲାସ୍ତରୀୟ ହିନ୍ଦୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କିଶନ ଅଗ୍ରୱାଲ ମୁଖ୍ୟ ଅତିଥି ଓ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଜିଲାର ବିଭିନ୍ନ ସ୍କୁଲର ୪୫୮ ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଷଷ୍ଠ ଶ୍ରେଣୀରୁ ଯୁକ୍ତ ତିନି ପର୍ଯ୍ୟନ୍ତ ୪ଟି ଗ୍ରୁପରେ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଗ୍ରୁପରୁ ଶ୍ରେଷ୍ଠ ୧୦ଜଣ ଲେଖାଏ କୃତି ପ୍ରତିଯୋଗୀଙ୍କୁ ଆସନ୍ତା ଫେବୃଆରୀ ମାସ ୧୮ ତାରିଖରେ ସ୍ୱର୍ଗୀୟ ଭଗବାନ ମିଶ୍ରଙ୍କ ୯୦ତମ ଜୟନ୍ତୀ ପାଳନ ଅବସରରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ପୁରସ୍କୃତ କରାଯିବ ବୋଲି ସମିତିର ସଭାପତି ସର୍ଦ୍ଦାର ପ୍ରୀତମ ସିଂ ସୂଚନା ଦେଇଛନ୍ତି। ପ୍ରତିଯୋଗିତାକୁ ପ୍ରଧାନ ଶିକ୍ଷୟିତ୍ରୀ ସୁନା, ସମିତିର ସମ୍ପାଦକ ପ୍ରଫେସର ପ୍ରତୁଲ ଚନ୍ଦ୍ର ତ୍ରିପାଠୀ, ଉପଦେଷ୍ଟା ପ୍ରଫେସର ସନ୍ତୋଷ ପଣ୍ଡା, ଉପ ସଭାପତି କମଳ ଯୋଶୀ, ମନୋରମା ଷଡ଼ଙ୍ଗୀ, ବାଳକୃଷ୍ଣ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ମିନାକ୍ଷୀ ଦାଶ, ମୁଗ୍ଧା ଦାଶ, ବିନୋଦ ସାହୁ, ରାମକୃଷ୍ଣ ଠାକୁର, ଅଭିମନ୍ୟୁ ଭୋସାଗର୍, ନୀଳାମ୍ବର ମେହେର, ଅବିନାଶ ଗୁପ୍ତା, ଜଗଦୀଶ ସୈନ, ଅରବିନ୍ଦ ଗୁପ୍ତା, ଦିଲ୍ଲୀପ ପ୍ରଧାନ, ସାତୀ ସାହୁ, ସୌମ୍ୟା ସାହୁ, ଅମର୍ତ୍ୟ ସତ୍ୟ ମିଶ୍ର, ନବକୃଷ୍ଣ ମିଶ୍ର, ସୁନୀଲ ଅଗ୍ରୱାଲ, ଡଃ ରାମକୃଷ୍ଣ ମିଶ୍ର ସହଯୋଗ କରିଥିଲେ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା

**ପାଇକମାଳ,୨୫।୧(ବଡ଼ ଶତପଥୀ)**

ପାଇକମାଳ ବ୍ଲକ ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶନିବାର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ର ସଭାପତି ଗୋକୁଳାନନ୍ଦ ଡନସନା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ପାଦକ ମହେନ୍ଦ୍ର କୁମାର ଖୁଣ୍ଟିଆ, ଅଧ୍ୟକ୍ଷ ଗଙ୍ଗାଧର ରଣା, ଉପାଧ୍ୟକ୍ଷ ମଳୟ କୁମାର ହଂସ,ତପନ କୁମାର ବହିଦାର, ଅନିରୁଦ୍ଧ ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପିଇଟି ଶିକ୍ଷକ ଉତ୍ତମ ରଣା, ମଦନ ଧରୁଆ ଓ ଥବିର ରଣା ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟକ୍ଷ ଗଙ୍ଗାଧର ରଣା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ରାତ୍ରରେ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କୁନି କଳାକାରମାନଙ୍କ ଗୀତ ନାଚ ଅଭିନୟକୁ ଲୋକେ ମନଭରି ଉପଭୋଗ କରିଥିଲେ।


ବାର୍ଷିକ କ୍ରୀଡ଼ା ଦିବସରେ ଉପସ୍ଥିତ ଛାତ୍ରୀଛାତ୍ର।







# ମିନି ମାରାଥନ: ଯୋଗଦେଲେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର

**ବରଗଡ଼,୨୫।୧(ପ୍ରେମାନନ୍ଦ ଖମାରୀ)**

କିସ ଏବଂ କିଟର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତଙ୍କ ଆହ୍ୱାନରେ ସମସ୍ତଙ୍କ ପାଇଁ ଶିକ୍ଷାର ବାର୍ତ୍ତା ନେଇ ଓଡ଼ିଶାର ସମସ୍ତ ଜିଲା ଏବଂ ଅନ୍ୟ ରାଜ୍ୟରେ ମିନି ମାରାଥନ ଆୟୋଜିତ ହେଇଛି। ଏହି କ୍ରମରେ ରବିବାର ବରଗଡ଼ ସହରରେ ମିନି ମାରାଥନ ଆୟୋଜିତ ହେଇଥିଲା। ସ୍ଥାନୀୟ ମିନି ଷ୍ଟାଡିୟମରୁ ମିନି ମାରାଥନ ବାହାରି ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ଛକରୁ ଏସ.ପି ଅଫିସ ଛକ ଦେଇ ପୁଣି ମିନି ଷ୍ଟାଡିୟମକୁ ପହଞ୍ଚିଥିଲା। ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ କୋଶଳ ଡିଫେନ୍ସ ଏକାଡେମୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟାଉନ ଉଚ୍ଚ ବିଦ୍ୟାଳୟ, ନିଶାମଣି ଉଚ୍ଚ ବିଦ୍ୟାଳୟ, ଜର୍ଜ ଉଚ୍ଚ ବିଦ୍ୟାଳୟ ଆଦି ଅନୁଷ୍ଠାନର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ଅବସରରେ ମିନି ଷ୍ଟାଡିୟମରେ ଆୟୋଜିତ ଏକ ସଭାରେ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥି, ବରଗଡ଼, ଅବସର ପ୍ରାପ୍ତ ପ୍ରାଧ୍ୟାପକ ସନ୍ତୋଷ କୁମାର ପଣ୍ଡା, ଡଃ ଡୋଲାମଣି ଶତପଥୀ, କୋଶଳ ଡିଫେନ୍ସ ଏକାଡେମୀର ପ୍ରତିଷ୍ଠାତା ମାମି ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କିସ ଜିଲା ସଂଯୋଜକ ନିକାଶ ଚନ୍ଦ୍ର ଷଡ଼ଙ୍ଗୀ, ମହେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କିସ ଅଭିଭାବକ ସଂଘ ସଭାପତି ତ୍ରିଲୋଚନ ଭୁଏ ସଭା ପରିଚାଳନା କରିଥିଲେ। ରାଜକୁମାର ଭୁଏ, ମନୋଜ ବୁଡେକ, ମକାରୁ ବରିହା, ଗଜିନ୍ଦ୍ର ବରିହା, ଗିରିଧାରୀ ସେଠ, ବିଶ୍ୱିଜିତ୍ ପଧାନ ଏବଂ ଯଶୋବନ୍ତ ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅତିଥିମାନେ ଡଃ ସାମନ୍ତଙ୍କ ନିଃସ୍ୱାର୍ଥପର ସେବାକୁ ପ୍ରଶଂସା କରିଥିଲେ। କିସ ଅଭିଭାବକ ସଂଘ ଉପଦେଷ୍ଟା ମାନଭଞ୍ଜନ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ ।



ମିନି ମାରାଥନର ଶୁଭାରମ୍ଭ କରାଯାଉଛି ।

## ଗଞ୍ଜେଇ ଜବତ, ୮ ଗିରଫ

**ବରପାଲି,୨୫।୧(ଚିତ୍ତରଞ୍ଜନ ସାହୁ)**

ବରପାଲି ଟିଙ୍ଗିପାଲି କେନାଲ ଛକ ନିକଟସ୍ଥ ରାଜୁ ଢାବାରୁ ୭୬ କେଜି ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ସ୍ଥାନୀୟ ପୋଲିସ ୮ ଜଣକୁ ଗିରଫ କରିଛି। ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଶନିବାର ବିଳମ୍ବିତ ରାତିରେ ଟିଙ୍ଗିପାଲି କେନାଲ ଛକ ନିକଟ ରାଜୁ ଢାବାରେ ଚଢ଼ାଉ କରିଥିଲା। ସେଠାରୁ ଗଞ୍ଜେଇ ଥିବା ସୂଚନା ମିଳିବା ପରେ ନୂତନ ଭାବେ ବରପାଲି ଥାନାରେ ଯୋଗଦାନ କରିଥିବା ଥାନାଧିକାରୀ ପ୍ରମୋଦ କୁମାର ସାହୁଙ୍କ ନେତୃତ୍ୱରେ ପୋଲିସ ଉକ୍ତ ଢାବାରୁ ଗଞ୍ଜେଇ ଜବତ ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ବରପାଲି ମାଜିଷ୍ଟ୍ରେଟ ତଥା ତହସିଲଦାର ରୁକ୍ମଣ ମେହେରଙ୍କ ଉପସ୍ଥିତିରେ ଗଞ୍ଜେଇ ଜବତ କରାଯାଇଥିଲା।



# ଭୋଟର ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ

## ସୁନ୍ଦରଗଡ଼ରେ ଜାତୀୟ ଭୋଟର ଦିବସ ପାଳିତ

**ସୁନ୍ଦରଗଡ଼,୨୫।୧(ଜୟ ନାରାୟଣ ମେଣ୍ଡୁଲି)**

ସ୍ଥାନୀୟ ବିକାଶ ଭବନଠାରେ ରବିବାର ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସୂରଜ କୁମାର ପଟ୍ଟନାୟକ, ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆ, ସବ୍‌ଡେଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶନାଥ ସାହୁ, ଲାଠିକଟା ତହସିଲଦାର ମୂରଲୀଧର ଉରମାଲ, ରାଉରକେଲା ମହାନଗର ନିଗମର ଉପଆୟୁକ୍ତ ତରୁଣକାନ୍ତ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଭୋଟର ସଚେତନତା ନିମନ୍ତେ ଏକ ରଥକୁ ପତାକା ଦେଖାଇ ଶୁଭାରମ୍ଭ ହୋଇଥିଲା। ମତଦାନ ପ୍ରକ୍ରିୟା ହେଉଛି ଏକ ସୁସ୍ଥ ଗଣତନ୍ତ୍ର ପରିଚୟ ଏବଂ ଏହା ଦ୍ୱାରା ଗଣତନ୍ତ୍ର ମଧ୍ୟ ସୁଦୃଢ ହୋଇଥାଏ ବୋଲି ଅତିଥିମାନେ ନିଜର ମତବ୍ୟକ୍ତ କରିବା ସହିତ ଭୋଟର ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ଭୋଟର ତାଲିକାରେ ନୂତନ ଭୋଟରଙ୍କ ସଂଯୋଗୀକରଣ ତଥା ସ୍ୱଚ୍ଛ, ନିରପେକ୍ଷ ଏବଂ ତ୍ରୁଟି ବିହୀନ ଭୋଟର ତାଲିକା ପ୍ରସ୍ତୁତ ହେବ ସେନେଇ ଆଲୋଚନା ମଧ୍ୟ କରାଯାଇଥିଲା। ସେହିଭଳି କାର୍ଯ୍ୟକ୍ରମରେ ନୂତନ ଭୋଟରଙ୍କୁ ଭୋଟର ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଜାତୀୟ ଭୋଟର ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ସମସ୍ତ ନିର୍ବାଚ ମଣ୍ଡଳୀରୁ ଜଣେ ଲେଖାଏଁ ଶ୍ରେଷ୍ଠ ବୁଥ ସ୍ତରୀୟ ଅଧିକାରୀ, ଶ୍ରେଷ୍ଠ ବୁଥ ସ୍ତରୀୟ ସୁପରଭାଇଜର, ଶ୍ରେଷ୍ଠ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏ ଇ ଆର ଓ), ଶ୍ରେଷ୍ଠ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଚୁନାବ ପାଠଶାଳା ଭାବେ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଛତାସର୍ଗି , ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟ, ସୁନ୍ଦରଗଡ଼ ଏବଂ ଗୋପିନାଥପୁର ସରକାରୀ ବିଦ୍ୟାଳୟ, ବଣାଇକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଏକ ସଂକଳ୍ପ ପାଠ ମଧ୍ୟ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ପରିଚାଳନା କରିଥିଲେ ଏବଂ ଡେପୁଟି କଲେକ୍ଟର ଜ୍ୟୋତି ରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ଶିକ୍ଷୟିତ୍ରୀ, ଶିକ୍ଷକବୁଥ ସ୍ତରୀୟ ଅଧିକାରୀ ଏବଂ ଛାତ୍ରୀଛାତ୍ର ମାନେ ଉପସ୍ଥିତ ଥିଲେ।


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀଗଣ।


କୁଆଁରମୁଣ୍ଡା ଚାର୍ଡି ପାହାଡ ଜଙ୍ଗଲ ନଷ୍ଟ କରୁଛି କାରଖାନାର ବିଷାକ୍ତ ପାଉଁଶ ଗଦା।

## ଝିରପାନିରେ ୧୫ ବର୍ଷରୁ କମ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ବନ୍ଧମୁଣ୍ଡା,୨୫।୧(ସୁବ୍ରତ ଦେ)**

ବିଶ୍ରା ବ୍ଲକର ଝିରପାନୀ ସ୍ଥିତ ଯୁବ ଆଦିବାସୀ କ୍ଲବ ପଡ଼ିଆଠାରେ ଝିରପାନୀ ଫୁଟବଲ କୋଚିଂ ସେଣ୍ଟରର ଉଦ୍ୟମରେ ଆୟୋଜିତ ୨ ଦିବସୀୟ ଅଣ୍ଡର୧୫ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଏମ.ଜି.ଏମ ଟିମ ଓ ସ୍କୁଲ ବୟଜ ଟିମ ମଧ୍ୟରେ ହୋଇଥିଲା। ଯେଉଁଥିରେ ସ୍କୁଲ ବୟଜ ଦଳ ଦମଦାର ପ୍ରଦର୍ଶନ କରି ବିଜୟ ହାସଲ କରିଥିଲା। ଝିରପାନୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷିକା ଉର୍ଷେଲା ତିର୍କୀ ମୁଖ୍ୟ ଅତିଥି, ସୁଷମା ରଞ୍ଜିତା ଲୁହା, ମନୀଷା ମିଞ୍ଜ ଓ ମନୋଜ କୁମାର ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଝିରପାନୀ ଫୁଟବଲ କୋଚିଂ ସେଣ୍ଟରର ମୁଖ୍ୟ କୋଚ ତଥା ଜାତୀୟ ଫୁଟବଲ ଖେଳାଳି କିଶୋର ତନ୍ତୀ ଏବଂ ସହାୟକ କୋଚ ତଥା ସନ୍ତୋଷ ଟ୍ରଫି ଖେଳାଳି ରଞ୍ଜିତ କେର୍କେଟ୍ଟା କହିଥିଲେ, ଆଜିକାଲି ପିଲାମାନଙ୍କ ମନରେ ଖେଳ ପ୍ରତି ରୁଚି ଧୀରେ ଧୀରେ କମିବାକୁ ଲାଗିଛି। ଏଭଳି ପରିସ୍ଥିତିରେ ପିଲାମାନଙ୍କୁ ଖେଳ ସହ ଜଡ଼ି ରଖିବା ଏବଂ ତାଙ୍କର ପ୍ରତିଭାକୁ ଉଜାଗର କରିବା ପାଇଁ ନିରନ୍ତର କୋଚିଂ ସହ ଏପରି ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି। ଏହି ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେଇଛନ୍ତି। ପ୍ରତିଯୋଗିତାର ଫାଇନାଲ ମ୍ୟାଚ ସୋମବାର ଖେଳାଯିବ। ଟୁର୍ନାମେଣ୍ଟର ସଫଳ ଆୟୋଜନରେ ଆୟୋଜକ କମିଟିର ଜଗନ୍ନାଥ ମୁଣ୍ଡାରୀ, ରାଜେଶ କୁମାର ଲୁହା, ବିଜୟ ଓରାମ, ଗଣେଶ କୁମ୍ଭାର, ଏଡୱାର୍ଡ ସୁରିନ, ମନୋଜ କୁମାର ବାକ, ନବୀନ ସୋୟ, ଶିଶିର କୁମାର ସୋୟ ସହିତ ଅନ୍ୟ ସଦସ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା।

## ଭାଜପା ରାଉରକେଲାର ଜିଲା ପଦାଧିକାରୀ ବୈଠକ

**ଲହୁଣିପଡ଼ା,୨୫।୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ଜିଲା ଲହୁଣିପଡା ବ୍ଲକରଜାମୁଣ୍ଡାସ୍ଥିତ ଭାଜପା କାର୍ଯ୍ୟାଳୟରେ ରବିବାର ଭାରତୀୟ ଜନତା ପାର୍ଟି ରାଉରକେଲା ସାଙ୍ଗଠନିକ ଜିଲାର ଜିଲା ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲା ସଭାପତି ପୂର୍ଣ୍ଣିମା କେର୍‌କେଟା ଅଧ୍ୟକ୍ଷତା କରିଥିଲେ। ବୈଠକରେ ଦଳର ଆଗାମୀ ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା ହୋଇ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଏଥିସହ ଦଳକୁ ବୁଥ୍‌ସ୍ତରରେ ସଙ୍ଗଠିତ କରିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ଲାଭ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ଆଲୋଚନା ହୋଇଥିଲା। ମଣ୍ଡଳସ୍ତରରେ ସଙ୍ଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ ମଣ୍ଡଳ ପ୍ରଭାରୀ ନିଯୁକ୍ତ ପାଇଁ ସର୍ବସମ୍ମତିକ୍ରମେ ସ୍ଥିରୀକୃତ ହୋଇଥିଲା। ଏହାସହ ବିକଶିତ ଭାରତ–ଜି ରାମ୍ ଜି କାର୍ଯ୍ୟକ୍ରମର ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ବୈଠକରେ ଜିଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଳ, ନିରଞ୍ଜନ ମାହାତୋ, ରଞ୍ଜିତ ନାୟକ, ଜିଲା ଉପସଭାପତି ଅମରେନ୍ଦ୍ର ନାଥ ଶର୍ମା, ପଦ୍ମିନୀ ଦାସ, ଯମୁନା ମୁଣ୍ଡା, ସତ୍ୟପ୍ରିୟ ସାହୁ, ମନୋଜ କୁମାର ସେନାପତି, ଜିଲା ସମ୍ପାଦକ ପ୍ରତାପ ଦାସ, ଶଙ୍କର ଲୋହାର, ଜୟନ୍ତୀ ମାହାନ୍ତ, ନିଲମ ସୁନାନୀ, ସନ୍ତୋଷ କୁମାର ବିରାଟ, ଜିଲା କୋଷାଧ୍ୟକ୍ଷ ସତ୍ୟପଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

## ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ର।

**ବନ୍ଧମୁଣ୍ଡା,୨୫।୧(ସୁବ୍ରତ ଦେ)**

ବନ୍ଧମୁଣ୍ଡା ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ୩୬ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷିକା ହେମଲତା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ବିଦ୍ୟାଳୟର ନିରନ୍ତର ଉନ୍ନତି, ଶିକ୍ଷାଗତ ଉତ୍କୃଷ୍ଟତା ଓ ବିଭିନ୍ନ ସଫଳତା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥିଭାବେ ବନ୍ଧମୁଣ୍ଡା ରେଲୱେ ଡିଜେଲ ଶେଡର ସିନିୟର ଡିଏମଇ ଜେ.କେ. ପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିଷ୍ଟାଚାର, ସମର୍ପଣ ଓ ଆତ୍ମବିଶ୍ୱାସ ସହ ଲକ୍ଷ୍ୟ ପ୍ରତି ଅଗ୍ରସର ହେବାକୁ ପ୍ରେରିତ କରିଥିଲେ। ବିଶିଷ୍ଟ ଅତିଥିଭାବେ ଲକ୍ଷ୍ମୀ ପାତ୍ର, ରାଉରକେଲା ଏନଆଇଟି ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷିକା ପି. ନୀରଜା ଓ କୁଆଁରମୁଣ୍ଡା ସ୍ଥିତ ସରକାରୀ ଡିଗ୍ରୀ କଲେଜର ପ୍ରିନ୍ସପାଲ ପ୍ରଦୀପ କୁମାର ଜେସ ଉପସ୍ଥିତ ଥିଲେ। ପୁରସ୍କାର ବିତରଣ ସମାରୋହ ମାଧ୍ୟମରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏନଆଇଟି ରାଉରକେଲାର ନିର୍ଦ୍ଦେଶକ କେ. ଉମାମହେଶ୍ୱର ରାଓ କୃତ୍ରିମ ବୁଦ୍ଧିମତା (ଏ.ଆଇ.) ବିଷୟରେ କହିଥିଲେ। ଶେଷରେ ସାଂସ୍କୃତି କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ପ୍ରଧାନଶିକ୍ଷକ ବେନୁଧର ଧୁଆ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଅନ୍ୱେଷା ଅଭିଯାନରେ ନିଖୋଜ ୫ ମହିଳା ଉଦ୍ଧାର

**ସୁନ୍ଦରଗଡ,୨୫।୧(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସଦରଥାନା ପୋଲିସ ଦୀର୍ଘ ଦିନଧରିନିଖୋଜଥିବା ୫ଜଣ ମହିଳାଙ୍କୁ ଉଦ୍ଧାର ପରେ ରବିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ୨୦୧୩ରୁ ଜଣେ ଓ ୨୦୨୫ରେ ୪ଜଣ ମହିଳା ନିଖୋଜ ଥିବା ନେଇ ସଦର ଥାନାରେ ରିପୋର୍ଟ ହୋଇଥିଲା। ପୋଲିସ ବିଭାଗର ଅନ୍ୱେଷା ଅଭିଯାନରେ ଏହି ନିଖୋଜ ମହିଳାଙ୍କୁ ଜିଲା ତଥା ଜିଲା ବାହାରୁ ଉଦ୍ଧାର କରାଯାଇ ଥିବା ପୋଲିସ ସୂଚନା ଦେଇଛି।




## ଜାତୀୟ କନ୍ୟା ଦିବସ ଉଦ୍‌ଯାପିତ

**ସୁନ୍ଦରଗଡ଼,୨୫।୧ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ପବ୍ଲିକ୍ ସ୍କୁଲରେ ସ୍କାଉଟ୍ ଓ ଗାଇଡ୍ ପକ୍ଷରୁ ସପ୍ତାହବ୍ୟାପୀ ଜାତୀୟ କନ୍ୟା ଦିବସ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସ୍କାଉଟ୍ ଗାଇଡ୍ ପିଲାଙ୍କ ପକ୍ଷରୁ ଏହି ଅବସରରେ ସପ୍ତାହବ୍ୟାପୀ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଶନିବାର ସ୍କାଉଟ୍ ଗାଇଡ୍ ଶିକ୍ଷକ ଅଶୋକ କୁମାର ପରିଡ଼ାଙ୍କ ନେତୃତ୍ୱରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାକୁ ବେଣୁମାଧବ ତ୍ରିପାଠୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ଆୟୋଜିତ ସଭାରେ କନ୍ୟା ସନ୍ତାନଙ୍କ ଉନ୍ନତି ନିମନ୍ତେ ଗୁରୁତ୍ୱାରୋପ କରାଯାଇଥିଲା। ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷା ମାଇକେଲା ଖାଲ୍‌କୋ ଏଥିରେ ଅଧ୍ୟକ୍ଷତା କରିଥିଲେ।

## ଜିଲା କଂଗ୍ରେସ କମିଟିର ନୂତନ କର୍ମକର୍ତ୍ତା ଘୋଷିତ

**ସୁନ୍ଦରଗଡ଼,୨୫।୧(ଜୟ ନାରାୟଣ ମେଣ୍ଡୁଲି)**

ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନକ୍ରମେ ସୁନ୍ଦରଗଡ଼ ଜିଲା କଂଗ୍ରେସ କମିଟି ୧୭ଟି ବ୍ଲକ, ୩ଟି ପୌରାଞ୍ଚଳ, ଫର୍ଟିଲାଇଜର ଟାଉନଶିପ୍ ପାଇଁ ବିଭିନ୍ନ କର୍ମକର୍ତ୍ତାଙ୍କ ତାଲିକା ପ୍ରକାଶ ପାଇଛି। ଜିଲା କଂଗ୍ରେସ କମିଟି ପକ୍ଷରୁ ରବିବାର ଘୋଷିତ ସୂଚନା ଅନୁଯାୟୀ, ଏହି ତାଲିକାରେ ଜିଲାର ବିଭିନ୍ନ ଅଞ୍ଚଳରୁ ଦଳରେ ସକ୍ରିୟ ଥିବା ବ୍ୟକ୍ତିବିଶେଷ ତଥା ଦଳୀୟ କର୍ମକର୍ତ୍ତାଙ୍କୁ ବିଭିନ୍ନ ପଦପଦବୀରେ ନିଯୁକ୍ତି ଦିଆଯାଇଛି । ଆଗାମୀ ଦିନରେ ତୃଣମୂଳସ୍ତରରୁ ବୁଥ୍‌ସ୍ତର, ପଞ୍ଚାୟତ, ବ୍ଲକ ତଥା ଜିଲାସ୍ତରରେ ଦଳୀୟ ସଙ୍ଗଠନକୁ କିଭଳି ଆହୁରି ସକ୍ରିୟ କରାଯାଇପାରିବ ତଥା ଆଗାମୀ ଦିନରେ ଥିବା ପଞ୍ଚାୟତ ନିର୍ବାଚନ ଓ ପୌରାଞ୍ଚଳ ନିର୍ବାଚନକୁ ଦୃଷ୍ଟିରେ ରଖି ସମସ୍ତ ଦଳୀୟ କର୍ମକର୍ତ୍ତା ଆହୁରି ସକ୍ରିୟ ଭାବେ ଆଗେଇଆସିବା ପାଇଁ ପିସିସି ସଭାପତି ଦାସ ଗୁରୁତ୍ୱାରୋପ କରିଛନ୍ତି। ଜିଲା କଂଗ୍ରେସ କମିଟିର ଏହି ଅନୁମୋଦିତ ତାଲିକାରେ ୬ ଉପସଭାପତି, ୧୨ ସାଧାରଣ ସମ୍ପାଦକ, ୩୨ ସମ୍ପାଦକ ତଥା ବରିଷ୍ଠ ନେତୃବୃନ୍ଦଙ୍କୁ ସ୍ଥାୟୀ ଓ ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ଭାବେ ରଖାଯାଇଛି। ଅଜିତ୍ ପ୍ରସାଦ, କାଳିପଦ ସାମଲ, ପର୍ଶୁରାମ ସରାଫ, ପ୍ରଦୀପ ସିଂ, ସୁଧାରାଣୀ ରାଉଡ଼ିଆ, ସୁବାସ ପାତ୍ରଙ୍କୁ ଉପସଭାପତି ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ସାଧାରଣ ସମ୍ପାଦକମାନେ ହେଲେ ଦେବେନ୍ଦ୍ର ଭିତ୍ରିୟା, ଗୋପାଳ ଦାସ, ଜୋଶେଫ ଖେସ୍, ସୁରେଶ ବାରିକ, ଜୀବନ ରଞ୍ଜନ ପଟ୍ଟନାୟକ, ଦେବାଶିଷ ଦାଶ, ନେପାଳ ଚନ୍ଦ୍ର ସାହୁ, ପ୍ରଣବ କୁମାର ସିଂ, ଆଡ୍‌ଭୋକେଟ କର୍ମବୀର ଦାସ, ଏମ୍‌ଡି. କମାଲ୍‌ଉଦ୍ଦିନ, ରାଜେନ୍ଦ୍ର ପଟେଲ ଓ ଏମ୍‌ଡି. ନସିମ୍। କୋଷାଧ୍ୟକ୍ଷ ଭାବରେ ପବନ ଗଡଡ଼ିଆ। ସେହିଭଳି ସମ୍ପାଦକମାନେ ହେଲେ ଅହଲ୍ୟା ଲାକ୍ରା, ବାଙ୍କବିହାରୀ ପଧାନ, ବିଜୟ ଗୋବିନ୍ଦ ମହାନ୍ତି, ବିଜୟ ଶର୍ମା, ବିକ୍ରମ ପଟ୍ଟନାୟକ, ଦଶରଥ ବାଦୀ, ଡୋମିନିକ ମିଞ୍ଜ, ହୀରାଲାଲ ଓରାମ, ଜାନକୀ ତିର୍କୀ, ଜ୍ୟେଷ୍ଠୁ ବଡାଇକ, କମଲେଶ ବେନିୱାଲ, ଲଛିନ୍ଦ୍ର ଦାସ, ଲାଲମା ଲାକ୍ରା, ଇମାନୁଏଲ କୁଜୁର, ମହେନ୍ଦ୍ର ସିଂ, ରେବତୀ ମହାନନ୍ଦିଆ, ରାଜନ ଦାସ, ରଞ୍ଜିତ ପ୍ରଧାନ, ଶ୍ୟାମ ନନ୍ଦନ ସହାୟ, ସରୋଜିନୀ ବାଙ୍କରା, ସୁଶାନ୍ତ ସାହୁ, ତିଳକ ସିଂ ବାବୁ, ଉଦିତ କୁମ୍ଭାର, ଭରତ ମୁଣ୍ଡାରୀ, ଉମେଶ ସାହୁ, ଏମ୍‌ଡି. ନାଜିର ହୁସେନ, ଗିଲା ସୁଶୀଲା ଟପ୍ପୋ, ରୁଦ୍ର ନାରାୟଣ ସାହୁ, ପ୍ରଶାନ୍ତ ଦାସ, ଅଶ୍ୱିନୀ କୁମାର ମହନ୍ତ, ରାଜକିଶୋର ପାତ୍ର, ସମୀର ଚକ୍ରବର୍ତ୍ତୀ ରହିଛନ୍ତି। ସେହିଭଳି ସ୍ଥାୟୀ ଆମନ୍ତ୍ରିତ ସଦସ୍ୟ ଭାବେ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ବାଚସ୍ପତି ଓ ମନ୍ତ୍ରୀ କିଶୋର ଚନ୍ଦ୍ର ପଟେଲ, ରାଜଗାଙ୍ଗପୁର ବିଧାୟକ ଡା. ସି. ଏସ୍. ରାଜନ ଏକ୍କା, ବରିଷ୍ଠ ଆଡ୍‌ଭୋକେଟ ନିମାଇଁ ଚରଣ ନାଏକ, ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ରେମିଶ କେରକେଟା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ, ପୂର୍ବତନ ଜିଲା ସଭାପତି ବେଣୁମାଧବ ତ୍ରିପାଠୀ, ଏମ୍‌ଡି. ହାରୁନ ରଶିଦ୍, ସେରୋଫିନା ଟପ୍ପୋ, ଦେବସ୍ମିତା ସାମଲ, କମଳ ସେନ୍, ରବିରତ୍ନ ପଟେଲ, ଏଚ. କେ. ଉପାଧ୍ୟାୟ, ଏମ୍‌ଡି. ଅଫଜାଲ, ଏମ୍‌ଡି. ଯସୀମ ଅହମଦ, ଅଶୋକ ବହିଦାର, ସୁଧିର ବିଶି, ପ୍ରଫୁଲ୍ଲ ପରିଜା, ଲଳନ ଶ୍ରୀବାସ୍ତବ ତଥା ସମସ୍ତ ଛାମୁଆଁ ସଙ୍ଗଠନର ମୁଖ୍ୟଙ୍କୁ ରଖାଯାଇଛି। ସେହିଭଳି ଜିଲାର ସମସ୍ତ ୧୭ ବ୍ଲକ ଓ ୩ଟି ପୌରାଞ୍ଚଳ ଓ ଫର୍ଟିଲାଇଜର ଟାଉନଶିପ୍ ପାଇଁ ସଭାପତିମାନେ ହେଲେ ହେମଗିର–ଅତିଥ ପ୍ରଧାନ, ଲେଫ୍ରିପଡା–ଦିଲୀପ କୁମାର ସାହୁ, ଟାଙ୍ଗରପାଲି–ଅଶୋକ କୁମାର ନାଏକ, ସୁନ୍ଦରଗଡ଼(ସଦର)–ଦୀନବନ୍ଧୁ ନାଏକ, ବାଲିଶଙ୍କରା– ପୀତାମ୍ବର ଶେଖର ଦେଓ, ସବ୍‌ଡେଗା–ଶୁଭେନ୍ଦୁ ନାଏକ, ବଡ଼ଗାଁ–ଚିନ୍ତାମଣି ସାହୁ, କୁତ୍ରା–ସନ୍ତୋଷ ବେହେରା, ରାଜଗାଙ୍ଗପୁର–ଲଳିତ ଲାକ୍ରା, ଲାଠିକଟା–ଚାମରୁ ତିର୍କୀ, କୁଆଁରମୁଣ୍ଡା–ଫିଲିପ ଡୁଙ୍ଗଡୁଙ୍ଗ, ନୂଆଗାଁ–ଚନ୍ଦନ ସାହୁ, ବିଶ୍ରା–ସୁଖୁ ପୂର୍ତ୍ତି, ଲହୁଣିପଡ଼ା–ସଞ୍ଜୟ ନାଏକ, ବଣେଇ–ଟୋପି ଚନ୍ଦନ ସାହୁ, କୋଇଡା–ସନାତନ ଘଣ, ଗୁରୁଣ୍ଡିଆ–ଦଶରଥ ଓରାମ, ସୁନ୍ଦରଗଡ଼ ପୌରାଞ୍ଚଳ–ସତ୍ୟନାରାୟଣ ସାହୁ, ରାଜଗାଙ୍ଗପୁର ପୌରାଞ୍ଚଳ–ଦେବରଞ୍ଜନ ବିନୋଦ, ବୀରମିତ୍ରପୁର–ଏମ୍‌ଡି. ସାଜିଦ ଅହମ୍ମଦ ଓ ଫର୍ଟିଲାଇଜର ଟାଉନଶିପ୍–ଗଡିନ ଟପ୍ପୋ ରହିଛନ୍ତି ।




## ଖଣ୍ଡାଧାର ଟାଇଟନ ଦଳ ଚାମ୍ପିୟନ

### ୫ଦିନିଆ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

**ଲହୁଣିପଡ଼ା,୨୫।୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣିପଡ଼ା କ୍ରିକେଟ ଖେଳ ପଡ଼ିଆଠାରେ ଲହୁଣୀପଡ଼ା ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ଚାଲିଥିବା ୧୭ତମ ପାଞ୍ଚଦିନିଆ ନକ ଆଉଟ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି କ୍ରିକେଟ ଦଳ ଅଂଶ ଗ୍ରହଣ କରିଥିବା ବେଳେ ଏହାର ଫାଇନାଲ ଖେଳରେ ଲହୁଣୀପଡା ଡିଏକ୍ସ ଦଳକୁ ୯ ଉଇକେଟରେ ହରାଇ ଖଣ୍ଡାଧାର ଟାଇଟାନ ଦଳ ଚଳିତ ବର୍ଷ ଚାମ୍ପିୟନ ହୋଇଥିଲା। ଏହାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଲହୁଣୀପଡ଼ା ସରପଞ୍ଚ ନେଲସନ ହେମ୍ବ୍ରମ, ମୁଖ୍ୟ ବକ୍ତାଭାବେ ପୂର୍ବତନ କ୍ରିକେଟ ଖେଳାଳି ଦିଲୀପ କୁମାର ଖଟୁଆ, ସମ୍ମାନିତ ଅତିଥିଭାବେ ନିକିତା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷ ନିଗେସ କୁମାର ଚୌରାସିଆ ଯୋଗଦେଇଥିଲେ। ଲହୁଣୀପଡ଼ା ସ୍ପୋର୍ଟସ ଆସୋସିଏଶନର ସଭାପତି ଏମଡି ଛୋଟୁ ଅଧ୍ୟକ୍ଷତା କରିଥିବାବେଳେ ବିକାଶ ଜୟସୱାଲ ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନିହାର ରଞ୍ଜନ ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମେ କମିଟିର କର୍ମକର୍ତ୍ତାମାନେ ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସ୍ୱାଗତ କରିଥିଲେ। ଅତିଥିମାନେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ମୁନୁ ମାହାନ୍ତ, ନୀକୁଞ୍ଜ ସିଂ, ବାଦଲ ସା ଶାନ୍ତି ଶୃଙ୍ଖଳାର ସହିତ ଖେଳ ପରିଚାଳନା କରିଥିଲେ। ଶୁସାନ୍ତ ମାହାନ୍ତ, ଲିପୁନ ମାହାନ୍ତ, ଏମଡି ଅମିନ, ଏମଡି ଗୁଲୁ, ଲିଙ୍କନ ପାତ୍ର, ବିଟୁ ସା, ରାଜା ସା, ନିଖିଲ ଠାକୁର, ନିତେସ ଜୟସୱାଲ, ଜିତେନ୍ଦ୍ର ମାହାନ୍ତ, ମୋହିତ ଜୟସୱାଲ, ଚଞ୍ଚଳ ନାଏକ, ଦିଲୀପ ମହାକୁଡ଼, ଏମଡି ସାମି, ରଞ୍ଜନ ଦଳେଇ ପ୍ରମୁଖଙ୍କ ସମେତ ସ୍ପୋର୍ଟସ ଆସୋସିଏଶନର କର୍ମକର୍ତ୍ତାମାନେ କ୍ରିକେଟ ପ୍ରତିଯୋଗିତା ପରିଚାଳନା କରିଥିଲେ। ଶେଷରେ ସୁଧାଂଶୁ ଶେଖର ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବହୁ ସଂଖ୍ୟାରେ କ୍ରିକେଟ ପ୍ରେମୀ ଉପସ୍ଥିତ ଥିଲେ।


ଅତିଥିଙ୍କ ସହ ପ୍ରତିଯୋଗୀତାରେ ଭାଗ ନେଇଥିବା ଖେଳାଳି।

## ୧୯୯୯ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ବାଲିଶଙ୍କରା,୨୫।୧ (ହୃଦାନନ୍ଦ ବାରିକ)**

ବାଲିଶଙ୍କରା ବ୍ଲକ୍‌ର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କନାକୁଣ୍ଡରେ ଗର୍ଜନବାହାଲ ହାଇସ୍କୁଲର ୧୯୯୯ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ପରେ ସମସ୍ତେ ପରିବାର ଓ ପିଲାମାନଙ୍କ ସହ ଏକତ୍ରିତ ହୋଇ ପୁରୁଣା ସ୍କୁଲଦିନର ସ୍ମୃତିକୁ ସ୍ମରଣକରି ଆନନ୍ଦ ଉପଭୋଗ କରିଥିଲେ। ଲିପି ନାଏକଙ୍କ ଅଧ୍ୟକ୍ଷତାରେ ସଫଳତାର ସହ ଏହି କାର୍ଯ୍ୟକ୍ରମ ଆୟୋଜଡ଼ ହୋଇଥିଲା। ଏହି ବନ୍ଧୁମିଳନରେ ଆଲୋଚନା, ଅନୁଭୂତି ବିନିମୟ ଓ ସାଙ୍ଗତ୍ୟର ସମ୍ପର୍କ ମଜଭୁତ ହୋଇଥିବାବେଳେ କାର୍ଯ୍ୟକ୍ରମଟି ସମସ୍ତ ଅଂଶଗ୍ରହଣକାରୀଙ୍କ ପାଇଁ ଏକ ସ୍ମରଣୀୟ ଅନୁଭବ ହୋଇଥିଲା।



**ଭୀମ ଭୋଇ କଲେଜରେ ଜାତୀୟ ମତଦାତା ଦିବସ ପାଳିତ**

ସମ୍ବଲପୁର,(ପ୍ରମୋଦ ବହିଦାର): ରେଢ଼ାଖୋଲ ଭୀମ ଭୋଇ ମହାବିଦ୍ୟାଳୟରେ ୧୬ତମ ବ୍ଲକ ସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅମୂଲ୍ୟକୃଷ୍ଣ ପାଢ଼ୀ ସଭାପତିତ୍ୱ କରି ଭୋଟର ପଞ୍ଜିକରଣ ଓ ମତଦାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ରଙ୍କ ସହିତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସାମୂହିକ ଶପଥ ପାଠ କରିଥିଲେ। ଏହି ଅବସରରେ ଅଧ୍ୟାପକ ଅଞ୍ଜନ ମିଶ୍ର ଓ ଏନ୍‌ସିସି ଅଧିକାରୀ ସୁଶାନ୍ତ କେରକେଟ୍ଟାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲେ।

## ସଂକ୍ଷେପରେ

### ଅଭିଜିତଙ୍କ ଜନ୍ମମାଟିରେ ଶୋକର ଛାୟା

ସମ୍ବଲପୁର,୨୫।୧(ଭବାନୀ ଶଙ୍କର ଭୋଇ)



ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ରବିବାର ସୁନାମଧନ୍ୟ ଓଡ଼ିଆ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କ ପରଲୋକ ହୋଇଯାଇଛି। ବିୟୋଗ ଖବର ମିଳିବା ପରେ ତାଙ୍କ ଜନ୍ମମାଟି ସମ୍ବଲପୁରରେ ଶୋକର ଛାୟା ଖେଳିଯାଇଛି। ଅଭିଜିତଙ୍କ ବାପା ଥିଲେ ପ୍ରଫେସର ଅରୁଣ ମଜୁମଦାର। ଜଣେ ମେଧାବୀ ଛାତ୍ର ଭାବେ ଗଙ୍ଗାଧର ମେହେର କଲେଜରୁ ଗଣିତ ଅନର୍ସରେ ଡିଗ୍ରୀ ହାସଲ କରିଥିଲେ। ଏହାପରେ ସେ ଗଣିତରେ ପିଜି ପରେ ଅଧ୍ୟାପନା କରୁଥିଲେ। ପରେ ଅଧ୍ୟାପନା ଛାଡି ୧୯୯୬ରେ କଟକ ଚାଲିଯାଇଥିଲେ। ସେ ଛୋଟ ସମୟରୁ ଗୁରୁ ଜ୍ଞାନାଞ୍ଜନ ମହାପାତ୍ରଙ୍କଠାରୁ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। ତାଙ୍କ ସହ ଜିଏମ୍ କଲେଜ ସମୟରୁ ଗୀତିକାରଭାବେ କାମ କରି ଆସିଥିବା ପ୍ରତିଷ୍ଠିତ ଗୀତିକାର ଜିତେନ୍ଦ୍ର ପ୍ରଧାନ ପରଲୋକ ଖବର ଶୁଣି ମର୍ମାହତ ହୋଇଥିବା କହିଛନ୍ତି। ୧୯୯୩ ମସିହାରୁ ଆମେ ଏକ ସାଙ୍ଗରେ ସଂଘର୍ଷ କରି ସଫଳତା ପାଇଥିଲୁ ବୋଲି ସେ କହିଛନ୍ତି। ମୋର ପ୍ରଥମ ଲେଖା ତୋର ଲାଗି ଗୀତର ସେ ସଙ୍ଗୀତ ଦେଇଥିଲେ। ସେହି ସମୟରେ ସମ୍ବଲପୁରର ବହୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ତାଙ୍କର ପ୍ରମୁଖ ଭୂମିକା ରହିଥିବା ପ୍ରଧାନ କହିଛନ୍ତି। ସମ୍ବଲପୁରରେ ଅଭିଜିତଙ୍କ ମା',ବାପା ଏବଂ ସାନଭାଇଙ୍କ ପରିବାର ରହୁଛନ୍ତି। ସହରର ବହୁ ପ୍ରତିଷ୍ଠିତ କଳାକାର ପରଲୋକ ଖବର ପାଇ ଗଭୀର ଶୋକ ପ୍ରକଟ କରିଛନ୍ତି।

### ତାଲୁକ ଆଇନ ସହାୟତା ସମିତି ଜାତୀୟ ଭୋଟର ଦିବସ

କୁଚିଣ୍ଡା,୨୫।୧(ବିରଞ୍ଚି ଦର୍ଶୀ)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଅର୍ଡାବାହାଲ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ତାଲୁକ ଆଇନସେବା ସମିତି ପକ୍ଷରୁ ୧୬ତମ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଏଥିରେ ତାଲୁକ ଆଇନସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ ପ୍ରଭାକର ଗାଣ୍ଡିଆ ମୁଖ୍ୟଅତିଥି, ଏସ୍‌ଡିଜେଏମ ଅବିନାଶ ଚିନାରା, ବାର ଆସୋସିଏଶନ ସଭାପତି ଆଇଁଠୁ ଚରଣ ରାଉତ, ସମାଜସେବୀ ସୁବାସ ଚନ୍ଦ୍ର ନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ସମ୍ବିଧାନ ତିଆରି ସହ ଏହାକୁ କାର୍ଯ୍ୟକାରୀ କରିବା ଗଣତନ୍ତ୍ରର ଏକ ମହାନପର୍ବ ବୋଲି କହିଥିଲେ। ୧୮ବର୍ଷ ହେଲେ ଭୋଟର ତାଲିକାରେ ନାମ ପଞ୍ଜିକରଣ କରିବା ସହ ନିଜ ଅଧିକାରକୁ ସାବ୍ୟସ୍ତ କରିବାପାଇଁ ଆହ୍ୱାନ ଦେଇଥିଲେ। କଲେଜ ଅଧ୍ୟକ୍ଷ ରଞ୍ଜନ ନାଏକ ସଭା ପରିଚାଳନା କରିଥିଲେ। ଅଧ୍ୟାପିକା ତୃପ୍ତି ପଟେଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଶୁଭ ଲକ୍ଷ୍ମୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଉଦୟ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ସହ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀମାନେ ମିଳିତ ଭାବେ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଗୁରୁଜନ ଖୁଣ୍ଟିଆ, ବାସନ୍ତୀ ପଟେଲ, ଦୁଲାରି ନାଏକ, ଲଳିତ କୁମାର ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ବହୁ ସଂଗ୍ରାମୀ ନାରୀଙ୍କ ଇତିହାସ ଅନାଲୋଚିତ ରହିଛି

ସମ୍ବଲପୁର,୨୫।୧(ଭବାନୀ ଶଙ୍କର ଭୋଇ)




ପୁସ୍ତକ ମେଳାର ଆଲୋଚନାଚକ୍ରରେ ବକ୍ତା ଓ ଅତିଥି।

**ସମ୍ବଲପୁର ପୁସ୍ତକ ମେଳା ଦ୍ୱିତୀୟ ଦିବସ**

ସମ୍ବଲପୁର ପୁସ୍ତକମେଳାରେ ରବିବାର ଶିଶୁ ମଣ୍ଡପରେ ବିବିଧ କାର୍ଯ୍ୟକ୍ରମ ହୋଇଥିଲା। ସସ୍ମିତା ମିଶ୍ରଙ୍କ ସଂଯୋଜନାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ କାହାଣୀ କଥନ ଅଧିବେଶନ, ଷଷ୍ଠରୁ ଅଷ୍ଟମ ବିଦ୍ୟାର୍ଥୀଙ୍କ ପାଇଁ ସୁବୋଧ କୁମାରଙ୍କ ସହିତ ଯୋଗାଭ୍ୟାସ ଏବଂ ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ପକ୍ଷରୁ ଓରିଏଣ୍ଟେଶନ କରାଯାଇ ଡିଜିଟାଲ ଇ-ବୁକ୍ସ ବିଷୟରେ ଅବଗତ କରାଯାଇଥିଲା। ଏହି ପ୍ଲାଟଫର୍ମରେ ୨୩ଟି ଭାଷାରେ ୬ ହଜାର ପୁସ୍ତକ ଉପଲବ୍ଧ । ପିଲାମାନଙ୍କ ପାଇଁ କାର୍ଯ୍ୟକ୍ରମରେ ସ୍ଥାନୀୟ ୧୨ଟି ବିଦ୍ୟାଳୟରୁ ଦୁଇ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅପରାହ୍ନ ୪ଟାରୁ ଆରମ୍ଭ ହୋଇଥିଲା ସାରସ୍ୱତ କାର୍ଯ୍ୟକ୍ରମ।

ସେତୁ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ଆଲୋଚନାର ବିଷୟ ଥିଲା ସ୍ୱାଧୀନତା ସଂଗ୍ରାମରେ ପଶ୍ଚିମ ଓଡ଼ିଶାର ନାରୀ। ଡକ୍ଟର ନିଳେନ୍ଦ୍ରୀ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ପ୍ରଫେସର ଡକ୍ଟର ସଂଘମିତ୍ରା ମିଶ୍ର ଓ ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ନିରୁପମା ବଡ଼ପଣ୍ଡା ଆଲୋଚକଭାବେ ଯୋଗଦେଇଥିଲେ। ଡକ୍ଟର ମିଶ୍ର କହିଥିଲେ, ସ୍ୱାଧୀନତା ସଂଗ୍ରାମ ସମୟରେ ନାରୀ ପୁରୁଷ ପାର୍ଥକ୍ୟ ନୁହେଁ, ବରଂ ଲକ୍ଷ୍ୟ ଥିଲା ମୂଳ ପ୍ରସଙ୍ଗ। ସଂଗ୍ରାମୀ ଜମ୍ବୁବତୀ ଦେବୀ, ପାର୍ବତୀ ଗିରି, ପ୍ରଭାବତୀ ଦେବୀ କେବଳ ଲୋକଲୋଚନକୁ ଆସିଥିବା ବେଳେ ଅନେକେଙ୍କ ବିଷୟରେ ଇତିହାସ ନୀରବ ରହିଛି। ବିନିକାର ଗୁରୁବାରୀ ମେହେର, ନୂଆପଡ଼ାର ବେଦମତି ଶବର, ସଂଗ୍ରାମୀ ଘନଶ୍ୟାମ ପାଣିଗ୍ରାହୀଙ୍କ ପତ୍ନୀ ଶ୍ରୀୟା ପାଣିଗ୍ରାହୀ, ପାର୍ବତୀ ଗିରୀଙ୍କୁ ସହଯୋଗ କରୁଥିବା ଚିଲ୍ଲା ଓ ଉଉରା, ପାଣିମୋରା ସଂଗ୍ରାମୀ ଗ୍ରାମର ମହିଳା, ସମ୍ବଲପୁରରୁ ଜମ୍ବୁବତୀ ଦେବୀ ଆଇନ ଅମାନ୍ୟ ଆନ୍ଦୋଳନରେ ଇଞ୍ଜୁଡ଼ି ଯାଇଥିବା ୧୦ ଜଣ ମହିଳା ଆଦି ବହୁ ସଂଗ୍ରାମୀଙ୍କ କଥା ଆଜି ଅନାଲୋଚିତ ରହିଥିବା ବକ୍ତାମାନେ କହିଥିଲେ। ଏଭଳି କ୍ଷେତ୍ରରେ ଏହି ମହିଳାମାନଙ୍କ ଇତିହାସ ଖୋଜି ବାହାର କରିବା ଆଜିର ଆବଶ୍ୟକତା ବୋଲି ଡ. ମିଶ୍ର କହିଥିଲେ। ଡକ୍ଟର ବଡ଼ପଣ୍ଡା କହିଥିଲେ, ପଶ୍ଚିମ ଓଡ଼ିଶାରେ ବହୁ ସଂଖ୍ୟାରେ ମହିଳା ସ୍ୱାଧୀନତା ସଂଗ୍ରାମରେ ଖାସ ଦେଇଥିଲେ। କିନ୍ତୁ ଅନେକ ସଂଗ୍ରାମୀ ଏଯାଏ ଲୋକଲୋଚନକୁ ଆସିପାରି ନାହାନ୍ତି। ମହିଳା ସଂଗ୍ରାମୀମାନଙ୍କ ମଧ୍ୟରେ ସଂଗ୍ରାମୀ ଜମ୍ବୁବତୀ ଦେବୀ, ସଂଗ୍ରାମୀ ପ୍ରଭାବତୀ ଦେବୀ, ବହ୍ନିକନ୍ୟା ପାର୍ବତୀ ଗିରି ପ୍ରମୁଖଙ୍କ ଜୀବନ ଓ ଦର୍ଶନ ବିଷୟରେ ସେ ଆଲୋକପାତ କରିଥିଲେ। ସମସ୍ତ ସ୍ୱାଧୀନତା ସଂଗ୍ରାମୀଙ୍କ ପତ୍ନୀମାନେ ମଧ୍ୟ ଇଂରେଜ ସରକାର ବିରୋଧରେ ଆନ୍ଦୋଳନରେ ଖାସ ଦେଇଥିଲେ। ଅନାଲୋଚିତ ମହିଳା ସ୍ୱାଧୀନତା ସଂଗ୍ରାମୀମାନଙ୍କ ବିଷୟରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଡ. ସ୍ୱୟଂ ପ୍ରକାଶ ପଣ୍ଡା ସଭା ସଂଯୋଜନା କରିଥିଲେ। ପୁସ୍ତକମେଳାରେ ପ୍ରତିଦିନ ସ୍ଥାନୀୟ ତଥା ଜାତୀୟ ସ୍ତରର ପ୍ରସିଦ୍ଧ କଳାକାରମାନେ ନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି। ରବିବାର ସନ୍ଧ୍ୟାର ଆକର୍ଷଣ ଥିଲା ରାଜସ୍ଥାନର 'ମାଙ୍ଗାନିଆର୍ସ' ଦଳ କଳାକାରଙ୍କ ଲୋକଗୀତ ଓ ଲୋକନୃତ୍ୟର ସମ୍ଭାର। ରାଜସ୍ଥାନୀ ଲୋକକଳା ଦର୍ଶକଙ୍କୁ ଅଭିଭୂତ କରିଥିଲା । ପୁସ୍ତକ ମେଳା ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଏବଂ କଳାତ୍ମକ ପରମ୍ପରାକୁ ପାଳନ କରିବା ସହ ପ୍ରକାଶକ ଏବଂ ପାଠକଙ୍କ ମଧ୍ୟରେ ସଂଯୋଗକୁ ଅଧିକ ମଜଭୁତ କରିବାପାଇଁ ଏହା ନ୍ୟାଶନାଲ ବୁକ ଟ୍ରଷ୍ଟ, ଇଣ୍ଡିଆର ଏକ ପ୍ରଚେଷ୍ଟା।

# ଗଳ୍ପ ସଙ୍କଳନ ଲୋକାର୍ପିତ

ନାକଟିଦେଉଳ,୨୫।୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ମହାବିଦ୍ୟାଳୟ ପ୍ରାଙ୍ଗଣରେ ରବିବାର ଓଡ଼ିଆ ବିଭାଗ ମୁଖ୍ୟ ଡ଼ ଆର୍.ପୁଷ୍ପାଞ୍ଜଳିଙ୍କ ରଚିତ ଗଳ୍ପ ସଙ୍କଳନ 'ନିଜକୁ ନାୟିକା ମନେକରି' ଲୋକାର୍ପିତ ହୋଇଛି। ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଲେକାର୍ପଣ ସମାରୋହରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ କବି ଡ଼ ଦୀପେନ କୁମାର ପଟ୍ଟନାୟକ, ପୁସ୍ତକ ସମୀକ୍ଷକ ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପିକା ପୁଷ୍ପାଞ୍ଜଳି ସାମନ୍ତରାୟ, ମୁଖ୍ୟବକ୍ତା କବି ବିପିନ ମହାନନ୍ଦ, ସମ୍ମାନୀତ ଅତିଥିଭାବେ ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନ ଓ କବି କୁଳମଣି ମେହେର ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। କବି ବିପିନ ମହାନନ୍ଦ ଲେଖକ ଦୃଷ୍ଟିଭଙ୍ଗୀ, ପୁସ୍ତକ ସାରାଂଶ, ପାଠକମାନଙ୍କ ନିକଟରେ ନିଜ ଭାବନା ପହଞ୍ଚାଇବାର ପ୍ରୟାସ ଓ ପୁସ୍ତକର ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ସାମନ୍ତରାୟ ଦୁର୍ଭାଗ୍ୟର ଅସରନ୍ତି ଧାରା, ବିଶ ଗୁରୁଙ୍କ ଉକ୍ତି, ଗଳ୍ପରେ ଅଭିଯୋଗ ଓ ଅଭିମାନର ଝଲକ ତଥା ବିଭିନ୍ନ ଚରିତ୍ରର ବୈଶିଷ୍ଟ୍ୟ, କବି କୁଳମଣି ମେହେର ସାହିତ୍ୟିକ ମାତ୍ରାର ଧାରା, ଜୀବନର ଗତି ଓ ବିଭିନ୍ନ ଚରିତ୍ରଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

# ମେଧାବୀ ଛାତ୍ର ବୃତ୍ତି ସମ୍ମାନ



ହୀଣ୍ଡାଲକୋ ଆୟୋଜିତ ମେଧା ବୃତ୍ତି ପ୍ରଦାନ କାର୍ଯ୍ୟକ୍ରମରେ ଅତିଥି ଓ ଛାତୀଛାତ୍ରମାନେ।

ସମ୍ବଲପୁର,୨୫।୧(ବି.ଶଙ୍କର)

ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଆନୁକୂଲ୍ୟରେ ହୀରାକୁଦ ଅଞ୍ଚଳର ଉଚ୍ଚ ବିଦ୍ୟାଳୟର କୃତି ଛାତ୍ରୀଛାତ୍ରଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ମେଧା ବୃତ୍ତି ପ୍ରଦାନ କରାଯାଇଛି। ହୀରାକୁଦ ଅଞ୍ଚଳର ୨୦୨୫ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତି ଛାତ୍ରୀଛାତ୍ରଙ୍କୁ ମେଧା ବୃତ୍ତି ପ୍ରଦାନର ପରିକଳ୍ପନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଉପାଦେଷ୍ଟ ସୁକାନ୍ତ ମହାପାତ୍ର, ସିଏସଆର ମୁଖ୍ୟ ଆନନ୍ଦ ଚକ୍ରବର୍ତ୍ତି ଏଫଆପି ସିଏସଆର ମୁଖ୍ୟ ଜିତେଶ ରଥ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ସୁଶ୍ରୀ ସୁହାନା ନାୟକ, ସୁଶ୍ରୀ ଲତିକା ବେହେରା, ଶୁଭାଂଶୁ ସାହୁ, ସୁଶ୍ରୀ କରିଷ୍ମା ପ୍ରଧାନ, ସୁଶ୍ରୀ ଅମ୍ରିତା ଜେନା, ସୁଶ୍ରୀ ବାଲମିତ କୌର, ରୋଶନ ଡାକୁଆ, ସୁଶ୍ରୀ ସାଇ ସରିତା ସାମଲ, ସୁଶ୍ରୀ ଅଳକା ସାହୁ ଓ ସୁଶ୍ରୀ ନମ୍ରତା ସିଂ ପ୍ରଭୃତି ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଛି । ଏହି କାର୍ଯକ୍ରମରେ ବରିଷ୍ଠ ଶିକ୍ଷକ ବୀରେନ୍ଦ୍ର ପାଣିଗ୍ରାହୀ ହିଣ୍ଡାଲକୋ ହୀରାକୁଦ ଅଞ୍ଚଳରେ ଶିକ୍ଷାର ମାନଦଣ୍ଡ ବୃଦ୍ଧିପାଇଁ ବିଭିନ୍ନ ପ୍ରୟାସକୁ ପ୍ରଶଂସା କରିଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ୧୨ହଜାର ଟଙ୍କା ଦୁଇଟି କିସ୍ତିରେ ପ୍ରଦାନ କରାଯିବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ସୂଚିତ କରାଯାଇଛି। ସିଏସ୍ଆର ବିଭାଗ କର୍ମକର୍ତ୍ତା ଜୟଶ୍ରୀ ରାଓ, ସରୋଜ କୁମାର ଆଚାର୍ଯ୍ୟ, ମିଳନ କୁମାର ସାହୁ, ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ହୀରାକୁଦ ଅଞ୍ଚଳର ସମସ୍ତ ଉଚ୍ଚ ବିଦ୍ୟାଳୟ ମାଟ୍ରିକ ପାସ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏହି ମେଧା ବୃତ୍ତି ସକାଶେ ଚୟନ ପ୍ରକ୍ରିୟା ହୋଇଥାଏ।

# ନୈତିକ ଶିକ୍ଷା ଜୀବନକୁ ଆଲୋକିତ କରିବାର ମାଧ୍ୟମ

ସମ୍ବଲପୁର,୨୫।୧(ବି.ଶଙ୍କର)

ନୈତିକ ଶିକ୍ଷା ମଣିଷ ଜୀବନକୁ ଆଲୋକିତ କରିବାର ସର୍ବଶ୍ରେଷ୍ଠ ମାଧ୍ୟମ । ଏହି ବାର୍ତ୍ତାକୁ ନେଇ ସମ୍ବଲପୁର ଜିଲା ବଡ଼ଶରା ଗ୍ରାମର କଲ୍ୟାଣ ଆଶ୍ରମରେ ଅନାଥ ଓ ଗରିବ ପରିବାରର ଶିଶୁମାନଙ୍କ ଉଦ୍ଦେଶ୍ୟରେ ଅଷ୍ଟମ ଶିକ୍ଷା ସହାୟତା କାର୍ଯ୍ୟଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୫ଜଣ ଶିକ୍ଷାର୍ଥୀ ଭାଗ ନେଇଥିଲେ। ଏହାର ମୂଳ ଉଦ୍ଦେଶ୍ୟ ଥିଲା ପିଲାମାନଙ୍କୁ ନିୟମିତ ପାଠପଢ଼ା ପ୍ରତି ଉତ୍ସାହିତ କରିବା। ବିଶେଷକରି ମା'ମାନଙ୍କୁ, ପିଲାଙ୍କ ନୈତିକ ଶିକ୍ଷାରେ ସକ୍ରିୟ ଭୂମିକା ନେବାକୁ ସଚେତନ କରାଇବା। ଶିଶୁମାନେ ଆଗାମୀ ଦିନରେ ସମାଜର ଭବିଷ୍ୟତ ନିର୍ମାତା । ତେଣୁ ସେମାନଙ୍କୁ ଶିକ୍ଷିତ ଓ ସଂସ୍କାରିତ କରିବା ସମସ୍ତଙ୍କ ଦାୟିତ୍ୱ। କାର୍ଯ୍ୟଶାଳାରେ ନଚିକେତା କାହାଣୀ ସହ ସାଧାରଣ ଜ୍ଞାନ ଓ ବିଜ୍ଞାନ ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା, ଇସ୍ପାତ ଜେନେରାଲ ହସ୍ପିଟାଲର ପୂର୍ବତନ ନିର୍ଦ୍ଦେଶକ ଡାକ୍ତର ସୁଧାଂଶୁ ପତି, ଆଶ୍ରମ ସଭାପତି ରାହାସ ପଣ୍ଡା, ଇଞ୍ଜିନିୟର ବିଭୂତି ନାରାୟଣ ମାଝୀ ପିଲାମାନଙ୍କୁ ନୈତିକ ଶିକ୍ଷା ଏବଂ ସାଧାରଣ ଜ୍ଞାନ ଉପରେ ଉପଦେଶ ଦେଇଥିଲେ । ଡାକ୍ତର ପତି ପିଲାମାନଙ୍କୁ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ଉପରେ ବୁଝାଇଥିଲେ। ସୀତାରାମ ଷଡ଼ଙ୍ଗୀ ଓ ଦୟା ସାଗର ବାଦୀ ଏଥିରେ ସହଯୋଗ କରିଥିଲେ । ଜାତୀୟ ସଙ୍ଗୀତ ଗାନ ଓ ହନୁମାନ ଚାଲିଶା ପାଠ ପରେ ସାମୂହିକ ପ୍ରସାଦ ସେବନ ହୋଇଥିଲା ।

# ଆମବସ୍ ଧକ୍କାରେ ପ୍ରେସ୍ କ୍ଲବ ସଦସ୍ୟଙ୍କ ମୃତ୍ୟୁ

ସମ୍ବଲପୁର,୨୫।୧(ପ୍ରମୋଦ ବହିଦାର)

ସମ୍ବଲପୁର ଅଇଁଠାପାଲି ତଳି ଛକରେ ଆମବସ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସମ୍ବଲପୁର ପ୍ରେସ୍‌କ୍ଲବ କର୍ମଚାରୀ ଅନୁଗୋଳ ଜିଲା ଜରପଡ଼ା ଥାନା ଅନ୍ତର୍ଗତ କଞ୍ଚରା ଗ୍ରାମର ନୀରଦ କୁମାର ସାହୁ(୪୮)। ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ମୃତ ଘୋଷଣା ପରେ ନୀରଦଙ୍କ ଶବକୁ ଶବଗୃହରେ ରଖାଯାଇଛି। ଅପରପକ୍ଷରେ ପୋଲିସ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି। ପରିବାର ଲୋକେ ଆସିଲା ପରେ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ମିଳିଥିବା ସୂଚନା ଅନୁସାରେ ନୀରଦ ପ୍ରେସ୍‌କ୍ଲବରେ ରହୁଥିଲେ। ରବିବାର ରାତି ପ୍ରାୟ ସାଢ଼େ ୭ଟାରେ ସେ ଅଇଁଠାପାଲି ପିଏଚ୍‌ଡି ପଡ଼ିଆରେ ଚାଲିଥିବା ପୁସ୍ତକ ମେଳା ଦେଖି ପ୍ରେସ୍‌କ୍ଲବକୁ ଫେରୁଥିଲେ। ସେ ତଳିଛକରେ ରାସ୍ତା ପାରି ହେଉଥିବା ସମୟରେ ଚିପିଲିମାରୁ ସମ୍ବଲପୁରକୁ ଆସି ଅଇଁଠାପାଲି ତଳିଛକରେ ସହରକୁ ପ୍ରବେଶ କରୁଥିବା ଆମବସ୍ ସମ୍ମୁଖରେ ପଡ଼ି ଯାଇଥିଲେ। ଏହି ସମୟରେ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ବସ୍ ଚାଳକ ଅଇଁଠାପାଲି ଥାନାରେ ଆତ୍ମସମର୍ପଣ କରିଥିବା ଜଣା ପଡ଼ିଛି। ଏସମ୍ପର୍କରେ ଖବର ପାଇ ଆମବସ୍ ଚଳାଚଳ ଦାୟିତ୍ୱରେ ଥିବା ସିଆର୍‌ୟୁଟି ସମ୍ବଲପୁର ଶାଖା ପ୍ରବନ୍ଧକ ବିଶ୍ୱଜିତ ପଣ୍ଡା ମୃତକଙ୍କ ପରିବାରଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆର୍‌ଟିଓ ରାମଦାସ ଟୁଡୁ ଜିଲା ଚିକିତ୍ସାଳୟ ଯାଇ ନୀରଦଙ୍କ ପରିବାରଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ୨୦୨୧ମସିହାରୁ ପ୍ରେସ୍‌କ୍ଲବର କର୍ମଚାରୀ ଭାବେ ନୀରଦ କାର୍ଯ୍ୟ କରି ଆସୁଥିଲେ। ସେ ବିବାହିତ ହୋଇଥିବା ବେଳେ ତାଙ୍କ ମାତାପିତା ଜୀବିତ ଅଛନ୍ତି। ତାଙ୍କ ସ୍ତ୍ରୀ, ଦୁଇ ଝିଅ ନିଜ ଗ୍ରାମ କଞ୍ଚରାରେ ମାତାପିତାଙ୍କ ସହିତ ରହୁଛନ୍ତି।

# ଉପଖଣ୍ଡସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ



କୃତୀ ପ୍ରତିଯୋଗୀ ଏବଂ ବିଏଲଓଙ୍କ ସହ ଅତିଥିମାନେ।

କୁଚିଣ୍ଡା,୨୫।୧(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଉପଖଣ୍ଡସ୍ତରୀୟ ୧୬ତମ ଜାତୀୟ ମତଦାତା ଦିବସ ରବିବାର ପାଳିତ ହୋଇଯାଇଛି। କୁଚିଣ୍ଡା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, କୁଚିଣ୍ଡା ମହାବିଦ୍ୟାଳୟ ଅଧ୍ୟକ୍ଷ ମନୋଜ କୁମାର ପଣ୍ଡା, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଅଧିକାରୀ ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ଲୋଚନ ଶବର ଓ ରମେଶ ଚନ୍ଦ୍ର ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଲୋକ କୁମାର ପଟେଲ, ଏନଏସି ନିର୍ବାହୀ ଅଧିକାରୀ ମନୋରଞ୍ଜନ ସୁନା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ମତଦାତା ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରି ନିରପେକ୍ଷ ଭାବେ ନିଜର ସାବ୍ୟସ୍ତ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିଙ୍କସହ ଛାତ୍ରୀଛାତ୍ର ମାନେ ଶପଥ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ଗଣତନ୍ତ୍ର ରାଷ୍ଟ୍ର ବିଷୟରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କ ସହ ଉପଖଣ୍ଡର ବିଭିନ୍ନ ବୁଥରୁ ଆସିଥିବା ବିଏଲଓଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ବେଲମତି କୁମୁରା ସଭା ପରିଚାଳନା କରିଥିଲେ। ଆସିଷ୍ଟାଣ୍ଟ କଲେକ୍ଟର ଲୋଚନ ଶବର ଧନ୍ୟବାଦ ଅର୍ପଣ କରିଥିଲେ। ସକାଳ ୯ଟାରେ କୁଚିଣ୍ଡା ମହାବିଦ୍ୟାଳୟରୁ ଏକ ଭୋଟର ସଚେତନତା ଶୋଭାଯାତ୍ରା ବାହାରି କୁଚିଣ୍ଡା ସହର ପରିକ୍ରମା କରିଥିଲା। ଏଥିରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସାମିଲ ହୋଇ ଭୋଟର ସଚେତନତା ବାର୍ତ୍ତା ଦେଇଥିଲେ।

# ଏସ୍‌ୟୁରେ ଖୋଲିବ ଏଆଇ, ଏମ୍‌ଏଲ ଲାବ

ସମ୍ବଲପୁର,୨୫।୧(ଭବାନୀ ଶଙ୍କର ଭୋଇ)



ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ଅତିଥିମାନେ।

**୧୭୫କୋଟି ପ୍ରକଳ୍ପର ଲୋକାର୍ପଣ, ଶିଳାନ୍ୟାସ**

ଓଡ଼ିଶା ସରକାରଙ୍କ ସହାୟତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଖୁବ୍‌ଶୀଘ୍ର ଏଆଇ(ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି) ଏବଂ ଏମ୍‌ଏଲ(ମେଶିନ ଲର୍ନିଂ) ଲାବ ସ୍ଥାପନ କରାଯିବ। ଏହା କେବଳ ଏକ ଭିତ୍ତିଭୂମି ନୁହେଁ ବରଂ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରବିବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ(ଏସ୍‌ୟୁ) ସୂଚନା ପ୍ରଦ୍ୟୋଗିକ ସଂସ୍ଥାନ(ସୁଇଟ)ଠାରେ ପ୍ରାୟ ୧୭୫କୋଟି ଟଙ୍କା ବିନିମୟରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ ଅବସରରେ ପ୍ରଧାନ ଏହା କହିଛନ୍ତି। ବିଶ୍ୱବିଦ୍ୟାଳୟର ୫୯ବର୍ଷ ପୂର୍ତ୍ତି ଅବସରରେ ଏହି ପ୍ରକଳ୍ପଗୁଡ଼ିକ ଶିକ୍ଷାନୁଷ୍ଠାନର ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଜାତୀୟ ଶିକ୍ଷା ନୀତି ଅଧୀନରେ ନ୍ୟାଶନାଲ ରିସର୍ଚ୍ଚ ଫାଉଣ୍ଡେଶନ ପରିକଳ୍ପନା କରାଯାଇଛି। ଏଥିରେ ଯୋଗ୍ୟତା ଆଧାରରେ ଭାରତ ସରକାର ଗବେଷଣା ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଅନୁଦାନ ଦେଉଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏନ୍‌ଆଇଟି ରାଉରକେଲା ସହ ଅନୁବନ୍ଧିତ ହୋଇ ପ୍ରଥମ ଥର ପାଇଁ ୧୩ କୋଟି ଟଙ୍କାର ରିସର୍ଚ୍ଚ ଫଣ୍ଡ ପାଇଛି। ଏଥିସହ ୧୪ଟି ନୂଆ ପେଟେଣ୍ଟ ମଧ୍ୟ ଆରମ୍ଭ ହେବା ଗୌରବର ବିଷୟ। ଏହି ଶିକ୍ଷାନୁଷ୍ଠାନରେ ନୂଆ ପାଠ୍ୟକ୍ରମ ଖୋଲାଯାଇଛି। ସେହିପରି ଏଆଇ ଏବଂ କ୍ୱାଣ୍ଟମ କମ୍ପ୍ୟୁଟିଂ ଆଜିର ଅତ୍ୟାଧୁନିକ ଜ୍ଞାନର ଆଧାର ହୋଇଛି। ଜଣେ ଇତିହାସ ବା ପଦାର୍ଥ ବିଜ୍ଞାନ ଛାତ୍ର ହୁଅନ୍ତୁ ସମସ୍ତଙ୍କ ପାଇଁ ଏଆଇ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେବାକୁ ଯାଉଛି। ଏଭଳି ସମୟରେ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ଏଆଇ ଏବଂ ଏମ୍‌ଏଲ ବିଶ୍ୱବିଦ୍ୟାଳୟର ଗାରିମାକୁ ବଢାଇବ। ସମ୍ବଲପୁରରେ ଏସ୍‌ୟୁ ସମେତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଭିମସାର, ଭିସୁଟ୍, ଆଇଆଇଏମ୍, ଓଡ଼ିଶା ଓପନ ୟୁନିଭର୍ସିଟି ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ରହିଛି। ଏହି ଅନୁଷ୍ଠାନର ସମନ୍ୱୟରେ ସମ୍ବଲପୁରକୁ ଏକ ଜ୍ଞାନ ଆଧାରିତ ଅର୍ଥନୀତି କେନ୍ଦ୍ରରେ ପରିଣତ କରିବାକୁ ହେବ। କେବଳ ଚାକିରି ପଛରେ ନ ଗୋଡ଼ାଇ, ନିଜେ ଜଣେ ଜଣେ 'ୱେଲଥ କ୍ରିଏଟର' ବା ଉଦ୍ୟୋଗୀ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିବାକୁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ କରିଛନ୍ତି। ଏ ଦିଗରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି। ସମ୍ମାନିତ ଅତିଥିଭାବେ ଓଡ଼ିଶାର ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କ ବକ୍ତବ୍ୟରେ ଏସ୍‌ୟୁ ୬୦ବର୍ଷରେ ପଦାର୍ପଣ କରୁଥିବାବେଳେ ପୁରାତନ ଓ ବର୍ତ୍ତମାନର ବିଦ୍ୟାର୍ଥୀମାନେ ଏହାକୁ ଏକ ଇନୋଭେଟିଭ ବିଶ୍ୱବିଦ୍ୟାଳୟଭାବେ ଗଢ଼ି ତୋଳିବାକୁ ଆହ୍ୱାନ କରିଥିଲେ। ପିଏମ୍-ଉଷା ଯୋଜନା ଏବଂ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଅନୁଦାନରେ ନିର୍ମିତ ଇନଡୋର୍ ବ୍ୟାଡମିଣ୍ଟନ ଷ୍ଟାଡିୟମର ଲୋକାର୍ପଣ କରିଛନ୍ତି । ଏହାସହ ସୁଇଟ୍ ପାଇଁ ୪୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଏବଂ ବିଶ୍ୱବିଦ୍ୟାଳୟ ପାଇଁ ପୃଥକ ୫୦୦ ଓ ୩୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଅନ୍ତର୍ଭୁକ୍ତ। ପ୍ରାୟ ୩୦କୋଟିରୁ ଅଧିକ ଟଙ୍କା ବ୍ୟୟରେ ଇନଡୋର୍ ଷ୍ଟାଡିୟମ, ସିନ୍ଥେଟିକ ଆଥ୍‌ଲେଟିକ ଷ୍ଟାଡିୟମ, ଫୁଟବଲ ଓ କ୍ରିକେଟ ଷ୍ଟାଡିୟମ ଆଦି ନିର୍ମାଣ କରାଯିବ । ସେହିପରି ବୈଦ୍ୟୁତିକ ପ୍ରୟୋଗଶାଳା, ନୂତନ ଶିକ୍ଷଣୀୟ ଭବନ, ବହୁମୁଖୀ ଶିକ୍ଷଣ କେନ୍ଦ୍ର, ଉତ୍କର୍ଷ କେନ୍ଦ୍ର, ଇନକ୍ୟୁବେସନ ସେଣ୍ଟର ଆଦିର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ ଭାମୁ, ଏସ୍‌ଏମ୍‌ସି କମିଶନର ରେହାନ ଖେତ୍ରୀ ଉପସ୍ଥିତ ଥିଲେ।









# ସମସ୍ତଙ୍କ ପାଇଁ ଶିକ୍ଷା ଲକ୍ଷ୍ୟରେ ମିନି ମାରାଥନ



କିସ୍ ପକ୍ଷରୁ ଭବାନୀପାଟଣାରେ ଅନୁଷ୍ଠିତ ମିନି ମାରାଥନ।

**ଭବାନୀପାଟଣା,୨୫।୧ (ଉତ୍ତମ କୁମାର ଦାଶ)**

ସମସ୍ତଙ୍କ ପାଇଁ ଶିକ୍ଷା ଲକ୍ଷ୍ୟ ନେଇ ରବିବାର କଳାହାଣ୍ଡି ଜିଲା ଭବାନୀପାଟଣାରେ କିସ୍ ପକ୍ଷରୁ ମିନି ମାରାଥନ ହୋଇଥିଲା। ସହରସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରୁ ଅମଲା ଭବନ ପର୍ଯ୍ୟନ୍ତ ଏହି ଗଣଦୌଡ଼ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ତତ୍ତ୍ୱାବଧାନରେ ସମସ୍ତ ଜିଲା ସଦର ମହକୁମା ସହ ୩୨ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଶାରୀରିକ ଶିକ୍ଷା ଅଧିକାର ରୂପସିଂ ରାଉତ ସବୁଜ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ମାରାଥନ ସହରର ମାଣିକେଶ୍ୱରୀ ଛକ, ଷ୍ଟେଚ୍ୟୁ ଛକ, ଘୋଡାଘାଟ ଛକ ଦେଇ ଶେଷରେ ଅମଲା ଭବନଠାରେ ପହଞ୍ଚିଥିଲା। ପରେ ସେଠାରେ ଏକ ସାଧାରଣ ବୈଠକ ଆୟୋଜନ କରାଯାଇଥିଲା। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବାଲଗୋପାଳ ସେବା ନିକେତନର ପ୍ରତିଷ୍ଠାତା ହେମନ୍ତ କୁମାର ମୁଣ୍ଡ, ସମ୍ମାନିତ ଅତିଥି ଭାବେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ପବିତ୍ର କୁମାର ବାଗ, ଆଦିବାସୀ ନେତା ପରମାନନ୍ଦ ମାଝୀ, ଦେବେନ୍ଦ୍ର ବିଶି, ସ୍ୱାଧୀନ ପାତ୍ର ପ୍ରମୁଖ ଯୋଗଦେଇ ଥିଲେ। ପ୍ରଥମେ କଳାହାଣ୍ଡି ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ଉପସ୍ଥିତ ଅତିଥିମାନଙ୍କୁ ଉତ୍ତରୀୟ ସହ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜଣାଯାଇଥିଲା। ମୁଖ୍ୟ ଅତିଥି ମୁଣ୍ଡ ଏହା ଏକ ନିଆରା କାର୍ଯ୍ୟକ୍ରମ ବୋଲି କହିଥିଲେ। ଶିକ୍ଷାରୁ ବଞ୍ଚିତ ଲୋକଙ୍କୁ ଶିକ୍ଷିତ କରିପାରିଲେ ହିଁ ପ୍ରକୃତ ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ସ୍ୱପ୍ନ ସାକାର ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ପରେ ଉପସ୍ଥିତ ପ୍ରତିଯୋଗୀଙ୍କୁ ଅତିଥିମାନେ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଶେଷରେ କିସ୍ କଳାହାଣ୍ଡିର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ପଧାନ ଉପସ୍ଥିତ ସମସ୍ତ ଅତିଥି ଓ ପ୍ରତିଯୋଗୀଙ୍କୁ ଧନ୍ୟବାଦ ଦେଇଥିଲେ।

# ଖଡ଼ିଆଳରେ ମିନି ମାରାଥନ



ଖଡ଼ିଆଳଠାରେ ମିନି ମାରାଥନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଅତିଥି।

**ଖଡ଼ିଆଳ,୨୫।୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳଠାରେ କିଟ୍ ଓ କିସ୍ ପକ୍ଷରୁ ମିନି ମାରାଥନ ଆୟୋଜିତ ହୋଇଛି। ଏହି ଅବସରରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ମିନି ମାରାଥନର ଶୁଭାରମ୍ଭ କରିଥିଲେ। ଏଥିରେ ନୂଆପଡ଼ା ଜିଲାର ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ରଙ୍କ ସମେତ କ୍ରୀଡାବିତମାନେ ମିନି ମାରାଥନରେ ସାମିଲ ହୋଇଥିଲେ। ଖଡ଼ିଆଳ ଆମ୍ବେଦକର ଛକଠାରୁ ଏହି ମିନିମାରଥନ ବାହାରି ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ୩ କିମି ଦୂରତା ଯାଇଥିଲା। ପରେ ମହାବିଦ୍ୟାଳୟ ମିନି ଷ୍ଟାଡିୟମଠାରେ ଆୟୋଜିତ ଉଦ୍‌ଯାପନୀରେ ସମସ୍ତଙ୍କ ପାଇଁ ଶିକ୍ଷା ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ସମେତ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀ, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ସୁମନ କୁଜୁର, କୁନୁ କରୁଆଁ, ଆଦିବାସୀ ଯୁବନେତା କରୁଣାକର ମାଝୀ, କିସ୍ ଆଲୁମିନି ସଂଘ ସଭାପତି ସରୋଜ ଶବର ପ୍ରମୁଖ ଅତିଥି ଭାବେ ଯୋଗଦେଇ ମିନି ମାରାଥନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଅବଦାନକୁ ଉପସ୍ଥିତ ଅତିଥିମାନେ ପ୍ରଶଂସା କରିଥିଲେ। ଏଥିରେ ଦିଗାମ୍ବର ନାଏକ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଡିସେମ୍ବର ମାଝୀ ଓ ପିଙ୍କିବାଈ ମାଝୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ହେମସିଂ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି କିସ୍ ଆଲୁମୁନି ସଂଘର ସକ୍ରିୟ ସଦସ୍ୟ ଦୀପକ ବଞ୍ଜାରା, ଘନଶ୍ୟାମ ଶବର, ଗୁଣଧର ମାଝୀ, ଜୟନ୍ତୀ ମାଝୀ, ମହାଦେବ ଭୋଇ, ସବିନ ମାଝୀ ପ୍ରମୁଖ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ବିକାଶ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା 'ଲମହେ'



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅତିଥିଗଣ।

**ଭବାନୀପାଟଣା, ୨୫।୧ (ଉତ୍ତମ କୁମାର ଦାଶ)**

## ନିଜ ଅନୁଭୂତି ବଖାଣିଲେ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର

କଳାହାଣ୍ଡି ଜିଲା ଭବାନୀପାଟଣା ବିକାଶ ଆବାସିକ ବିଦ୍ୟାଳୟ ଓ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ନିମନ୍ତେ ରବିବାର ସନ୍ଧ୍ୟାରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ 'ଲମହେ' ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅତିଥି ଭାବେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ନିର୍ଦ୍ଦେଶକ ଡି.ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି.ରାମ କୁମାର, ଶିକ୍ଷା ପ୍ରଭାରୀ ଡି.ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି.ପଦ୍ମିନୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ଆରତି ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ଜେନେରାଲ ମ୍ୟାନେଜର ଗୁପ୍ତେଶ୍ୱର ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଥିଲେ। ପ୍ରାରମ୍ଭରେ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା । ଅତିଥିଗଣ ନିଜ ବକ୍ତବ୍ୟରେ ଉଚ୍ଚ ଅଭିଳାଷ ପୋଷଣ କରି ନିଜ ଲକ୍ଷ୍ୟସ୍ଥଳରେ ଅଗ୍ରସର ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହା ସହିତ ଆଗାମୀ ବାର୍ଷିକ ପରୀକ୍ଷା ନିମନ୍ତେ ଶୁଭେଚ୍ଛା ଜଣାଇବା ସହ ଉତ୍ତୋରୋତ୍ତର ଉନ୍ନତି କାମନା କରିଥିଲେ ।ଏହି ଉତ୍ସବରେ ଲକ୍ଷ୍ମୀ ବିକାଶ ଗ୍ରୁପର ଉଭୟ ସିବିଏସଇ ଓ ସିଏଚଏସଇର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ନିଜ ଅନୁଭୂତି ବଖାଣି ଥିଲେ। ଏକ ଭାବବିହ୍ୱଳ ପରିବେଶରେ କାର୍ଯ୍ୟକ୍ରମଟି ସମାପନ ହୋଇଥିଲା।

# ଫେବୃଆରୀ ୧୦ରୁ କଳାହାଣ୍ଡିରେ ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ

**ଭବାନୀପାଟଣା,୨୫।୧ (ଉତ୍ତମ କୁମାର ଦାଶ)**

## ଜାନୁଆରୀ ୨୮, ୨୯ରେ ହେବ ଚୟନ ଶିବିର

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଛାତ୍ର କ୍ରୀଡାବାସ ପଡିଆଠାରେ ଆସନ୍ତା ଫେବୃଆରୀ ୧୦ ତାରିଖଠାରୁ ଦ୍ୱିତୀୟ ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଆରମ୍ଭ ହେବ। ଟିମ୍ ଗଠନ କରିବା ପାଇଁ ଜାନୁଆରୀ ୨୮ରେ ବାଳକ ଏବଂ ୨୯ରେ ବାଳିକାମାନଙ୍କର ଚୟନ ପ୍ରକ୍ରିୟା ଭବାନୀପାଟଣାସ୍ଥିତ ଛାତ୍ର କ୍ରୀଡାବାସ ପଡିଆଠାରେ ପୂର୍ବାହ୍ନ ୯ ଟାରେ ଆରମ୍ଭ ହେବ। ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ବୟସ ପ୍ରମାଣପତ୍ର, ଅସଲି ଜନ୍ମ ପ୍ରମାଣପତ୍ର ଏବଂ ଆଧାରକାର୍ଡ ଆବଶ୍ୟକ ହୋଇଥିବାବେଳେ ୧।୧।୨୦୧୨ରୁ ୩୧।୧୨।୨୦୧୪ ମଧ୍ୟରେ ସେମାନେ ଜନ୍ମ ହୋଇଥିବା ଆବଶ୍ୟକ ବୋଲି କୁହାଯାଇଛି। ପ୍ରକାଶ ଯେ, କଳାହାଣ୍ଡି ଜିଲାର ୨୮୪୭ ଜଣ ବାଳକ ଓ ବାଳିକା ଖେଳାଳି ଚୟନ ପାଇଁ ଫୁଟବଲ ଆସୋସିଏଶନ ଓଡିଶା ପଞ୍ଜୀକରଣ କରିଛନ୍ତି। ଓଡ଼ିଶା ସରକାର, ଫୁଟବଲ ଆସୋସିଏଶନ ଓଡିଶା, କଳାହାଣ୍ଡି ଜିଲା ପ୍ରଶାସନ ଏବଂ ଜିଲା କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହେବ। ଏ ନେଇ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ରବିବାର କଳାହାଣ୍ଡି ଜିଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଜାତୀୟ ପତାକା ପସରା ମେଲିଛି

**ଖଡ଼ିଆଳ,୨୫।୧ (ସୁଜିତ କୁମାର ପ୍ରଧାନ)**

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ନୂଆପଡ଼ା ଜିଲା ଖଡ଼ିଆଳ ସହରର ଦୋକାନଗୁଡିକରେ ଜାତୀୟ ପତାକାର ପସରା ମେଲିଛି। କଟନ, ସିଲ ଆଦି କପଡ଼ାର ପତାକା ଉପଲବ୍ଧ ହେଉଛି। ସ୍କୁଲ ପିଲାଙ୍କ ପାଇଁ ତ୍ରିରଙ୍ଗା ହେଡ ବ୍ୟାଣ୍ଡ, ଚକ୍ର, ବ୍ୟାଜ, ଷ୍ଟିକର୍ ଆଦି ରହିଛି। ପତାକାର ଦାମ ୧୦ ଟଙ୍କାରୁ ଆରମ୍ଭ ହୋଇ ୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ବ୍ୟାଜ୍‌ର ଦାମ ୨୦ ଟଙ୍କା, ବାଇକ୍ ପାଇଁ ପତାକା ୪୦ଟଙ୍କା, ଚକ୍ରି ୫୦ଟଙ୍କା, ଝିଅମାନଙ୍କ ଚୁଡି ସେଟ ୩୦ଟଙ୍କା, ବ୍ୟାନିଅନ ୫୦ ଟଙ୍କା, ଜାତୀୟ ସ୍ତମ୍ଭ, ପତାକା, ମାନଚିତ୍ର ଆଦିର ଦର ୧୦ ରୁ ଆରମ୍ଭ ହୋଇ ୪୦ ଟଙ୍କା ପର୍ଯ୍ୟନ୍ତ ରହିଛି। ବେଲୁନ ପିଲାମାନଙ୍କ ପାଇଁ ଅଧିକ ଆକର୍ଷଣୀୟ ହେଉଛି।

# ବାଇକ୍ ଦୁର୍ଘଟଣା, ୧ ମୃତ, ୧ ଗୁରୁତର

**ଲାଞ୍ଜିଗଡ଼, ୨୫।୧ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ରଘୁନାଥପୁର ନିକଟରେ ଭାରସାମ୍ୟ ହରାଇ ଏକ ବାଇକ ଏମ୍‌ଜିଏନ୍‌ଆର୍‌ଇଜିଏ କାର୍ଯ୍ୟ ଫଳକରେ ପିଟି ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି। ମୃତକ ଜଣକ ମୋହନଗୁଡା ଗ୍ରାମର ଧନିଆ ମାଝୀ (୩୨) ଏବଂ ଗୁରୁତର ଆହତ ଜଣକ ହରେକୃଷ୍ଣପୁର ଗ୍ରାମର ସାମନ୍ତ ମାଝୀ (୨୫)। ସୂଚନାନୁସାରେ ଧନିଆ ଏବଂ ସାମନ୍ତ ଦୁଇଜଣ ମିଶି ମୋହନଗୁଡାଠାରୁ ହରେକୃଷ୍ଣପୁର ବାଇକ୍ ଯୋଗେ ରବିବାର ସକାଳ ୮ଟା ୩୦ରେ କୌଣସି କାମରେ ଯାଉଥିଲେ। ରଘୁନାଥପୁର ନିକଟରେ ଥିବା ବୁଲାଣି ରାସ୍ତାରେ ବାଇକ୍ ଭାରସାମ୍ୟ ହରାଇ ଏମ୍‌ଜିଏନ୍‌ଆର୍‌ଇଜିଏ କାର୍ଯ୍ୟ ଫଳକରେ ପିଟି ହେବାରୁ ଉଭୟ ଗୁରୁତର ଆହତ ଅବସ୍ଥାରେ ଛିଟିକି ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ୨ଜଣକୁ ଉଦ୍ଧାର କରି ଆମ୍ବୁଲାନ୍ସ ଡକାଇ ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ଡାକ୍ତର ଧନିଆ ମାଝୀଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ସାମନ୍ତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଲାଞ୍ଜିଗଡ ବ୍ଲକ ଚିକିତ୍ସାଧିକାରୀ ଭବାନୀଶଙ୍କର ଲେଙ୍କା ସୂଚନା ପ୍ରଦାନ କରିଛନ୍ତି। ଦୁର୍ଘଟଣା ଖବର ପାଇ ଲାଞ୍ଜିଗଡ ଥାନାଧିକାରୀ ଯଶୋବନ୍ତ ହିଆଲଙ୍କ ନେତୃତ୍ୱରେ ଏସ୍‌ଆଇ ଡୋଳାମଣି ବିଶି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ । ଏ ନେଇ ଲାଞ୍ଜିଗଡ ଥାନାରେ ଏକ ମାମଲା (ନଂ. ୯/୨୦୨୬) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଏସଆଇ ଡୋଳାମଣି ବିଶି ପ୍ରକାଶ କରିଛନ୍ତି।






# ବିଜ୍ଞାନଭିତ୍ତିକ ତଥ୍ୟରେ ଶିଶୁ ସାହିତ୍ୟ ଋଦ୍ଧିମନ୍ତ ହୁଏ

ରାଉରକେଲା, ୨୫।୧
(ବିପ୍ଲବ ରଞ୍ଜନ ଦାଶ)


ସାହିତ୍ୟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ଶିଶୁ ଆଧୁନିକ ସାହିତ୍ୟଠାରୁ ମୁହଁ ଫେରାଇ ନେଉଛି। ଏଣୁ ଅଧିକ ସଂଖ୍ୟାରେ ସହଜ ଭାଷାରେ ଗପ କବିତା ଲେଖାଗଲେ ତାହା ସେମାନଙ୍କୁ ଅଧିକ ଛୁଇଁବ ବୋଲି ଶନିବାର ବେଦବ୍ୟାସସ୍ଥିତ ଗୁରୁକୁଳ ବୈଦିକ ଆଶ୍ରମ ପରିସରରେ ରବିବାର ଆୟୋଜିତ ସାହିତ୍ୟ ଟୁଙ୍ଗିରେ ମତପ୍ରକାଶ ପାଇଛି। ଏଥିରେ ଶିକ୍ଷାବିତ୍ ତଥା ବିଜ୍ଞାନ ଲେଖିକା ଡଃ ସରୋଜିନୀ ସାହୁ ଅଧ୍ୟକ୍ଷତା କରି କହିଲେ, ଶିଶୁ ସାହିତ୍ୟ ଲେଖିବାକୁ ହେଲେ ପ୍ରଥମେ ନିଜକୁ ଶିଶୁ ହେବାକୁ ପଡ଼ିବ। ସେମାନଙ୍କ ରୁଚି ଓ ଆଗ୍ରହ ବୃଦ୍ଧି ସକାଶେ ବିଜ୍ଞାନଭିତ୍ତିକ ତଥ୍ୟ ପ୍ରଦାନ କରାଗଲେ ତାହା ଅଧିକ ଋଦ୍ଧିମନ୍ତ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ। ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାତୃଭାଷାର ଉନ୍ନତି ପାଇଁ ପ୍ରଥମେ ଶିଶୁ ସାହିତ୍ୟକୁ ସମୃଦ୍ଧ କରିବାକୁ ପଡ଼ିବ ବୋଲି କହିଥିଲେ। ପୂର୍ବତନ ଶିକ୍ଷା ଜିଲା ଅଧିକାରୀ ତଥା ଲେଖିକା ମଞ୍ଜୁଳା କୁମାରୀ ରଥ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସରଳ ଭାଷା ଓ ତରଳ ଭାବକୁ ନେଇ ଲିଖିତ ଶିଶୁସାହିତ୍ୟ କାଳଜୟୀ ହୁଏ ବୋଲି ମତ ଦେଇଥିଲେ। ଏହି ଅବସରରେ ବରିଷ୍ଠ ସଂସ୍କୃତ ଶିକ୍ଷକ ଡଃ. ନିଶିକାନ୍ତ ମିଶ୍ର ଓ ଆର୍‌ଏସ୍‌ପିର କନିଷ୍ଠ ଯନ୍ତ୍ରୀ ଇଂ. ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫୁଲ୍ଲ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣ ଏବଂ ପ୍ରକୃତିବନ୍ଧୁ ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

# ଆଇଜିଏଚ୍ ପକ୍ଷରୁ ସିପିଆର୍ ତାଲିମ


ଟିପିଡବ୍ଲ୍ୟୁଓଡିଏଲ୍ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

ରାଉରକେଲା, ୨୫।୧ (ସଙ୍ଗୀତା ଜେନା)

ଟିପିଡବ୍ଲ୍ୟୁଓଡିଏଲ୍ ରାଜଗାଙ୍ଗପୁର ସେକ୍ସନରେ କର୍ମଚାରୀମାନଙ୍କ ଜରୁରୀକାଳୀନ ପରିସ୍ଥିତିରେ ପରିଚାଳନା ଦକ୍ଷତା ବୃଦ୍ଧି କରିବା ପାଇଁ କାର୍ଡିଓ ପଲମୁନାରୀ ରିକ୍ୟୁସିଏଶନ (ସିପିଆର୍) ତାଲିମ ଆୟୋଜନ କରାଯାଇଥିଲା। ଏଥିରେ ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ଇସ୍ପାତ ଜେନେରାଲ ହସ୍ପିଟାଲ ନର୍ସିଂ ସ୍କୁଲର ଉପାଧ୍ୟକ୍ଷ ନବନୀତା ଜେନା ଓ ସହକର୍ମୀ ସିଷ୍ଟର ରାହିଲ ଟପ୍ପୋ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ବିଭାଗୀୟ ମୁଖ୍ୟ ସମରେଶ ଦାସ, ସୁରକ୍ଷା ଅଧିକାରୀ ମନୋରଞ୍ଜନ ଦାସ, ଶୁଭମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ରାଉରକେଲା ଜିଲା ପଦାଧିକାରୀଙ୍କ ବୈଠକ

ରାଉରକେଲା, ୨୫।୧ (ବିପ୍ଲବ ରଞ୍ଜନ ଦାଶ)

ଭାରତୀୟ ଜନତା ପାର୍ଟି ରାଉରକେଲା ସାଙ୍ଗଠନିକ ଜିଲା ପଦାଧିକାରୀଙ୍କ ବୈଠକ ରାଜାମୁଣ୍ଡାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ପୂର୍ଣ୍ଣିମା କେରକେଟା ଅଧ୍ୟକ୍ଷତା କରିଥିଲେ। ବୈଠକରେ ଦଳର ଆଗାମୀ ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା ହୋଇ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଏହାସହ ଦଳକୁ ବୁଥ୍‌ସ୍ତରରେ ସଙ୍ଗଠିତ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନାଗୁଡ଼ିକର ଲାଭ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ଆଲୋଚନା ହୋଇଥିଲା। ମଣ୍ଡଳସ୍ତରରେ ସଙ୍ଗଠନକୁ ଆହୁରି ସୁଦୃଢ଼ ଓ ଶକ୍ତିଶାଳୀ ପାଇଁ ମଣ୍ଡଳ ପ୍ରଭାରୀ ନିଯୁକ୍ତି କରିବାକୁ ସର୍ବସମ୍ମତି କ୍ରମେ ସ୍ଥିର କରାଯାଇଥିଲା। ଏହାସହ ବିକଶିତ ଭାରତ–ଜି ରାମ ଜି କାର୍ଯ୍ୟକ୍ରମର ବର୍ତ୍ତମାନ ଯାଏ ହୋଇଥିବା କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ବୈଠକରେ ଜିଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଲ, ନିରଞ୍ଜନ ମାହାତୋ ଓ ରଞ୍ଜିତ ନାୟକ, ଜିଲା ଉପ ସଭାପତି ଅମରେନ୍ଦ୍ର ନାଥ ଶର୍ମା, ପଦ୍ମିନୀ ଦାସ, ଯମୁନା ମୁଣ୍ଡା, ସତ୍ୟପ୍ରିୟ ସାହୁ ଓ ମନୋଜ କୁମାର ସେନାପତି, ଜିଲା ସମ୍ପାଦକ ପ୍ରଣତାପ ଦାସ, ଶଙ୍କର ଲୋହାର, ଜୟନ୍ତୀ ମାହାନ୍ତ, ନିଲମ୍ ସୁନାନୀ ଓ ସନ୍ତୋଷ କୁମାର ବିରାଟ, ଜିଲା କୋଷାଧ୍ୟକ୍ଷ ସତ୍ୟପଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରୀଡ଼ାବିତ୍ ସମ୍ବର୍ଦ୍ଧନା ଉତ୍ସବ

ରାଉରକେଲା, ୨୫।୧
(ଦିନେଶ ମିଶ୍ର)


କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କ୍ରୀଡ଼ା ପ୍ରତିଭା।

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଶନିବାର ପ୍ରଗତି ସ୍ପୋର୍ଟିଂ କ୍ରିକେଟ୍ କ୍ଲବ ପକ୍ଷରୁ କ୍ରୀଡାବିତ୍ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡାକ୍ତର ସଦାନନ୍ଦ ମହାପାତ୍ର ମୁଖ୍ୟ ଅତିଥି, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷା ଡକ୍ଟର ସସ୍ମିତା ସାମଲ, ପୂର୍ବତନ ରଣଜୀ ଖେଳାଳି ଅଭିନାଶ ଖଟୁଆ, ବିପିସିଏଲ୍‌ର ମୁଖ୍ୟ ଅଧିକାରୀ ସୁଧାଂଶୁ ମହାପାତ୍ର, ରଞ୍ଜନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ କ୍ଲବରୁ ଅଣ୍ଡର–୧୬ ଓଡ଼ିଶା ଦଳରେ ସ୍ଥାନ ପାଇଥିବା ପେସ୍ ବୋଲର ଗୁଞ୍ଜନ ସାହୁ ଓ ଅଣ୍ଡର–୧୯ ଦଳରେ ଅଫ୍ ସ୍ପିନର ଭାବେ ସ୍ଥାନ ପାଇଥିବା ପିୟୂଷ ପାଣିଗ୍ରାହୀଙ୍କୁ କ୍ଲବ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସେହିଭଳି ବାଳିକା ବର୍ଗରେ ଅଣ୍ଡର–୧୫ କ୍ରିକେଟ ଦଳରେ ପ୍ରଗତି ରାୟ, ଆଦ୍ୟାଶା କିଷାନ, ଅଶ୍ୱିନୀ ଅନ୍ୟନ୍ୟା ଜୋଜୋ, ଇସିକା ସାହୁ ସ୍ଥାନ ପାଇଥିବାବେଳେ ଅଣ୍ଡର–୧୯ ମହିଳା କ୍ରିକେଟ ଦଳରେ ପୂଜାସ୍ମିତି ଜେନା ଓଡିଶା କ୍ୟାମ୍ପକୁ ମନୋନିତ ହୋଇଥିବାରୁ ସେମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର କୋଚ୍ ପ୍ରଶାନ୍ତ କାୟସ୍ଥଙ୍କ ସମେତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ ୧୬ତମ ଜାତୀୟ ମତଦାତା ଦିବସ

ସୁନ୍ଦରଗଡ଼, ୨୫।୧ (ଜୟ ନାରାୟଣ ମେଣ୍ଡୁଲି)

ସବ୍‌ଡେଗା ବ୍ଲକସ୍ତରୀୟ ୧୬ତମ ଜାତୀୟ ମତଦାତା ଦିବସ ରବିବାର ହମିର୍‌ପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ବୁଥ୍‌ସ୍ତରୀୟ ଅଧିକାରୀ ମମତା ପଟେଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସବ୍‌ଡେଗା ଜିପିଡିଓ ଅରବିନ୍ଦ ପାଣ୍ଡେ, ବୁଥ୍ ସ୍ତରୀୟ ଅଧିକାରୀ ସୁପରଭାଇଜର ଅର୍ଜୁନ ରୋହିଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ଭୋଟରଙ୍କୁ ଉତ୍ସାହିତ କରିଥିଲେ। ନୂତନ ଭୋଟର, ପୁରୁଣା ଭୋଟର ତଥା ବିଦ୍ୟାଳୟ ସ୍ତରୀୟ ସାକ୍ଷରତା କ୍ଲବ୍‌ର ଛାତ୍ରୀଛାତ୍ରଙ୍କୁ ନେଇ ଗ୍ରାମ ପରିକ୍ରମା କରିବା ସହ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଭୋଟରଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଭୋଟରଙ୍କୁ ନେଇ ଏକ ଶପଥପାଠ କରାଯାଇଥିଲା। ଗଣତନ୍ତ୍ରରେ ନିଜର ଆସ୍ଥା ରଖି ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବା, ମୁକ୍ତ, ଅବାଧ, ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁଣ୍ଣ ରଖିବା, ନିର୍ଭୀକ ହୋଇ ଜାତି, ଧର୍ମ, ଗୋଷ୍ଠୀ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ପ୍ରତ୍ୟେକ ନିର୍ବାଚନରେ ନିଜ ମତାଧିକାର ପ୍ରୟୋଗ କରିବା ପାଇଁ ଶପଥ କରାଯାଇଥିଲା।

# ସଂକଳ୍ପର କବି ସମ୍ମିଳନୀ

ରାଉରକେଲା, ୨୫।୧
(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲାର ସାହିତ୍ୟ ଅନୁଷ୍ଠାନ 'ସଂକଳ୍ପ' ପକ୍ଷରୁ ରବିବାର ସନ୍ଧ୍ୟାରେ ଏକ କବି ସମ୍ମିଳନୀ ଆୟୋଜିତ ହୋଇଯାଇଛି। ପଶ୍ଚିମାଞ୍ଚଳ ଡିଆଇଜି ବ୍ରଜେଶ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରାଉରକେଲା ଇସ୍ପାତ କାରଖାନାର ଡିଆଇସି ଆଲୋକ ବର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ହିନ୍ଦୀ ସାହିତ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା କବିମାନେ ନିଜ ରଚନା ମାଧ୍ୟମରେ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସେମାନଙ୍କ ମଧ୍ୟରେ ଶଶିକାନ୍ତ ଯାଦବ (ଦେୱାସ, ମଧ୍ୟପ୍ରଦେଶ), ଅମିତ ଶୁକ୍ଳା (ରିୱା, ମଧ୍ୟପ୍ରଦେଶ), ସୁଶ୍ରୀ ଶ୍ରଦ୍ଧା ଶୌର୍ଯ୍ୟ (ନାଗପୁର), ମୁନ୍ନା ବ୍ୟାଟେରୀ (ମନ୍ଦସୌର, ମଧ୍ୟପ୍ରଦେଶ), ପାର୍ଥ ନବୀନ (ପ୍ରତାପଗଡ଼, ରାଜସ୍ଥାନ) ଏବଂ ଯୋଗିତା ଚୌହାନ (ଆଗ୍ରା) ପ୍ରମୁଖ ସାମିଲ ଥିଲେ। କବି ଶଶିକାନ୍ତ ଯାଦବ ନିଜର ଶୈଳୀ ଏବଂ ଶାଣିତ ଉପସ୍ଥାପନା ଦ୍ୱାରା ସମଗ୍ର କାର୍ଯ୍ୟକ୍ରମକୁ ଏକ ସୂତ୍ରରେ ବାନ୍ଧି ରଖିଥିଲେ। ସଂକଳ୍ପର ସଂରକ୍ଷକ ଗୋପାଳ ଜୀ ବଗଡ଼ିଆ, ଅଧ୍ୟକ୍ଷ କେ.କେ. ପ୍ରଜାପତି, ଉପାଧ୍ୟକ୍ଷ ଶ୍ରବଣ ପାରିକ, ସମ୍ପାଦିକା ଉଷା ଅଗ୍ରୱାଲ, ସଦସ୍ୟ କିଷାନ ଅଗ୍ରୱାଲ, ଦୌଲତ ଅଗ୍ରୱାଲ ଏବଂ ପ୍ରବୀଣ ଗର୍ଗ ସହଯୋଗ କରିଥିଲେ।

# ୧୨ ଭେଣ୍ଡରଙ୍କୁ ଧରିଲା ସ୍ୱତନ୍ତ୍ର ସ୍କ୍ୱାଡ୍

ରାଉରକେଲା, ୨୫।୧ (ସଙ୍ଗୀତା ଜେନା)

ଦକ୍ଷିଣପୂର୍ବ ରେଳୱେ ଚକ୍ରଧରପୁର ରେଳମଣ୍ଡଳରୁ ରବିବାର ଆସିଥିବା ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ରାଉରକେଲା ସମେତ ଅନ୍ୟ ଷ୍ଟେଶନରେ ଯାତ୍ରୀବାହୀ ଟ୍ରେନ୍‌ରୁ ବେଆଇନ ଖାଦ୍ୟପାନୀୟ ବିକ୍ରି କରୁଥିବା ୧୨ଭେଣ୍ଡରଙ୍କୁ ଧରିବାରେ ସଫଳ ହୋଇଛି। ସେମାନଙ୍କଠାରୁ ଜବତ ଖାଦ୍ୟଗୁଡ଼ିକ ନଷ୍ଟ କରିଦିଆଯାଇଥିବା ଜରିମାନା ଆଦାୟ କରାଯାଇଥିଲା। ଆଗାମୀ ଦିନରେ ଏହି ଅଭିଯାନ ଜାରି ରହିବ ବୋଲି ଆର୍‌ପିଏଫ୍ ପକ୍ଷରୁ କୁହାଯାଇଛି।

# ବାଇକ୍ ଦୁର୍ଘଟଣା, ୧ ମୃତ, ୧ ଗୁରୁତର

ଲାଞ୍ଜିଗଡ଼, ୨୫।୧
(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ରଘୁନାଥପୁର ନିକଟରେ ଭାରସାମ୍ୟ ହରାଇ ଏକ ବାଇକ ଏମ୍‌ଜିଏନ୍‌ଆର୍‌ଇଜିଏ କାର୍ଯ୍ୟ ଫଳକରେ ପିଟି ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି। ମୃତକ ଜଣକ ମୋହନଗୁଡା ଗ୍ରାମର ଧନିଆ ମାଝୀ (୩୨) ଏବଂ ଗୁରୁତର ଆହତ ଜଣକ ହରେକୃଷ୍ଣପୁର ଗ୍ରାମର ସାମନ୍ତ ମାଝୀ (୨୫)। ସୂଚନାନୁସାରେ ଧନିଆ ଏବଂ ସାମନ୍ତ ଦୁଇଜଣ ମିଶି ମୋହନଗୁଡାଠାରୁ ହରେକୃଷ୍ଣପୁର ବାଇକ୍ ଯୋଗେ ରବିବାର ସକାଳ ୮ଟା ୩୦ରେ କୌଣସି କାମରେ ଯାଉଥିଲେ। ରଘୁନାଥପୁର ନିକଟରେ ଥିବା ବୁଲାଣି ରାସ୍ତାରେ ବାଇକ୍ ଭାରସାମ୍ୟ ହରାଇ ଏମ୍‌ଜିଏନ୍‌ଆର୍‌ଇଜିଏ କାର୍ଯ୍ୟ ଫଳକରେ ପିଟି ହେବାରୁ ଉଭୟ ଗୁରୁତର ଆହତ ଅବସ୍ଥାରେ ଛିଟିକି ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ୨ଜଣଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଡକାଇ ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ଡାକ୍ତର ଧନିଆ ମାଝୀଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ସାମନ୍ତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଲାଞ୍ଜିଗଡ ବ୍ଲକ ଚିକିତ୍ସାଧିକାରୀ ଭବାନୀଶଙ୍କର ଲେଙ୍କା ସୂଚନା ପ୍ରଦାନ କରିଛନ୍ତି।







# ହାଫ୍ ମାରାଥନ୍ ଲୋଗୋ, ଟି-ଶାର୍ଟ ଉନ୍ମୋଚିତ

**ସମ୍ବଲପୁର,୨୫।୧(ପ୍ରମୋଦ ବହିଦାର)**

ସମ୍ବଲପୁରଠାରେ ମହାନଦୀ କୋଇଲା କମ୍ପାନୀ ଲିମିଟେଡ୍(ଏମ୍‌ସିଏଲ୍) ଓ ସମ୍ବଲପୁର ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆସନ୍ତା ଫେବୃଆରୀ ୧୫ରେ ଅନ୍ତର୍ଜାତୀୟ ହାଫ୍ ମାରାଥନ ଅନୁଷ୍ଠିତ ହେବ। ଯାହା ବିଶ୍ୱ ପ୍ରସିଦ୍ଧ ହୀରାକୁଦ ବନ୍ଧର ଅନ୍ୟ ଏକ ନୂତନ ପରିଚୟ ସୃଷ୍ଟି କରିବ। ହୀରାକୁଦ ଅନ୍ତର୍ଜାତୀୟ ମାରାଥନ ପ୍ରସଙ୍ଗରେ ବୁର୍ଲା ଜାଗୃତୀ ବିହାର ସ୍ଥିତ ଏମ୍‌ସିଏଲ୍ ସମ୍ମିଳନୀ କକ୍ଷରେ ରବିବାର ଅପରାହ୍ନରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ମାରାଥନର ଲୋଗୋ ଓ ଟି-ଶାର୍ଟ(ଜର୍ସି) ଉନ୍ମୋଚନ କରିବା ସହିତ ହୀରାକୁଦ ହାଫ୍ ମାରାଥନ ପାଇଁ ବିଧିବଦ୍ଧଭାବେ ପଞ୍ଜୀକରଣର ଶୁଭାରମ୍ଭ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, କେନ୍ଦ୍ର ସରକାରଙ୍କ ଫିଟ୍ ଇଣ୍ଡିଆ, ଖେଲୋ ଇଣ୍ଡିଆ ଅଭିଯାନର ଅଂଶ ସ୍ୱରୂପ ରାଜ୍ୟ ସରକାରଙ୍କ ସହଯୋଗରେ ଏମ୍‌ସିଏଲ୍ ପକ୍ଷରୁ ହାଫ୍ ମାରାଥନ ଆୟୋଜିତ ହେବ। ଯଦ୍ୱାରା ରାଜ୍ୟ ସରକାରଙ୍କ ଦ୍ୱାରା ହୀରାକୁଦରେ ପର୍ଯ୍ୟଟନର ବିକାଶ ପାଇଁ ଘୋଷିତ ଯୋଜନା ତ୍ୱରାନ୍ୱିତ ହୋଇ ପାରିବ ବୋଲି ସେ କହିଛନ୍ତି।



ଏମ୍‌ସିଏଲ୍‌ରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଅତିଥିମାନେ ହୀରାକୁଦ ଅନ୍ତର୍ଜାତୀୟ ହାଫ୍ ମାରାଥନର ଲୋଗୋ ଓ ଟି-ଶାର୍ଟକୁ ଉନ୍ମୋଚନ କରୁଛନ୍ତି ।

ଏହି ଅବସରରେ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କ୍ରୀଡ଼ାର ବିକାଶ ବିନା କୌଣସି ଦେଶ ସମୃଦ୍ଧ ହୋଇ ପାରେ ନାହିଁ ବୋଲି କହିଥିଲେ। ତେଣୁ ରାଷ୍ଟ୍ର ହିତରେ କ୍ରୀଡ଼ାକୁ ଗୁରୁତ୍ୱ ଦେଇ ସମ୍ବଲପୁରରେ ଅନ୍ତର୍ଜାତୀୟ ହୀରାକୁଦ ହାଫ୍ ମାରାଥନ୍ ଆୟୋଜନ ଦାୟିତ୍ୱ ନେଇଥିବାରୁ ସେ ଏମ୍‌ସିଏଲ୍‌କୁ କୃତଜ୍ଞତା ଜ୍ଞାପନ କରିଥିଲେ। ପୂର୍ବରୁ ଭୁବନେଶ୍ୱରରେ ହାଫ୍ ମାରାଥନ ଆୟୋଜିତ ହୋଇଥିଲା। ମାତ୍ର ସମ୍ବଲପୁରରେ ହୀରାକୁଦ ଅନ୍ତର୍ଜାତୀୟ ହାଫ୍ ମାରାଥନ ତା'ଠାରୁ ଭିନ୍ନ।

**ଫେବୃଆରୀ ୧୫ରେ ହୀରାକୁଦ ହାଫ୍ ମାରାଥନ**

ଏଥିରେ କେନିଆ, ଶ୍ରୀଲଙ୍କା ଭଳି ଅନ୍ତର୍ଜାତୀୟସ୍ତରର ଦୌଡ଼ାଳିଙ୍କ ସହିତ ବହୁ ସଂଖ୍ୟାରେ ରାଜ୍ୟ ଓ ଜାତୀୟସ୍ତରୀୟ ଦୌଡ଼ାଳି ଭାଗ ନେବାର ଆଶା କରାଯାଏ ବୋଲି ସେ କହିଛନ୍ତି।

ପ୍ରାରମ୍ଭରେ ଏମ୍‌ସିଏଲ୍ ଲୋକ ସମ୍ପର୍କ ବିଭାଗ ମୁଖ୍ୟ ପ୍ରବନ୍ଧକ ବିଶ୍ୱବାସୁ ବେହୁରିଆ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହାସହ ସମସ୍ତ ଅତିଥିଙ୍କୁ ଏମ୍‌ସିଏଲ୍ ଅଧିକାରୀମାନେ ଉପଢୌକନ ଓ ପୁସ୍ତକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ପୂର୍ବତନ ବିଧାୟକ ନାଉରୀ ନାଏକ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ କୁମାର ଭାମୁ, ଏସ୍‌ଏମ୍‌ସି ଆୟୁକ୍ତ ରେହାନ ଖତ୍ରୀଙ୍କ ସହ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ପଦଯାତ୍ରାରେ ଭୋଟର ସଚେତନତା ବାର୍ତ୍ତା

**ଝାରସୁଗୁଡ଼ା,୨୫।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଜାତୀୟ ଭୋଟର ଦିବସ ରବିବାର ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ଗାନ୍ଧୀ ଛକରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ମହାବିଦ୍ୟାଳୟର ପ୍ରାୟ ୪୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଜନସାଧାରଣଙ୍କୁ ମତଦାନର ଗୁରୁତ୍ୱ ବିଷୟରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମକୁ ଅଧିକ ଜନକଲ୍ୟାଣମୁଖୀ କରିବା ପାଇଁ ପାରମ୍ପରିକ ପାଲା ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରାଯିବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଙ୍ଗୋଲି ପ୍ରତିଯୋଗିତା ଏବଂ ସମୂହ ଶପଥ ପାଠ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଏହି ସମାରୋହରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ଲୋପାମୁଦ୍ରା କାଲୋ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବର ଅନ୍ତିମ ପର୍ଯ୍ୟାୟରେ ବିଭିନ୍ନ କଲେଜସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଶ୍ରେଷ୍ଠ ବିଏଲ୍‌ଓ, ବିଏଲ୍‌ଓ ସୁପରଭାଇଜର ଏବଂ ଏଇଆର୍‌ଓମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ନୂତନ ଭୋଟରଙ୍କୁ ଭୋଟ ପରିଚୟପତ୍ର ପ୍ରଦାନ କରାଯାଇଥିଲା।



ପଦଯାତ୍ରାରେ ସାମିଲ ହୋଇଥିବା ଜିଲାପାଳ ଓ ଅନ୍ୟ ଅଧିକାରୀ।

# ପୁରୁଣା ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ଯୋଗାଇଦିଅ

**ଦେବଗଡ଼,୨୫।୧(ଶଶାଙ୍କ ଶେଖର ଝାଙ୍କର)**

**ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

ଦେବଗଡ଼ ପୁରୁଣା ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ରବିବାର ସନ୍ଧ୍ୟାରେ ସ୍ଥାନୀୟ ସେଣ୍ଟର ଫର୍ କଲ୍‌ଚରରେ ଜିଲା ନାଗରିକ କମିଟି ସଭାପତି ସୁଶୀଲ କପରଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଦେବଗଡ଼ରେ ଥିବା ଡାକ୍ତରଖାନାକୁ ୨୦୨୫ ଜୁଲାଇ ୧୧ରେ ସହରଠାରୁ ୬ କିମି ଦୂର ନୂଆବାଲିରୋଇସ୍ଥିତ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାକୁ ସ୍ଥାନାନ୍ତର କରାଯାଇଥିଲା। ଗମନାଗମନ ସୁବିଧା ନ ଥିବାରୁ ବିଶେଷକରି ସହରବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିଯୋଗୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ଦେବଗଡ଼ ଦୁଇଥର ବନ୍ଦ କରାଯାଇଥିଲା। ଏନେଇ ନାଗରିକ କମିଟି ପକ୍ଷରୁ ନରୋତ୍ତମ ସାହୁ, ସୁନୀଲ ପଣ୍ଡା, ଡ. ରାମଚନ୍ଦ୍ର ମହାପାତ୍ର, କମିଟି ସମ୍ପାଦକ ଲକ୍ଷ୍ମଣ ପ୍ରଧାନ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଡବ୍ଲ୍ୟୁପି(ସି) (ପିଆଇଏଲ୍)୩୨୧୯୩/୨୦୨୫ର ଜବାବରେ ସରକାର ସତ୍ୟପାଠ ଦେଇ ପୁରୁଣା ମେଡିକାଲରେ ସ୍ତ୍ରୀ ଓ ପ୍ରସୂତି, ମେଡିସିନ, ଶିଶୁରୋଗ ଓ ସର୍ଜରି ବିଶେଷଜ୍ଞ ଡାକ୍ତରୀ ସେବା ଯୋଗାଇ ଦେବା ସହ ସାଟେଲାଇଟ୍ ସେଣ୍ଟର ଖୋଲିବା ପାଇଁ ଅଦାଲତ ରାଜ୍ୟ ସ୍ୱାସ୍ଥ୍ୟବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ୧୦ଟି ଶଯ୍ୟା, ଓପିଡି ସେବା, ଲାବରେଟୋରି ସେବା, ଟେଲିସେବା, ଫିଜିଓଥେରାପି, ଯୋଗ ସେଣ୍ଟର ସହିତ ୧୪ ପ୍ରକାର ସେବା ନିର୍ଦ୍ଦିଷ୍ଟ ସମୟରେ ଦେବଗଡ଼ବାସୀଙ୍କୁ ଯୋଗାଇ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କମିଟି ପକ୍ଷରୁ ଆଇନଜୀବୀ ସ୍ୱପ୍ନିଲ ରାୟ ମାମଲା ପରିଚାଳନା କରିଥିଲେ। ଏହି ସମ୍ମିଳନୀରେ ସମ୍ପାଦକ ଲକ୍ଷ୍ମଣ ପ୍ରଧାନ, ସୁଧୀର କପରଦାର, ନରୋତ୍ତମ ସାହୁଙ୍କ ସମେତ କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ

**ଦେବଗଡ଼,୨୫।୧(ଶଶାଙ୍କ ଶେଖର ଝାଙ୍କର)**

ଜାତୀୟ ମତଦାତା ଦିବସ ଅବସରରେ ଜିଲା ନିର୍ବାଚନ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଡେପୁଟି କଲେକ୍ଟର (ଇଲେକ୍ସନ) ଏଜ୍‌ଲିନ ବାରାଙ୍କ ତତ୍ତ୍ୱାବଧାନରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ସଚେତନତା ରଥ ଓ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରାକୁ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରି ଜିଲାପରିଷଦ ସମ୍ମିଳନୀ କକ୍ଷଠାରେ ପହଞ୍ଚିଥିଲା। ସେଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଭାବେ ଏସ୍‌ପି ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରକ୍ଷିତ ସାହୁ ଯୋଗଦେଇ ଉକ୍ତ ଦିବସ ପାଳନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହିଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ନୂଆ ଭୋଟରମାନଙ୍କୁ ନୂତନ ଭୋଟ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଏହି ବୈଠକରେ ତହସିଲଦାର କର୍ଣ୍ଣ ମଲିକ, ସହକାରୀ ଜିଲାପାଳ ସୁଶ୍ରୀ ରଶ୍ମିରେଖା ମହନ୍ତ, ଡେପୁଟି କଲେକ୍ଟର ଆଶିଷ ଶତପଥୀ, ପ୍ରିୟା ତିର୍କୀ, ମୁକେଶ କୁମାର ଭୋଇଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ସମଲେଇ ପ୍ରକଳ୍ପ: ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଅଗ୍ରଗତି ସମୀକ୍ଷା

**ସମ୍ବଲପୁର,୨୫।୧(ଭବାନୀ ଶଙ୍କର ଭୋଇ)**

ମା' ସମଲେଶ୍ୱରୀ ମନ୍ଦିର ପରିସରରେ ସମଲେଇ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟର ଅଗ୍ରଗତି ନେଇ ଜିଲା ପ୍ରଶାସନିକ ଅଧିକାରୀଙ୍କ ସହ ରବିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଲୋଚନା କରିଥିଲେ। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମ କମିଶନର ରେହାନ ଖେତ୍ରୀ ଉପସ୍ଥିତ ରହି ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଦ୍ୱିତିୟ ପର୍ଯ୍ୟାୟ ସମଲେଇ ପ୍ରକଳ୍ପରେ ଉଦ୍ୟାନ ସାଂସ୍କୃତିକ କେନ୍ଦ୍ର ଆଦିର ବିକାଶ କରାଯାଉଛି। ମା'ଙ୍କ ଆଶୀର୍ବାଦରୁ ଏହି ପ୍ରକଳ୍ପ ସମ୍ବଲପୁରର ବିକାଶ ଧାରାକୁ ଆହୁରି ଗତିଶୀଳ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏହି ଅବସରରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉପସ୍ଥିତ ଥିଲେ। ଏହାସହ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସକାଳେ ବିଶିଷ୍ଟ ଉଦ୍ଭିଦ ବିଜ୍ଞାନୀ ତଥା ଶିକ୍ଷାବିତ୍ ପଦ୍ମଶ୍ରୀ ଡକ୍ଟର ପର୍ଶୁରାମ ମିଶ୍ରଙ୍କ ଜୟନ୍ତୀ ଅବସରରେ ଭୁତାପଡାସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ସେ ପୂର୍ବତନ ବିଧାୟିକା ଡ. ରାସେଶ୍ୱରୀ ପାଣିଗ୍ରାହୀ ଏବଂ ବିଶିଷ୍ଟ ଡାକ୍ତ ନାରାୟଣୀ ପଣ୍ଡାଙ୍କ ବାସ ଭବନ ଯାଇ ସ୍ୱାସ୍ଥ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ନାଉରୀ ନାୟକ, ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର, ଡ.ଦୁର୍ଗା ମାଧବ ମିଶ୍ର, ଗିରିଶ ପଟେଲ, ସବିତା ନନ୍ଦା, ବରଦା ମାଧବ ଗୁରୁ, ପ୍ରମୋଦ ରଥ, ମାନସ ରଞ୍ଜନ ବକ୍ସି ଉପସ୍ଥିତ ଥିଲେ।

# ସ୍ନାତକ କଲେଜରେ ଜାତୀୟ ମତଦାତା ଦିବସ

**ନାକଟିଦେଉଳ,୨୫।୧(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ରବିବାର ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ନାକଟିଦେଉଳ ମହାବିଦ୍ୟାଳୟରେ ଅନୁଷ୍ଠିତ ଭୋଟଦାତା ସଚେତନତା ସଭାରେ ଅଧ୍ୟକ୍ଷତା କରି ଅଧ୍ୟକ୍ଷ ସୁଧୀର କୁମାର ସାହୁ ଜାତୀୟ ମତଦାତା ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ବୁଝାଇଥିଲେ। ସମ୍ମାନୀତ ବକ୍ତାଭାବେ ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନ, ଯୁବ ରେଡ଼କ୍ରସ ପରାମର୍ଶଦାତା ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ, ଏନ୍‌ଏସ୍‌ଏସ୍ ପୋଗ୍ରାମ ଅଫିସର ଡ଼ ପୁଷ୍ପାଞ୍ଜଳି ରବନା ଯୋଗଦେଇ ଭାରତୀୟ ଗଣତାନ୍ତ୍ରିକ ରାଜନୈତିକ ସଂସ୍କୃତିରେ ଭୋଟଦାନର ମହତ୍ତ୍ୱ, ମତଦାତାର କର୍ତ୍ତବ୍ୟ ଓ ନିର୍ବାଚନ ଆୟୋଗଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନେ ଗଣତନ୍ତ୍ର ଉପରେ ବିଶ୍ୱାସ ରଖି ମୁକ୍ତ ଅବାଧ ଶାନ୍ତିପୂର୍ଣ୍ଣ ନିର୍ବାଚନରେ ଭାଗ ନେଇ କାହାରି ଦ୍ୱାରା ପ୍ରଭାବିତ ନହୋଇ ଭୋଟ ଦେବାପାଇଁ ଶପଥ ନେଇଥିଲେ।

# ୨୪ ପ୍ରହର ନାମଯଜ୍ଞ

**ଲଖନପୁର,୨୫।୧(ଗୌତମ ସାହୁ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ପଞ୍ଚଗାଁରେ ଚାଲିଥିବା ୨୪ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ଅଧିବାସ, ଗୁରୁବାର ନାମାରମ୍ଭ ହୋଇଥିବାବେଳେ ରବିବାର ପୂର୍ଣ୍ଣାହୁତି ସହିତ ନଗର କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ନଗର କୀର୍ତ୍ତନରେ କତରବଗା, ରେଙ୍ଗୁଲି, ଝାରୁପଡ଼ା, ଲିପସପାଲି ଗ୍ରାମର ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଭମର ଦାସ ପୂଜକ ଥିବାବେଳେ ପ୍ରଶାନ୍ତ ବିଶି ସପତ୍ନୀକ କର୍ତ୍ତା, ସୁଶୀଲ ପଧାନ, ଲାଲ ପଧାନ, ଦେବାନନ୍ଦ ପଧାନ, ମନୋଜ ଭୋଇ, ପୁସ୍ତମ ଭୁଏ, ହରିଶଙ୍କର ବେହେରା ପ୍ରମୁଖ ଷଡ଼ବୈଷ୍ଣବ ଦାୟିତ୍ୱ ନିର୍ବାହ କରିଥିଲେ।






## ଯୁବଗୋଷ୍ଠୀଙ୍କ ମତରେ...

### ଅଧିକାର, କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଏ



ସାଧାରଣତନ୍ତ୍ର ଦିବସ ଗଭୀର ଚିନ୍ତନର ଗୋଟିଏ ମୁହୂର୍ତ୍ତ। ନ୍ୟାୟ, ସ୍ୱାଧୀନତା, ଭାଇଚାରା, ସାମ୍ବିଧାନିକ ମୂଲ୍ୟବୋଧ ସହ ଅନେକ ସ୍ୱପ୍ନ ଓ ବଳିଦାନକୁ ନେଇ ଏହି ଦିନଟି ଗଢ଼ା। ଜୀବନର ଏହି ପର୍ଯ୍ୟାୟରେ ଯେଉଁଠି ମୁଁ ମୋ' ଚିନ୍ତାଧାରା, ପରିଚୟ ଓ ଦାୟିତ୍ୱକୁ ଗଢ଼ୁଛି, ସେଭଳି କ୍ଷେତ୍ରରେ ଏହି ଦିନ ମୋତେ ଉତ୍ସବ ପାଳନ ସହ ଆଗକୁ ଚିନ୍ତା କରିବାକୁ ପ୍ରେରଣା ଦେଉଛି। ଏହି ଦିନ ଆମର ଅଧିକାର ଓ ସମାଜ ପାଇଁ କର୍ତ୍ତବ୍ୟ କରିବା ସମ୍ପର୍କରେ ପ୍ରତିବଦ୍ଧ କରାଇଥାଏ। ଏହି ଦିବସର ଅର୍ଥ ହେଉଛି ଯେ, ସମ୍ବିଧାନକୁ ଅନ୍ତରାତ୍ମାରେ ଧାରଣ କରି ତା'ର ଆଦର୍ଶକୁ କାର୍ଯ୍ୟରେ ପରିଣତ କରିବା, ଯାହାଦ୍ୱାରା ଗଣତନ୍ତ୍ର ଅକ୍ଷୁଣ୍ଣ ରହିପାରିବ।

- ଶ୍ରେୟା ଦାସ, ଯୁକ୍ତ୩ ଛାତ୍ରୀ,
ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ, କଟକ

### ସଚେତନ ଓ ସାହସୀ ଭୂମିକା ଆବଶ୍ୟକ



ଭାରତୀୟ ଗଣତନ୍ତ୍ରର ଏହି ଐତିହାସିକ ଦିନରେ ଆମେ ତ୍ରିରଙ୍ଗା ଉଡ଼ାଇବା ସହ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ସମାନତା, ସ୍ୱାଧୀନତା ଓ ନ୍ୟାୟର ମୂଲ୍ୟବୋଧକୁ ସ୍ମରଣ କରୁ। ସମ୍ବିଧାନ କେବଳ ଏକ ଆଇନଗତ ଦସ୍ତାବିଜ ନୁହେଁ, ବରଂ ଲୋକଙ୍କ ସ୍ୱପ୍ନ, ସଂଘର୍ଷ ଓ ସମାନତା ଆକାଂକ୍ଷାର ଜୀବନ୍ତ ପ୍ରତିବିମ୍ବ। ଜଣେ ଯୁବକ ଭାବେ ସାଧାରଣତନ୍ତ୍ର ଦିବସ ଆମ ପାଇଁ ଅଧିକ ଅର୍ଥବହ ବୋଲି ମୁଁ ମନେକରେ, କାରଣ ସମ୍ବିଧାନର ଅନୁଚ୍ଛେଦ-୧୯ ଆମକୁ ମତ ପ୍ରକାଶ କରିବାର ସ୍ୱାଧୀନତା ଦେଇଛି। ଆଜିର ସମୟରେ ଯେତେବେଳେ ଭୁଲ ସୂଚନା, ଘୃଣାମୂଳକ ବକ୍ତବ୍ୟ ଓ ଚାପ ମାଧ୍ୟମରେ ଗଣତନ୍ତ୍ରକୁ ଦୁର୍ବଳ କରିବାର ଚେଷ୍ଟା ହେଉଛି, ସେତେବେଳେ ସଚେତନ ଓ ସାହସୀ ଯୁବଗୋଷ୍ଠୀର ଭୂମିକା ଅତ୍ୟନ୍ତ ଆବଶ୍ୟକ।

- ସୂରଜ କୁମାର ବେହେରା, ଛାତ୍ର,
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

### ସ୍ୱାଭିମାନ ଓ ସୁରକ୍ଷାର ପ୍ରତୀକ ଆମ ସମ୍ବିଧାନ



ଆମ ସମ୍ବିଧାନ ସ୍ୱାଭିମାନ ଓ ସୁରକ୍ଷାର ପ୍ରତୀକ। ମୋ ପାଇଁ କୌଣସି ଧର୍ମଗ୍ରନ୍ଥଠୁ ଊର୍ଦ୍ଧ୍ୱରେ। ଏହା ଜ୍ଞାନ, ଦୂରଦର୍ଶିତା ଓ ମାନବ ମର୍ଯ୍ୟାଦା ପ୍ରତି ଗଭୀର ସମ୍ମାନ ସହ ଗଢ଼ାଯାଇଥିବା ଆମ ଜାତିର ନୀତିଗତ ଆତ୍ମା। ଆମ ସମ୍ବିଧାନ ଲୋକତାନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷା ଦେବା ସହ ଶାସନ ବ୍ୟବସ୍ଥାକୁ ସ୍ଥାପିତ କରେ ଏବଂ ଜାତି, ଧର୍ମ, ଲିଙ୍ଗ କିମ୍ବା ଆସ୍ଥାର ଭେଦଭାବ ବିନା ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ଦିଏ। ଏହା ଅଧିକାର ଓ କର୍ତ୍ତବ୍ୟ, ପରମ୍ପରା ଓ ପ୍ରଗତି, ଏକତା ଓ ବିବିଧତା ମଧ୍ୟରେ ସନ୍ତୁଳନ ରଖେ। ପ୍ରତ୍ୟେକଙ୍କୁ ସମାନ ଅଧିକାର ଓ ତ୍ୱରିତ ନ୍ୟାୟ ଦେଲେ, ଆମେ ସମ୍ବିଧାନକୁ ପ୍ରକୃତ ସମ୍ମାନ ଦେଇପାରିବା।

- ସୌମ୍ୟରଞ୍ଜନ ମହାନ୍ତି, ଛାତ୍ର,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର






# ଜାନୁଆରୀ ଛବିଶ: ସଂକଳ୍ପ ଓ ଆହ୍ୱାନ

**ଡ. ବଳଭଦ୍ର ଘଡ଼ାଇ**





ଐତିହାସିକ ଦୃଷ୍ଟିକୋଣରୁ ଜାନୁଆରୀ ୨୬ ସମସ୍ତ ଭାରତୀୟଙ୍କ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଦିବସ। ୧୯୫୦ ମସିହାର ଏହି ଐତିହାସିକ ଦିବସରେ ସ୍ୱାଧୀନ ଭାରତର ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା ଏବଂ ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରୂପେ ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ଘୋଷଣା କରିଥିଲା। କିନ୍ତୁ ଏହାର ଦୁଇ ଦଶନ୍ଧି ପୂର୍ବରୁ ଜାନୁଆରୀ ୨୬ ଏକ ଜାତୀୟ ଦିବସର ମାନ୍ୟତା ଲାଭ କରିଥିଲା। କାରଣ ୧୯୨୯ ଡିସେମ୍ବର ୩୧ ତାରିଖରେ ଇତିହାସ ପ୍ରସିଦ୍ଧ ଲାହୋରଠାରେ ଅନୁଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନରେ ଗୃହୀତ ପ୍ରସ୍ତାବ ଅନୁସାରେ ୧୯୩୦ ଜାନୁଆରୀ ୨୬ ତାରିଖକୁ ସାରା ଦେଶରେ 'ପୂର୍ଣ୍ଣ ସ୍ୱରାଜ' ବା 'ପୂର୍ଣ୍ଣ ସ୍ୱାଧୀନତା ଦିବସ' ଦିବସ ରୂପେ ପାଳନ କରାଯାଇଥିଲା। ସେଦିନ ସମଗ୍ର ଭାରତବାସୀ ନିମ୍ନଲିଖିତ ଶପଥ ଗ୍ରହଣ କରିଥିଲେ– "ଆମେ ବିଶ୍ୱାସକରୁ ଯେ, ଅନ୍ୟ ଜାତି ଭଳି ଭାରତୀୟମାନଙ୍କର ସ୍ୱାଧୀନ ହେବାର, ପରିଶ୍ରମର ଫଳ ଉପଭୋଗ କରିବାର ଏବଂ ଜୀବନର ଆବଶ୍ୟକତା ଲାଭ କରିବାର ଅଖଣ୍ଡ ଅଧିକାର ରହିଛି, ଯଦ୍ଦ୍ୱାରା ସେମାନେ ବିକାଶ ପାଇଁ ସମ୍ପୂର୍ଣ୍ଣ ସୁବିଧା ସୁଯୋଗ ପାଇପାରିବେ। ଯଦି କୌଣସି ସରକାର ଲୋକମାନଙ୍କୁ ଏହି ଅଧିକାରଗୁଡ଼ିକରୁ ବଞ୍ଚିତ କରେ, ସେହିଭଳି ସରକାରକୁ ବଦଳାଇବାର କିମ୍ବା ଉଚ୍ଛେଦ କରିବାର ଅଧିକାର ଲୋକଙ୍କର ଅଛି ବୋଲି ଆମେ ବିଶ୍ୱାସ କରୁ। ଭାରତରେ ଇଂରେଜ ସରକାର ଭାରତୀୟମାନଙ୍କୁ ସ୍ୱାଧୀନତାରୁ ବଞ୍ଚିତ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଶୋଷଣ କରିଛନ୍ତି ଏବଂ ଅର୍ଥନୈତିକ, ରାଜନୈତିକ, ସାଂସ୍କୃତିକ ଓ ଆତ୍ମିକ ଦୃଷ୍ଟିରୁ ଭାରତକୁ ଧ୍ୱଂସ କରିଛନ୍ତି। ତେଣୁ ଆମେ ବିଶ୍ୱାସ କରୁ ଯେ, ଭାରତ ଇଂରେଜମାନଙ୍କ ସହିତ ସମ୍ପର୍କ ଛିନ୍ନ କରିବ ଏବଂ ପୂର୍ଣ୍ଣ ସ୍ୱରାଜ ଲାଭ କରିବ।"

ଉଲ୍ଲେଖନୀୟ ଯେ, ସ୍ୱାଧୀନତା ପାଇଁ ଆନ୍ଦୋଳନ ଚାଲିଥିଲା ବେଳେ ଭାରତର ଶାସନ ପାଇଁ ବିଧିବିଧାନ ଓ ସମ୍ବିଧାନ ପ୍ରଣୟନ କରିବା ଏକାନ୍ତ ଜରୁରୀ ମନେକରି ସର୍ବପ୍ରଥମେ ୧୯୨୭ରେ ବିଶିଷ୍ଟ ମାର୍କ୍ସବାଦୀ ନେତା ମାନବେନ୍ଦ୍ର ରାୟ ଏକ ସମ୍ବିଧାନ ପ୍ରଣୟନ ସଭାର ଚିନ୍ତାଧାରା ବ୍ୟକ୍ତ କରିଥିଲେ। ପୁନର୍ବାର ୧୯୩୪ରେ ଭାରତୀୟ ଜାତୀୟ କଂଗ୍ରେସ ପ୍ରଥମ ଥର ଆନୁଷ୍ଠାନିକ ଭାବେ ସମ୍ବିଧାନ ପ୍ରଣୟନ ସଭାର ଦାବି ଉପସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ୧୯୩୬ ଓ ୧୯୩୯ ମସିହା ଆଦିର କଂଗ୍ରେସ ଅଧିବେଶନଗୁଡ଼ିକରେ ଏହି ଦାବିର ପୁନଃ ଉପସ୍ଥାପନ କରାଯାଇଥିଲା। ୧୯୩୯ ମସିହା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାରତର ଯୋଗଦାନକୁ ନିନ୍ଦାକରି କଂଗ୍ରେସ କାର୍ଯ୍ୟକାରୀ କମିଟି ଭାରତ ପାଇଁ ପୂର୍ଣ୍ଣ ସ୍ୱାଧୀନତା ସହିତ ସମ୍ବିଧାନ ପ୍ରସ୍ତୁତି ପାଇଁ ସମ୍ବିଧାନ ପ୍ରଣୟନ ସଭାର ଦାବି ଇଂରେଜ ସରକାରଙ୍କୁ ଜଣାଇଥିଲେ। ୧୯୪୦ ଅଗଷ୍ଟ ମାସରେ ଇଂରେଜ ସରକାର 'ଅଗଷ୍ଟ ଦାନ'ରେ ପ୍ରଥମଥର ପାଇଁ ସମ୍ବିଧାନ ପ୍ରଣୟନ ସଭାର ପ୍ରସ୍ତାବକୁ ଗ୍ରହଣ କରିଥିଲେ। କିନ୍ତୁ ସେ ସମୟରେ କଂଗ୍ରେସ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲା। ୧୯୪୨ ମାର୍ଚ୍ଚରେ କ୍ରିପ୍‌ସ ମିଶନ ଭାରତକୁ ଆସିଲେ। ସେମାନେ ସମ୍ବିଧାନ ପ୍ରଣୟନ ସଭା ପ୍ରସ୍ତାବ ଗ୍ରହଣ କରିଥିଲେ। କିନ୍ତୁ କ୍ରିପ୍‌ସ ମିଶନ ପ୍ରସ୍ତାବକୁ କଂଗ୍ରେସ ଅନେକ କାରଣରୁ ପ୍ରତ୍ୟାଖ୍ୟାନ କରିଥିଲା। ପରବର୍ତ୍ତୀ ସମୟରେ କ୍ୟାବିନେଟ୍ ମିଶନ ସମ୍ବିଧାନ ପ୍ରଣୟନ ସଭା ଗଠନ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବ ଅନୁସାରେ ସମ୍ବିଧାନ ପ୍ରଣୟନ ସଭାର ଗଠନ କରାଯାଇଥିଲା।

ସମ୍ବିଧାନ ପ୍ରଣୟନ ସଭା ୧୯୪୬ ଡିସେମ୍ବର ୯ ତାରିଖଠାରୁ ୧୯୪୯ ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ୨ ବର୍ଷ ୧୧ ମାସ ୧୮ ଦିନ କଠିନ ପରିଶ୍ରମ କରି ୩୯୫ ଧାରା ଓ ୮ ଗୋଟି ପରିଶିଷ୍ଟ ବିଶିଷ୍ଟ ଗୋଟିଏ ସମ୍ବିଧାନ ପ୍ରଣୟନ କଲେ। ୧୯୫୦ ଜାନୁଆରୀ ୨୬ ତାରିଖରେ ଦେଶକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ଭାବେ ଘୋଷଣା କରୁଥିବା ସମ୍ବିଧାନ ଗୃହୀତ ହୋଇଥିଲା।

ଆଜି ସାଧାରଣତନ୍ତ୍ରର ୭୭ତମ ଜନ୍ମ ବାର୍ଷିକୀ ପାଳନ କରିବା ଅବସରରେ ଏ କଥା ଅସ୍ୱୀକାର କରିହେବ ନାହିଁ ଯେ, ଭାରତ ଭଳି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ରରେ ଆଜି ଗଣତନ୍ତ୍ର ଧୀରେ ଧୀରେ ସଙ୍କଟ ପଥରେ ଆଗେଇ ଚାଲିଛି। ବିଶେଷତଃ, ଜନସାଧାରଣଙ୍କର ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ସଚେତନତାର ଅଭାବ, ରାଜନୀତିରେ କଳାଧନ ଓ ଅପରାଧୀକରଣ, ସ୍ୱାର୍ଥ ଓ କ୍ଷମତା ପାଇଁ ଲଢେଇ, ନିର୍ବାଚନରେ ଉପଯୁକ୍ତ ପ୍ରାର୍ଥୀ ଚୟନରେ ଅକ୍ଷମତା, ବିବେକ ଅନୁମୋଦିତ ନିରପେକ୍ଷ ଭୋଟଦାନରେ ଅସାମର୍ଥ୍ୟ ଓ ଉଦାସୀନତା ଗଣତାନ୍ତ୍ରିକ ଶାସନ ପ୍ରକ୍ରିୟା ଓ ସାମ୍ବିଧାନିକ ମୂଲ୍ୟବୋଧକୁ ଅଧିକ ସଙ୍କଟତର କରୁଛି। ଏ ପ୍ରସଙ୍ଗରେ ରାଜେନ୍ଦ୍ର ପ୍ରସାଦ ସମ୍ବିଧାନ ସଭାରେ ନିଜର ଉଦ୍‌ଯାପନୀ ଭାଷଣରେ ସ୍ମରଣୀୟ ଶବ୍ଦରେ ଦେଶବାସୀଙ୍କୁ ଚେତାବନୀ ଦେଇ କହିଥିଲେ ଯେ, ସାମଗ୍ରିକ ଭାବେ ସମ୍ବିଧାନ ସଭା ଏକ ସୁନ୍ଦର ସମ୍ବିଧାନ ତିଆରି କରିବାରେ ସଫଳ ହୋଇଛି ଏବଂ ତାଙ୍କର ଦୃଢ଼ ବିଶ୍ୱାସ ଏହି ସମ୍ବିଧାନ ଦେଶର ଆବଶ୍ୟକତା ପୂରଣ କରିପାରିବ। କିନ୍ତୁ ନିର୍ବାଚିତ ହୋଇ ଆସୁଥିବା ଲୋକେ ଯଦି ଯୋଗ୍ୟ, ଚରିତ୍ରବାନ ଓ ସଚ୍ଚୋଟ ହୁଅନ୍ତି, ତେବେ ସେମାନେ ତ୍ରୁଟିପୂର୍ଣ୍ଣ ସମ୍ବିଧାନକୁ ମଧ୍ୟ ସର୍ବୋତ୍ତମ କରି ତୋଳିବେ। ଯଦି ସେମାନଙ୍କଠାରେ ଏହି ଗୁଣର ଅଭାବ ଘଟେ, ତେବେ ଏହି ସମ୍ବିଧାନ ଦେଶର କୌଣସି ହିତ ସାଧନ କରିପାରିବ ନାହିଁ।

– ଖିଚିଂ, ମୟୂରଭଞ୍ଜ
ମୋ: ୯୪୩୭୩୧୦୩୪୨







ଭାରତର ପ୍ରଥମ ସାଧାରଣତନ୍ତ୍ର ଦିବସ ପରେଡ୍ ଇତିହାସ ବେଶ୍ ଆକର୍ଷଣୀୟ। ଏହା ଏବ ଭଳି ରାଜଧାନୀ ଦିଲ୍ଲୀର ରାଜପଥ (ବର୍ତ୍ତମାନର କର୍ତ୍ତବ୍ୟ ପଥ)ରୁ ଆରମ୍ଭ ହୋଇ ନ ଥିଲା। ସେହି ସ୍ଥାନଟି ଥିଲା ଦିଲ୍ଲୀର ଇରୱିନ ଆମ୍ଫିଥିଏଟର, ଯେଉଁଠି ଦେଶର ପ୍ରଥମ ସାଧାରଣତନ୍ତ୍ର ଦିବସ ପରେଡ ଅନୁଷ୍ଠିତ ହୋଇଥିଲା। ଉକ୍ତ ସ୍ଥାନକୁ ବର୍ତ୍ତମାନ ଆମେ ମେଜର ଧ୍ୟାନଚାନ୍ଦ ନ୍ୟାଶନାଲ ଷ୍ଟାଡିୟମ ଭାବରେ ଜାଣୁ। ସେହିଦିନ ଡ. ରାଜେନ୍ଦ୍ର ପ୍ରସାଦ ଭାରତର ପ୍ରଥମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଥିଲେ ଏବଂ ଷ୍ଟାଡିୟମରେ ପ୍ରାୟ ୧୫,୦୦୦ ଲୋକଙ୍କ ଉପସ୍ଥିତିରେ ପରେଡ୍ ଆୟୋଜିତ ହୋଇଥିଲା। ୧୯୫୦ରୁ ୧୯୫୪ ମସିହା ମଧ୍ୟରେ ପରେଡ ପାଇଁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ନ ଥିଲା। ଏହା ବିଭିନ୍ନ ସମୟରେ ଲାଲକିଲ୍ଲା, ରାମଲୀଲା ମୈଦାନ ଏବଂ ଇରୱିନ ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିଲା। ୧୯୫୫ ମସିହାରେ ପ୍ରଥମ କରି ରାଜପଥରେ ସାଧାରଣତନ୍ତ୍ର ଦିବସ ପରେଡ ଆୟୋଜନ କରାଗଲା। ସେହିବର୍ଷଠାରୁ ରାଜପଥ ଏହି ଗୁରୁତ୍ୱପୂର୍ଣ୍ଣ ଉତ୍ସବ ପାଇଁ ଏକ ସ୍ଥାୟୀ ସ୍ଥାନ ପାଲଟିଗଲା। ତେବେ ୧୯୫୫ ମସିହାରେ ଯେତେବେଳେ ପ୍ରଥମ କରି ରାଜପଥରେ ପରେଡ୍ ହେଲା, ସେତେବେଳେ ପାକିସ୍ତାନର ଗଭର୍ନର ଜେନେରାଲ ମଲିକ ଗୁଲାମ ମହମ୍ମଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

# ପ୍ରଥମ ପରେଡ୍: ଇରୱିନ ଆମ୍ଫିଥିଏଟର

## ବେଳାଭୂମିରେ ପରେଡ୍

କେବଳ ଦିଲ୍ଲୀ ନୁହେଁ, ଦେଶର ଅନ୍ୟ ସ୍ଥାନରେ ମଧ୍ୟ ଏହି ପରେଡ୍‌ର ଏକ ଭିନ୍ନ ଛବି ଦେଖିବାକୁ ମିଳେ। ମୁମ୍ବାଇରେ ପ୍ରଥମ ଥର ପାଇଁ ୧୯୬୧ ମସିହାରେ ଗିରଗାଉଁ ଚୌପାଟି ବେଳାଭୂମିରେ ସାଧାରଣତନ୍ତ୍ର ଦିବସ ପରେଡ ଅନୁଷ୍ଠିତ ହୋଇଥିଲା।

## 'ବିଟିଂ ରିଟ୍ରିଟ୍'ର ମହତ୍ତ୍ୱ

ଜାନୁଆରୀ ୨୬ର ଉତ୍ସବ କେବଳ ସେହିଦିନ ଶେଷ ହୁଏ ନାହିଁ। ଏହା ଜାନୁଆରୀ ୨୯ ସନ୍ଧ୍ୟାରେ 'ବିଟିଂ ରିଟ୍ରିଟ୍' ସମାରୋହ ସହିତ ସମାପ୍ତ ହୁଏ। ଏହା ସେନା ବାହିନୀ ପୁରୁଣା ପରମ୍ପରାକୁ ଦର୍ଶାଏ, ଯେତେବେଳେ ସୂର୍ଯ୍ୟାସ୍ତ ପରେ ଯୁଦ୍ଧ ବନ୍ଦ ହେଉଥିଲା ଏବଂ ସୈନିକମାନେ ନିଜ ନିଜ ଶିବିରକୁ ଫେରୁଥିଲେ।

## ଶକ୍ତି ପ୍ରଦର୍ଶନ ଏବଂ ପ୍ରଜ୍ଞାପନ ମେଢ଼

ପରେଡ୍‌ରେ ବିଭିନ୍ନ ରାଜ୍ୟର ସଂସ୍କୃତି ପ୍ରଦର୍ଶନ କରୁଥିବା ପ୍ରଜ୍ଞାପନ ମେଢ଼ ସାମିଲ କରିବା ପରମ୍ପରା ୧୯୫୩ ମସିହାରୁ ଆରମ୍ଭ ହୋଇଥିଲା। ବାୟୁସେନାର ବିମାନଗୁଡ଼ିକ ଦ୍ୱାରା ଆକାଶରେ କରାଯାଉଥିବା କୌଶଳ ସବୁଠାରୁ ଆକର୍ଷଣୀୟ ହୋଇଥାଏ। ପ୍ରଥମ ପରେଡ୍‌ରେ ୧୦୦ରୁ ଅଧିକ ବିମାନ ଭାଗ ନେଇଥିଲେ।

## ମୁଖ୍ୟ ଅତିଥି ଚୟନ

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଭାରତ ପ୍ରତିବର୍ଷ ଜଣେ ବିଦେଶୀ ରାଷ୍ଟ୍ରମୁଖ୍ୟଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରିଥାଏ। ୧୯୫୦ ପ୍ରଥମ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଥିଲେ ଇଣ୍ଡୋନେସିଆର ରାଷ୍ଟ୍ରପତି ସୁକର୍ଣ୍ଣୋ।

## ଗୁରୁତ୍ୱପୂର୍ଣ୍ଣ କିଛି ତଥ୍ୟ

### ହାତଲେଖା ସମ୍ବିଧାନ

ଭାରତର ସମ୍ବିଧାନ ହେଉଛି ବିଶ୍ୱର ସବୁଠାରୁ ବଡ଼ ଲିଖିତ ସମ୍ବିଧାନ। ଏହାକୁ ଟାଇପ୍ କିମ୍ବା ପ୍ରିଣ୍ଟ୍ କରାଯାଇ ନ ଥିଲା ; ଏହାକୁ ପ୍ରେମ ବିହାରୀ ନାରାୟଣ ରାଇଜାଦା ନିଜ ହାତରେ ସୁନ୍ଦର ଅକ୍ଷରରେ ଲେଖିଥିଲେ। ସମ୍ବିଧାନର ମୂଳ କପି ଏବେ ବି ସଂସଦ ଭବନର ଲାଇବ୍ରେରିରେ ହିଲିୟମ ଗ୍ୟାସ ଭର୍ତ୍ତି ଏକ କାଚ ବାକ୍ସରେ ସୁରକ୍ଷିତ ରଖାଯାଇଛି।

### 'ଏ ମେରେ ୱତନ କେ ଲୋଗୋଁ'

ବହୁ ବର୍ଷ ଧରି ବିଟିଂ ରିଟ୍ରିଟ୍ ସମାରୋହରେ 'ଏବାଇଡ୍ ୱିଥ୍ ମି' ନାମକ ଏକ ଇଂଲିଶ୍ ଧୁନ୍ ବଜାଯାଉଥିଲା, ଯାହା ମହାତ୍ମା ଗାନ୍ଧୀଙ୍କର ପ୍ରିୟ ଥିଲା। କିନ୍ତୁ ୨୦୨୨ ମସିହାରୁ ଏହାକୁ ବଦଳାଇ ଭାରତୀୟ ଦେଶପ୍ରେମୀ ଗୀତ 'ଏ ମେରେ ୱତନ କେ ଲୋଗୋଁ'ର ଧୁନ୍ ଅନ୍ତର୍ଭୁକ୍ତ କରାଯାଇଛି।

### ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ପରେଡ ଆରମ୍ଭ ହେବା ପୂର୍ବରୁ ଦେଶର ପ୍ରଧାନମନ୍ତ୍ରୀ ପ୍ରଥମେ 'ରାଷ୍ଟ୍ରୀୟ ସମର ସ୍ମାରକୀ'କୁ ଯାଇ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ପୂର୍ବରୁ ଏହା 'ଇଣ୍ଡିଆ ଗେଟ୍'ର ଅମର ଯବାନ ଜ୍ୟୋତିରେ କରାଯାଉଥିଲା।

### ଜାନୁଆରୀ ୨୬ ତାରିଖ କାହିଁକି

ସମ୍ବିଧାନ ପ୍ରସ୍ତୁତ ହେବା ପରେ ମଧ୍ୟ ଏହାକୁ ଲାଗୁ କରିବା ପାଇଁ ଜାନୁଆରୀ ୨୬କୁ ଅପେକ୍ଷା କରାଯାଇଥିଲା। ଏହାର କାରଣ ହେଉଛି ୧୯୩୦ ଜାନୁଆରୀ ୨୬ରେ ଭାରତୀୟ ଜାତୀୟ କଂଗ୍ରେସ ପ୍ରଥମ କରି 'ପୂର୍ଣ୍ଣ ସ୍ୱରାଜ' ଘୋଷଣା କରିଥିଲା। ସେହି ଦିନର ଗୁରୁତ୍ୱକୁ ମନେରଖିବା ପାଇଁ ଏହି ତାରିଖକୁ ସାଧାରଣତନ୍ତ୍ର ଦିବସ ଭାବେ ବଛାଗଲା।
























# ଭାରତୀୟ ଟେକ୍ସଟାଇଲ ଏକ୍ସପୋର୍ଟର୍ସଙ୍କୁ ବଡ଼ କ୍ଷତି

■ଆମେରିକା ଟାରିଫ୍ ପ୍ରଭାବ
■ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଲା ଏଇପିସି

ଭୁବନେଶ୍ୱର,୨୫।୧(ଅନୁରାଧା ମହାରଣା)



ଭାରତୀୟ ପଣ୍ୟ ଉପରେ ଆମେରିକା ଲଗାଇଥିବା ୫୦ ପ୍ରତିଶତ ଟାରିଫ (ଶୁଳ୍କ) ଯୋଗୁ ଭାରତୀୟ ଟେକ୍ସଟାଇଲ ଓ ଆପାରେଲ ଏକ୍ସପୋର୍ଟର୍ସ ଗଭୀର ସଙ୍କଟରେ ପଡ଼ିଛନ୍ତି। ବିଶେଷକରି ଆପାରେଲ ସେକ୍ଟରରେ ଏହାର ଭୟଙ୍କର ପ୍ରଭାବ ଦେଖାଯାଉଛି। ଏହି ପରିପ୍ରେକ୍ଷୀରେ ଆପାରେଲ ଏକ୍ସପୋର୍ଟ ପ୍ରମୋଶନ କାଉନସିଲ (ଏଇପିସି) କେନ୍ଦ୍ର ସରକାରଙ୍କୁ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି କରିଛି। ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନଙ୍କୁ ଏଇପିସି ଚେୟାରମ୍ୟାନ ଏ. ଶକ୍ତିଭେଲ ଲେଖିଥିବା ଏକ ପତ୍ରରେ କହିଛନ୍ତି ଯେ, ଯଦି ଏହି ସମସ୍ୟାର ତୁରନ୍ତ ସମାଧାନ ନ ହୁଏ ତେବେ ଉତ୍ପାଦନ ହ୍ରାସ ପାଇବା ସହ ଫ୍ୟାକ୍ଟ୍ରି ବନ୍ଦ ହୋଇପାରେ ଏବଂ ଅନେକେ ରୋଜଗାର ହରାଇବାର ଆଶଙ୍କା ରହିଛି। ଆମେରିକା ଭାରତୀୟ ଟେକ୍ସଟାଇଲ ଓ ଆପାରେଲ ପାଇଁ ଏକ ବଡ଼ ବଜାର ଅଟେ। ୨୦୨୪-୨୫ ଆର୍ଥିକ ବର୍ଷରେ ଆମେରିକାକୁ ଭାରତର ଟେକ୍ସଟାଇଲ ଏକ୍ସପୋର୍ଟ ୩୬.୬୧ ବିଲିୟନ ଡଲାର ପର୍ଯ୍ୟନ୍ତ ପହଞ୍ଚିଥିଲା। ଅନେକ ବଡ଼ ଭାରତୀୟ ଟେକ୍ସଟାଇଲ ଏକ୍ସପୋର୍ଟର୍ସ ପାଇଁ ଯୁକ୍ତରାଷ୍ଟ୍ର ବଜାର ସେମାନଙ୍କର ମୋଟ ଏକ୍ସପୋର୍ଟର ପ୍ରାୟ ୭୦ ପ୍ରତିଶତ ଅଂଶ ରହିଛି। ଟ୍ରମ୍ପ ପ୍ରଶାସନଙ୍କ ଦ୍ୱାରା ଲଗାଯାଇଥିବା ଏହି ଟାରିଫ ଯୋଗୁ ଏହି ସେକ୍ଟରରେ ବ୍ୟାପକ କ୍ଷତି ହେଉଛି। ଏଇପିସି ଚେୟାରମ୍ୟାନ କହିଛନ୍ତି ଯେ, ଭାରତ-ଅମେରିକା ମଧ୍ୟରେ ଟାରିଫ ବିବାଦକୁ ତୁରନ୍ତ ସମାଧାନ କରିବା ଦରକାର। ସମ୍ପ୍ରତି ଆମେରିକା ପକ୍ଷରୁ ଲଗାଯାଇଥିବା ୨୫% ଟାରିଫ ଏବଂ ରୁଷୀୟ ତୈଳ ସହ ଜଡ଼ିତ ଅତିରିକ୍ତ ୨୫% ପେନାଲ୍ଟି ଯୋଗୁ ଭାରତୀୟ ଟେକ୍ସଟାଇଲ ଏକ୍ସପୋର୍ଟରେ ଗମ୍ଭୀର ସ୍ଥିତି ସୃଷ୍ଟି ହୋଇଛି। ଆମେରିକା ଭାରତର ଏକକ ବୃହତ୍ତମ ଏକ୍ସପୋର୍ଟ ବଜାର ହୋଇଥିବାବେଳେ ଏହି ଟାରିଫ ଯୋଗୁ ଅର୍ଡର ବନ୍ଦ ହେବା, ରୋଜଗାର ହରାଇବା ଓ ବଜାର ଅଂଶର ସ୍ଥାୟୀ କ୍ଷତି ହେବାର ଆଶଙ୍କା ରହିଛି। ଟେକ୍ସଟାଇଲ ଏକ୍ସପୋର୍ଟ ଅତି କମ୍ ମାର୍ଜିନରେ ଚାଲେ, ତେଣୁ ଦୀର୍ଘକାଳୀନ ଟାରିଫ ଝଟକା ସହ୍ୟ କରିବାର କ୍ଷମତା ନାହିଁ। ମୁନାଫାରେ ବ୍ୟାପକ ହ୍ରାସ ଘଟିବା ସହ କମ୍ପାନୀଗୁଡ଼ିକର ରିଜର୍ଭ ମଧ୍ୟ କମିଯାଇଛି। ୨୫% ରିହାତି ପରେ ମଧ୍ୟ ଟାରିଫ ବୋଝ ବହନ କରିବା ବ୍ୟବସାୟିକ ଦୃଷ୍ଟିରୁ ଅସମ୍ଭବ। ଏହି ବୋଝକୁ କ୍ରେତାଙ୍କ ଉପରେ ପକାଇବା ମଧ୍ୟ ଉଚିତ ନୁହେଁ। କାଉନସିଲ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ତୁରନ୍ତ ସମାପ୍ତ କରିବାକୁ ସୁପାରିସ କରିଛି। ଶକ୍ତିଭେଲ କହିଛନ୍ତି, ଟେକ୍ସଟାଇଲ ଇଣ୍ଡଷ୍ଟ୍ରି ଏକ୍ସପୋର୍ଟ ଓ ରୋଜଗାର ରକ୍ଷା ପାଇଁ ରାଷ୍ଟ୍ରୀୟ ସ୍ୱାର୍ଥରେ ପୂର୍ବରୁ ବହୁ କ୍ଷତି ସହିଛି। ଏବେ ଆଉ କ୍ଷତି ସହିବାର କ୍ଷମତା ନାହିଁ। ୩ରୁ ୬ ମାସର ବିଳମ୍ବ ମଧ୍ୟ ଏକ ରଣନୈତିକ ଏକ୍ସପୋର୍ଟ ସେକ୍ଟରକୁ ସ୍ଥାୟୀ କ୍ଷତି ପହଞ୍ଚାଇପାରେ। ଏହି ପରିସ୍ଥିତିରେ ଭାରତ ସରକାରଙ୍କ ତ୍ୱରିତ ପଦକ୍ଷେପ ନେବାକୁ ଏଇପିସି ଅନୁରୋଧ କରିଛି।

## ସୁନା ଦର ଉପରେ ଗ୍ରାହକଙ୍କ ନଜର

ଭୁବନେଶ୍ୱର, ୨୫।୧(ଅନୁରାଧା ମହାରଣା)

ବିବାହ ଋତୁ ଚାଲିଥିବାବେଳେ ସୁନାରୁପା ଦର ଉପରେ ସମସ୍ତଙ୍କର ନଜର ରହୁଛି। ରବିବାର ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୮,୬୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୪୦୦ ଟଙ୍କା ଛୁଇଁଛି। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ୍ ପିଛା ୧,୫୮,୬୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୫,୪୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୮,୬୨୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୪୫,୪୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୯,୮୬୦ ଟଙ୍କା ଓ ୨୨ କ୍ୟାରେଟ ୧,୪୬,୫୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୮୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୮,୬୨୦ ଓ ୧,୪୫,୪୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୩,୩୫,୦୦୦ ଟଙ୍କା ହୋଇଛି ।

## ଶକ୍ତି କ୍ଷେତ୍ରରେ ଓଡ଼ିଶାର ସଫଳତା

ଭୁବନେଶ୍ୱର, ୨୫।୧(ଅନୁରାଧା ମହାରଣା)

ଶକ୍ତି କ୍ଷେତ୍ରରେ ଓଡ଼ିଶାର ସଫଳତା ପୁଣି ଥରେ ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି। କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ୨୦୨୫ ଆର୍ଥିକ ବର୍ଷର ୧୪ତମ ସମନ୍ୱିତ ରେଟିଂ ଏବଂ ର୍ୟାଙ୍କିଙ୍ଗ ରିପୋର୍ଟରେ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍‌ଗୁଡ଼ିକ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ସାରା ଦେଶର ୬୫ଟି ବିଦ୍ୟୁତ ବିତରଣ ସଂସ୍ଥାକୁ ନେଇ କରାଯାଇଥିବା ଏହି ସର୍ଭେରେ ଓଡ଼ିଶାର ଡିସକମ୍‌ଗୁଡ଼ିକ ଉତ୍ତମ ପ୍ରଦର୍ଶନ କରି ନିଜର ସ୍ଥିତିକୁ ସୁଦୃଢ଼ କରିଛନ୍ତି। ରାଜ୍ୟର ବିଦ୍ୟୁତ ଭିତ୍ତିଭୂମିରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ଟାଟା ପାୱାର ପରିଚାଳିତ ଏହି ସଂସ୍ଥାଗୁଡ଼ିକ ଲଗାତର ତୃତୀୟ ବର୍ଷ ପାଇଁ ଜାତୀୟସ୍ତରରେ ସମ୍ମାନିତ ହୋଇଛନ୍ତି। ଜାତୀୟ ସ୍ତରରେ ଓଡ଼ିଶାର ଟିପି ନର୍ଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନ୍‌ଓଡିଏଲ୍) ଦେଶର ସମସ୍ତ ବିଦ୍ୟୁତ ବିତରଣ କମ୍ପାନୀ ମଧ୍ୟରେ ୯ମ ସ୍ଥାନ ହାସଲ କରିଛି। ଓଡ଼ିଶା ପାଇଁ ଏହା ଏକ ଗୌରବର ବିଷୟ ଯେ, ଟିପିଏନ୍‌ଓଡିଏଲ୍ ଏବଂ ଟିପିସିଓଡିଏଲ୍ ଉଭୟ ସେମାନଙ୍କର ସମ୍ମାନଜନକ 'ଏ+' ଗ୍ରେଡ୍ ରଖିଥିବାବେଳେ ଟିପିଡବ୍ଲ୍ୟୁଓଡିଏଲ୍ 'ଏ' ଗ୍ରେଡ୍ ହାସଲ କରିଛି। ଟିପିଏନ୍‌ଓଡିଏଲ୍ ଏବଂ ଟିପିସିଓଡିଏଲ୍‌ର ବିଲିଂ ବ୍ୟବସ୍ଥାରେ ୨%ରୁ ଅଧିକ ଉନ୍ନତି ପରିଲକ୍ଷିତ ହୋଇଛି। ତିନୋଟି ଯାକ ବିଦ୍ୟୁତ ବିତରଣ କମ୍ପାନୀ ଆର୍ଥିକ କ୍ଷେତ୍ରରେ ଉଲ୍ଲେଖନୀୟ ଶୃଙ୍ଖଳା ପ୍ରଦର୍ଶନ କରିଛନ୍ତି। ବକେୟା ଅର୍ଥ ସଂଗ୍ରହ ଅବଧିକୁ ୬୦ ଦିନ କିମ୍ବା ତା'ଠାରୁ କମ୍ ସମୟ ମଧ୍ୟରେ ସୀମିତ ରଖିବାରେ ସେମାନେ ସଫଳ ହୋଇଛନ୍ତି। ଓଡ଼ିଶାର ଏହି ଆର୍ଥିକ ସଫଳତା ୨୦୨୫ ଆର୍ଥିକ ବର୍ଷରେ ସାରା ଦେଶର ବିଦ୍ୟୁତ ବିତରଣ କ୍ଷେତ୍ରକୁ ଇତିହାସରେ ପ୍ରଥମ ଥର ପାଇଁ ଲାଭଜନକ କରିବାରେ ବଡ଼ ଯୋଗଦାନ ଦେଇଥିବା ଟାଟା ପାୱାର ପକ୍ଷରୁ ସୂଚନା ଦିଆଯାଇଛି। ଏହି ସଫଳତା ସମ୍ପର୍କରେ ଟାଟା ପାୱାରର ଚିଫ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ବିଜନେଶ୍ ତଥା ଟିପିଏନ୍‌ଓଡିଏଲ୍‌ର ସିଇଓ ଗଜାନନ କାଲେ କହିଛନ୍ତି, କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ଏହି ଜାତୀୟ ସ୍ୱୀକୃତି ପ୍ରମାଣିତ କରୁଛି ଯେ, ଆମର ଡିଜିଟାଲ୍ ଏବଂ ଭିତ୍ତିଭୂମି ସମ୍ବନ୍ଧୀୟ କ୍ରମବିକାଶର କେନ୍ଦ୍ରବିନ୍ଦୁରେ ଗ୍ରାହକମାନଙ୍କୁ ସ୍ଥାନ ଦେବାରେ ଆମେ ସଫଳ ହୋଇଛୁ।

## ଏଥର ବୁଧବାର ନୁହେଁ ରବିବାର ବଜେଟ

ଭୁବନେଶ୍ୱର, ୨୫।୧(ଅନୁରାଧା ମହାରଣା)

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଫେବୃଆରୀ ୧ରେ ୨୦୨୬-୨୭ ଆର୍ଥିକ ବର୍ଷର କେନ୍ଦ୍ର ବଜେଟ ଉପସ୍ଥାପନ କରିବେ। ଏହା ତାଙ୍କର ନବମ ଲଗାତର ବଜେଟ ଏବଂ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନଡିଏ ୩.୦ ସରକାରଙ୍କ ତୃତୀୟ ପୂର୍ଣ୍ଣ ବଜେଟ ହେବ। ବିଗତ ବର୍ଷଗୁଡ଼ିକରେ ବିରଳ ଘଟଣା ଭାବେ ଏହି ବଜେଟ ରବିବାର ଦିନ ଉପସ୍ଥାପନ ହେବ। ବଜେଟ ଅଧିବେଶନ ଜାନୁଆରୀ ୨୮ରୁ ଆରମ୍ଭ ହେବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକ ସଭା ଓ ରାଜ୍ୟ ସଭା ସଦସ୍ୟଙ୍କୁ ସମ୍ବୋଧିତ କରିବେ। ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଭି. ଅନନ୍ତ ନାଗେଶ୍ୱରନ ଜାନୁଆରୀ ୨୯ରେ ୨୦୨୬-୨୭ ଆର୍ଥିକ ସର୍ଭେ ଉଭୟ ସଭାକୁ ଉପସ୍ଥାପନ କରିବେ, ଯାହା ବଜେଟ ପୂର୍ବରୁ ହେବ।

# ଭାରତ-ଆମେରିକା ଟ୍ରେଡ୍ ଚୁକ୍ତିରେ ଅନିଶ୍ଚିତତା

ଭୁବନେଶ୍ୱର, ୨୫।୧(ଅନୁରାଧା ମହାରଣା)

■ବିଳମ୍ବ ହେଲେ ବିକାଶରେ ବ୍ରେକ
■ଆରବିଆଇ ହସ୍ତକ୍ଷେପ ଆବଶ୍ୟକ

ଭାରତୀୟ ଅର୍ଥବ୍ୟବସ୍ଥା ଏବେ ସ୍ଥିର ଅବସ୍ଥାରେ ରହିଥିଲେ ମଧ୍ୟ ଭବିଷ୍ୟତ ପାଇଁ ବିଭିନ୍ନ କ୍ଷେତ୍ରକୁ ନେଇ ଅନେକ ଆଶଙ୍କା ସୃଷ୍ଟି ହୋଇଛି । ବଜାରରେ ବର୍ତ୍ତମାନ ସବୁଠାରୁ ବଡ଼ ଆଲୋଚନା ହେଉଛି ଭାରତ ଓ ଆମେରିକା ମଧ୍ୟରେ ହେବାକୁ ଥିବା ବାଣିଜ୍ୟ ଚୁକ୍ତି । ଗୋଲ୍ଡମ୍ୟାନ ସ୍ୟାକ୍ସ ମତରେ ଏହି ଚୁକ୍ତି କେବଳ ବାଣିଜ୍ୟର ବିଷୟ ନୁହେଁ, ବରଂ ସାଧାରଣ ଲୋକଙ୍କ ଖର୍ଚ୍ଚ ଓ ବ୍ୟାଙ୍କ କିସ୍ତି (ଇଏମ୍ଆଇ) ସହିତ ମଧ୍ୟ ଜଡ଼ିତ। ଆଇଏଏନ୍ଏସ୍ ରିପୋର୍ଟ ଅନୁଯାୟୀ, ଗୋଲ୍ଡମ୍ୟାନ ସ୍ୟାକ୍ସର ମୁଖ୍ୟ ଭାରତୀୟ ଅର୍ଥନୀତିଜ୍ଞ ଶାନ୍ତନୁ ସେନଗୁପ୍ତା ଏହି ବିଷୟରେ ଗୁରୁତ୍ୱପୂର୍ଣ୍ଣ ଇସାରା ଦେଇଛନ୍ତି। ଯଦି ଭାରତ-ଆମେରିକା ଟ୍ରେଡ ଡିଲ୍ ଆର୍ଥିକ ବର୍ଷ ୨୦୨୬-୨୭ରେ ପ୍ରଥମ ତ୍ରୈମାସିକ ପର୍ଯ୍ୟନ୍ତ ଚୂଡ଼ାନ୍ତ ନହୁଏ ଏବଂ ବିଳମ୍ବ ହୁଏ, ତେବେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)କୁ ହସ୍ତକ୍ଷେପ କରିବାକୁ ପଡ଼ିବ। ଆରବିଆଇ ସୁଧ ହାର କମାଇ ଅର୍ଥନୀତିକୁ ସମର୍ଥନ ଦେଇପାରିବ। ଆଶା କରାଯାଉଛି ଯେ, ୨୦୨୬-୨୭ର ପ୍ରଥମ ତ୍ରୈମାସିକରେ ଏହି ଚୁକ୍ତି ହୋଇଯିବ। ମାତ୍ର ଯଦି ଏହା ପରବର୍ତ୍ତୀ ବର୍ଷର ଦ୍ୱିତୀୟ ଭାଗ ପର୍ଯ୍ୟନ୍ତ ସମୟ ନିଏ ତେବେ ଭାରତର ବିକାଶରେ ବ୍ରେକ୍ ଲାଗିପାରେ। ଏପରି ସ୍ଥିତିରେ ସରକାର ଓ କେନ୍ଦ୍ରୀୟ ବ୍ୟାଙ୍କ ବଜାରରେ ନଗଦ ବୃଦ୍ଧି କରିବାକୁ ନୀତି ପ୍ରୟୋଗ କରିବାକୁ ପଡ଼ିବ। ଏପରି ସ୍ଥିତିରେ ଆରବିଆଇ ପାଖରେ ସୁଧ ହାର କମାଇବାର ବିକଳ୍ପ ରହିବ, ଯାହା ବିକାଶକୁ ବଡ଼ କ୍ଷତିରୁ ବଞ୍ଚାଇବ। ରିପୋର୍ଟ ଅନୁସାରେ, ଗ୍ରାମାଞ୍ଚଳ ଓ ନିମ୍ନ ଆୟ ପରିବାରମାନଙ୍କରେ ଖର୍ଚ୍ଚ ଅଭ୍ୟାସ ଧୀରେ ଧୀରେ ଫେରୁଛି। ଏହି ପୁନରୁଦ୍ଧାର ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ଏହାର ପଛରେ ତିନୋଟି ବଡ଼ କାରଣ ରହିଛି। ଭଲ କୃଷି ଗ୍ରାମାଞ୍ଚଳରେ ଅର୍ଥ ପହଞ୍ଚାଇଛି। ରାଜ୍ୟ ସରକାରଙ୍କ ଯୋଜନା ଅନୁଯାୟୀ ମହିଳାଙ୍କ ଖାତାକୁ ସିଧାସଳଖ ଅର୍ଥ ପଠାଯିବା ଘରୋଇ ଖର୍ଚ୍ଚ କ୍ଷମତା ବଢ଼ାଇଛି। ଜିଏସ୍‌ଟି ଦର ହ୍ରାସ ଯୋଗୁ କେତେକ ସାମଗ୍ରୀ ଶସ୍ତା ହୋଇଛି, ଯାହାର ଲାଭ ସିଧାସଳଖ ଉପଭୋକ୍ତାଙ୍କୁ ମିଳିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି କରୋନା ପରେ ଧନୀ ବର୍ଗ ବହୁତ ଖର୍ଚ୍ଚ କରିଥିଲେ, କିନ୍ତୁ ଏବେ ସେମାନଙ୍କ ଖର୍ଚ୍ଚ କମିଛି। ମଧ୍ୟବିତ୍ତଙ୍କ ସାମ୍ନାରେ ନୂଆ ଚ୍ୟାଲେଞ୍ଜ ରହିଛି। ଚାକିରି ମିଳିବାରେ ଅସୁବିଧା ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ବଢୁଥିବା ପ୍ରଭାବ ଲୋକଙ୍କୁ ଭୟଭୀତ କରୁଛି। ଏହି ଚିନ୍ତାରେ ମଧ୍ୟବିତ୍ତ ଲୋକେ ଖର୍ଚ୍ଚରେ ସତର୍କତା ଅବଲମ୍ବନ କରୁଛନ୍ତି, ଯାହା ସମଗ୍ର ଅର୍ଥନୀତି ପାଇଁ ଏକ ସଙ୍କେତ। ୨୦୨୬ ଆର୍ଥିକ ବର୍ଷରେ ସରକାର ନିଜ ରଣନୀତିରେ ପରିବର୍ତ୍ତନ ଆଣିଛନ୍ତି। ରାଜକୋଷୀୟ ମଜଭୁତି ବଦଳରେ ଲୋକଙ୍କ ହାତକୁ ଅର୍ଥ ପହଞ୍ଚାଇବା ଉପରେ ଧ୍ୟାନ ଦେଇଛନ୍ତି। ଏଥିପାଇଁ ଆୟକର ଓ ସେବା କରରେ ଆଶ୍ୱସ୍ତି ଦିଆଯାଇଛି। ୨୦୨୫ କ୍ୟାଲେଣ୍ଡର ବର୍ଷରେ ଭାରତ ୭.୬%ର ମଜଭୁତ ରିୟଲ ଜିଡିପି ବୃଦ୍ଧି ଦର୍ଜ କରିଛି। ଅନ୍ୟପଟେ ନୋମିନାଲ ଜିଡିପି ବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏହାର ମୁଖ୍ୟ କାରଣ ଅତି କମ ମୁଦ୍ରାସ୍ଫୀତି। ଅର୍ଥାତ୍ ସାମଗ୍ରୀ ମୂଲ୍ୟ ବଢ଼ି ନାହିଁ ମାତ୍ର ମୋଟ ଟର୍ନଓଭରର ଗତି ପୂର୍ବଭଳି ନାହିଁ।

## ସୂର୍ଯ୍ୟରୋଶନୀ ପକ୍ଷରୁ କୁଇଜ୍ ପ୍ରତିଯୋଗିତା



ଭୁବନେଶ୍ୱର,୨୫।୧(ଅନୁରାଧା ମହାରଣା)

ସୂର୍ଯ୍ୟ ରୋଶନୀ ଲିମିଟେଡ୍ ପକ୍ଷରୁ ଏଆଇ ଏଣ୍ଟରପ୍ରାଇଜେସ୍ ସହଯୋଗରେ କଟକ ବାଲିସାହି ନୂଆପଡ଼ାସ୍ଥିତ ସାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ପୂଜା ଅବସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୧୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସୂର୍ଯ୍ୟ ରୋଶନୀର କର୍ମଚାରୀ ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।

## ଅପରାଧ

### ସିରିଜ୍ ଲୁଟ୍ ଘଟଣାର ପର୍ଦ୍ଦାଫାଶ

# କଣ୍ଢେଇ ବିକ୍ରି କରିବାକୁ ଆସି ଲୁଟୁଥିଲେ

■୩୫ ଲକ୍ଷ ଟଙ୍କାର ସୁନା ଗହଣା, ଗଞ୍ଜେଇ ଓ ଅଟୋ ଜବତ
■ବିହାରର ୪ ଗିରଫ

ଢେଙ୍କାନାଳ,୨୫।୧(ରତନ ନାୟାର)



ଗିରଫ ୪ ଅଭିଯୁକ୍ତ।



ଜବତ ସାଇକେଲ ଓ ଅଟୋ।

ଢେଙ୍କାନାଳ ସହରରେ ମହିଷାପାଟଠାରୁ ଆରମ୍ଭ କରି ବିଭିନ୍ନ ଅଞ୍ଚଳରେ ହୋଇଥିବା ଲଗାତର ଲୁଟ୍ ଘଟଣାର ପର୍ଦ୍ଦାଫାସ କରିଛି ଟାଉନ ଥାନା ପୋଲିସ। ରବିବାର ସନ୍ଧ୍ୟା ସାଢେ ୫ଟାରେ ଜିଲା ପୋଲିସ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣୀ ପ୍ରଧାନ ଲୁଟ୍ ଘଟଣାର ପର୍ଦ୍ଦାଫାସ କରିଛନ୍ତି। କିଛିବର୍ଷ ହେବ ବିହାର ଅଞ୍ଚଳରୁ କେତେଜଣ ବ୍ୟକ୍ତି କଣ୍ଢେଇ ଆଣି ରାଜ୍ୟର ବିଭିନ୍ନ ସ୍ଥାନରେ ହେଉଥିବା ମେଳାର ବିକ୍ରି କରିବା ସହିତ ପ୍ରାୟ ଦିନବେଳେ ସାଇକେଲ ଧରି ସହରର ବିଭିନ୍ନ ଅଞ୍ଚଳ ବୁଲି କେଉଁଠି ଘର ବନ୍ଦ ଅଛି, ତାହାକୁ ଚିହ୍ନଟ କରୁଥିଲେ।

ଏହାପରେ ରାତିରେ ଯୋଜନା ଅନୁଯାୟୀ ସେମାନେ ବନ୍ଦଥିବା ଘରଗୁଡିକରୁ ଲୁଟ୍ କରୁଥିଲେ। ଢେଙ୍କାନାଳ ସହରରେ ମହିଷାପାଟଠାରେ ଆରମ୍ଭ କରି ବିଭିନ୍ନ ଅଞ୍ଚଳରେ ଏଭଳି ଲୁଟ୍ କରି ସୁନା ଅଳଙ୍କାରଗୁଡ଼ିକୁ ଲୁଟି ନେଉଥିଲେ। ସେମାନେ ଗୋଟିଏ ଜାଗାରେ ୪/୫ଦିନ ରୁହନ୍ତି ଏବଂ ଅଟୋ ରିକ୍ସାରେ ଜିନିଷପତ୍ର ନେଇ ବିହାର ପଳାଇ ସେଠାରେ ବିକ୍ରି କରନ୍ତି। ଗତ କିଛିଦିନ ତଳେ ଢେଙ୍କାନାଳ ସହରର ମହିଷାପାଟ, କଣ୍ଟାନାଳୀ, ପାଞ୍ଚକାହାଣିଆ, ରାମେଶ୍ୱରପୁର ଓ କଲେଜ ଛକ ଅଞ୍ଚଳରେ ଏହି ଅଭିଯୁକ୍ତମାନେ ବିଭିନ୍ନ ଘରୁ ସୁନା ଅଳଙ୍କାର ଲୁଟୁଥିଲେ। ଏପରି ସେମାନେ ଗଞ୍ଜେଇ କିଣି ବିହାର ପଠାଉଥିଲେ। ଅଭିଯୁକ୍ତମାନେ ବିଶେଷକରି ଅନୁଗୋଳ, ପାଲଲହଡ଼ା, ଢେଙ୍କାନାଳ, କଟକ ଓ ଯାଜପୁର ଅଞ୍ଚଳରେ ରହି ଲୁଟୁଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ବିହାର ରୋହତାସ୍ ଜିଲା ଡାଲମିଆ ନଗର ଥାନା ଧେରିଓସୋନୋର ଜିଗର ରାମ(୨୫)। ବର୍ତ୍ତମାନ ସେ ଯାଜପୁର ଜିଲା ପାଣିକୋଇଲି ଥାନା ଶଙ୍ଖଚିଲ ଗ୍ରାମରେ ରହୁଛନ୍ତି । ସେହିପରି ଉକ୍ତ ଅଞ୍ଚଳର ଅମିର ଖରୱାର(୨୦), ସନୋଜ କୁମାର ଖରୱାର(୯), ରମିନ୍ଦର ଖରୱାର(୨୨) ସେମାନଙ୍କ ନାମରେ ଢେଙ୍କାନାଳ ଟାଉନ ଥାନାରେ ୭ଟି ଲୁଟ୍ ମାମଲା ରହିଛି । ରବିବାର ସେମାନେ ଅଟୋ ରିକ୍ସାରେ ଲୁଟ୍ ଜିନିଷ ଲୋଡ୍ କରି ଯାଉଥିବା ବେଳେ ମହିଷାପାଟ ଛକ ନିକଟରେ ଟାଉନ ଥାନା ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ ସମୟରେ ଧରାପଡ଼ିଥିଲେ। ସେମାନଙ୍କଠାରୁ ୧୫କେଜି ଗଞ୍ଜେଇ, ଓଆର୍୦୪-ଏନ୍-୮୮୬୯, ୧୪ହଳ ସୁନା କାନଫୁଲ, ୩ହଳ ସୁନା ବ୍ୟାଙ୍ଗେଲ୍ସ, ୩ଟି ସୁନାଚେନ୍, ୫ଟି ସୁନାହାର, ୨ଟି ସୁନାର ମଙ୍ଗଳସୂତ୍ର, ୮ଟି ସୁନାମୁଦି ଓ ୪୩୬.୪ ଗ୍ରାମର ରୁପା ଏବଂ ୪୩୦୦ଟଙ୍କା ନଗଦ କ୍ୟାଶ୍ ଜବତ କରାଯାଇଥିଲା। ମୋଟ ସୁନା ଅଳଙ୍କାର ୨୧୭.୨୭ ଗ୍ରାମ ବୋଲି ଜଣାପଡ଼ିଛି। ଜବତ ସୁନା ଅଳଙ୍କାର ପ୍ରାୟ ୩୫ଲକ୍ଷ ଟଙ୍କାର ହେବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଏଥିସହିତ ଗୋଟିଏ ନୂଆ ବେଡସିଟ୍, ୧୭ଟି ନୂଆ ଶାଢ଼ୀ, ୨ଟି ସାଇକେଲ୍, ଲୁହାଛଡ଼, ହାମର, ଟର୍ଚ୍ଚ ଲାଇଟ୍, ସ୍କ୍ରିଉ ଡାଇଭର ଆଦି ଜବତ ହୋଇଥିଲା। ଢେଙ୍କାନାଳ ଟାଉନ ଥାନା କେସ୍ ନଂ. ୪୫/୨୬ରେ ମାମଲା ରୁଜୁ ହୋଇ ଏହି ଘଟଣାରେ ତଦନ୍ତ ଚାଲିଥିବା ସମୟରେ ଅଭିଯୁକ୍ତମାନେ ଧରାପଡିବାରୁ ସିରିଜ୍ ଲୁଟ୍ ଘଟଣାର ପର୍ଦ୍ଦାଫାସ ହୋଇଥିଲା। ଏହି ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ରମେଶଚନ୍ଦ୍ର ଦୋରା, ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ଉପସ୍ଥିତ ଥିଲେ।

## ତେଲ ଟ୍ୟାଙ୍କରରେ ଗୋରୁ ଚାଲାଣ

ଧାମନଗର,୨୫।୧(ଦେବେନ୍ଦ୍ର ଆଢ଼ିଆ/ଦୀନକୃଷ୍ଣ ମହାପାତ୍ର)



ଜବତ ଟ୍ୟାଙ୍କରରୁ ଗୋରୁ ବାହାର କରାଯାଉଛି।

ଗୋଚାଲାଣକାରୀମାନେ ଦିନକୁ ଦିନ ନୂଆ ଉପାୟରେ ଗୋଚାଲାଣ କରିଚାଲିଛନ୍ତି। ରବିବାର ଏକ ତେଲ ଟ୍ୟାଙ୍କରରେ ଗୋରୁ ଚାଲାଣ ବେଳେ ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ବାରିକପୁର ନିକଟରେ ଗୋସେବକମାନେ ଧରିଛନ୍ତି। ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୦ଟା ବେଳେ ତେଲ ଟ୍ୟାଙ୍କର (ଓଆର୍-୨୨-ଇ୨୭୬୩) ଭିତରେ ଅତି ଅମାନୁଷିକ ଭାବେ ଗୋରୁ ବୋଝେଇ କରି କଟକ ପଟୁ ଭଦ୍ରକ ଅଭିମୁଖେ ନିଆଯାଉଥିଲା। ଖବରପାଇ ଗୋସେବକମାନେ ଆଖୁଆପଦାଠାରୁ ପିଛା କରି ବାରିକପୁରଠାରେ ଟ୍ୟାଙ୍କରକୁ ଅଟକାଇଥିଲେ। ସେଥିରେ ୩୦ ଗୋରୁ ବନ୍ଧା ହୋଇଥିବା ସେମାନେ ଦେଖିବାକୁ ପାଇଥିଲେ। ଖବରପାଇ ଧାମନଗର ପୋଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗୋସେବକ ଓ ଅଗ୍ନିଶମ ବାହିନୀର ମିଳିତ ସହଯୋଗରେ ଟ୍ୟାଙ୍କର କଟାଯାଇ ବହୁ କଷ୍ଟରେ ଗୋରୁଙ୍କୁ ବାହାର କରାଯାଇଥିଲା। ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ତେବେ ଟ୍ୟାଙ୍କରରେ ୩୦ ଗୋରୁ ଥିବା ଗୋସେବକମାନେ କହୁଥିବା ବେଳେ ପୋଲିସ ୧୪ ଗୋରୁ ଉଦ୍ଧାର କରିବା ଘଟଣା ପୋଲିସ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏନେଇ ଧାମନଗର ଥାନା ଆଇଆଇସି ରଞ୍ଜନ କୁମାର ସେଠୀ କହିଛନ୍ତି, ଜବତ ଟ୍ୟାଙ୍କରରୁ ୧୪ ଗୋରୁ ଉଦ୍ଧାର କରାଯାଇ ଭଦ୍ରକସ୍ଥିତ ମଇତାପୁର ଗୋଶାଳାକୁ ପଠାଯାଇଛି। ଗାଡ଼ିଟିକୁ ଜବତ କରାଯିବା ସହ ବେଆଇନ କାରବାରର ତଦନ୍ତ ଆରମ୍ଭ ହୋଇଛି। ରିପୋର୍ଟ ଲେଖାହେବା ବେଳକୁ ଏନେଇ ଥାନାରେ ମାମଲା ରୁଜୁ ହୋଇନାହିଁ।

## ବସ୍ ଡ୍ରାଇଭରଙ୍କୁ ଆକ୍ରମଣ

ବୁଗୁଡ଼ା,୨୫।୧(କାଳିଚରଣ ଦାଶ)

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅନ୍ତର୍ଗତ କରଚୁଲି ଗ୍ରାମରେ ବଳିଆ ପଣ୍ଡା ନାମକ ଜଣେ ଘରୋଇ ବସ୍ ଡ୍ରାଇଭରଙ୍କୁ ଆକ୍ରମଣ କରାଯାଇଛି। ସେ ହେଲେ ନିରଞ୍ଜନ ଗୌଡ଼ (୪୩)। ଖବରରୁ ଜଣାପଡିଛି, ରବିବାର ବସ୍‌ଟି ନୟାଗଡ଼ରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ବେଳେ ଅପରାହ୍ନ ସାଢେ ୩ଟାରେ କରଚୁଲି ଗୁଡିସାହି ଛକରେ ସେହି ଗ୍ରାମର ଅନୀଲ ରାଉତ ଓ ତାଙ୍କ ସହ ଥିବା ୪ ଜଣ ଯୁବକ ବସ୍‌କୁ ଅଟକାଇ ଡ୍ରାଇଭର ନିରଞ୍ଜନଙ୍କୁ ଗାଳିଗୁଲଜ କରି ତାଙ୍କୁ ଗାଡିରୁ ଟାଣିଆଣି ମାଡ଼ ମାରିଥିଲେ। ସେମାନେ ନିରଞ୍ଜନଙ୍କ ଶାର୍ଟ ଚିରି ଦେବା ସହ ତାଙ୍କ ମୁଣ୍ଡକୁ ପଥରମାରି ମୁଣ୍ଡ ଫଟାଇ ଦେଇଛନ୍ତି। ଏହି ସମୟରେ ତାଙ୍କ ପକେଟରୁ ୨ହଜାର ଟଙ୍କା ଛଡାଇ ନେଇଥିଲେ। ଖବରପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚିବା ପରେ ଅଭିଯୁକ୍ତମାନେ ଦୌଡ଼ି ପଳାଇଥିବା ଜଣାପଡିଛି । ଏନେଇ ବୁଗୁଡା ଥାନାରେ ନିରଞ୍ଜନ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ତାଙ୍କୁ ଆକ୍ରମଣର କାରଣ ଜଣାପଡିନାହିଁ।

## ପ୍ଲଟ ବ୍ୟବସାୟୀଙ୍କ ଘରୁ ଅଳଙ୍କାର ଚୋରି

ବ୍ରହ୍ମପୁର, ୨୫।୧ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଗୋସାଇଁନୂଆଗାଁ ଥାନା ଅନ୍ତର୍ଗତ ନେହରୁ ନଗର ୪ର୍ଥ ଲାଇନରେ ରହୁଥିବା ଜଣେ ପ୍ଲଟ ବ୍ୟବସାୟୀଙ୍କ ଘରେ କଳାକାନା ବୁଲିଛି। ଗ୍ରୀଲ ତାଲା ଭାଙ୍ଗି ଅଲମୀରା ଭିତରେ ଥିବା ୩୦ ଭରି ସୁନା ଗହଣା, ୨୦ ଭରି ରୁପା ଅଳଙ୍କାର ଓ ଟଙ୍କା ଚୋରି କରି ନେଇଯାଇଛନ୍ତି। ଗୃହକର୍ତ୍ତା ମାୟାଧର ସାହୁ ଏନେଇ ଗୋସାଇଁନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏସଂକ୍ରାନ୍ତରେ ନଂ.୩୪/୨୬ ରେ ଏକ ମାମଲା ରୁଜୁ କରିଛି। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି ରହିଛି। ମାୟାଧର ସାହୁଙ୍କ ୩ ମହଲା ଘରର ତଳ ଓ ଉପର ମହଲାରେ ୨ ପରିବାର ଭଡ଼ା ରହୁଛନ୍ତି। ମଝି ମହଲାରେ ସେ ପରିବାର ସହ ରୁହନ୍ତି। ଗତ ୨୨ ତାରିଖରେ ୫/୬ ଗୋଟି ପରିବାର ପିକ୍‌ନିକ୍ ପାଇଁ ଦାରିଙ୍ଗିବାଡ଼ି ଯାଇଥିଲେ। ରାତି ୧୧ଟାରେ ସେମାନେ ଫେରିଥିଲେ। ମାୟାଧର ତାଙ୍କ ଘରର ଗ୍ରୀଲ ଭାଙ୍ଗିଥିବା ଦେଖିଥିଲେ। ଘର ଭିତରକୁ ଯିବା ବେଳେ ଅଲମୀରା ଭଙ୍ଗା ଯାଇଥିବା ବେଳେ ସେଥିରେ ଥିବା ତାଙ୍କ ସ୍ତ୍ରୀ, ବିବାହିତ ଝିଅ, ଭଉଣୀଙ୍କ ପ୍ରାୟ ୩୦ ଭରିର ସୁନା ଗହଣା, ୨୦ ଭରି ରୁପା ଅଳଙ୍କାର ଓ ଟଙ୍କା ନ ଥିଲା। ସେ ତଳ ଘର ଓ ତୃତୀୟ ମହଲାରେ ରହୁଥିବା ଲୋକଙ୍କୁ ପଚରାଉଚରା କରିବା ବେଳେ ସେମାନେ ଏନେଇ କିଛି ଜାଣି ନ ଥିବା କହିଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ।

## ଯୁବକଙ୍କୁ ହତ୍ୟା, ଗୁଳିମାଡ଼ ସନ୍ଦେହ

ରକ୍ତ ଜୁଡୁବୁଡୁ ମୃତଦେହ, ଅଧାକଟା ପାପୁଲି ଜବତ

ଅମ୍ବାଦଳା,୨୫।୧ (ରବୀନ୍ଦ୍ର ପଣ୍ଡା)



ସୀମାଞ୍ଚଳ ସାହୁ

ରାୟଗଡ଼ା ଜିଲା ଅମ୍ବାଦଳା ରେଲୱେ ଷ୍ଟେଶନ ଗେଷ୍ଟ ହାଉସ ନିକଟସ୍ଥ ରାସ୍ତା କଡ଼ରେ ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହକୁ ପୋଲିସ ରବିବାର ସକାଳେ ଜବତ କରିଛି। ମୃତକ ହେଲେ ଅମ୍ବାଦଳା ରେଲୱେ ସାହିର ସୀମାଞ୍ଚଳ ସାହୁ ଓରଫ ବୁଲୁ (୪୭ )। ଅମ୍ବାଦଳା ପୋଲିସ ଓ ରେଲୱେ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ପୋଲିସ ଏକ ବ୍ୟବହୃତ ଖୋକା, ୨ଟି ଗୁଳି, ଗୋଟିଏ କାତି, ଗୋଟିଏ ଖଣ୍ଡା ଜବତ କରିଛି। ଏଥିସହ ସେଠାରେ ଅଧା କଟା ପାପୁଲି ପଡ଼ିଥିବାବେଳେ ମୁଣ୍ଡକୁ ପଥରରେ ଛେଚା ହୋଇଥିବା ଦେଖିବାକୁ ମିଳିଛି । ବନ୍ଧୁକରୁ ଗୁଳି ମାରି ଯୁବକଙ୍କୁ ହତ୍ୟା କରିବା ପରେ ଖଣ୍ଡା ରେ ଶରୀରର ବିଭିନ୍ନ ସ୍ଥାନକୁ ହଣାଯାଇଥିବା ଏବଂ ତାଙ୍କ ମୁଣ୍ଡକୁ ପଥରରେ ଛେଚା ଯାଇଥିବା ସନ୍ଦେହ କରାଯାଉଛି। ତେବେ କେଉଁ କାରଣରୁ କିଏ ଏହି ହତ୍ୟା କରିଛି ତାହା, ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବା ବେଳେ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି।

ସୂଚନା ଅନୁଯାୟୀ, ଶନିବାର ସକାଳୁ ସୀମାଞ୍ଚଳ ଘରୁ ବାହାରି ଆଉ ଫେରି ନ ଥିଲେ। ରବିବାର ସକାଳୁ ସୀମାଞ୍ଚଳଙ୍କ ମୃତଦେହ ରେଲୱେ ଗେଷ୍ଟ ହାଉସ ନିକଟରେ ପଡ଼ିଥିବା ଖବରପାଇ ପରିବାର ଲୋକେ ସେଠାରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଘଟଣାସ୍ଥଳରେ ବିଷମ କଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ଅମ୍ବାଦଳା ଥାନା ଅଧିକାରୀ କଳ୍ପନା ବେହେରା ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛନ୍ତି। ତଦନ୍ତ ପରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ଅମ୍ବାଦଳା ଆଇଆଇସି କଳ୍ପନା ବେହେରା ପ୍ରକାଶ କରିଛନ୍ତି । ତେବେ ମୃତ ସୀମାଞ୍ଚଳଙ୍କ ନାମରେ ରାୟଗଡ଼ା ଜିଲା ଏବଂ ଅନ୍ୟ ଜିଲାରେ ଆପରାଧିକ ମାମଲା ରହିଛି । ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ କୌଣସି କାରଣରୁ ଅପରାଧୀ ହତ୍ୟାକାଣ୍ଡ ଘଟାଇ ମୃତଦେହକୁ ଫିଙ୍ଗି ଦେଇଥିବା ଅନୁମାନ କରାଯାଇଛି।

# ଭବାନୀପାଟଣା-ରାୟଗଡ଼ା ରାଜ୍ୟ ରାଜପଥ ଅବରୋଧ

- ଗାଈକୁ ଧକ୍କାଦେଇ ପୋଲରେ ଫସିଲା ଟ୍ରେଲର
- ୬ ଘଣ୍ଟା ପରେ ଯାତାୟତ ସ୍ୱାଭାବିକ

ଲାଞ୍ଜିଗଡ଼, ୨୫।୧ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଢେପଗୁଡ଼ା ଠାରେ ପୁଣି ଏକ ଟ୍ରଲର ଦୁର୍ଘଟଣା ଗ୍ରସ୍ତ ହୋଇଛି। ଭବାନୀପାଟଣା ଠାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ନମ୍ବର ରାଜ୍ୟ ରାଜପଥର ପୋଖରିବନ୍ଧ ପଞ୍ଚାୟତର ଢେପଗୁଡ଼ା ଜଙ୍ଗଲ ନିକଟରେ ଥିବା ଏକ ଅଣ ଓସାରିଆ ପୋଲରେ ଟ୍ରଲରଟି ଭାରସାମ୍ୟ ହରାଇ ଏକ ଗାଈକୁ ଧକ୍କା ଦେଇ ଦୁର୍ଘଟଣାର ଶିକାର ହୋଇଛି। ସୂଚନାଯୋଗ୍ୟ ଟ୍ରଲରଟି ଆନ୍ଧ୍ର ପ୍ରଦେଶର ବିଶାଖାପାଟନମଠାରୁ ଭବାନୀପାଟଣା ଆଡକୁ ଉକ୍ତ ରାସ୍ତା ଦେଇ ଆସୁଥିବା ବେଳେ ସକାଳ ୯ଟା ୩୦ରୁ ୧୦ ଟା ମଧ୍ୟରେ ଢେପଗୁଡା ଜଙ୍ଗଲ ମଝିରେ ଥିବା ଏକ ଅଣଓସାରିଆ ପୋଲ ନିକଟରେ ହଠାତ ସାମ୍ନାରେ ଏକ ଗାଈ ପହଞ୍ଚିଥିଲା। ଫଳରେ ଟ୍ରଲରଟି ଭାରସାମ୍ୟ ହରାଇ ଗାଈକୁ ଧକ୍କା ଦେଇ ରାସ୍ତା ମଝିରେ ଫସି ରହିଥିଲା। ଯାହା ଫଳରେ ଭବାନୀପାଟଣା- ରାୟଗଡ଼ା ସଂଯୋଗ କରୁଥିବା ୬ନମ୍ବର ରାଜ୍ୟ ରାଜପଥର ଦୁଇ ପାର୍ଶ୍ୱରେ ଶହଶହ ଯାନବାହାନ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଘଟଣାସ୍ଥଳରେ ବିଶ୍ୱନାଥପୁର ପୋଲିସ ପହଞ୍ଚିବା ପରେ ଦୀର୍ଘ ୬ ଘଣ୍ଟା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା।




୬ନମ୍ବର ରାଜ୍ୟ ରାଜପଥର ଦୁଇ ପାର୍ଶ୍ୱରେ ଶହଶହ ଯାନବାହାନ ଅଟକି ରହିଛି।

## କାର୍-ବାଇକ୍ ଧକ୍କା: ପୂର୍ବତନ ସରପଞ୍ଚଙ୍କ ମୃତ୍ୟୁ



କାର-ବାଇକ୍ ମଧ୍ୟରେ ଧକ୍କା ହୋଇଛି।

ଥୁଆମୂଳ ରାମପୁର, ୨୫।୧ (ଦୁର୍ଗା କାର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ଧୂଳିଗୁଡ଼ା ଛକ ନିକଟରେ ଘଟିଥିବା ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ପୂର୍ବତନ ସରପଞ୍ଚ ଶାଗୁ ମାଝୀଙ୍କର ପରଲୋକ ଘଟିଛି। ଗତ ଶନିବାର ଅପରାହ୍ନରେ ଏକ କାର୍ ସହ ତାଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ସେ ଗୁରୁତର ହୋଇଥିଲେ। ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗତ ଶନିବାର ଥୁଆମୂଳ ଗ୍ରାମର ମହେନ୍ଦ୍ର ପ୍ରଧାନୀ ଓ ଶାଗୁ ମାଝୀ କାଣିଗୁମା ହାଟରୁ ବଜାର ସାରି ବାଇକ ଓଡ଼ି ୦୮ଏଲ୍ ୦୪୨୦ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ କାର୍ ଓଡ଼ି ୦୨ ଏଜି ୮୮୪୪ ସହ ସେମାନଙ୍କର ଧକ୍କା ହୋଇଥିଲା। ଶାଗୁ ମାଝୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ରାୟପୁରର ଏକ ଘରୋଇ ମେଡିକାଲରେ ଆଇସିୟୁରେ ରଖାଯାଇଥିଲା। ଏହି ଘଟଣାରେ ଥୁଆମୂଳ ରାମପୁର ଥାନାରେ ଏକ ମାମଲା (ନଂ. ୧୧/୨୦୨୬) ରୁଜୁ କରାଯାଇଛି। ଏହି ଦୁର୍ଘଟଣା ପାଇଁ ଗୁଣୁପୁର-ଥୁଆମୂଳ ରାମପୁର ମୁଖ୍ୟ ରାସ୍ତା ନିର୍ମାଣ କାର୍ଯ୍ୟର ମନ୍ଥର ଗତି ଓ ଅବହେଳାକୁ ଦାୟୀ କରାଯାଉଛି। ରାସ୍ତାରେ ଧୂଳି ଓ ଚିପ୍ସ ବିଛାଡ଼ି ହୋଇ ପଡ଼ିଥିଲେ ହେଁ ନିୟମିତ ପାଣି ସିଞ୍ଚନ କରାଯାଉ ନ ଥିବାରୁ ଦୃଶ୍ୟମାନ ଦୂରତା କମି ଯାଉଛି। ଏନେଇ ଥୁଆମୂଳ ସରପଞ୍ଚ ବଳଭଦ୍ର ଜାନୀ କହିଛନ୍ତି ଯେ, ରାସ୍ତା ନିର୍ମାଣାଧୀନ ଥିବା ବେଳେ ସୁରକ୍ଷା ନିୟମକୁ ଗୁରୁତ୍ୱ ଦିଆଯାଉ ନାହିଁ। ଶାଗୁ ମାଝୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି। ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ପ୍ରତି ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ପଦକ୍ଷେପ ନେବାକୁ କହିଛନ୍ତି।

## ଭବାନୀପାଟଣା ବ୍ରଜବିହାରର ବାର୍ଷିକ ଉତ୍ସବ

ଭବାନୀପାଟଣା, ୨୫।୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବ୍ରଜ ବିହାରର ୪୦ତମ ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ପ୍ରଧାନଚାର୍ଯ୍ୟ ମନୋଜ କୁମାର ମୁଣ୍ଡଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ମୁଖ୍ୟବକ୍ତା ଭାବେ ଓଡ଼ିଶା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପଶ୍ଚିମପ୍ରାନ୍ତ ସଦ୍‌ଭାବନା ପ୍ରମୁଖ ଜୟନ୍ତ କୁମାର ମୁଣ୍ଡ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଏମ.ସାଗର ମହାନନ୍ଦ, ସ୍ଥାନୀୟ ସ୍କୁଲର ସମ୍ପାଦକ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ଶିଶୁ କଳାକାରମାନେ ଗୁରୁଜୀ, ଗୁରୁମାଙ୍କ ସହଯୋଗରେ ଚିତ୍ତାକର୍ଷକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଯାହାକି ସମସ୍ତଙ୍କ ମନକୁ ଛୁଇଁଥିଲା। ଏହା ପୂର୍ବରୁ ସ୍କୁଲରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଗୁରୁଜୀ ସୁଧୀର କୁମାର ନେଗୀ ଧନ୍ୟବାଦ ଦେଇଥିଲେ।



ଜଣେ କୃତୀ ଛାତ୍ରୀଙ୍କୁ ଏମ୍‌ପି ମାଳବିକା ଦେବୀ ପୁରସ୍କୃତ କରୁଛନ୍ତି।

## ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ



ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଉଦ୍‌ଘାଟନୀରେ ମଞ୍ଚାସୀନ ଅତିଥି।

ଲାଞ୍ଜିଗଡ, ୨୫।୧ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତ ଅନ୍ତର୍ଗତ ବକଟପୁରଠାରେ ଆରମ୍ଭ ହୋଇଯାଇଛି ମା' ହିରାନୀଳା ଝାମୁଯାତ୍ରା ମହୋତ୍ସବ। ଏହି ଅବସରରେ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ. ବଳଭଦ୍ର ମାଝୀ ଯୋଗଦେଇ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଏଥିରେ ବିଶିଷ୍ଟ ଅତିଥି ଭାବେ ପୋଖରୀବନ୍ଧ ସରପଞ୍ଚ ସସ୍ମିତା ମାଝୀ, ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ଼ କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପ୍ରଧାନୀ, ସମ୍ମାନିତ ଅତିଥି ଭାବେ ପିଇଡବ୍ଲ୍ୟୁ ମିଡିଆ ଆସୋସିଏଶନ କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ତୁଲ, କର୍ଣ୍ଣ ମାଝୀ, କୁଳମଣି ବାଣୁଆ, ବାସ ମାଝୀ ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବର ସଭାପତି ରମେଶ ଚନ୍ଦ୍ର ସାହୁ ସ୍ୱାଗତ ଅଭିଭାଷଣ କରିଥିବାବେଳେ ସୁଧାଂଶୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଗୋପାଳ ଦାସ ମହାନନ୍ଦ। ଗାଁ ଗୌନ୍ତିଆ ବିକ୍ରମାଦିତ୍ୟ ବାରିକ, ମୁଖ୍ୟ ପୂଜକ ଶ୍ରୀନିବାସ ନାଏକ, ବାହୁକ ଶରଦ ଗଣ୍ଡା, ଦେବାନନ୍ଦ ସାହୁ, ସୁଧାଂଶୁ ବାରିକ, ମୁକେଶ ସାହୁ, ଫକିର ଗଣ୍ଡା, ରିଙ୍କୁ ବାରିକ, କ୍ରିଷ୍ଣା ବାରିକ, ବାସ ମାଝୀ, ଶଙ୍କର ପ୍ରଧାନୀ, ଉଗ୍ରସେନ ବାଗ, ଏକଲବ୍ୟ ବେହେରା, କେଶବ ଗଣ୍ଡା ସମେତ ସମସ୍ତ ଗ୍ରାମବାସୀ ମନ୍ଦିର ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ବଲାଙ୍ଗୀର, ସମ୍ବଲପୁର, ରାୟଗଡ଼ା, ନୂଆପଡ଼ା ଜିଲା ସମେତ ଭବାନୀପାଟଣା ସହରର ୨୩ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ୨୪ ରୁ ଆରମ୍ଭ ହୋଇ ୨୬ରେ ଫାଇନାଲ ରାଉଣ୍ଡ ଅନୁଷ୍ଠିତ ହେବ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ୨୭ତାରିଖ ନାଟକ ଓ ୨୮ରେ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସାହୁ ସୂଚନା ଦେଇଛନ୍ତି।

## ଉପ ନିର୍ବାଚନରେ ଉତ୍ତମ ପ୍ରଦର୍ଶନ ପାଇଁ ଜିଲାପାଳ ପୁରସ୍କୃତ

ନୂଆପଡ଼ା, ୨୫।୧ (ମକାରୁ ବେମାଲ)- ନୂଆପଡ଼ା ଜିଲା ପ୍ରଶାସନ ନିର୍ବାଚନ ପରିଚାଳନାରେ ଉତ୍ତମ ପ୍ରଦର୍ଶନ ପାଇଁ ଉଭୟ ଜାତୀୟ ଓ ରାଜ୍ୟସ୍ତରରେ ସମ୍ମାନ ଲାଭ କରିଛି। ନୂଆପଡ଼ା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ଶ୍ରେଷ୍ଠ ନିର୍ବାଚନ ପରିଚାଳନା ଓ ଲଜିଷ୍ଟିକ୍ସ ପାଇଁ ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କଠାରୁ ଜାତୀୟ ସ୍ତରରେ ପୁରସ୍କାର ଲାଭ କରିଛନ୍ତି। ସେହିପରି ରାଜ୍ୟସ୍ତରରେ ଟିମ୍ ନୂଆପଡ଼ାଙ୍କୁ ରାଜ୍ୟସ୍ତରୀୟ ସମ୍ମିଳନୀ କେନ୍ଦ୍ରରେ(ଷ୍ଟେଟ କନଭେନ୍ସନ ସେଣ୍ଟର) ଭୁବନେଶ୍ୱରରେ ଶ୍ରେଷ୍ଠ ନିର୍ବାଚନ ବର୍ଗରେ ସମ୍ମାନିତ କରାଯାଇଛି। ନୂଆପଡ଼ା ଉପଜିଲାପାଳ ସୁର୍ମି ସୋରେନ, ଡେପୁଟି କଲେକ୍ଟର (ନିର୍ବାଚନ) ଶେଖ ନସିମ ଓ ଜିଲା ଇନଫୋର୍ମେଟିକ୍ସ ଅଫିସର (ଏନଆଇସି)ବିନୟ ତିୱାରିଙ୍କୁ ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢୀ, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏସ୍. ଗୋପାଳନ ପ୍ରମୁଖ ସମ୍ମାନିତ କରିଛନ୍ତି। ନିକଟ ଅତୀତରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ସଫଳତାର ସହିତ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବରେ ନୂଆପଡା ବିଧାନସଭା ଉପନିର୍ବାଚନ ସମ୍ପନ୍ନ ହୋଇଛି। ଏହି ଉପ ନିର୍ବାଚନରେ ଅନେକ ନୂତନ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଦୁର୍ଗମ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ଲଜିଷ୍ଟିକ ଚ୍ୟାଲେଞ୍ଜକୁ ଦୂର କରିବା ପାଇଁ ହେଲିକେପ୍ଟର ବ୍ୟବହାର କରାଯାଇଥିଲା। ପ୍ରମୁଖ ଉଦ୍ଭାବନ ମଧ୍ୟରେ ଜିଆଇଏସ ଆଧାରିତ ସର୍ଟ ଯୋଜନା ଥିଲା। ସମନ୍ୱିତ ଏୟାର ଗ୍ରାଉଣ୍ଡ ରୁଟ ମିଶ୍ରଣ କରି ଏକ ହାଇବ୍ରିଡ ପରିବହନ ମଡେଲ ଉପଯୋଗ କରାଯାଇଥିଲା। ଦୁର୍ଗମ ସୁନାବେଡାଠାରେ ହେଲିପ୍ୟାଡ ନିର୍ମାଣ କରାଯାଇଥିଲା। ଫଳରେ କୌଣସି ଭୋଟର ଭୋଟଦାନରୁ ବଞ୍ଚିତ ହୋଇ ନ ଥିଲେ। ଶତ ପ୍ରତିଶତ ପୋଲିଂ ଟିମ ନିୟୋଜିତ , ଶୂନ୍ୟ ପରିବହନ ଅଘଟଣ ଓ ଭୋଟରଙ୍କ ଯୋଗଦାନ ବୃଦ୍ଧି କରାଯାଇଥିଲା । ଏଥିପାଇଁ ନୂଆପଡା ଉପ ନିର୍ବାଚନରେ ୮୩.୪୫ ପ୍ରତିଶତ ମତଦାନ ହୋଇ ସମଗ୍ର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। କୌଣସି ପୁରସ୍କାର ସମ୍ପୂର୍ଣ୍ଣ ଏକ ଦଳଗତ କାର୍ଯ୍ୟ। ଏହି ସମ୍ମାନ ଟିମ୍ ନୂଆପଡାର ସମସ୍ତ ଅଧିକାରୀ, କର୍ମଚାରୀ ଓ ଜିଲାର ସମସ୍ତ ଜନସାଧାରଣଙ୍କ ପ୍ରତି ଉତ୍ସର୍ଗୀକୃତ ବୋଲି ନୂଆପଡ଼ା ଜିଲାପାଳ ଦାଶ କହିଛନ୍ତି।

## ୧୩ ଫୁଟ ସରସ୍ୱତୀ ମୂର୍ତ୍ତିର ଭସାଣି ଉତ୍ସବ

କେସିଙ୍ଗା, ୨୫।୧ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା କମଳାକାନ୍ତ ନର୍ସିଂ କଲେଜରେ ଚଳିତବର୍ଷ ସରସ୍ୱତୀଙ୍କ ପୂଜା ଭକ୍ତି ଓ ଉତ୍ସାହର ସହିତ ଅନୁଷ୍ଠିତ ହୋଇଥିଲା। ରବିବାର ପୂଜା ଉଦ୍‌ଯାପିତ ଓ ଭସାଣି ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀଙ୍କ ପୂଜା ଅବସରରେ କଲେଜ ପରିସର ଭକ୍ତିମୟ ପରିବେଶ ହୋଇଥିଲା। ଏବର୍ଷ କଲେଜ ପକ୍ଷରୁ ପ୍ରାୟ ୧୩ ଫୁଟ ଉଚ୍ଚତାର ଏକ ଭବ୍ୟ ଓ ଆକର୍ଷଣୀୟ ମା' ସରସ୍ୱତୀଙ୍କ ମୂର୍ତ୍ତି ନିର୍ମାଣ କରାଯାଇଥିଲା। ଯାହା ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ପୂଜା ଅବସରରେ ହୋମ, ଆରତି, ପୁଷ୍ପାଞ୍ଜଳି ଓ ଭୋଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ଭଜନ ଓ କୀର୍ତ୍ତନରେ ସମଗ୍ର କଲେଜ ପରିବେଶ ଆନନ୍ଦମୟ ହୋଇଉଠିଥିଲା। ପୂଜା ଶେଷ ପରେ ରବିବାର ଭଷାଣି ଏକ ଭବ୍ୟ ଯାତ୍ରା ଆୟୋଜିତ କରାଯାଇଥିଲା। କଲେଜ ପରିସରରୁ ଆରମ୍ଭ ହୋଇ ଏହି ଯାତ୍ରା କେସିଙ୍ଗା ସହରର ମୁଖ୍ୟ ରାସ୍ତା ଦେଇ ପରିକ୍ରମା କରିଥିଲା। ଡିଜେ ଓ ମା' ସରସ୍ୱତୀଙ୍କ ଜୟଘୋଷ ସହିତ ଯାତ୍ରା ସହରକୁ ଉତ୍ସବମୁଖର କରିଦେଇଥିଲା। ଭାସାଣି ଯାତ୍ରାକୁ ଦେଖିବା ପାଇଁ ରାସ୍ତାର ଦୁଇ ପାର୍ଶ୍ୱରେ ସାଧାରଣ ଲୋକଙ୍କ ଭିଡ଼ ଜମାଇଥିଲା। ପରେ ଏହି ଯାତ୍ରା ତେଲ ନଦୀ ଘାଟରେ ପହଞ୍ଚିଥିଲା। ସେଠାରେ ସମସ୍ତ ଧାର୍ମିକ ରୀତିନୀତି ପାଳନ କରାଯାଇ ମା' ସରସ୍ୱତୀଙ୍କ ମୂର୍ତ୍ତିକୁ ଭକ୍ତିଭାବରେ ନଦୀରେ ଭାଷାଣି କରାଯାଇଥିଲା। ନିର୍ଦ୍ଦେଶକ ସନ୍ଦୀପ ନନ୍ଦ କହିଛନ୍ତି, ଏପରି ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକତା, ଶୃଙ୍ଖଳା ଓ ସଂସ୍କୃତି ପ୍ରତି ସମ୍ମାନ ବୃଦ୍ଧି କରେ।



୧୩ ଫୁଟ ଉଚ୍ଚତାର ମା' ସରସ୍ୱତୀଙ୍କ ମୂର୍ତ୍ତି ଭସାଣି ଲାଗି ନିଆଯାଉଛି।



ରାଷ୍ଟ୍ରପତିଙ୍କଠାରୁ ଜିଲାପାଳ ପୁରସ୍କାର ଗ୍ରହଣ କରୁଛନ୍ତି।

## ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଖଡ଼ିଆଳ, ୨୫।୧ (ସୁଜିତ କୁମାର ପ୍ରଧାନ)-ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ରାଣୀମୁଣ୍ଡା ସରପଞ୍ଚ ତୁକାରାମ ହିଆଲ କମ୍ପାନୀଗୁମା ପ୍ରଧାନମନ୍ତ୍ରୀ ରାସ୍ତାଠାରୁ କଦଳୀ ଝରଣ ଜଳପ୍ରପାତ ଓ ସେଠାରେ ଥିବା ଶୈବପୀଠକୁ ରାସ୍ତା ନିର୍ମାଣ କରିବା ପାଇଁ ନୂଆପଡ଼ା ଜିଲାପାଳଙ୍କ ଠାରେ ଦାବି କରିଛନ୍ତି। କମ୍ପାନୀଗୁମା ପ୍ରଧାନମନ୍ତ୍ରୀ ରାସ୍ତାଠାରୁ କଦଳୀ ଝରଣ ଜଳପ୍ରପାତ ପର୍ଯ୍ୟନ୍ତ ଜଙ୍ଗଲ ମଧ୍ୟରେ ପାଞ୍ଚ କିଲୋମିଟର ଲମ୍ବ ରାସ୍ତା ରହିଛି। ସେହି ରାସ୍ତା ପ୍ରଧାନମନ୍ତ୍ରୀ ରାସ୍ତାରୁ କମ୍ପାନୀଗୁମା ପର୍ଯ୍ୟନ୍ତ ପୂର୍ବରୁ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇସାରିଛି। ଏହି ରାସ୍ତା ନିର୍ମାଣ କରିବା ପାଇଁ ପର୍ଯ୍ୟଟନ ବିଭାଗ ଭୁବନେଶ୍ୱରଙ୍କୁ ମଧ୍ୟ ପଞ୍ଚାୟତ ପକ୍ଷରୁ ରିଜ୍ୟୁଲେସନ କରାଯାଇଛି। ଜିଲାପାଳଙ୍କ ତତ୍ତ୍ୱାବଧାନରେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ତୁରନ୍ତ ସେହି କଦଳୀ ଝରଣ ଜଳପ୍ରପାତ ଓ ଶୈବପୀଠକୁ ଜଙ୍ଗଲ ମଧ୍ୟରେ ରାସ୍ତା ନିର୍ମାଣ ହେବ ସେନେଇ ସ୍ୱୀକୃତି ଦେବାକୁ ଦାବି କରିଛନ୍ତି। କାରଣ କଦଳୀ ଝରଣ ଜଳପ୍ରପାତ ଶୈବପୀଠକୁ ଦୈନିକ ଲୋକ ଯିବା ଆସିବା କରୁଛନ୍ତି। ହେଲେ ସେଠାକୁ ଯିବାକୁ ରାସ୍ତା ନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟ ଓ ଗ୍ରାମବାସୀ ଦାବି କରିଛନ୍ତି।


**OFFICE OF THE MUNICIPAL COUNCIL : BALANGIR**

Address: - Office of the Balangir Municipal Council Balangir, Opp. Of Rajendra Park Balangir, Pin: - 767001, Ph No.:- 06652 232720, Email ID:- bgrmc1972@gmail.com

Letter No-576/BM. Date : 21.01.2026

**QUOTATION CALL NOTICE**

**No.13001/5/2526** : Balangir Municipality invites quotation call in Double Covers from registered, experienced and eligible transporters / agencies/ Owner for transportation of Non-recyclable waste, i.e. Refuse Derived Fuel (RDF) / Plastic Waste from Balangir Municipality to cement plants for co-processing, using **14-16 Ton capacity covered trucks**. The sealed quotation supported by relevant details and proof of their eligibility is to be submitted in closed covers addressed to the Executive Officer, Balangir Municipality, Dist.-Balangir (Odisha), PIN-767001 on or **before 4.00 PM 04.02.2026** through Speed Post/Registered Post only. The complete Quotation Document can be downloaded from the Balangir Municipality website (http://www.balangirmunicipality.in/) from **Dt. 22.01.2026** onwards. All bidders are requested to go through the Quotation Call before submission of proposal. Balangir Municipality reserves the right to reject any or all the Quotation Call without assigning any reason thereof.

Sd./- Executive Officer, Balangir Municipality

OIPR-13001/13169/1/25-26/0005

**GOVERNMENT OF ODISHA, DEPARTMENT OF WATER RESOURCES**

**Office of the Engineer-In-Chief, Water Resources, Secha Sadan, Bhubaneswar**

No.32001/6/2526 Email Address : cemech.eicwr.od@gmail.com

**e-Procurement Notice Bid Identification No. - CEM/MDC-28/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDC - 28/2025-26
5. Estimated Cost : Rs.28,26,008.00
6. Period of Completion : 30 Days
7. Date & time of availability of bid documents in the Portal : From dt. 30.01.2026 (10.00 A.M.) to dt. 06.02.2026 (5.30 P.M.)
8. Last date / time for receipt of bid in the portal : Dt. 06.02.2026 (up to 5.30 P.M.)
9. Date and Place of opening of Bid : Dt.07.02.2026 (12.00 Noon onwards in the O/O the undersigned)
10. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.

Sd./- Chief Engineer, Mechanical, O/O - Engineer-In-Chief, Secha Sadan, Bhubaneswar

OIPR-32001/32520/1/25-26/0006

**DEPARTMENT OF P.R & D.W**

**INVITATION FOR BIDS (IFB)**

**IDENTIFICATION NO. : TALC-05/2025-26**

E-mail address : ori-talcher@nic.in

**No.i-489** :The Block Development Officer, Talcher on behalf of the Governor of Orissa invites Percentage rate procurement bid in double cover system for the goods/equipments, from the class of eligible suppliers have being manufacturing units or importers/ authorized distributers on behalf of manufactures. Registered with the State Government and contractors of equivalent grade / Class registered with Central Government / MES / Railway, to be eventually drawn up in judicial contract (affidavit format) for the supply of Goods. Bidders may submit bids for any or all the following goods/equipments.

| Sl. No. | Name of Equipment | Approx. Value (Rs. In Lakhs) | Bid Security (Rs.) (EMD) | Cost of documents (Non-refundable) | Stipulated time of Supply & Installation |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 01 | Installation of Audio Visual System for meeting-cum-Conference Hall for public meeting at the Office of the Sub-Collector & SDM, Talcher | @19.00/- | 38000.00 | 10000.00 | One Calendar month |

For more details log on to www.angul.odisha.gov.in

Sd./- Block Development Officer, Talcher

OIPR-

**GOVERNMENT OF ODISHA, DEPARTMENT OF WATER RESOURCES**

**Office of the Addl. Chief Engineer, Mechanical Circle, Bhubaneswar**

Email Address: semechcircle104@gmail.com

**e-Procurement Notice**

**Bid Identification No.ACEM/MDC-53/2025-26**

No.32001/6/2526

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : ACEM/MDC-53/2025-26
5. Estimated Cost : Rs.10,58,079/-
6. Period of Completion : 01 (One) Calendar Month
7. Date & Time of availability of bid documents in the Portal : From Dt.22.01.2026 (10.00 AM) to dt.03.02.2026 (5.30 PM)
8. Last date/time for receipt of bid in the Portal : dt.03.02.2026 (upto 5.30 PM)
9. Date and Place of Opening of Bid : Dt.04.02.2026 (12.00 Noon onwards in the O/o the Undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-Procurement portal https://tendersodisha.gov.in. Any further issue of Addenda/Corrigenda/ Cancellation Notice shall be uploaded in the aforesaid website only.

Sd./- Addl. Chief Engineer, Mechanical Circle, Bhubaneswar

OIPR-32001/32405/1/25-26/0006

**DISTRICT SOCIAL SECURITY SECTION, SUBARNAPUR**

**NOTICE INVITING TENDERS (NIT)**

**Bid Reference No: 107 /SSEPD/Date: 21/01/2026**

**No.gg-31** : Collector, Subarnapur invites sealed tenders from the Original Equipment Manufacturer (OEM) / OEM authorized vendors for supply of readymade items of Aids/Appliances under BBSA schemes to District under two bid systems (Technical & Financial). The bid document may be downloaded from the official website: (https://subarnapur.odisha.gov.in/).

Bidders shall ensure that their bids complete in all respects, shall be submitted by Registered Post/Speed Post/Courier at SSEPD Section, Collectorate, Subarnapur (Sonepur), Odisha, PIN-767017 on or before the closing date and time.

Date of issue of tender : **21/01/2026**

Last date of receipt of tender : **11/02/2026 (5:00 PM)**

OIPR- Sd./- Collector, Subarnapur

इंडियन बैंक Indian Bank इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ: ବ୍ରହ୍ମପୁର**, ପ୍ଲଟ୍ ନଂ.: ୭୦୪/୭୧୭୨ ଏବଂ ୭୦୪/୭୧୭୪, ୧ମ ମହଲା, ଶ୍ରୀ କ୍ରିଷ୍ଣା ବିହାର ଚୌକ, ମେନ୍ ରୋଡ୍, ଆମ୍ବପୁଆ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୧୧

ପରିଶିଷ୍ଟ-୪[ରୁଲ୍-୮(୧)]

**ଦଖଲ ନୋଟିସ୍**

(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର /ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ବ୍ରହ୍ମପୁର ମୁଖ୍ୟ ଶାଖା / ଋଣଗ୍ରହୀତାମାନେ: ୧) ମେସର୍ସ ଏ୧ ଢ଼ାବା ଆଣ୍ଡ ରେଷ୍ଟୁରାଣ୍ଟ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ରଶ୍ମିଲତା ସ୍ୱାଇଁ, ପ୍ଲଟ୍ ନଂ.: ୧୩୮୧/ ୧୫୫୯/୩୧୬୧ ଏବଂ ୧୩୮୧/୧୫୬୦/୩୧୬୨, ମୌଜା: ହୁମୁରି, ପୋ/ଥାନା/ତହସିଲ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍- ୭୬୧୦୨୦, ୨) ଶ୍ରୀମତୀ ରଶ୍ମିଲତା ସ୍ୱାଇଁ, ସ୍ୱାମୀ: ୰ ମିହିର ରଞ୍ଜନ ସ୍ୱାଇଁ, ୩) ଶ୍ରୀ ସୁବ୍ରତ ସ୍ୱାଇଁ, ପିତା: ୰ ମିହିର ରଞ୍ଜନ ସ୍ୱାଇଁ, ଉଭୟଙ୍କ ଠିକଣା- ସା/ପୋ: କୁମାରବେଗପଲ୍ଲୀ, ଭାୟା: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୨୦ | ୨୦.୧୧.୨୦୨୫ ସୁଦ୍ଧା ଟ.୩୩,୩୬,୪୭୫.୦୦ + ସେବାବଦ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ | ୨୦.୧୧.୨୦୨୫ / ୨୧.୦୧.୨୦୨୬ | ଶ୍ରୀମତୀ ରଶ୍ମିଲତା ସ୍ୱାଇଁ, ସ୍ୱାମୀ: ୰ ମିହିର ରଞ୍ଜନ ସ୍ୱାଇଁଙ୍କ ନାମରେ ଥିବା ଘରବାରି ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୨୩/୧୦୭୭, ପୁରୁଣା ଖାତା ନଂ.: ୮୩, ପ୍ଲଟ୍ ନଂ.: ୧୩୮୧/୧୫୫୯/୩୧୬୧, କ୍ଷେତ୍ର: ଏକର୦.୦୬୦ଡିସିମିଲି ଏବଂ ପ୍ଲଟ୍ ନଂ.: ୧୩୮୧/୧୫୬୦/୩୧୬୨, କ୍ଷେତ୍ର: ଏକର୦.୧୧୦ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୧୭୦ଡିସିମିଲି, ମୌଜା: ହୁମୁରି, ତହସିଲ/ଭାୟା: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଏହାର ଚଉହଦି- ପୂର୍ବ: ସିମାଞ୍ଚଳ ସାହୁଙ୍କ ଜମି, ପଶ୍ଚିମ: ବଟଳ ହରିବନ୍ଧୁଙ୍କ ଜମି, ଉତ୍ତର: ବଟଳ ହରିବନ୍ଧୁଙ୍କ ଜମି, ଦକ୍ଷିଣ: ଜାତୀୟ ରାଜପଥ ନଂ. ୧୬ (ପୁରୁଣା ଏନ୍‌ଏଚ୍ ନଂ. ୫), ସିଇଆର୍‌ଏସ୍‌ଏଆଇ: ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇଡ଼ି-୪୦୦୦୫୦୦୧୮୫୯୨ |

ତାରିଖ: ୨୫.୦୧.୨୦୨୬, ସ୍ଥାନ: ବ୍ରହ୍ମପୁର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ବୌଦ୍ଧରେ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

**ମହିଳାଙ୍କୁ ବଳାତ୍କାର ଘଟଣା**

**ବୌଦ୍ଧ,୨୫।୧(ଅଜିତ କୁମାର ବାରିକ)**

ବୌଦ୍ଧ ଥାନା ବନ୍ଧାପଥର ଗ୍ରାମରେ ଗତ ୧୭ ତାରିଖରେ ଜଣେ ମହିଳାଙ୍କୁ ବଳାତ୍କାର ଘଟଣାକୁ ନେଇ ବିରୋଧୀ ବିଜେଡି ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ବର୍ତ୍ତମାନ ଏହି ଘଟଣାକୁ ଶାସକ ଦଳ ଓ ପୋଲିସ ପ୍ରଶାସନ ମିଳିତ ଭାବେ ଚପାଇବାକୁ ଉଦ୍ୟମ କରୁଥିବା ବିଜେଡି ଅଭିଯୋଗ କରିଛି। ଏ ନେଇ ରବିବାର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ମହିଳା ବିଜେଡି ସଭାନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ବୌଦ୍ଧ ଗସ୍ତ କରି ଘଟଣାର ଖୋଳତାଡ କରିଛନ୍ତି। ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପ୍ରଥମେ ବୌଦ୍ଧ ମେଡିକାଲକୁ ଯାଇ ପୀଡ଼ିତାକୁ ଭେଟିବାକୁ ଚେଷ୍ଟା କରିଥିଲା। ତେବେ ପୀଡ଼ିତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବାରୁ ଏହି ଟିମ୍ ନିରାଶ ହୋଇଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟିବା ପାଇଁ କାର୍ଯ୍ୟାଳୟକୁ ଯାଇଥିଲେ ମଧ୍ୟ ସେ ନ ଥିବାରୁ ସେମାନେ ଫେରିଯାଇଥିଲେ। ପରେ ଏହି ଟିମ୍ ବୌଦ୍ଧ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇ ଏସ୍‌ପି ରାହୁଲ ଗୋଏଲଙ୍କ ସହ ଆଲୋଚନା କରିଥିଲେ। ଏହି ଘଟଣାରେ ୪ ଜଣ ଅଭିଯୁକ୍ତ ଥିବାବେଳେ କାହିଁକି ଜଣଙ୍କ ନାମରେ ମାମଲା ରୁଜୁ କରି ଅନ୍ୟ ଅଭିଯୁକ୍ତମାନଙ୍କୁ ବାଦ୍ ଦିଆଗଲା ଏବଂ ଘଟଣାର ୮ ଦିନ ପରେ ବି କାହିଁକି ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହି ବୋଲି ସଭାନେତ୍ରୀ ଛୁରିଆ ପ୍ରଶ୍ନ କରିଥିଲେ। ତେବେ ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଥିବା ନେଇ ଉକ୍ତ ଟିମ୍ ସୂଚନା ଦେଇଛନ୍ତି। ବିଜେଡିର ଉକ୍ତ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପୀଡ଼ିତାଙ୍କୁ ଭେଟିବା ପାଇଁ ସଖି ସେଣ୍ଟରକୁ ଯାଇଥିଲେ ମଧ୍ୟ ଭେଟି ପାରି ନ ଥିଲେ। ଅନ୍ୟପକ୍ଷେ ଅପରାହ୍ନରେ ସର୍କିଟ ହାଉସଠାରେ ଏକ ଖବରଦାତା ସମ୍ମିଳନୀ କରି ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏହି ଘଟଣାକୁ ନେଇ ବୌଦ୍ଧ ଜିଲାରେ ବର୍ତ୍ତମାନ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଷୁଡି ପଡିଥିବା କହିଥିଲେ। ଜିଲାରେ ଲୁଟ, ବଳାତ୍କାର, ନିଶା କାରବାର ବଢି ଚାଲିଥିବାବେଳେ ଏଥିରେ ଶାସକ ଦଳର ହାତ ଥିବାରୁ ଚାପରେ ପ୍ରଶାସନ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଥିବା ସେ ଅଭିଯୋଗ କରିଥିଲେ। ଖବରଦାତା ସମ୍ମିଳନୀରେ ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ପୂର୍ବତନ ବୌଦ୍ଧ ଏନ୍‌ଏସି ଅଧ୍ୟକ୍ଷା ଦିପ୍ତପ୍ରଭା ସ୍ୱାଇଁ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

# ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ



ମନ୍ଦିର ପ୍ରତିଷ୍ଠା ଉତ୍ସବରେ କର୍ତ୍ତାମାନେ।

**ସୋନପୁର,୨୫।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ସ୍ଥିତ ଭଗବତୀ ପ୍ଲଟଠାରେ ତିନି ଦିନ ଧରି ଚାଲିଥିବା ଶ୍ରୀଶ୍ରୀ ରାଧାକୃଷ୍ଣଙ୍କ ନୂତନ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ସମ୍ପନ୍ନ ହୋଇଛି। ଅପରାହ୍ନରେ ନୂତନ ବିଗ୍ରହ ସିଂହାସନ ଆରୋହଣ କରିବା ପରେ ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି ହୋଇଛି। ସୋନପୁର ଗୋପାଳଜୀ ମନ୍ଦିରର ମହାରାଜ ବଂଶୀଧର ମହନ୍ତଙ୍କ ତତ୍ତ୍ୱାବଧାନରେ ପୂଜକ କାଳୀଚରଣ ମିଶ୍ରଙ୍କ ପୌରୋହିତ୍ୟରେ ପ୍ରତିଷ୍ଠା ଉତ୍ସବ ଆୟୋଜିତ ହୋଇଥିଲା। ଶୁକ୍ରବାର ମଧ୍ୟାହ୍ନରେ ମଙ୍ଗଳାରୋପଣ ଓ କଳସ ଯାତ୍ରା ହୋଇଥିଲା। ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇଥିଲେ। ଶନିବାର ପ୍ରାତଃ ସମୟରୁ ନାମଯଜ୍ଞ ଆରମ୍ଭ ହୋଇଥିଲା। ପରେ ରୀତିନୀତି ଅନୁଯାୟୀ ନୂତନ ବିଗ୍ରହ ପ୍ରତିଷ୍ଠା ହୋଇଥିଲା। ସନ୍ଧ୍ୟାରେ ବ୍ୟାସ ମୋନାଲି ମହାପାତ୍ରଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ ଆୟୋଜିତ ହୋଇଥିଲା। ପ୍ରତିଷ୍ଠା ଉତ୍ସବରେ କର୍ତ୍ତାଭାବେ ପ୍ରକାଶ ଚନ୍ଦ୍ର ସାହୁ ଓ ଧର୍ମପତ୍ନୀ ତାମସୀ ତାମସ୍ୱିତା ନାୟକ, ପ୍ରମୋଦ କୁମାର ଆଚାର୍ଯ୍ୟ ଓ ଧର୍ମପତ୍ନୀ ମୌସୁମୀ, ଅମର କୁମାର ଭୁତ ଓ ଧର୍ମପତ୍ନୀ ରୀମା, ମାନଭଞ୍ଜନ ବେଦବାକ୍ ଓ ଧର୍ମପତ୍ନୀ ଜୟନ୍ତୀ ଦାୟିତ୍ୱ ନିର୍ବାହ କରିଥିଲେ। ଭଗବତୀ ପ୍ଲଟର ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ମେହେର, ଉମେଶ ମହେର, ଘସିଆ ମେହେର, ବିଶିକେଶନ ମେହେର, ନାରାୟଣ ମେହେର, ଦେବେନ୍ଦ୍ର ମେହେର ପ୍ରମୁଖଙ୍କ ସମେତ ମନ୍ଦିର କମିଟି ଓ ଯୁବ କମିଟି ସଭାପତି ପିଣ୍ଟୁ ରଥ, ସମ୍ପାଦକ ଧୀରେନ୍ଦ୍ର ମେହେରଙ୍କ ସମେତ ସମସ୍ତ ସଦସ୍ୟଙ୍କ ସହଯୋଗରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଛି। ସହର ଓ ସହର ବାହାରୁ ଶତାଧିକ ମହିଳା ଓ ପୁରୁଷ କାର୍ଯ୍ୟକ୍ରମରେ ଯୋଗଦାନ କରି ପ୍ରଭୁଙ୍କ ଆଶିଷ ଲାଭ କରିବା ସହ ପ୍ରସାଦ ସେବନ କରିଥିଲେ।

# ସ୍ୱତନ୍ତ୍ର ଶୀତକାଳୀନ ଶିବିର ଉଦ୍‌ଘାଟିତ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବାଉଁଶୁଣୀ,୨୫।୧(ଦେବାଶିଷ ନେପାକ)**

ବାଉଁଶୁଣୀର ମାଁ ମାହେଶ୍ୱରୀ ସ୍ନାତକ ମହାବିଦ୍ୟାଳୟରେ ରବିବାର ସାତଦିନିଆ ସ୍ୱତନ୍ତ୍ର ଶୀତକାଳୀନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଠାରେ ବାଉଁଶୁଣୀ ଥାନା ଏସ୍‌ଆଇ କାଜଲ ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାକୃତ ସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ବାଉଁଶୁଣୀ ଥାନାର ପ୍ରତାପ କୁମାର ନାୟକ, ମାଁ ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ଏବଂ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡକ୍ଟର ଉମାକାନ୍ତ ବିଶ୍ୱାଳ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ବାବାରାମ୍ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଉମାକାନ୍ତ ବିଶ୍ୱାଳ ଜାତୀୟ ସେବା ଯୋଜନାର ଇତିହାସ ଉପରେ ବର୍ଣ୍ଣନା କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଶିବିରରେ ୨୫ ଜଣ ଲେଖାଏ ମହିଳା ପୁରୁଷ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି।

# ବୈଦିକ ଜୀବନ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବିନିକା,୨୫।୧(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା ପଞ୍ଚାୟତ ଅନ୍ତର୍ଗତ ପୂଜାରୀ ସାହାଜବାହାଲରେ ବ୍ରହ୍ମାନନ୍ଦ ଆଶ୍ରମ ପ୍ରତିଷ୍ଠା ମହୋତ୍ସବ ଅବସରରେ ବୈଦିକ ଜୀବନ ବିଦ୍ୟାଳୟର ବାର୍ଷିକ ଉତ୍ସବ, ଗୀତା ଯଜ୍ଞ, ନାମ ଯଜ୍ଞ ଓ ବ୍ରହ୍ମାନନ୍ଦ ଆଶ୍ରମର ପ୍ରତିଷ୍ଠା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ହରିଦ୍ୱାର ଆଶ୍ରମର ବ୍ରହ୍ମଚାରୀ ବନମାଳୀ ପୂଜାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କଳସ ଶୋଭାଯାତ୍ରାରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସ୍ଥାନୀୟ ସାଗର ପୋଖରୀରେ ପୂଜାର୍ଚ୍ଚନା ପୂର୍ବକ ପୂର୍ଣ୍ଣ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଗୀତା ଯଜ୍ଞ ଓ ନାମଯଜ୍ଞରେ କର୍ତ୍ତାଭାବେ ଦୈତାରୀ ପୂଜାରୀ ଓ ଧର୍ମପତ୍ନୀ ସୁନନ୍ଦାମୟୀ ମହାପାତ୍ର ଦାୟିତ୍ୱ ତୁଲାଇଥିଲେ। ଆଶ୍ରମ ପରିସରରେ ମହାରାଜ ବ୍ରହ୍ମଚାରୀ ବନମାଳୀ ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଦିକ ଜୀବନ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମାତାଜୀ ବହ୍ମାନନ୍ଦମୟୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବୈଦିକ ଜୀବନ ଶୈଳୀ, ଜୈବିକ କୃଷି ଓ ଆୟୁର୍ବେଦ ଔଷଧର ବ୍ୟବହାର ସମାଜରେ ସୁଖଶାନ୍ତି ଆଣିପାରିବ ବୋଲି କହିଥିଲେ। ତେଣୁ ପ୍ରତ୍ୟେକ ଗ୍ରାମକୁ ଗୋଟିଏ ଲେଖାଏ ଆଦର୍ଶ ଗ୍ରାମରେ ପରିଣତ କରିବା ଆମ ଲକ୍ଷ୍ୟ ବୋଲି ସେ କହିଥିଲେ। ଐତିହାସିକ ଓ ସାହିତ୍ୟିକ ସୁଦାମ ନାଏକ ମୁଖ୍ୟବକ୍ତାଭାବେ ଯୋଗଦେଇ ସୁବର୍ଣ୍ଣପୁରର ସମୃଦ୍ଧି ପାଇଁ ଭାରତୀୟ ସଂସ୍କୃତିକୁ ନିଜ ଜୀବନରେ ପ୍ରୟୋଗ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ବୈଦିକ ଜୀବନ ବିଦ୍ୟାଳୟ ସଂଯୋଜକ ଭବାନୀଶଙ୍କର ଚାନ୍ଦ, ବୈବସ୍ୱତ ପଣ୍ଡା, ଅଚ୍ୟୁତାନନ୍ଦ ପୁରୋହିତଙ୍କ ତତ୍ତ୍ୱାବଧାନରେ ବୌଦ୍ଧ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲାର ବିଭିନ୍ନ ବୈଦିକ ଜୀବନ ବିଦ୍ୟାଳୟର ଛାତ୍ରୀଛାତ୍ର ଗୁରୁପୂଜନ ପରେ ଗୀତା ଆବୃତ୍ତି, ଭକ୍ତି ନୃତ୍ୟ ଓ ଭକ୍ତି ଗୀତରେ ପ୍ରତିଭା ପ୍ରଦର୍ଶନ କରିଥିଲେ। ବୈଦିକ ଜୀବନ ବିଦ୍ୟାଳୟର ସୁବର୍ଣ୍ଣପୁର ଜିଲା ନିର୍ଦ୍ଦେଶକ ପ୍ରେମାନନ୍ଦ ପୂଜାରୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧ୍ୟାପକ ଡକ୍ଟର ଦୈତାରୀ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରେଷ୍ଠ ଡିଇଓ ଭାବେ ସମ୍ବର୍ଦ୍ଧିତ ହେଲେ ସୁବର୍ଣ୍ଣପୁର ଜିଲାପାଳ

**ସୋନପୁର,୨୫।୧(ମୃତ୍ୟୁଞ୍ଜୟ ଶତପଥୀ)**

୧୬ତମ ଜାତୀୟ ମତଦାତା ଦିବସ ୨୦୨୬ ଉପଲକ୍ଷେ ରାଜ୍ୟସ୍ତରୀୟ ସମାରୋହ ଭୁବନେଶ୍ୱରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରେଷ୍ଠ ଡିଇଓ(ଜିଲା ନିର୍ବାଚନ ଅଧିକାରୀ) ଭାବେ ସୁବର୍ଣ୍ଣପୁର ଜିଲାପାଳ ଡ଼. ନୃପରାଜ ସାହୁ ସମ୍ବର୍ଦ୍ଧିତ ହୋଇଛନ୍ତି। ଓଡ଼ିଶା ରାଜ୍ୟ ନିର୍ବାଚନ ଅଧିକାରୀ ଆର୍ ସନ୍ତ୍ ଗୋପାଳନ ଓ ରାଜ୍ୟ ନିର୍ବାଚନ କମିଶନର ମଧୁ ସୁଦନ ପାଢୀଙ୍କ ଦ୍ୱାରା ଡ଼ ସାହୁ ସମ୍ବର୍ଦ୍ଧିତ ହୋଇ ଜିଲାର ଗୌରବ ବୃଦ୍ଧି କରିଛନ୍ତି। ଜିଲାରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ପାଇଁ ପ୍ରାକ ପ୍ରସ୍ତୁତି ଓ ତଦାରଖ କାର୍ଯ୍ୟ ତତ୍ପରତା ଓ ସଫଳତା ପାଇଁ ଏହି ସମ୍ମାନ ମିଳିଥିବା ଜଣାଯାଇଛି।



ଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଶୋକସଭାରେ ଗୌରୀଶ୍ୟାମ ପଣ୍ଡାଙ୍କ ସ୍ମୃତିଚାରଣ



ଶୋକସଭାରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

**ସୋନପୁର,୨୫।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ମାଟିର ଜଣେ ନିଷ୍ଠାବାନ ସମାଜସେବୀ ତଥା ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରର ଅଗ୍ରଣୀ ବ୍ୟକ୍ତିତ୍ୱ ଗୌରୀଶ୍ୟାମ ପଣ୍ଡାଙ୍କ ଦେହାନ୍ତରେ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମହାନଦୀ ସାହିତ୍ୟ ସଂସଦର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶୋକସଭାରେ ମହାନଦୀ ସାହିତ୍ୟ ସଂସଦର ସଭାପତି ସୌରଭ ରଞ୍ଜନ ଖମାରୀ, ରଞ୍ଜିତା ପଣ୍ଡା, ନାଟ ଅନୁଷ୍ଠାନ କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ ସାହୁ, ବନମାଳୀ ପଣ୍ଡା, ଅବିନାଶ ହୋତା, ସଞ୍ଜୟ ପଣ୍ଡା, ଇଙ୍କଫେଷ୍ଟର ଘାସିରାମ ପଣ୍ଡା, ରେୟାର ସାମାଜିକ ଅନୁଷ୍ଠାନର ଅନଙ୍ଗ ନେଗୀ, ଶିବଦତ୍ତ ଚାନ୍ଦ, ସନ୍ତୋଷ ମିଶ୍ର, ଟ୍ରେଣ୍ଡି ଏକାଡେମୀର ଶିବଶଙ୍କର କମ୍ପଙ୍କ ସହ କବି ରଞ୍ଜୁ ଅମାତ ପ୍ରମୁଖ ଦିବଙ୍ଗତ ଗୌରୀଶ୍ୟାମ ପଣ୍ଡାଙ୍କ ଅମର ଆତ୍ମା ସଦଗତି କାମନା କରିବା ସହ ସ୍ମୃତିଚାରଣ କରିଥିଲେ। ଏହି ଶୋକସଭାରେ ଅଞ୍ଚଳର ବୁଦ୍ଧିଜୀବୀ, ସାହିତ୍ୟିକ, ସଂସ୍କୃତିପ୍ରେମୀ, ସାମାଜିକ କର୍ମୀ ଓ ବିଭିନ୍ନ ସଙ୍ଗଠନ ପ୍ରତିନିଧିମାନେ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ଅମର ସ୍ମୃତିକୁ ସ୍ମରଣ କରିଥିଲେ। ତାଙ୍କର ସମାଜସେବା, ନିଷ୍ଠା,ସରଳତା ଓ ମାନବିକ ମୂଲ୍ୟବୋଧ ସମାଜ ପାଇଁ ଏକ ଅନୁକରଣୀୟ ଦୃଷ୍ଟାନ୍ତ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଶୋକସଭାରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଗୌରୀଶ୍ୟାମଙ୍କ ଅବଦାନ ସୁବର୍ଣ୍ଣପୁରର ସାମାଜିକ ଓ ସାଂସ୍କୃତିକ ଇତିହାସରେ ସଦା ସ୍ମରଣୀୟ ହୋଇ ରହିବ ବୋଲି ଶୋକସଭାରେ ଏକମତ ପ୍ରକାଶ ପାଇଥିଲା। ବେଣୁଧର ପ୍ରଧାନ ଶୋକସଭା ସଂଯୋଜନା କରିଥିଲେ।

# ବୀରମହାରାଜପୁରରେ ମନ କି ବାତ୍ କାର୍ଯ୍ୟକ୍ରମ

**ବୀରମହାରାଜପୁର,୨୫।୧(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କଲ୍ୟାଣ ମଣ୍ଡପଠାରେ ରବିବାର ପୂର୍ବାହ୍ନ ୧୧ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୩୦ ତମ ମନ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ବେଣୁଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ଯୋଗଦେଇଥିଲେ। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ରଶ୍ମିତା ଷଡ଼ଙ୍ଗୀ, ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡା, ସବିତା ପଣ୍ଡା, ପୂର୍ବତନ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ, ପୂର୍ବତନ ଜଲା ପରିଷଦ ଅଧ୍ୟକ୍ଷା ଉଷା କୁମାରି, ପୂର୍ବତନ ଜିଲା ସଭାପତି ବିଜୟ ମହାକୁର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଝାରୀ, ଅଶୋକ ପୃଷ୍ଟି, ରାଧାକାନ୍ତ ମହାକୁର ଏବଂ ସାଧାରଣ ଜନତା ଉପସ୍ଥିତ ରହି ମନ କି ବାତ୍ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଭାଜପାରେ ଯୋଗଦେଲେ ପୂର୍ବତନ ସରପଞ୍ଚ

**ବୀରମହାରାଜପୁର,୨୫।୧(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କଲ୍ୟାଣ ମଣ୍ଡପଠାରେ ଭାଜପାର ଏକ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ପୂର୍ବତନ ସରପଞ୍ଚ ଆଇନଜୀବୀ ରାଧାକାନ୍ତ ବାଘ, ସମାଜସେବୀ ଶିବ ପ୍ରସାଦ ଅଗ୍ରୱାଲ ଭାଜପାରେ ସାମିଲ ହୋଇଥିଲେ। ବିଧାୟକ ରଘନାଥ ଜଗଦଲା, ଭାଜପା ଜିଲା ସଭାପତି ବେଣୁଧର ଦାସ, ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡା ପ୍ରମୁଖ ଉତ୍ତରୀୟ ପ୍ରଦାନ କରି ତାଙ୍କୁ ଦଳରେ ସାମିଲ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ବରିଷ୍ଠ ନେତା ରାଧାକାନ୍ତ ମହାକୁର, ଅଶୋକ ପୃଷ୍ଟି, ଅଶୋକ ପୂଜାହାରି, ବିଜୟ ମହାକୁର, ବିଧାୟକଙ୍କ ବ୍ଲକ ପ୍ରତିନିଧି ପଦାର୍ଥ ଜଗଦଲା ପ୍ରମୁଖ ଉପସ୍ଥିତ ଥିଲେ।

# ଶିବିରରେ ୮୮ ଜଣଙ୍କ ଚକ୍ଷୁ ପରୀକ୍ଷା

**ବିନିକା,୨୫।୧(ରାମ ଗୋପାଳ ବାଘ)**

ବିନିକା ଏନଏସି ୱାର୍ଡ ନଂ ୫ ନୂଆବଜାରସ୍ଥିତ ରାଜ୍ୟସ୍ତରୀୟ ଅଭିଜିତ ପୂଜାହାରୀ ସ୍ମୃତି କମିଟି ଏବଂ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟ ମିଳିତ ସହଯୋଗରେ ରବିବାର ଚକ୍ଷୁ ପରୀକ୍ଷା ଶିବର କମିଟି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ଏଥିରେ ୮୮ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିରୁ ୩୨ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ଆଖି ଅପରେଶନ ପାଇଁ ୯ ଜଣ ସମ୍ବଲପୁର ଯାଇଥିବା କମିଟି ସୂତ୍ରରୁ ପ୍ରକାଶ । ତ୍ରିଲୋଚନ ନେତ୍ରାଳୟର ଡାକ୍ତର ଶ୍ରାବଣୀ ଟୁଡୁ ଓ ଟିମ୍ ଚକ୍ଷୁ ପରୀକ୍ଷା କରିଥିଲେ। ଡାକ୍ତର ଟୁଡୁ ପ୍ରତ୍ୟେକ ମାସର ଚତୁର୍ଥ ରବିବାର ଚକ୍ଷୁ ପରୀକ୍ଷା ଓ ପରାମର୍ଶ ନେବାକୁ ଅଞ୍ଚଳବାସୀଙ୍କୁ ନିବେଦନ କରିଥିଲେ। କମିଟି ପରାମର୍ଶଦାତା ବୃନ୍ଦାବନ ମିଶ୍ର, ବୀରେନ୍ଦ୍ର ପୋଢ, ସଭାପତି ଅର୍ଚ୍ଚନା ପୂଜାହାରୀ, କାର୍ଯ୍ୟକାରୀ ସଭାପତି ବାଳଗୋପାଳ ପଣ୍ଡା, ସମ୍ପାଦକ ପ୍ରିୟରଞ୍ଜନ ହୋତା, କମିଟି ଉପଦେଷ୍ଟା ସୂର୍ଯ୍ୟନାରାୟଣ, ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।


**OFFICE OF THE MUNICIPAL COUNCIL : BALANGIR**

Address: - Office of the Balangir Municipal Council Balangir, Opp. Of Rajendra Park Balangir, Pin: - 767001, Ph No.:- 06652 232720, Email ID:- bgrmc1972@gmail.com

Letter No-576/BM. Date : 21.01.2026

**QUOTATION CALL NOTICE**

**No.13001/5/2526** : Balangir Municipality invites quotation call in Double Covers from registered, experienced and eligible transporters / agencies/ Owner for transportation of Non-recyclable waste, i.e. Refuse Derived Fuel (RDF) / Plastic Waste from Balangir Municipality to cement plants for co-processing, using **14-16 Ton capacity covered trucks**. The sealed quotation supported by relevant details and proof of their eligibility is to be submitted in closed covers addressed to the Executive Officer, Balangir Municipality, Dist.-Balangir (Odisha), PIN-767001 on or **before 4.00 PM 04.02.2026** through Speed Post/Registered Post only. The complete Quotation Document can be downloaded from the Balangir Municipality website **(http://www.balangirmunicipality.in/)** from **Dt. 22.01.2026** onwards. All bidders are requested to go through the Quotation Call before submission of proposal. Balangir Municipality reserves the right to reject any or all the Quotation Call without assigning any reason thereof.

Sd./- Executive Officer, Balangir Municipality

OIPR-13001/13169/1/25-26/0005



**GOVERNMENT OF ODISHA, DEPARTMENT OF WATER RESOURCES**

**Office of the Engineer-In-Chief, Water Resources, Secha Sadan, Bhubaneswar**

No.32001/6/2526 Email Address : cemech.eicwr.od@gmail.com

**e-Procurement Notice Bid Identification No. - CEM/MDC-28/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDC - 28/2025-26
5. Estimated Cost : Rs.28,26,008.00
6. Period of Completion : 30 Days
7. Date & time of availability of bid documents in the Portal : From dt. 30.01.2026 (10.00 A.M.) to dt. 06.02.2026 (5.30 P.M.)
8. Last date / time for receipt of bid in the portal : Dt. 06.02.2026 (up to 5.30 P.M.)
9. Date and Place of opening of Bid : Dt.07.02.2026 (12.00 Noon onwards in the O/O the undersigned)
10. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.

Sd./- Chief Engineer, Mechanical, O/O - Engineer-In-Chief, Secha Sadan, Bhubaneswar

OIPR-32001/32520/1/25-26/0006



**GOVERNMENT OF ODISHA, DEPARTMENT OF WATER RESOURCES**

**Office of the Addl. Chief Engineer, Mechanical Circle, Bhubaneswar**

No.32001/6/2526

Email Address: semechcircle104@gmail.com

**e-Procurement Notice**

**Bid Identification No.ACEM/MDC-53/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : ACEM/MDC-53/2025-26
5. Estimated Cost : Rs.10,58,079/-
6. Period of Completion : 01 (One) Calendar Month
7. Date & Time of availability of bid documents in the Portal : From Dt.22.01.2026 (10.00 AM) to dt.03.02.2026 (5.30 PM)
8. Last date/time for receipt of bid in the Portal : dt.03.02.2026 (upto 5.30 PM)
9. Date and Place of Opening of Bid : Dt.04.02.2026 (12.00 Noon onwards in the O/o the Undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-Procurement portal https://tendersodisha.gov.in. Any further issue of Addenda/Corrigenda/ Cancellation Notice shall be uploaded in the aforesaid website only.

Sd./- Addl. Chief Engineer, Mechanical Circle, Bhubaneswar

OIPR-32001/32405/1/25-26/0006



**DEPARTMENT OF P.R & D.W**

**INVITATION FOR BIDS (IFB)**

**IDENTIFICATION NO. : TALC-05/2025-26**

E-mail address : ori-talcher@nic.in

**No.i-489** :The Block Development Officer, Talcher on behalf of the Governor of Orissa invites Percentage rate procurement bid in double cover system for the goods/equipments, from the class of eligible suppliers have being manufacturing units or importers/ authorized distributers on behalf of manufactures. Registered with the State Government and contractors of equivalent grade / Class registered with Central Government / MES / Railway, to be eventually drawn up in judicial contract (affidavit format) for the supply of Goods. Bidders may submit bids for any or all the following goods/equipments.

| Sl. No. | Name of Equipment | Approx. Value (Rs. In Lakhs) | Bid Security (Rs.) (EMD) | Cost of documents (Non-refundable) | Stipulated time of Supply & Installation |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 01 | Installation of Audio Visual System for meeting-cum-Conference Hall for public meeting at the Office of the Sub-Collector & SDM, Talcher | @19.00/- | 38000.00 | 10000.00 | One Calendar month |

For more details log on to www.angul.odisha.gov.in

Sd./- Block Development Officer, Talcher

OIPR-



इंडियन बैंक Indian Bank — इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ: ବ୍ରହ୍ମପୁର,** ପ୍ଲଟ୍ ନଂ.: ୭୦୪/୭୧୭୨ ଏବଂ ୭୦୪/୭୧୭୪, ୧ମ ମହଲା, ଶ୍ରୀ କ୍ରିଷ୍ଣା ବିହାର ଚୌକ, ମେନ୍ ରୋଡ୍, ଆମ୍ବପୁଆ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୧୧

ପରିଶିଷ୍ଟ-୪[ରୁଲ୍-୮(୧)]

**ଦଖଲ ନୋଟିସ୍**

(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର /ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ବ୍ରହ୍ମପୁର ମୁଖ୍ୟ ଶାଖା / ଋଣଗ୍ରହୀତାମାନେ: ୧) ମେସର୍ସ ଏ୧ ଢ୍ରାବା ଆଣ୍ଡ ରେଷ୍ଟୁରାଣ୍ଟ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ରଶ୍ମିଲତା ସ୍ୱାଇଁ, ପ୍ଲଟ୍ ନଂ.: ୧୩୮୧/୧୫୫୯/୩୧୬୧ ଏବଂ ୧୩୮୧/୧୫୬୦/୩୧୬୨, ମୌଜା: ହୁମୁରି, ପୋ/ଥାନା/ତହସିଲ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୨୦, ୨) ଶ୍ରୀମତୀ ରଶ୍ମିଲତା ସ୍ୱାଇଁ, ସ୍ୱାମୀ: ଏ ମିହିର ରଞ୍ଜନ ସ୍ୱାଇଁ, ୩) ଶ୍ରୀ ସୁବ୍ରତ ସ୍ୱାଇଁ, ପିତା: ଏ ମିହିର ରଞ୍ଜନ ସ୍ୱାଇଁ, ଉଭୟଙ୍କ ଠିକଣା- ସା/ପୋ: କୁମାରବେଗପଲ୍ଲୀ, ଭାୟା: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୨୦ | ୨୦.୧୧.୨୦୨୫ ସୁଦ୍ଧା ଟ.୩୩,୩୬,୪୭୫.୦୦ + ସେବାବଦ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ | ୨୦.୧୧.୨୦୨୫ / ୨୧.୦୧.୨୦୨୬ | ଶ୍ରୀମତୀ ରଶ୍ମିଲତା ସ୍ୱାଇଁ, ସ୍ୱାମୀ: ଏ ମିହିର ରଞ୍ଜନ ସ୍ୱାଇଁଙ୍କ ନାମରେ ଥିବା ଘରବାରି ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୨୩/୧୦୭୭, ପୁରୁଣା ଖାତା ନଂ.: ୮୩, ପ୍ଲଟ୍ ନଂ.: ୧୩୮୧/୧୫୫୯/୩୧୬୧, କ୍ଷେତ୍ର: ଏକର୦.୦୬୦ଡିସିମିଲି ଏବଂ ପ୍ଲଟ୍ ନଂ.: ୧୩୮୧/୧୫୬୦/୩୧୬୨, କ୍ଷେତ୍ର: ଏକର୦.୧୧୦ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୧୭୦ଡିସିମିଲି, ମୌଜା: ହୁମୁରି, ତହସିଲ/ଭାୟା: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ- ପୂର୍ବ: ସିମାଞ୍ଚଳ ସାହୁଙ୍କ ଜମି, ପଶ୍ଚିମ: ବଟଳ ହରିବନ୍ଧୁଙ୍କ ଜମି, ଉତ୍ତର: ବଟଳ ହରିବନ୍ଧୁଙ୍କ ଜମି, ଦକ୍ଷିଣ: ଜାତୀୟ ରାଜପଥ ନଂ. ୧୬ (ପୁରୁଣା ଏନ୍‌ଏଚ୍ ନଂ. ୫), ସିଇଆର୍‌ଏସ୍‌ଏଆଇ: ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇଡ଼ି-୪୦୦୦୫୦୦୧୮୫୯୨ |

ତାରିଖ: ୨୫.୦୧.୨୦୨୬, ସ୍ଥାନ: ବ୍ରହ୍ମପୁର — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ



**DISTRICT SOCIAL SECURITY SECTION, SUBARNAPUR**

**NOTICE INVITING TENDERS (NIT)**

**Bid Reference No: 107 /SSEPD/Date: 21/01/2026**

**No.gg-31** : Collector, Subarnapur invites sealed tenders from the Original Equipment Manufacturer (OEM) / OEM authorized vendors for supply of readymade items of Aids/Appliances under BBSA schemes to District under two bid systems (Technical & Financial). The bid document may be downloaded from the official website: **(https://subarnapur.odisha.gov.in/)**.

Bidders shall ensure that their bids complete in all respects, shall be submitted by Registered Post/Speed Post/Courier at SSEPD Section, Collectorate, Subarnapur (Sonepur), Odisha, PIN-767017 on or before the closing date and time.

Date of issue of tender : **21/01/2026**

Last date of receipt of tender : **11/02/2026 (5:00 PM)**

OIPR- Sd./- Collector, Subarnapur

## ରାଉରକେଲା ଗସ୍ତରେ ଆସିବେ ମୁଖ୍ୟମନ୍ତ୍ରୀ

ରାଉରକେଲା,୨୫।୧ (ବିପ୍ଳବ ରଞ୍ଜନ ଦାଶ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁନ୍ଦରଗଡ଼ ଜିଲ୍ଲାକୁ ଆସନ୍ତା ୨୭ ଓ ୨୮ତାରିଖରେ ଦୁଇ ଦିନିଆ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ସମୟରେ ସେ ୩୦ହଜାର କୋଟି ଟଙ୍କାର ୨୦ଟି ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଉକ୍ତ ପ୍ରକଳ୍ପ ଗୁଡ଼ିକ ପ୍ରାୟ ୧୦ହଜାର ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ସେହିପରି ରାଉରକେଲାରେ ରାଜ୍ୟ ସରକାରଙ୍କ ଦ୍ୱାରା ଭାରତୀୟ ଶିଳ୍ପ ମହାସଂଘ ସହଯୋଗରେ ହେବାକୁ ଥିବା ଏକ ବ୍ୟବସାୟ ସମ୍ମିଳନୀ ଏଣ୍ଟରପ୍ରାଇଜ୍ ଓଡ଼ିଶା-୨୦୨୬କୁ ମଧ୍ୟ ଉଦ୍‌ଘାଟନ କରିବେ ବୋଲି ରାଉରକେଲା ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ସୂଚନା ଦେଇଛନ୍ତି।

# ସରଣ୍ଡାରେ ମାଓବାଦୀ ଦମନ ଅଭିଯାନକୁ ବିରୋଧ

ରାଉରକେଲା,୨୫।୧ (ସଙ୍ଗୀତା ଜେନା)

ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ସୁରକ୍ଷାବଳଙ୍କ ଦ୍ୱାରା କରାଯାଇଥିବା ମାଓବାଦୀ ଦମନ ଅଭିଯାନକୁ ମାକପା (ମାଓବାଦୀ) ସଙ୍ଗଠନ ବିହାର-ଝାଡଖଣ୍ଡ ସ୍ପେଶାଲ ଏରିଆ କମିଟି ବିରୋଧ କରିଛି। ସଙ୍ଗଠନର ପ୍ରବକ୍ତା ଆଜାଦ୍ ଶନିବାର ରାତିରେ ୮ ମିନିଟ୍ ୭ ସେକେଣ୍ଡ୍‌ର ଏକ ଅଡିଓ ଟେପ୍ ଜାରି କରି ସରକାରଙ୍କ ଏଭଳି କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରିଛନ୍ତି। ଉକ୍ତ ଅଡିଓରେ ତାଙ୍କ ବୟାନ ଅନୁଯାୟୀ, ଜାନୁଆରୀ ୨୧ରେ ସରଣ୍ଡା ଜଙ୍ଗଲର ବଳିବା, ଟେରିଲିପୋଷ, ନୁରଦା ଗ୍ରାମ ଓ ବାବୁଡେରା ନିକଟବର୍ତ୍ତୀ ଅଞ୍ଚଳରେ ସୁରକ୍ଷାବଳ ହେଲିକପ୍ଟର ମାଧ୍ୟମରେ ସଶସ୍ତ୍ର ଓ ଅସାମ୍ବିଧାନିକ ତରିକାରେ ଆକାଶମାର୍ଗରୁ ମାଓବାଦୀଙ୍କ ଉପରେ ଆଖିବୁଜା ଗୁଳି ଚାଳନା କରିଥିଲା। ଏହି ଅଭିଯାନ ସମ୍ପର୍କରେ ପୂର୍ବରୁ ସ୍ଥାନୀୟ ଗ୍ରାମବାସୀଙ୍କୁ ସୂଚନା ଦିଆଯାଇ ନ ଥିଲା। ଫଳରେ ସ୍ଥାନୀୟ ଆଦିବାସୀ ଗାଁ ଛାଡି ଜଙ୍ଗଲକୁ ପଳାୟନ କରିବାକୁ ବାଧ ହୋଇଥିଲେ। ମାଓବାଦୀମାନଙ୍କୁ ଠାବ କରିବା ପାଇଁ ଜିପିଏସ୍ ଟ୍ରାକର ବ୍ୟବହାର ସହ ଖାଦ୍ୟ, ରାଶନ ସାମଗ୍ରୀରେ ଜହର ମିଶାଇ ପଠାଇବା ଭଳି ଜାଲ ବିଛାଯାଇଥିଲା। ସୁରକ୍ଷାବଳଙ୍କ ଏହି ବର୍ବରୋଚିତ କାର୍ଯ୍ୟକଳାପ ଯୋଗୁ ଝାଡ଼ଖଣ୍ଡ- ବିହାର ସ୍ପେଶାଲ ଏରିଆ କମାଣ୍ଡର ଅନ୍‌ଲଦା ଓରଫ୍

### ଅଡିଓ ଟେପ୍ ଜାରିକଲା ସଙ୍ଗଠନ

ପାତିରାମ ମାଝୀ ଏବଂ ଓଡ଼ିଶା ରାଜ୍ୟ କମିଟି ସଦସ୍ୟ ଲାଲଚନ୍ଦ୍ ଓରଫ୍ ଅନ୍‌ମୋଲ ଓରଫ୍ ସୁଶାନ୍ତଙ୍କ ସମେତ ୧୭ ଜଣ ମାଓବାଦୀ ପ୍ରାଣ ହରାଇଥିଲେ। ସେହିପରି ସଙ୍ଗଠନର କେତେଜଣ ସଦସ୍ୟ ଗୁରୁତର ଅଛନ୍ତି। ଦିବଂଗତ ସାଥୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହିତ ଜୀବନର ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ଉକ୍ତ ଅଡିଓ ଟେପ୍‌ରେ କୁହାଯାଇଛି। ଅପରପକ୍ଷେ, ଉକ୍ତ ଅଡିଓ ଟେପ୍‌କୁ ନେଇ ଯାଞ୍ଚ କରାଯାଉଛି। ଛତିଶଗଡ଼ର ଶୀର୍ଷ ମାଓବାଦୀ ନେତା ଅଶ୍ୱିନଙ୍କ ସ୍ୱର ସହ ଉକ୍ତ ଅଡିଓ ଟେପ୍‌ର ସମାନତା ଥିବା ସନ୍ଦେହ କରାଯାଉଛି ବୋଲି ଝାଡ଼ଖଣ୍ଡ ପୋଲିସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ସରଣ୍ଡା ଜଙ୍ଗଲରେ କୋବ୍ରା ବାଟାଲିୟନଙ୍କ ସହ ମାଓବାଦୀଙ୍କ ଗୁଳି ବିନିମୟ ପରିପ୍ରେକ୍ଷୀରେ ଏହି ଅଡିଓ ଜାରି କରାଯାଇଛି ବୋଲି ଆଲୋଚନା ହେଉଛି। ମିଶିର ବେଶ୍ରାଙ୍କ ସମେତ ଆହୁରି କେତେଜଣ ଶୀର୍ଷ ମାଓବାଦୀ ନେତା ସୁରକ୍ଷାବଳଙ୍କ ରାଡାରରେ ଥିବା ଜଣାପଡ଼ିଛି। ରାଜ୍ୟକୁ ମାଓବାଦୀ ବିହୀନ କରିବାକୁ ଅପରେଶନ ଜାରି ରହିଥିବା ଜଣାପଡିଛି।

## ଜାତୀୟ ମହିଳା କବାଡିରେ ରାଉରକେଲାର ୨ ଖେଳାଳି

ରାଉରକେଲା,୨୫।୧ (ସଙ୍ଗୀତା ଜେନା)


ସୁମିତ୍ରା ମୁଣ୍ଡାରୀ।


ତିଲୋତ୍ତମା ଅଗ୍ରୱାଲ।

ତେଲଙ୍ଗାନା ଗାଛିବାଉଲି ଇଣ୍ଡୋର ଷ୍ଟାଡିୟମ୍‌ରେ ଆସନ୍ତା ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ୭୨ ତମ ସିନିଅର ମହିଳା ଜାତୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଓଡ଼ିଶା ମହିଳା କବାଡି ଦଳରେ ରାଉରକେଲା ଇସ୍ପାତ କାରଖାନାର କବାଡି ଖେଳାଳି ସୁମିତ୍ରା ମୁଣ୍ଡାରୀ ସ୍ଥାନ ପାଇ ଗୌରବ ଆଣିଛନ୍ତି। ମୁଣ୍ଡାରୀ ପୂର୍ବରୁ ୨ ଥର ଜାତୀୟ କବାଡିରେ ଅଂଶଗ୍ରହଣ କରିସାରିଛନ୍ତି। ସେ ୨୦୨୧ରେ ତେଲଙ୍ଗାନା, ୨୦୨୩ରେ ପାଟନା ବିହାରଠାରେ ଜୁନିଅର କବାଡି ଚାମ୍ପିଅନଶିପ୍ ଖେଳିସାରିଛନ୍ତି। ସେହିପରି ୨୦୨୪ରେ ପଞ୍ଜାବ ଓ ୨୦୨୫ରେ ହରିୟାଣା ସିନିଅର ବିଭାଗରେ ଅଂଶଗ୍ରହଣ କରିସାରିଛନ୍ତି। ସେକ୍ଟର-୨୦ରେ ଥିବା ଏନ୍‌ଆଇଏସ୍ ମାନ୍ୟତାପ୍ରାପ୍ତ କବାଡି କୋଚ୍ ଶୁକ୍ରୁ ତନ୍ତୀଙ୍କଠାରୁ ସେ ତାଲିମ ନେଉଛନ୍ତି। ସୁମିତ୍ରା ୮ମ ଶ୍ରେଣୀରେ ପାଠ ପଢୁଥିବା ବେଳେ ତନ୍ତୀ ତାଙ୍କ ପ୍ରତିଭାକୁ ଚିହ୍ନଟ କରି କବାଡିରେ ସାମିଲ କରିଥିଲେ। ସୁମିତ୍ରା ବର୍ତ୍ତମାନ ଚାକିରି ପାଇଁ ସଂଘର୍ଷରତା। ସେହିପରି ଅନ୍ୟତମ ଖେଳାଳୀ ହେଉଛନ୍ତି ତିଲୋତ୍ତମା ଅଗ୍ରୱାଲ। ସେ ମଧ୍ୟ ସିନିଅର ଦଳରେ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ରାଜ୍ୟ ଓ ସର୍ବଭାରତୀୟ ସ୍ତରରେ କବାଡି ପ୍ରତିଯୋଗିତାରେ ତିଲୋତ୍ତମା ଅଂଶଗ୍ରହଣ କରିବା ସହ ଆର୍‌ଏସ୍‌ପି ମହିଳା କବାଡିର ପ୍ରଶିକ୍ଷଣ ଦେଉଛନ୍ତି। ସେ ବର୍ତ୍ତମାନ ବାସନ୍ତୀ କଲୋନୀ ଇଏଲ-୧ରେ ସ୍ୱାମୀ ଶଙ୍କରଲାଲ ଅଗ୍ରୱାଲ ଏବଂ ଝିଅ ସହ ରହୁଛନ୍ତି। ଉଭୟ ଖେଳାଳି ଏବଂ କୋଚ୍‌ଙ୍କ ଏହି ସଫଳତା ପାଇଁ ସୁନ୍ଦରଗଡ଼ କବାଡି ଡେଭଲପମେଣ୍ଟ ସୋସାଇଟିର ପ୍ରେମାନନ୍ଦ ଶତପଥୀ, ବିକ୍ରମ ପ୍ରଧାନ, କାମେଶ୍ୱର ସିଂହ, ବିରଞ୍ଚି ବେହୁରା, ଦୀପକ ଗଡ଼ନାୟକ, କଳିଙ୍ଗ ସ୍ପୋର୍ଟସ ଫେଡେରେଶନ୍‌ର ସଞ୍ଜୟ ବାବୁଟା, ପଦ୍ମନାଭ ମହାପାତ୍ର, ବନମାଳି ଜାମକିଆର, ଚନ୍ଦ୍ରଶେଖର କ୍ରୀଡ଼ା ସଙ୍ଗଠନର ଦେବଦତ୍ତ ଜେନା, ଓଡ଼ିଶା କବାଡି ଦଳର ସଦସ୍ୟ, ଆରଏସ୍‌ପି କ୍ରୀଡ଼ା ଅଧିକାରୀ ରଘୁନନ୍ଦନ ପାଢ଼ୀ, ବି. ସିଂହ, ଓଡ଼ିଶା କବାଡି ସଂଘର ସମ୍ପାଦକ ଅଜୟ କୁମାର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଗୃହସ୍ଥୀ ଉଦ୍ୟୋଗ ବୁଲିଲେ ବିଦ୍ୟାର୍ଥୀ



ଗୃହସ୍ଥୀରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ।

ରାଉରକେଲା,୨୫।୧ (ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ଗୃହସ୍ଥୀ ସଂସ୍ଥାକୁ ଗୁରୁନାନକ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ଶନିବାର ବୁଲି ଦେଖିଥିଲେ। ସ୍କୁଲର ପ୍ରାୟ ୧୬୦ ବିଦ୍ୟାର୍ଥୀ ଓ ୪ଜଣ ଶିକ୍ଷକ ଶିକ୍ଷାଭ୍ରମଣରେ ଯାଇ ଗୃହସ୍ଥୀ ମସଲାର ଫ୍ୟାକ୍ଟ୍ରି, ଗୋମନ୍ଦିର ଗୋଶାଳା ଓ ଗୃହସ୍ଥୀ ଡାଏରୀ ପରିଦର୍ଶନ କରି ମସଲା ତିଆରି ପ୍ରକ୍ରିୟା, ଗୋ-ସେବା, ସ୍ୱଚ୍ଛତା ମାନଦଣ୍ଡ ସହ ଡାଏରୀ ପରିଚାଳନା ବିଷୟରେ ଅବଗତ ହୋଇଥିଲେ। ଏହି ଅବସରରେ ଗୃହସ୍ଥୀର ସିଏମ୍‌ଡି ଗଣେଶ ପ୍ରସାଦ ବାଗେଡିଆ, ଏମ୍‌ଡି ଗୋକୁଳ ଆନନ୍ଦ ବାଗେଡିଆ, ନିର୍ଦ୍ଦେଶିକା ମଞ୍ଜୁଦେବୀ ବାଗେଡିଆ ଓ ସିଇଓ ଅମିତ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଶୁଭଶ୍ରୀ ରାୟ, ସଙ୍ଗୀତା କୁଣ୍ଡୁ, ଅଞ୍ଜଳି ସାହୁ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ପାର୍ଥବୀ ପଟ୍ଟନାୟକ, ନୀତୁ ସିଂ, ରଚନା ସାବତ, ପ୍ରଜ୍ଞା ପାରମିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# କାର୍ଯ୍ୟକ୍ଷମ ହେଉନି ପାନୀୟଜଳ ପ୍ରକଳ୍ପ

ରାଉରକେଲା,୨୫।୧ (ବିପ୍ଳବ ରଞ୍ଜନ ଦାଶ)



ବିମାନ ବନ୍ଦର ଛକ ନିକଟ ପାନୀୟ ଜଳ ପ୍ରକଳ୍ପ।

ରାଉରକେଲା ବିମାନ ବନ୍ଦର ଛକ ଦେଇ ବନ୍ଦପୋଷ ଓ ପ୍ରଧାନପାଲି ଅଞ୍ଚଳକୁ ସଂଯୋଗ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ଆର୍‌ଏମ୍‌ସି ପକ୍ଷରୁ ଏକ ମୃଦୁ ପାନୀୟ ଜଳ ପ୍ରକଳ୍ପ ନିର୍ମିତ ହୋଇଛି। ତେବେ ପ୍ରକଳ୍ପ ନିର୍ମାଣ ହେବାର ୨ବର୍ଷ ଇତିମଧ୍ୟରେ ବିତିଯାଇଥିଲେ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ଫଳରେ ଏହି ରାସ୍ତାଦେଇ ଯାତାୟାତ କରୁଥିବା ପଥିକମାନେ ଉପକୃତ ହୋଇପାରୁନାହାନ୍ତି। ତୁରନ୍ତ ଏହି ଜଳପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

ସୂଚନା ଅନୁସାରେ, ଆର୍‌ଏମ୍‌ସି ଦ୍ୱାରା ସହରର ବିଭିନ୍ନ ଜନବହୁଳ ଛକ, ଲୋକ ସେବା ପ୍ରଦାନକାରୀ କାର୍ଯ୍ୟାଳୟ ଏବଂ ବିଭିନ୍ନ ମୁଖ୍ୟମାର୍ଗରେ ୪୦ରୁ ଊର୍ଦ୍ଧ୍ୱ ପାନୀୟ ଜଳ ପ୍ରକଳ୍ପ ରହିଛି। ସେଥିମଧ୍ୟରୁ ଅନେକ ପ୍ରକଳ୍ପ କେଉଁଠି ଅଚଳ ଅବସ୍ଥାରେ ଅଛି ତ କେଉଁଠି ଜରାଜୀର୍ଣ୍ଣ ହୋଇ ପଡିଛି। ଏହି ପ୍ରକଳ୍ପଗୁଡିକର ରକ୍ଷଣାବେକ୍ଷଣ ପାଇଁ ଆର୍‌ଏମ୍‌ସିର ସ୍ୱତନ୍ତ୍ର ବିଭାଗ ରହିଛି। ପ୍ରତିବର୍ଷ ପ୍ରକଳ୍ପଗୁଡିକ ମରାମତି ଏବଂ କାର୍ଯ୍ୟକ୍ଷମ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ତେଣୁ ତୁରନ୍ତ ବିମାନ ବନ୍ଦର ଛକ ନିକଟ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ପାଇଁ ବନ୍ଦପୋଷ ଓ ପଧାନପାଲି ବାସିନ୍ଦା ଗିରିଜା ଲାକ୍ରା, ନରେନ୍ଦ୍ର ଭୂୟାଁ, ସୀତା କେରକେଟା, ଶୀତଳ ଦେବୀ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଆର୍‌ଏମ୍‌ସି ଆୟୁକ୍ତ ଦୀନା ଦସ୍ତଗିରଙ୍କୁ ପଚାରିବାରୁ ସେ କହିଲେ, ବିମାନ ବନ୍ଦର ଛକ ନିକଟ ପାନୀୟ ଜଳ ପ୍ରକଳ୍ପ ଗ୍ରୀଷ୍ମ ପୂର୍ବରୁ କାର୍ଯ୍ୟକ୍ଷମ କରାଯିବ। ଏଥିସହ ସହରର ଯେଉଁ ସ୍ଥାନରେ ପାନୀୟ ଜଳ ପ୍ରକଳ୍ପର ମରାମତି ଆବଶ୍ୟକ ରହିଛି ତୁରନ୍ତ କରାଯିବ ବୋଲି ସେ କହିଥିଲେ।

## ସରକାରୀ ଉଚ୍ଚ ବିଦ୍ୟାଳୟ ପୁରସ୍କାର ବିତରଣ ଉତ୍ସବ

ରାଉରକେଲା, ୨୫।୧ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଶକ୍ତିନଗର ସରକାରୀ ଉଚ୍ଚ ବିଦ୍ୟାଳୟର ୩୬ ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତାରାଣୀ ମହାପାତ୍ର ସଭାପତିତ୍ୱ କରିଥିଲେ। ଶ୍ୟାମାପଦ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ରା ବ୍ଲକ ଶିକ୍ଷାଧିକାରୀ ସୁପ୍ରତିକ ବେହେରା ମୁଖ୍ୟ ଅତିଥି, ଡା. ସୁନିଲ କୁମାର ନନ୍ଦ, ସୁମନ୍ତ କୁମାର ରାୟ, ସୁଦୀପ୍ତା ବେହେରା ସମ୍ମାନିତ ଅତିଥି ଏବଂ ରବିନ୍ଦ୍ର କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷା ସହ ନୈତିକ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକମାନେ ସମାଜ ଗଠନର ମୁଖ୍ୟ ବିନ୍ଧାଣୀ, ମତାନ୍ତର ମନାନ୍ତର ରହିଲେ ବି କର୍ମକ୍ଷେତ୍ରରେ ଐକ୍ୟବଦ୍ଧ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ରଖି କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ରକ୍ମିଣୀ ବାର୍ଲା, ହରପ୍ରିୟା ପ୍ରଧାନ, ସବିତା ମାରାଣ୍ଡି, ବନ୍ଦିତା କର, ଗୁଡ୍‌ୱିନ କୁଜୁର, ରାଜେଶ ଦାଶ, ସ୍ନେହାକୃତି ବକ୍ସଲା, ଜ୍ୟୋତିର୍ମୟୀ ସାମଲ, ସୁଲେଖା ପ୍ରଧାନ, ସଂଘମିତ୍ରା ସ୍ୱାଇଁ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।



ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥି।

## ସେମିରେ ସମ୍ବଲପୁର, ମୋନାମୋନିମ୍, ଲଭ୍‌ଲି, ଜେନ ବିଶ୍ୱବିଦ୍ୟାଳୟ

ରାଉରକେଲା,୨୫।୧ (ଦିନେଶ ମିଶ୍ର)

### ଇଣ୍ଟର ଜୋନ୍ ହକି ପ୍ରତିଯୋଗିତା

ରାଉରକେଲା ଛେଣ୍ଡସ୍ଥିତ ବୀର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ରେ ଆୟୋଜିତ ଭାରତୀୟ ଇଣ୍ଟର ଜୋନ୍ ହକି ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲର ୪ଟି ମ୍ୟାଚ୍ ରବିବାର ଶେଷ ହୋଇଛି। ପ୍ରଥମ ମ୍ୟାଚ୍ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ବୀରବାହାଦୂର ସିଂ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ମଧ୍ୟରେ ଖେଳାଯାଇଥିଲା। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ବୀରବାହାଦୂର ସିଂ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟକୁ ୭-୨ ଗୋଲରେ ପରାସ୍ତ କରି ସେମିଫାଇନାଲକୁ ପ୍ରବେଶ କରିଛି। ସେହିଭଳି ଦ୍ୱିତୀୟ ମ୍ୟାଚ୍ ମହାତ୍ମାଗାନ୍ଧୀ କାଶୀ ବିଦ୍ୟାପୀଠ ଓ ଏମ୍.ଏସ୍. ବିଶ୍ୱବିଦ୍ୟାଳୟ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଏମ୍.ଏସ୍. ବିଶ୍ୱବିଦ୍ୟାଳୟ ୫-୨ ଗୋଲରେ ମହାତ୍ମାଗାନ୍ଧୀ କାଶୀ ବିଦ୍ୟାପୀଠକୁ ପରାସ୍ତ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ ଲଭଲି ପ୍ରଫେଶନାଲ ବିଶ୍ୱବିଦ୍ୟାଳୟ ଓ ବାରାକାଟୁଲା ବିଶ୍ୱବିଦ୍ୟାଳୟ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ଲଭ୍‌ଲି ପ୍ରଫେଶନାଲ ବିଶ୍ୱବିଦ୍ୟାଳୟ ଦଳ ୫-୩ ଗୋଲରେ ବାରାକାଟୁଲା ଦଳକୁ ପରାସ୍ତ କରି ସେମିଫାଇନଲାରେ ପ୍ରବେଶ କରିଛି। ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଜେନ୍ ୟୁନିଭର୍ସିଟି ଓ ବେଙ୍ଗାଲୁରୁ ସିଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଉଭୟ ଦଳ ଖେଳ ନିର୍ଦ୍ଧାରିତ ସମୟ ମଧ୍ୟରେ ୧-୧ ଗୋଲ କରିଥିବାରୁ ମ୍ୟାଚ୍‌ଟି ଡ୍ର ହୋଇଥିଲା। ଶେଷରେ ସୁଟ୍‌ଆଉଟ୍‌ରେ ଜେନ୍ ୟୁନିଭର୍ସିଟି ୪-୩ ଗୋଲରେ ବେଙ୍ଗାଲୁରୁ ସିଟି ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ରାଉରକେଲା ଇସ୍ପାତ କାରଖାନା କ୍ରୀଡ଼ା ବିଭାଗର ବରିଷ୍ଠ ଅଧିକାରୀ ରଘୁ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜୁକାନ୍ତ ସାଇନି, ଅନୁଭବ ରାଉତ, ରାଜନ ଏକ୍କା, ଚନ୍ଦ୍ରକାନ୍ତ ବାରିକ, ହୃଷୀକେଶ ଦାସ, ସୁରଜ ସାହୁ, ରାଜୁ କୁମାର ପ୍ରମୁଖ ରେଫରି ଦାୟିତ୍ୱ ତୁଲାଇଥିଲେ।


ଅତିଥି ଖେଳାଳିମାନଙ୍କ ସହ ପରିଚିତ ହେଉଛନ୍ତି।

## ମହାବୀର ମାନସ ପରିଷଦର ନୂତନ କର୍ମକର୍ତ୍ତା

ରାଉରକେଲା,୨୫।୧ (ସଙ୍ଗୀତା ଜେନା)

ଝିରପାଣି ମହାବୀର ମାନସ ପରିଷଦର ନୂତନ କର୍ମକର୍ତ୍ତା ଚୟନ ଶନିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶରତ ଚନ୍ଦ୍ର ପଣ୍ଡା ଚେୟାରମ୍ୟାନ ଭାବେ ଚୟନ ହୋଇଥିଲେ। ଜୟଶଙ୍କର ଗୌଡ଼ ଅଧ୍ୟକ୍ଷ, ସଂଯୁକ୍ତା ପଣ୍ଡା ଓ ଭୋଳାଶରଣ ପ୍ରସାଦ ଉପାଧ୍ୟକ୍ଷ, ପ୍ରଶାନ୍ତ ନନ୍ଦ ସମ୍ପାଦକ, ଶୀଲୁ ଅଗ୍ରୱାଲ ଓ ମହାଦେବ ସ୍ୱାଇଁ ଯୁଗ୍ମ ସମ୍ପାଦକ, ସୁଜିତ ପଣ୍ଡା କୋଷାଧ୍ୟକ୍ଷ ଭାବେ ଚୟନ ହୋଇଥିଲେ। ନୀଳମଣି ଦ୍ୱିବେଦୀ, କୃଷ୍ଣଚନ୍ଦ୍ର ପତ୍ରୀ, ସୁରେଶ ଚନ୍ଦ୍ର ପଣ୍ଡାଙ୍କୁ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବେ ଚୟନ କରାଯାଇଥିଲା। ସେହିପରି ବୁଧୁରାମ ଗୋୟଲଙ୍କୁ ଘରେ ଘରେ ରାମନାମ ପ୍ରଚାରପ୍ରସାର ଚେୟାରମ୍ୟାନ ଭାବେ ଚୟନ କରାଯାଇଥିବାବେଳେ ତାଙ୍କୁ ଝିରପାଣି, କୋଏଲନଗର, ସେକ୍ଟର, ରାଉରକେଲା ଅଞ୍ଚଳ ପ୍ରଭାରୀ ଦାୟିତ୍ୱ ପ୍ରଦାନ କରାଯାଇଛି। ସୁରେଶ ଚନ୍ଦ୍ର ପଣ୍ଡାଙ୍କୁ ଯବାଘାଟ, ଜମସେରା, ଦଲପୋଷ, ଖୁଟଗାଁ, ନୂଆଗାଁ ଏବଂ ଶତର ପଣ୍ଡାଙ୍କୁ କୁଆଁରମୁଣ୍ଡା, ହାତିବାରୀ ଅଞ୍ଚଳ ପ୍ରଭାରୀ ଭାବେ ଦାୟିତ୍ୱ ଦିଆଯାଇଛି।

## ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

ରାଉରକେଲା,୨୫।୧ (ବିପ୍ଳବ ରଞ୍ଜନ ଦାଶ)

ଛେଣ୍ଡ କଳିଙ୍ଗ ବିହାରସ୍ଥିତ ଉମାଶଙ୍କର ପୀଠରେ ନବନିର୍ମିତ ରାଧାକୃଷ୍ଣ ମନ୍ଦିରର ତ୍ରିଦିବସୀୟ ପ୍ରତିଷ୍ଠା ଉତ୍ସବ ରବିବାର ସମ୍ପନ୍ନ ହୋଇଛି। ଏହି ପରିପ୍ରେକ୍ଷୀରେ ସୂର୍ଯ୍ୟପୂଜା, ଅଗ୍ନି ସଂସ୍କାର, ଚକ୍ରଧ୍ୱଜା ରୋପଣ, ଯଜ୍ଞ, ପୂର୍ଣ୍ଣାହୁତି କରାଯାଇଥିଲା। ଏହାସହ ପ୍ରତ୍ୟହ ସନ୍ଧ୍ୟାରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ପୂଜକ ଭାବେ ଖଗେଶ୍ୱର ପାଣିଗ୍ରାହୀ, ବିମଳ ପ୍ରସନ୍ନ ପଣ୍ଡା, ପଞ୍ଚାନନ କର ଓ କର୍ତ୍ତା ଭାବେ ରାମନାରାୟଣ ଦାଶ ମହାପାତ୍ର ଓ ନଳିନୀ ଦାଶ ମହାପାତ୍ର ଦାୟିତ୍ୱ ତୁଲାଇଥିଲେ। ପରିଚାଳନା କମିଟିର ଛେଣ୍ଡ ଥାନା ଏସ୍‌ଆଇ ମହେନ୍ଦ୍ର କୁମାର ସାହୁ, ଶଙ୍କର ପ୍ରସାଦ ତ୍ରିପାଠୀ, କୀର୍ତ୍ତନ ସାମଲ, ସରୋଜ ଦାସ, ନରହରି ନାୟକ, ରବିନାରାୟଣ ସିଂ, ପ୍ରଦୀପ କୁମାର ରଥ, ଶ୍ରୀନିବାସ ଦାସ, ଅଶୋକ ଲେଙ୍କା, ମନବୋଧ ମିଶ୍ର, ପ୍ରଦୀପ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।


**OFFICE OF THE MUNICIPAL COUNCIL : BALANGIR**

Address: - Office of the Balangir Municipal Council Balangir, Opp. Of Rajendra Park Balangir, Pin: - 767001, Ph No.:- 06652 232720, Email ID:- bgrmc1972@gmail.com

Letter No-576/BM. Date : 21.01.2026

**QUOTATION CALL NOTICE**

**No.13001/5/2526** : Balangir Municipality invites quotation call in Double Covers from registered, experienced and eligible transporters / agencies/ Owner for transportation of Non-recyclable waste, i.e. Refuse Derived Fuel (RDF) / Plastic Waste from Balangir Municipality to cement plants for co-processing, using **14-16 Ton capacity covered trucks**. The sealed quotation supported by relevant details and proof of their eligibility is to be submitted in closed covers addressed to the Executive Officer, Balangir Municipality, Dist.-Balangir (Odisha), PIN-767001 on or **before 4.00 PM 04.02.2026** through Speed Post/Registered Post only. The complete Quotation Document can be downloaded from the Balangir Municipality website **(http://www.balangirmunicipality.in/)** from **Dt. 22.01.2026** onwards. All bidders are requested to go through the Quotation Call before submission of proposal. Balangir Municipality reserves the right to reject any or all the Quotation Call without assigning any reason thereof.

Sd./- Executive Officer
Balangir Municipality

OIPR-13001/13169/1/25-26/0005

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Engineer-In-Chief, Water Resources, Secha Sadan, Bhubaneswar**

No.32001/6/2526 Email Address : cemech.eicwr.od@gmail.com

**e-Procurement Notice Bid Identification No. - CEM/MDC-28/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDC - 28/2025-26
5. Estimated Cost : Rs.28,26,008.00
6. Period of Completion : 30 Days
7. Date & time of availability of bid documents in the Portal : From dt. 30.01.2026 (10.00 A.M.) to dt. 06.02.2026 (5.30 P.M.)
8. Last date / time for receipt of bid in the portal : Dt. 06.02.2026 (up to 5.30 P.M.)
9. Date and Place of opening of Bid : Dt.07.02.2026 (12.00 Noon onwards in the O/O the undersigned)
10. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.

Sd./- Chief Engineer, Mechanical
O/O - Engineer-In-Chief, Secha Sadan, Bhubaneswar

OIPR-32001/32520/1/25-26/0006

**DEPARTMENT OF P.R & D.W**
**INVITATION FOR BIDS (IFB)**
**IDENTIFICATION NO. : TALC-05/2025-26**
E-mail address : ori-talcher@nic.in

**No.i-489** :The Block Development Officer, Talcher on behalf of the Governor of Orissa invites Percentage rate procurement bid in double cover system for the goods/equipments, from the class of eligible suppliers have being manufacturing units or importers/ authorized distributers on behalf of manufactures. Registered with the State Government and contractors of equivalent grade / Class registered with Central Government / MES / Railway, to be eventually drawn up in judicial contract (affidavit format) for the supply of Goods. Bidders may submit bids for any or all the following goods/equipments.

| Sl. No. | Name of Equipment | Approx. Value (Rs. In Lakhs) | Bid Security (Rs.) (EMD) | Cost of documents (Non-refundable) | Stipulated time of Supply & Installation |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 01 | Installation of Audio Visual System for meeting-cum-Conference Hall for public meeting at the Office of the Sub-Collector & SDM, Talcher | @19.00/- | 38000.00 | 10000.00 | One Calendar month |

For more details log on to www.angul.odisha.gov.in

Sd./- Block Development Officer
Talcher

OIPR-

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**

Email Address: semechcircle104@gmail.com

**e-Procurement Notice**

**Bid Identification No.ACEM/MDC-53/2025-26**

No.32001/6/2526

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : ACEM/MDC-53/2025-26
5. Estimated Cost : Rs.10,58,079/-
6. Period of Completion : 01 (One) Calendar Month
7. Date & Time of availability of bid documents in the Portal : From Dt.22.01.2026 (10.00 AM) to dt.03.02.2026 (5.30 PM)
8. Last date/time for receipt of bid in the Portal : dt.03.02.2026 (upto 5.30 PM)
9. Date and Place of Opening of Bid : Dt.04.02.2026 (12.00 Noon onwards in the O/o the Undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-Procurement portal https://tendersodisha.gov.in. Any further issue of Addenda/Corrigenda/ Cancellation Notice shall be uploaded in the aforesaid website only.

Sd./- Addl. Chief Engineer
Mechanical Circle, Bhubaneswar

OIPR-32001/32405/1/25-26/0006

**इंडियन बैंक Indian Bank** इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ: ବ୍ରହ୍ମପୁର**, ପ୍ଲଟ୍ ନଂ.: ୭୦୪/୭୧୭୨ ଏବଂ ୭୦୪/୭୧୭୪, ୧ମ ମହଲା, ଶ୍ରୀ କ୍ରିଷ୍ଣା ବିହାର ଚୌକ, ମେନ୍ ରୋଡ୍, ଆୟପୁଆ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୧୧

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର /ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ବ୍ରହ୍ମପୁର ମୁଖ୍ୟ ଶାଖା / ଋଣଗ୍ରହୀତାମାନେ: ୧) ମେସର୍ସ ଏ୧ ଢ୍ବାବା ଆଣ୍ଡ୍ ରେଷ୍ଟୁରାଣ୍ଟ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ରଶ୍ମିଲତା ସ୍ୱାଇଁ, ପ୍ଲଟ୍ ନଂ.: ୧୩୮୧/୧୫୫୯/୩୧୬୧ ଏବଂ ୧୩୮୧/୧୫୬୦/୩୧୬୨, ମୌଜା: ହୁମୁରି, ପୋ/ଥାନା/ତହସିଲ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୨୦, ୨) ଶ୍ରୀମତୀ ରଶ୍ମିଲତା ସ୍ୱାଇଁ, ସ୍ୱାମୀ: ৴ ମିହିର ରଞ୍ଜନ ସ୍ୱାଇଁ, ୩) ଶ୍ରୀ ସୁବ୍ରତ ସ୍ୱାଇଁ, ପିତା: ৴ ମିହିର ରଞ୍ଜନ ସ୍ୱାଇଁ, ଉଭୟଙ୍କ ଠିକଣା- ସା/ପୋ: କୁମାରବେଗପଲ୍ଲୀ, ଭାୟା: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୨୦ | ୨୦.୧୧.୨୦୨୫ ସୁଦ୍ଧା ଟ.୩୩,୩୬,୪୭୫.୦୦ + ସେବାବଦ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ | ୨୦.୧୧.୨୦୨୫ / ୨୧.୦୧.୨୦୨୬ | ଶ୍ରୀମତୀ ରଶ୍ମିଲତା ସ୍ୱାଇଁ, ସ୍ୱାମୀ: ৴ ମିହିର ରଞ୍ଜନ ସ୍ୱାଇଁଙ୍କ ନାମରେ ଥିବା ଘରବାରି ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୨୩/୧୦୭୭, ପୁରୁଣା ଖାତା ନଂ.: ୮୩, ପ୍ଲଟ୍ ନଂ.: ୧୩୮୧/୧୫୫୯/୩୧୬୧, କ୍ଷେତ୍ର: ଏକର୦.୦୬୦ଡିସିମିଲି ଏବଂ ପ୍ଲଟ୍ ନଂ.: ୧୩୮୧/୧୫୬୦/୩୧୬୨, କ୍ଷେତ୍ର: ଏକର୦.୧୧୦ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୧୭୦ଡିସିମିଲି, ମୌଜା: ହୁମୁରି, ତହସିଲ/ଭାୟା: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଏହାର ଚତୁପାର୍ଶ୍ୱରେ- ପୂର୍ବ: ସିମାଞ୍ଚଳ ସାହୁଙ୍କ ଜମି, ପଶ୍ଚିମ: ବଚଳ ହରିବନ୍ଧୁଙ୍କ ଜମି, ଉତ୍ତର: ବଚଳ ହରିବନ୍ଧୁଙ୍କ ଜମି, ଦକ୍ଷିଣ: ଜାତୀୟ ରାଜପଥ ନଂ. ୧୬ (ପୁରୁଣା ଏନ୍‌ଏଚ୍ ନଂ. ୫), **ସିଆର୍‌ଏସ୍‌ଏଆଇ: ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇଡ଼ି-୪୦୦୦୫୦୦୧୮୫୯୨** |

ତାରିଖ: ୨୫.୦୧.୨୦୨୬, ସ୍ଥାନ: ବ୍ରହ୍ମପୁର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

**DISTRICT SOCIAL SECURITY SECTION, SUBARNAPUR**
**NOTICE INVITING TENDERS (NIT)**
**Bid Reference No: 107 /SSEPD/Date: 21/01/2026**

**No.gg-31** : Collector, Subarnapur invites sealed tenders from the Original Equipment Manufacturer (OEM) / OEM authorized vendors for supply of readymade items of Aids/Appliances under BBSA schemes to District under two bid systems (Technical & Financial). The bid document may be downloaded from the official website: **(https://subarnapur.odisha.gov.in/)**.

Bidders shall ensure that their bids complete in all respects, shall be submitted by Registered Post/Speed Post/Courier at SSEPD Section, Collectorate, Subarnapur (Sonepur), Odisha, PIN-767017 on or before the closing date and time.

Date of issue of tender : **21/01/2026**
Last date of receipt of tender : **11/02/2026 (5:00 PM)**

OIPR- Sd./- Collector, Subarnapur

## ନିୟମିତ ଅମୃତଭଣ୍ଡା ଖାଉଥିଲେ...

ଅମୃତଭଣ୍ଡାରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ହଜମ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ। ଏଥିରେ ଭିଟାମିନ୍-ସି ଭରି ରହିଛି। ତେଣୁ ଏହାକୁ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଅମୃତଭଣ୍ଡାରେ ପୋଟାସିୟମ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଉଚ୍ଚ ରକ୍ତଚାପକୁ ମଧ୍ୟ ନିୟନ୍ତ୍ରଣରେ ରଖିଥାଏ। ଏହା ମଧ୍ୟ ଚର୍ମରେ ଚମକ ଆଣିଥାଏ। ନିୟମିତ ଅମୃତଭଣ୍ଡା ଖାଇଲେ ତାହାର ଆଉ ଏକ ଉପକାରୀ ଗୁଣ ରହିଛି। ତାହା କ'ଣ ଜାଣନ୍ତି? ଏହାଦ୍ୱାରା ଦୃଷ୍ଟିଶକ୍ତି ଆହୁରି ପ୍ରଖର ହୋଇଥାଏ। ଏଥିରେ ଥିବା ପପେନ୍ ଏନ୍‌ଜାଇମ୍ ଆମ ଶରୀରର ଓଜନ କମାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସବୁଠାରୁ ଖାସ୍ କଥା ହେଲା ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା କ୍ୟାନ୍‌ସର ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ। ପାଚିଲା ଅମୃତଭଣ୍ଡା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।



## ମସ୍ତିଷ୍କର କାର୍ଯ୍ୟଧାରାକୁ ସକ୍ରିୟ କରେ ହଳଦୀ

ହଳଦୀରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ମସ୍ତିଷ୍କର କାର୍ଯ୍ୟଧାରାକୁ ସକ୍ରିୟ ରଖିବାରେ ସହାୟକ ହୋଇଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। ହଳଦୀର ଉପକାରୀ ଗୁଣ ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଗବେଷଣା କରି ଏକଥା ଜାଣିପାରିଛନ୍ତି। ଅନ୍ୟପକ୍ଷରେ ହଳଦୀରେ କୁର୍‌କୁମିନ୍ ନାମକ ଏକ ତତ୍ତ୍ୱ ଥଣ୍ଡାଜନିତ ସମସ୍ୟା କମାଇବାରେ ସାହାଯ୍ୟ କରିଥାଏ। ଶରୀରରେ ଥଣ୍ଡା ସୃଷ୍ଟି କରୁଥିବା କୋଷଗୁଡ଼ିକୁ ଏହା ନଷ୍ଟ କରିଦିଏ, ଯଦ୍ଦ୍ୱାରା ଆମେ ଏଥିରୁ କେତେକାଂଶରେ ଉପଶମ ପାଇଥାଉ। ହଳଦୀ ଶରୀରରେ ଇନ୍‌ସୁଲିନ୍ ପ୍ରତିରୋଧ ଶକ୍ତିକୁ ବଢ଼ାଇଥାଏ। ଏହା ରକ୍ତଚାପକୁ କେତେକାଂଶରେ ସନ୍ତୁଳିତ ରଖିଥାଏ। ତା'ସହ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ କରିଥାଏ। ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ କି? ଏହାକୁ ଖାଇବା ଦ୍ୱାରା ଆପଣ ଏଥିରୁ କେତେକାଂଶରେ ଉପଶମ ଲାଭ କରିପାରିବେ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ଆଲର୍ଜି ସମସ୍ୟାର ସହଜ ଉପଚାର

ଆପଣଙ୍କର ଆଲର୍ଜି ସମସ୍ୟା ଅଛି କି? ହେଲେ ଏଥିରୁ ଉପଚାର ପାଇବାର ଏକ ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜ ଖାଦ୍ୟ ତାଲିକାରେ ଭିଟାମିନ୍-ଇଯୁକ୍ତ ଖାଦ୍ୟ ସାମିଲ କରନ୍ତି, ତେବେ ସେ ଏଥିରୁ କେତେକାଂଶରେ ଉପଶମ ଲାଭ କରିପାରିବେ ବୋଲି ଏକ ସର୍ଭେରୁ ଜଣାପଡିଛି। ଏଭଳି ବିଷୟକୁ ନେଇ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଆଲର୍ଜି ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ନିୟମିତ ଭିଟାମିନ୍-ଇଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସେମାନଙ୍କର ଆଲର୍ଜି ସମସ୍ୟା କେତେ ରହିଛି ତାହାକୁ ତର୍ଜମା କରାଯାଇଥିଲା। ଏମାନଙ୍କ ମଧ୍ୟରୁ ପ୍ରାୟ ୪୦% ବ୍ୟକ୍ତି ଆଲର୍ଜି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିଥିଲେ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହା ଶରୀରରେ କୋଲେଷ୍ଟରଲ୍‌ର ପରିମାଣକୁ ମଧ୍ୟ ସନ୍ତୁଳିତ ଅବସ୍ଥାରେ ରଖିଥାଏ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ, ଚିନାବାଦାମ ଆଦିରେ ଭିଟାମିନ୍-ଇ ପ୍ରଚୁର ମାତ୍ରାରେ ଭରି ରହିଛି।



# ଫଳ ସ୍ୱାଦର ଗୁପ୍ତ ରହସ୍ୟ



ଦେବାଶିଷ ମହାନ୍ତି

"ଯେତେବେଳେ ଆମେ ଫଳ ଖାଉ, ପ୍ରାୟତଃ କହିଥାଉ ଏହାର ସ୍ୱାଦ ମିଠା, ଖଟା କିମ୍ବା ରସାଳ। କିନ୍ତୁ ଆମେ ଯାହାକୁ ସ୍ୱାଦ କହୁ, ତାହା ଅଧିକାଂଶ ପ୍ରକୃତରେ କେବଳ ଜିଭରୁ ନୁହେଁ, ଆମ ନାକରୁ ମଧ୍ୟ ଆସିଥାଏ। ଫଳକୁ ଆମେ କାମୁଡ଼ିଲା ମାତ୍ରେ ଏହା ଛୋଟ ଛୋଟ ରାସାୟନିକ ଅଣୁକୁ ବାୟୁରେ ଛାଡ଼ିଥାଏ। ଯେତେବେଳେ ଆମେ ସେଗୁଡ଼ିକୁ ଆଘ୍ରାଣ କରୁ, ଆମର ମସ୍ତିଷ୍କ ଗନ୍ଧ ଏବଂ ସ୍ୱାଦକୁ ମିଶ୍ରଣ କରି ଆସ୍ୱାଦ ସୃଷ୍ଟି କରେ।"





ବସନ୍ତ ଋତୁର ଏକ ଅପରାହ୍ନରେ କିଛି ବନ୍ଧୁଙ୍କ ସହିତ ଏକ ଫଳ ବଗିଚାକୁ ପରିଭ୍ରମଣରେ ଯାଇଥାଉ। ବନ୍ଧୁମାନେ ମହାଆନନ୍ଦରେ ତାଜା ତାଜା ବିଭିନ୍ନ ଫଳମାନଙ୍କର ସ୍ୱାଦ ନେଉଥାନ୍ତି। ମୋର ବାଲ୍ୟବନ୍ଧୁ ପ୍ରଭାତ ହଠାତ୍ ଆଶ୍ଚର୍ଯ୍ୟ ହୋଇ ପଚାରିଲା- ଦେବାଶିଷ! ପ୍ରକୃତିର ଏ କି ବିଚିତ୍ର ରହସ୍ୟ! ଗୋଟିଏ ବଗିଚାରେ ସମାନ ମାଟିରେ ଉଠିଥିବା, ଏକା ପ୍ରକାର ସାର ଓ ପାଣି ପାଉଥିବା ଭିନ୍ନ ଫଳର ସ୍ୱାଦ ଓ ମହକ ଭିନ୍ନ ଭିନ୍ନ। ଏହା କ'ଣ ପ୍ରକୃତିର ଯାଦୁ ନା ଚମତ୍କାର? ଏହି ଫଳମାନଙ୍କର ସ୍ୱାଦ ଓ ମହକ ପାଇଁ ଦାୟୀ କିଏ? ତାର ଉତ୍ସୁକତା ଦେଖି ମୁଁ କହିଲି- ଏହାର ଉତ୍ତର ଲୁଚିରହିଛି ଜୈବ ରସାୟନ ବିଜ୍ଞାନରେ। ଜୈବ ରସାୟନ ବିଜ୍ଞାନର ଚମତ୍କାରୀ ଦୁନିଆରେ ଯେତେବେଳେ ଆମ ନାକ ଓ ଜିଭ ଏହି ଫଳମାନଙ୍କରେ ଲୁଚି ରହିଥିବା କିଛି ଅତି କ୍ଷୁଦ୍ର ଓ ଅଦୃଶ୍ୟ ଅଣୁଙ୍କ ସଂସ୍ପର୍ଶରେ ଆସନ୍ତି, ଆମେ ଫଳମାନଙ୍କର ସ୍ୱାଦ ଓ ମହକ ଅନୁଭବ କରିପାରୁ। ଫଳର ଫ୍ଲେଭର ସ୍ୱାଦ ଅପେକ୍ଷା କିଛି ଅଧିକ। ଏହା ସ୍ୱାଦ ଓ ମହକର ମିଶ୍ରଣ। ଯେତେବେଳେ ଆମେ ଫଳ ଖାଉ, ଆମେ ପ୍ରାୟତଃ କହିଥାଉ ଯେ ଏହାର ସ୍ୱାଦ ମିଠା, ଖଟା କିମ୍ବା ରସାଳ। କିନ୍ତୁ ଆମେ ଯାହାକୁ ସ୍ୱାଦ କହୁ, ତାହା ଅଧିକାଂଶ ପ୍ରକୃତରେ କେବଳ ଜିଭରୁ ନୁହେଁ, ଆମ ନାକରୁ ମଧ୍ୟ ଆସିଥାଏ। ଫଳକୁ ଆମେ କାମୁଡ଼ିଲା ମାତ୍ରେ ଏହା ଛୋଟ ଛୋଟ ରାସାୟନିକ ଅଣୁକୁ ବାୟୁରେ ଛାଡ଼ିଥାଏ। ଯେତେବେଳେ ଆମେ ସେଗୁଡ଼ିକୁ ଆଘ୍ରାଣ କରୁ ଆମର ମସ୍ତିଷ୍କ ଗନ୍ଧ ଏବଂ ସ୍ୱାଦକୁ ମିଶ୍ରଣ କରି ଆସ୍ୱାଦ ସୃଷ୍ଟି କରେ। ଆଶ୍ଚର୍ଯ୍ୟର କଥା, ଗୋଟିଏ ଫଳର କେବଳ ଗୋଟିଏ ସ୍ୱାଦ ଅଣୁ ନ ଥାଏ।

ଉଦାହରଣ ସ୍ୱରୂପ, ଏକ ଷ୍ଟ୍ରବେରୀରେ ୩୦୦ରୁ ଅଧିକ ବିଭିନ୍ନ ରାସାୟନିକ ପଦାର୍ଥ ଏହାର ସ୍ୱାଦରେ ଯୋଗଦାନ କରେ। ଏହି ଅଣୁଗୁଡ଼ିକ ଏକ ମେଲୋଡ଼ି ଦଳରେ ସଙ୍ଗୀତଜ୍ଞ ଓ ବାଦକମାନଙ୍କ ପରି ଏକାଠି ତାଳ ଦେଇ କାମ କରନ୍ତି। ବହୁ ପୂର୍ବରୁ ବୈଜ୍ଞାନିକମାନେ ପ୍ରଭାତଙ୍କ ପରି ଜିଜ୍ଞାସୁ ଥିଲେ। ସେମାନେ ଜାଣିବାକୁ ଚାହୁଁଥିଲେ, କେଉଁ ରାସାୟନିକ ପଦାର୍ଥ ଫଳଗୁଡ଼ିକୁ ମହକ ଏବଂ ସ୍ୱାଦ ପ୍ରଦାନ କରେ? ଏହା ଜାଣିବା ପାଇଁ, ରସାୟନ ବିଜ୍ଞାନୀମାନେ ଗ୍ୟାସ କ୍ରୋମାଟୋଗ୍ରାଫି ନାମକ ଏକ କୌଶଳ ବ୍ୟବହାର କରିଥିଲେ। ଏହି ପଦ୍ଧତିରେ ଫଳରସକୁ ଧୀରେ ଗରମ କରାଯାଏ, ଯାହା ଫଳରେ ଥିବା ଏହାର ସ୍ୱାଦ ଅଣୁଗୁଡ଼ିକୁ ଗ୍ୟାସରେ ପରିଣତ କରିଥାଏ। ଏହି ଗ୍ୟାସଗୁଡ଼ିକ ଏକ ଲମ୍ବା ନଳୀ ମାଧ୍ୟମରେ ଯାତ୍ରା କରନ୍ତି ଏବଂ ଗୋଟିଏ ପରେ ଗୋଟିଏ ଅଲଗା ହୁଅନ୍ତି। ପ୍ରତ୍ୟେକ ଅଣୁ ନଳୀ ମଧ୍ୟଦେଇ ଯିବାକୁ ଭିନ୍ନ ସମୟ ଲାଗେ। ବୈଜ୍ଞାନିକମାନେ ତା'ପରେ ମାସ ସ୍ପେକ୍‌ଟ୍ରୋମିଟର୍ ପରି ଉପକରଣ ବ୍ୟବହାର କରି ସେମାନଙ୍କୁ ଚିହ୍ନଟ କରନ୍ତି। କେତେକ ସମୟରେ ବୈଜ୍ଞାନିକମାନେ ରାସାୟନିକ ପଦାର୍ଥ ସହିତ ଗନ୍ଧ ମେଳ କରିବା ପାଇଁ ଅଣୁଗୁଡ଼ିକୁ ବାହାରକୁ ଆସିବା ସମୟରେ ଏହାକୁ ଶୁଙ୍ଘି ଏହାର ଗନ୍ଧ ମଧ୍ୟ ନିରୂପଣ କରନ୍ତି। ବନ୍ଧୁମାନଙ୍କ ଚକ୍ଷୁରେ ଜିଜ୍ଞାସା ଦେଖି ମୁଁ ପୁଣି ବର୍ଣ୍ଣନା କଲି। ଆସନ୍ତୁ ସାଙ୍ଗମାନେ ବିଭିନ୍ନ ଫଳ ସ୍ୱାଦ ପାଇଁ ଦାୟୀ ପ୍ରସିଦ୍ଧ ସ୍ୱାଦ ରସାୟନ ଏବଂ ସେମାନଙ୍କର କାହାଣୀ ବିଷୟରେ ଅବଗତ ହେବା।

ସର୍ବାଧିକ ପ୍ରସିଦ୍ଧ ସ୍ୱାଦ ଅଣୁ ମଧ୍ୟରୁ ଗୋଟିଏ ହେଉଛି ଭାନିଲିନ, ଯାହା ଭାନିଲାର ଉଷ୍ମ, ମିଠା ବାସ୍ନା ପାଇଁ ଦାୟୀ। ୧୮୭୦ ଦଶକରେ ରସାୟନ ବିଦ୍ୱାନ୍‌ମାନେ ପରୀକ୍ଷାଗାରରେ ଭାନିଲିନ ତିଆରି କରିବା ଶିଖିଥିଲେ। ଏହି ଆବିଷ୍କାର କେବଳ ଧନୀ ଲୋକଙ୍କ ଜାଗିର ହୋଇଥିବା ଭାନିଲା ସ୍ୱାଦକୁ ସମସ୍ତଙ୍କ ପାଇଁ ସୁଲଭ କରିଥିଲା। ଆଉ ଏକ ଉଦାହରଣ ହେଉଛି ମିଥାଇଲ ଆନ୍ଥ୍ରାନିଲେଟ, ଅଙ୍ଗୁର ସ୍ୱାଦ ପଛରେ ଥିବା ରାସାୟନିକ ପଦାର୍ଥ। ଏହା ମଜାଦାର କଥା ଯେ ବୈଜ୍ଞାନିକମାନେ ପ୍ରକୃତ ଅଙ୍ଗୁରରେ ସମାନ ଅଣୁ ପାଇବାର ବହୁ ପୂର୍ବରୁ ଏହାକୁ କୃତ୍ରିମ ଅଙ୍ଗୁର ସ୍ୱାଦରେ ବ୍ୟବହାର କରିବା ଜାଣିଥିଲେ। ବଟର-ସ୍ୱାଦଯୁକ୍ତ ପପ୍‌କର୍ନ ୧୯୨୦ ଦଶକରେ ପ୍ରଥମେ ତିଆରି ହୋଇଥିବା ଡାଇଏସିଟାଇଲ ଏକ ବଟର-ସ୍ୱାଦ ରାସାୟନିକ ପଦାର୍ଥ ଯୋଗୁ ଏତେ ଲୋଭନୀୟ ବାସ୍ନା ପାଇଥିଲା। କଦଳୀ ସ୍ୱାଦ ମୁଖ୍ୟତଃ ଆଇସୋଆମିଲ ଆସେଟେଟରୁ ଆସିଥାଏ। ଏହା ଏକ ଏଷ୍ଟର, ଯାହା କଦଳୀକୁ ଏହାର ସ୍ୱାଦ ଏବଂ ମିଠା ବାସ୍ନା ଦିଏ। ଆପଲ ସ୍ୱାଦରେ ଇଥାଇଲ ବ୍ୟୁଟାଇରେଟ ଭଳି ଏଷ୍ଟର ଅନ୍ତର୍ଭୁକ୍ତ ଥିବାବେଳେ, ସାଇଟ୍ରସ ଫଳଗୁଡ଼ିକ ଲିମୋନିନ ଭଳି ଅଣୁ ପାଇଁ ସେମାନଙ୍କର ତାଜା ବାସ୍ନା ପ୍ରଦାନ କରେ। ମଜା କଥା ଏହିକି ଯେ, ଲେମ୍ବୁ ଓ କମଳାର ମହକ ଡି-ଲିମୋନିନ ଓ ଏଲ- ଲିମୋନିନ ନାମକ ଦୁଇ ଦର୍ପଣ ପ୍ରତିବିମ୍ବ ରସାୟନ ପଦାର୍ଥ ଯୋଗୁ ଆମେ ଅନୁଭବ କରୁ। ପ୍ରଥମେ ପରୀକ୍ଷାଗାରରେ ରାସାୟନିକ ପ୍ରତିକ୍ରିୟା ବ୍ୟବହାର କରି ସ୍ୱାଦ ଅଣୁ ତିଆରି କରାଯାଉଥିଲା। ଏହି ଅଣୁକୁ ବ୍ୟବହାର କରି ବିଭିନ୍ନ ଫଳଗୁଡ଼ିକର ସ୍ୱାଦ ଓ ମହକକୁ କୃତ୍ରିମ ଉପାୟରେ ସୃଷ୍ଟି କରାଯାଇଥିଲା। କେହି କେହି ଏହାକୁ ସ୍ୱାଦକୁ ନକଲ କରିବା କହୁଥିଲେ। ପରେ ବୈଜ୍ଞାନିକମାନେ ଆହୁରି ରୋମାଞ୍ଚକର କିଛି ଆବିଷ୍କାର କଲେ। ଜୀବାଣୁମାନଙ୍କ ସାହାଯ୍ୟରେ ଏହି ଅଣୁମାନଙ୍କୁ ପ୍ରସ୍ତୁତ କଲେ। ଜୈବ ସଂଶ୍ଲେଷଣରେ ବନ୍ଧୁତ୍ୱପୂର୍ଣ୍ଣ ଜୀବାଣୁ ଚିନି ଭଳି ସରଳ ଜିନିଷ ଖାଆନ୍ତି ଏବଂ ସେମାନଙ୍କୁ ଭାନିଲିନ ଭଳି ସ୍ୱାଦ ଅଣୁରେ ପରିଣତ କରନ୍ତି। ଜୈବ ପରିବର୍ତ୍ତନରେ ଜୀବାଣୁରୁ ଏନ୍‌ଜାଇମଗୁଡ଼ିକ ଗୋଟିଏ ପ୍ରାକୃତିକ ପଦାର୍ଥକୁ ଅନ୍ୟ ଏକ ପ୍ରାକୃତିକ ପଦାର୍ଥରେ ପରିବର୍ତ୍ତନ କରନ୍ତି- ଉଦାହରଣ ସ୍ୱରୂପ, ଫେରୁଲିକ୍ ଏସିଡ୍‌କୁ ଭାନିଲିନରେ ପରିବର୍ତ୍ତନ କରନ୍ତି। ଏପରି ସ୍ୱାଦକୁ ପ୍ରାକୃତିକ ଭାବରେ ମଧ୍ୟ ଗ୍ରହଣ କରାଯାଇପାରିବ, କାରଣ ପ୍ରକୃତି ଏହି ପ୍ରକ୍ରିୟାରେ ସାହାଯ୍ୟ କରେ। ତେଣୁ ପରବର୍ତ୍ତୀ ସମୟରେ ଯେତେବେଳେ ଆପଣ ଆମ୍ବରସ, ଷ୍ଟ୍ରବେରୀ ଆଇସ୍‌କ୍ରିମ କିମ୍ବା କଦଳୀ କ୍ୟାଣ୍ଡି ଉପଭୋଗ କରିବେ, ମନେରଖନ୍ତୁ: ସେହି ସ୍ୱାଦିଷ୍ଟ ସ୍ୱାଦ ପଛରେ ରସାୟନ ବିଜ୍ଞାନ ତଥା କିଛି ସୂକ୍ଷ୍ମ ସ୍ୱାଦ ରସାୟନର ସୃଜନଶୀଳତାର ଏକ ସୁନ୍ଦର ନୃତ୍ୟ ରହିଛି। ଚତୁର ବୈଜ୍ଞାନିକମାନଙ୍କ ଦ୍ୱାରା ଆବିଷ୍କୃତ କ୍ଷୁଦ୍ର ଅଣୁଗୁଡ଼ିକ ମଧ୍ୟ ଚୁପ୍‌ଚାପ ଆପଣଙ୍କ ମସ୍ତିଷ୍କକୁ ଠକି ଦେଇ, ଆପଣଙ୍କୁ ଫଳର ସ୍ୱାଦ ଅନୁଭବ କରାନ୍ତି। ଏଣୁ ମନେରଖନ୍ତୁ, ରସାୟନ ବିଜ୍ଞାନ କେବଳ ପରୀକ୍ଷାଗାରରେ ରହେ ନାହିଁ- ଏହା ଆମେ ଉପଭୋଗ କରୁଥିବା ପ୍ରତ୍ୟେକ କାମରେ ମଧ୍ୟ ଅଛି।

- ବରିଷ୍ଠ ପ୍ରାଧ୍ୟାପକ, ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର, ମୋ : ୯୮୬୧୩୯୧୧୯୦

## ମାନସିକ ସମସ୍ୟା: କିଛି କଥା



ପ୍ରାରମ୍ଭିକ ଅବସ୍ଥାରେ କେତେକ ଲୋକେ ମାନସିକ ରୋଗଗୁଡ଼ିକର ଲକ୍ଷଣକୁ ଚିହ୍ନିବାରେ ସାଧାରଣତଃ ବିଳମ୍ବ କରିଥାଆନ୍ତି। କେତେଜଣ ମାନସିକ ସମସ୍ୟାଗୁଡ଼ିକୁ କୌଣସି ରୋଗର ଲକ୍ଷଣ ବୋଲି ନ ମାନି, ଆମ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଯୋଗୁ ରୋଗୀକୁ ଗୁଣିଆ ପାଖକୁ ନେଇ ଅଯଥା ସମୟ ନଷ୍ଟ କରନ୍ତି। ଏସବୁ ଦ୍ୱାରା ରୋଗର ପ୍ରକୋପ ବଢ଼େ ଓ ଡେରିରେ ଚିକିତ୍ସା ଆରମ୍ଭ କଲେ ବେଶି ଦିନ ଔଷଧ ସେବନ କରିବାକୁ ପଡ଼ିଥାଏ କିମ୍ବା ରୋଗ ସମ୍ପୂର୍ଣ୍ଣ ଠିକ୍ ହେବା ସମ୍ଭାବନା କମି ଯାଇଥାଏ। ବିଭିନ୍ନ ମାନସିକ ସମସ୍ୟାର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧର ଏକ ନିର୍ଦ୍ଦିଷ୍ଟ କୋର୍ସ ରହିଥାଏ, ଯାହା କି ସାଧାରଣତଃ ରୋଗର ତୀବ୍ରତା ଉପରେ ନିର୍ଭର କରିଥାଏ। ଏହି କୋର୍ସ ଅନୁସାରେ ଔଷଧ ଖାଇଲେ ଆଉ ରୋଗର ଲକ୍ଷଣ ଦେଖାଯାଇ ନ ଥାଏ। ରୋଗର ତୀବ୍ରତା କମିଲେ ଔଷଧଗୁଡ଼ିକର ମାତ୍ରା ମଧ୍ୟ ଧୀରେ ଧୀରେ କମାଇ ଦିଆଯାଏ। ମାନସିକ ରୋଗ ବିଶେଷଜ୍ଞଙ୍କ ବିନା ପରାମର୍ଶରେ ଔଷଧ ବନ୍ଦ କରିଦେଲେ ରୋଗ ପୁନର୍ବାର ଦେଖାଯିବା ଆଶଙ୍କା ରହିଥାଏ। ବର୍ତ୍ତମାନର ଆଧୁନିକ ଚିକିତ୍ସା ଯୁଗରେ ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିବା ଔଷଧଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଓ ଏଗୁଡ଼ିକର କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଏହାର ଲକ୍ଷଣ ଜାଣିବା ମାତ୍ରେ ବିଳମ୍ବ ନ କରି ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ତାଙ୍କର ଚିକିତ୍ସା ପ୍ରଣାଳୀକୁ ଠିକ୍ ଭାବରେ ଅନୁସରଣ କରନ୍ତୁ।

## ଯକ୍ଷ୍ମା : ପରୀକ୍ଷା, ଚିକିତ୍ସା

ଯକ୍ଷ୍ମା ରୋଗର ନିର୍ଣ୍ଣୟ ପାଇଁ ଡାକ୍ତର ପ୍ରଥମେ ଷ୍ଟେଥୋସ୍କୋପ ସାହାଯ୍ୟରେ ରୋଗୀର ଫୁସ୍‌ଫୁସ୍ ପରୀକ୍ଷା କରିଥାଆନ୍ତି। ବେକରେ ଲସିକା ଗ୍ରନ୍ଥି ବଢ଼ିଛି କି ନାହିଁ ପରୀକ୍ଷା କରି ଦେଖନ୍ତି। ଚର୍ମ ତଳେ ଇଞ୍ଜେକଶନ ଦେଇ ମାଣ୍ଟ ପରୀକ୍ଷା କରାଯାଏ। ଏହାବ୍ୟତୀତ ରକ୍ତ ପରୀକ୍ଷା ଏବଂ ଛାତିର ଏକ୍ସ-ରେ କରିବାକୁ ଡାକ୍ତର ପରାମର୍ଶ ଦେଇଥାଆନ୍ତି। ବେଳେବେଳେ ଫୁସ୍‌ଫୁସର ସିଟି ସ୍କାନ କରାଯାଏ। ତେବେ ଯକ୍ଷ୍ମା ରୋଗ ନିର୍ଣ୍ଣୟ ପାଇଁ ରୋଗୀର ଖଙ୍କାର ପରୀକ୍ଷା ଜରୁରୀ, ଯେଉଁଥିରୁ ସେଥିରେ ଯକ୍ଷ୍ମା ଜୀବାଣୁ ଅଛି କି ନାହିଁ ଜଣାପଡ଼ିଲେ ରୋଗ ନିର୍ଣ୍ଣୟରେ ଆଉ କୌଣସି ସନ୍ଦେହ ରହେ ନାହିଁ। ରୋଗ ନିର୍ଣ୍ଣିତ ହେବା ପରେ ଆରମ୍ଭ କରାଯାଏ ଚିକିତ୍ସା। ଯକ୍ଷ୍ମାର ଫଳପ୍ରଦ ଚିକିତ୍ସା ପାଇଁ ଅନେକ ଔଷଧ ଉପଲବ୍ଧ। ନିୟମିତ ତଥା ଯଥାର୍ଥ ଚିକିତ୍ସାରେ ରହିଲେ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ସମ୍ଭବ। ଏହାବ୍ୟତୀତ ଔଷଧ ଖାଇବାରେ ଅନିୟମିତ ହେବା, ଚିକିତ୍ସିତ ହେଲା ବେଳେ ଟିକିଏ ସୁସ୍ଥ ଅନୁଭବ କଲେ ଚିକିତ୍ସା ଅଧାରୁ ଔଷଧ ଖାଇବା ବନ୍ଦ କରନ୍ତୁ ନାହିଁ। ଏବେ ଡାଇରେକ୍ଟଲି ଅବଜରର୍ଭଡ ଥେରାପି ବା 'ଡଟ୍' (DOT) ପଦ୍ଧତିରେ ଚିକିତ୍ସା କରି ସୁଫଳ ମିଳୁଛି। ଯକ୍ଷ୍ମା ରୋଗର ନିବାରଣ ପାଇଁ ଶିଶୁଙ୍କୁ ବିସିଜି ଟୀକା ଦିଆଯାଉଛି।



## ସ୍ୱାସ୍ଥ୍ୟ ସୂଚନା

➤ଖାଇ ସାରିବା ଠିକ୍ ପରେ ପରେ ଚା, କଫି କିମ୍ବା କୋଲ୍ଡ ଡ୍ରିଙ୍କ୍‌ସ ଆଦୌ ପିଅନ୍ତୁ ନାହିଁ। କାରଣ ଏହାର ଖରାପ ପ୍ରଭାବ କେବଳ ଖାଇଥିବା ଖାଦ୍ୟ ନୁହେଁ ପାଚନ କ୍ରିୟା ଉପରେ ମଧ୍ୟ ପଡିଥାଏ।

➤ଡାଇବେଟିସ୍ ବା ମଧୁମେହ ସମସ୍ୟା ଥିଲେ ପ୍ରଥମେ ନିଜର ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନଶୈଳୀ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ। ନିୟମିତ ଔଷଧ ଖାଇବା ସହ ରକ୍ତରେ କେତେ ସୁଗାର ରହୁଛି ଏବଂ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଅନ୍ୟାନ୍ୟ ପରୀକ୍ଷା କରାଇ ନିଅନ୍ତୁ।



➤ଦାନ୍ତଜନିତ ସମସ୍ୟା ଥିଲେ ତାହାକୁ କଦାପି ଅବହେଳା କରନ୍ତୁ ନାହିଁ। ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କେବଳ ସକାଳେ ନୁହେଁ, ରାତ୍ର ଭୋଜନ ପରେ ମଧ୍ୟ ଦାନ୍ତ ଘଷନ୍ତୁ।

➤ପ୍ରତିଦିନ ସକାଳେ ବିଛଣା ଛାଡିବା ପୂର୍ବରୁ କିଛି କିଛି ଷ୍ଟ୍ରେଚିଂ ଏକ୍ସରସାଇଜ୍ କରନ୍ତୁ।

➤ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଠିକ୍ ନୁହେଁ।

➤ବୟସ୍କ ବ୍ୟକ୍ତିମାନେ ନିୟମିତ ସମୟ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। କାରଣ ବୟସ ବଢ଼ିବା ସହ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଇଥାଏ। ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।

## ହାଇପରଟେନ୍‌ସନ: କାରଣ, ପ୍ରତିକାର

(ଶେଷ ଭାଗ)

**ଔଷଧ ନିୟମିତ ବ୍ୟବହାର:** ଯଦି ଆପଣଙ୍କର ରକ୍ତଚାପଜନିତ ସମସ୍ୟା ରହିଛି, ତେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ରକ୍ତଚାପର ଅବସ୍ଥାକୁ ଦେଖି ଡାକ୍ତର ଦିନକୁ କେତେ ଥର ମେଡିସିନ୍ ଖାଇବେ ତାହା ପ୍ରେସ୍‌କ୍ରିପସନରେ ଉଲ୍ଲେଖ କରିଥାଆନ୍ତି। ରକ୍ତଚାପ ଔଷଧ କଦାପି ଅନିୟମିତ କରନ୍ତୁ ନାହିଁ। କାରଣ ଏହାକୁ ଖାଇବା ଦ୍ୱାରା ହିଁ ରକ୍ତଚାପ ସନ୍ତୁଳିତ ରହିଥାଏ।

**ଔଷଧ ଖାଇବା ବନ୍ଦ କରିଦେଲେ:** ଯଦି ଆପଣ ରକ୍ତଚାପ ଔଷଧ ଖାଇବାରେ ଏପଟସେପଟ କରନ୍ତି, ମନକୁ ମନ ୩-୪ଦିନ ବନ୍ଦ କରିଦିଅନ୍ତି, ତେବେ ସପ୍ତାହେ ଦୁଇ ସପ୍ତାହ ଭିତରେ ରକ୍ତଚାପ ବଢ଼ିଯାଏ। ତା'ସହ ଷ୍ଟ୍ରୋକ/ହୃଦ୍‌ଘାତ ସମସ୍ୟା ୩-୪ ଗୁଣା ବଢ଼ିଯାଏ। ତେଣୁ ରକ୍ତଚାପ ଔଷଧ ନିୟମିତ ଖାଆନ୍ତୁ।



**ଅନିୟନ୍ତ୍ରିତ ହାଇପରଟେନ୍‌ସନର ସମସ୍ୟା:** ଯଦି ରକ୍ତଚାପ ଅନିୟନ୍ତ୍ରିତ ରହିଲା, ତେବେ ନିମ୍ନଲିଖିତ ସମସ୍ୟା ଦେଖାଦେଇଥାଏ।

- ହୃଦ୍‌ଜନିତ ସମସ୍ୟା ଯଥା ହୃଦ୍‌ଘାତ, ହାର୍ଟ ଫେଲ୍ୟୁର ଇତ୍ୟାଦି।
- ମସ୍ତିଷ୍କ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ବିଶେଷଭାବରେ ଷ୍ଟ୍ରୋକ୍ ଆଶଙ୍କା ଅଧିକ ଥାଏ।
- ରକ୍ତଚାପ ସବୁବେଳେ ଯଦି ଅସନ୍ତୁଳିତ ରହିଲା, ତେବେ ଏହାର ପ୍ରଭାବ କିଡ୍‌ନୀ ଉପରେ ପଡ଼ିଥାଏ। ଏପରିକି ଏହା ଦୀର୍ଘକାଳୀନ କିଡ୍‌ନୀ ସମସ୍ୟା (କ୍ରୋନିକ୍ କିଡ୍‌ନୀ ଡିଜିଜ) ଦେଖାଯାଇପାରେ।
- ରକ୍ତଚାପ ଯଦି ନିୟନ୍ତ୍ରଣରେ ନ ରହିଲା, ତେବେ ଦୃଷ୍ଟିଶକ୍ତି ସମସ୍ୟା ଦେଖାଦେଇଥାଏ।

ରକ୍ତଚାପ ଯଦି ସବୁବେଳେ ସନ୍ତୁଳିତ ରହିଲା, ତେବେ ଷ୍ଟ୍ରୋକ ଆଶଙ୍କା ୪୦% ଏବଂ ହୃଦ୍‌ଘାତ ଆଶଙ୍କା ୨୫% କମିଯାଏ। ନିୟମିତ ଯାଞ୍ଚ କଲେ ଦୀର୍ଘକାଳୀନ କିଡ୍‌ନୀ ସମସ୍ୟା ଆଶଙ୍କା ୩୦-୪୦% ପର୍ଯ୍ୟନ୍ତ କମିପାରେ। ହାଇପରଟେନ୍‌ସନ ଏକ ସାଇଲେଣ୍ଟ କିଲର, ଯାହା ଆମ ଜୀବନକୁ ଧୀରେ ଧୀରେ କ୍ଷତି କରେ। କିନ୍ତୁ ସଠିକ ତଥା ନିୟମିତ ନିରୀକ୍ଷଣ, ସନ୍ତୁଳିତ ଖାଦ୍ୟ ଓ ବ୍ୟବସ୍ଥିତ ଜୀବନଶୈଳୀ ଏବଂ ନିୟମିତ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବା ଦ୍ୱାରା ଆମେ ଏହାକୁ ସଫଳତାର ସହ ନିୟନ୍ତ୍ରଣ କରିପାରିବା। ଏହାଦ୍ୱାରା ଆମେ ହାର୍ଟ, କିଡ୍‌ନୀ, ମସ୍ତିଷ୍କ ଏବଂ ଦୃଷ୍ଟିଶକ୍ତିକୁ ମଧ୍ୟ ସୁରକ୍ଷିତ ରଖିପାରିବା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉଚ୍ଚ ରକ୍ତଚାପ ଭୟଙ୍କର ନୁହେଁ, ଆପଣଙ୍କ ଅବହେଳା ଭୟଙ୍କର। ଯଦି ସୁସ୍ଥ ଅଛନ୍ତି ତଥାପି ପ୍ରତି ବର୍ଷ ଅତିକମ୍‌ରେ ଥରେ ରକ୍ତଚାପ ଯାଞ୍ଚ କରନ୍ତୁ। ସୁସ୍ଥ ଜୀବନଶୈଳୀ ଅନୁସରଣ କରନ୍ତୁ। ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ଏହାଦ୍ୱାରା ଆପଣଙ୍କ ଜୀବନକୁ ଦୀର୍ଘ ଓ ସୁସ୍ଥ କରିପାରିବେ।

-ଡା. ରିତେଶ ଆଚାର୍ଯ୍ୟ
ମୋ : ୯୪୩୮୧୮୧୭୮୬

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ